NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 12 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
1 AUGUST 2024
ଗୁରୁବାର
୧ ଅଗଷ୍ଟ ୨୦୨୪

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 ● ISSUE 75 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୦ ● ସଂଖ୍ୟା ୭୫ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

## ରାଜ୍ୟସଭା ଓ ବିଜେଡିରୁ ଇସ୍ତଫା ଦେଲେ ସାଂସଦ ମମତା ମହାନ୍ତ

**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:**



ବିଜୁ ଜନତା ଦଳର ବରିଷ୍ଠ ନେତ୍ରୀ ତଥା ରାଜ୍ୟସଭା ସାଂସଦ ମମତା ମହାନ୍ତ ନିଜ ପଦ ଓ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ବୁଧବାର ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନକର ଗୃହରେ ମମତା ମହାନ୍ତଙ୍କ ଇସ୍ତଫା ସଂକ୍ରାନ୍ତରେ ପ୍ରଥମେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଶ୍ରୀମତୀ ମହାନ୍ତ ରାଜ୍ୟସଭା ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ରାଜ୍ୟସଭା କାର୍ଯ୍ୟକାଳ ଆଉ ୨୧ ମାସ ଥିଲା। ଇସ୍ତଫାପତ୍ର ସେ ଗ୍ରହଣ କରିଛନ୍ତି। ତେବେ ମମତା ଅପ୍ରତ୍ୟାସିତ ଭାବେ ଉଭୟ ରାଜ୍ୟସଭା ଓ ବିଜେଡି ଇସ୍ତଫା ଦେବା ପରେ ରାଜ୍ୟ ରାଜନୀତିରେ ହଟଚମଟ୍ ସୃଷ୍ଟି କରିଛି। ବିଜେଡିରେ ସେ ଅଲୋଡ଼ା ହୋଇଯାଇଥିବାରୁ ଦଳରୁ ଇସ୍ତଫା ଦେଲେ ବୋଲି କହିଛନ୍ତି। ଦଳ ତାଙ୍କୁ ସେଭଳି କିଛି ଗୁରୁତ୍ୱ ନଦେବା ଇସ୍ତଫାର ମୂଳ କାରଣ ବୋଲି କୁହାଯାଉଛି। ସେ କୁଡୁମୀ ସଂପ୍ରଦାୟର ନେତ୍ରୀ ଥିଲେ। କୁଡୁମୀମାନଙ୍କୁ ଏସ୍‌ଟି ଭାବେ ଘୋଷଣା କରିବାକୁ ସେ ରାଜ୍ୟ ସରକାରଙ୍କୁ ବହୁବାର ଅନୁରୋଧ କରିଥିଲେ। କିନ୍ତୁ କିଛି ଫଳ ହୋଇନଥିଲା। ଶ୍ରୀମତୀ ମହାନ୍ତ ବିଜେପିରେ ମିଶିବେ ବୋଲି ଆଲୋଚନା ହେଉଛି।

## ବଢ଼ିଲା ପିଏମ୍ଏଫ୍‌ବିୱାଇ ଆବେଦନ ଅବଧି

**ନୂଆଦିଲ୍ଲୀ,୩୧।୭/ଏଜେନ୍ସି:**

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍ଏଫ୍‌ବିୱାଇ)ରେ ଆବେଦନ ଅବଧି ବୃଦ୍ଧି କରାଯାଇଛି। କେବଳ ଓଡ଼ିଶାର ଚାଷୀମାନଙ୍କ ପାଇଁ ଆସନ୍ତା ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଆବେଦନ ସମୟସୀମା ବଢ଼ାଇଛନ୍ତି କେନ୍ଦ୍ର ସରକାର। ଚଳିତ ଖରିଫ ଋତୁ ଚାଷ ପାଇଁ କଟ୍ ଅଫ ମଧ୍ୟ ବୃଦ୍ଧି କରାଯାଇଛି। ସର୍ବାଧିକ ପଞ୍ଜୀକରଣ ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସମବାୟ ଆୟୁକ୍ତଙ୍କ ନିକଟକୁ ଚିଠି କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଆବଦେନ ଅବଧି ଆଜି (ଜୁଲାଇ ୩୧) ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା।

### ‘ବିକଶିତ ଓଡ଼ିଶା’ ଗଠନ ଦିଗରେ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ: ମୁଖ୍ୟମନ୍ତ୍ରୀ

# ୯୫,୦୦୦ କୋଟିର ଲେଖାନୁଦାନ ପାରିତ

**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:**



ରାଜ୍ୟ ସରକାର ନୂଆ ଓଡ଼ିଶା ଗଠନ ଲକ୍ଷ୍ୟ ନେଇ ଗତ ୨୫ରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨.୬୫ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରିଥିଲେ। ୨୯ ଓ ୩୦ରେ ଏହି ବଜେଟ୍ ଉପରେ ସାଧାରଣ ଆଲୋଚନା ସରିଛି। ବଜେଟ୍ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ବର୍ଷ ୨୦୨୪-୨୫ର ପୂର୍ଣ୍ଣାଙ୍ଗ ବ୍ୟୟ ମଞ୍ଜୁରୀ ବିଧେୟକ ଏହି ଗୃହରେ ଅନୁମୋଦନ ପାଇଁ ସେପ୍ଟେମ୍ବର ୧୦ରେ ଉପସ୍ଥାପନ କରାଯିବ। ନିର୍ବାଚନ ପୂର୍ବରୁ ପୂର୍ବ ସରକାରଙ୍କ ଦ୍ୱାରା ଆଗତ ଓ ପାରିତ ହୋଇଥିବା ଲେଖାନୁଦାନ ଅଟକଳ ଆଜି ପର୍ଯ୍ୟନ୍ତ ବୈଧ ଥିଲା। ତେଣୁ ଚଳିତ ମାସ ୨୫ରେ ଉପସ୍ଥାପିତ ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟରୁ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ସରକାରଙ୍କ ଆବଶ୍ୟକୀୟ ଖର୍ଚ୍ଚ ଭରଣା

**ଅଗଷ୍ଟ, ସେପ୍ଟେମ୍ବରରେ ଆବଶ୍ୟକୀୟ ଖର୍ଚ୍ଚ ଭରଣା ପାଇଁ ଉଦ୍ଦିଷ୍ଟ**
**ଲେଖାନୁଦାନରେ ରାଜସ୍ୱ ବ୍ୟୟ ପାଇଁ ୩୦%, ପୁଞ୍ଜି ବ୍ୟୟ ୪୦%**

ପାଇଁ ଏକ ଲେଖାନୁଦାନ ବିନିଯୋଗ ବିଧେୟକରେ ଗୃହର ଅନୁମୋଦନ ଆବଶ୍ୟକ। ଅବଶ୍ୟକତାକୁ ଦୃଷ୍ଟିରେ ରଖି ବିଧାନସଭାରେ ୯୫ ହଜାର କୋଟି ଟଙ୍କାର ଲେଖାନୁଦାନ ବିନିଯୋଗ ବିଧେୟକକୁ ବାଚସ୍ପତି ସୁରମା ପାଢ଼ୀ ବାଚନିକ ଭୋଟିରେ ପାରିତ କରିଛନ୍ତି।

ବୁଧବାର ବିଧାନସଭାରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲେଖାନୁଦାନ ଆଗତ କରିବା ପରେ କହିଛନ୍ତି ଯେ ଏହି ଲେଖାନୁଦାନରେ ରାଜସ୍ୱ ବ୍ୟୟ ପାଇଁ ୩୦ ପ୍ରତିଶତ, ପୁଞ୍ଜି ବ୍ୟୟ ପାଇଁ ୪୦ ପ୍ରତିଶତ, ବିପର୍ଯ୍ୟୟ ପରିଚାଳନା, ସାମାଜିକ ସୁରକ୍ଷା, ପେନସନ, ନ୍ୟାୟପାଳିକା ଓ ନିର୍ବାଚନ ପାଇଁ ଅର୍ଥ ରାଶି ଅନ୍ତର୍ଭୁକ୍ତ କରାଯାଇଛି। ଏହାଦ୍ୱାରା ସରକାରଙ୍କର ବିଭିନ୍ନ ଯୋଜନା ନିମନ୍ତେ ଆବଶ୍ୟକୀୟ ଖର୍ଚ୍ଚ ପାଇଁ ସମ୍ବଳ ଯୋଗାଇବା ସମ୍ଭବପର ହେବ ଏବଂ ଜରୁରୀକାଳିନ କାର୍ଯ୍ୟ ଗୁଡିକ ମଧ୍ୟ ବାଧାପ୍ରାପ୍ତ ହେବ ନାହିଁ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବଜେଟ୍ ‘ବିକଶିତ ଓଡ଼ିଶା’ ଗଠନ ଦିଗରେ ଆମର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ଓ ଆମ ସଂକଳ୍ପ ପତ୍ରରେ ଥିବା ପ୍ରତିଶ୍ରୁତି ଗୁଡିକର ସଫଳ ରୂପାୟନ ପାଇଁ ଏହି ବଜେଟ ଏକ ନିଷ୍ଠାପର ଉଦ୍ୟମ। ଏହି ବଜେଟରେ ଜନ କଲ୍ୟାଣ ଏବଂ ରାଜ୍ୟର ସାମଗ୍ରିକ ବିକାଶ ନିମନ୍ତେ ଅନେକ ଗୁଡିଏ ନୂତନ ସଂସ୍କାର ମୂଳକ ପଦକ୍ଷେପ ନିଆଯାଇଛି। ଏଥିରେ ସାମାଜିକ ନ୍ୟାୟ, ଭିତ୍ତିଭୂମିର ଉନ୍ନତି, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା, ବଞ୍ଚିତଙ୍କ ପାଇଁ ସାମାଜିକ ନିରାପତ୍ତା, ମହିଳା, ଯୁବ ବର୍ଗ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ସଂଖ୍ୟାଲଘୁ, ଭିନ୍ନକ୍ଷମ, ତଥା ବରିଷ୍ଠ ନାଗରିକ ମାନଙ୍କ ସଶକ୍ତିକରଣ ମାଧ୍ୟମରେ ସାମୁହିକ ବିକାଶ ତଥା ଦୃଢ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ସଦସ୍ୟ ମାନଙ୍କ ସଦୟ ଅବଗତି ନିମନ୍ତେ ମୁଁ ଏଠାରେ ଆଉଥରେ ଉଲ୍ଲେଖ କରିବାକୁ ଚାହେଁ ଯେ, ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ମୋଟ ୨ ଲକ୍ଷ ୬୫ ହଜାର କୋଟି ଟଙ୍କା ବଜେଟ୍ ଅଟକଳ ହୋଇଅଛି। ବଜେଟ୍ ଅଟକଳ ଠାରୁ ପ୍ରାୟ ୧୫ ପ୍ରତିଶତ ଅଧିକ ଅଟେ। ଏଥିରେ କାର୍ଯ୍ୟକ୍ରମ ବ୍ୟୟ ୧ ଲକ୍ଷ ୫୫ ହଜାର କୋଟି ଟଙ୍କା ଆକଳନ କରାଯାଇଛି ଯାହାକି ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୪ ପ୍ରତିଶତ ଅଧିକ ଅଟେ। ଏହି ବଜେଟରେ ସାମାଜିକ କ୍ଷେତ୍ର ପାଇଁ ମୋଟ ୧ ଲକ୍ଷ ୧୦ ହଜାର ୨ ଶହ ୪୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଯାହାକି ଚଳିତ ବର୍ଷ ବଜେଟର ୪୧.୬ ପ୍ରତିଶତ ଅଟେ। ସେହିପରି ଅର୍ଥନୈତିକ କ୍ଷେତ୍ର ପାଇଁ ମୋଟ ୮୪ ହଜାର ୧ ଶହ ୩୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି; ଯାହାକି ଚଳିତ ବର୍ଷ ବଜେଟର ୩୧.୭ ପ୍ରତିଶତ ଅଟେ। ଏହିପରି ଭାବରେ ଉନ୍ନୟନ ମୂଳକ ଖର୍ଚ୍ଚ ୨୦୨୩-୨୪ରେ ମୋଟ ବଜେଟର ୬୯ ପ୍ରତିଶତ ଥିବାବେଳେ ବର୍ଷ ୨୦୨୪-୨୫ ବଜେଟରେ ୭୩.୩ ପ୍ରତିଶତକୁ ବୃଦ୍ଧି କରାଯାଇଛି। ସେହିପରି ପୁଞ୍ଜି ବ୍ୟୟ ବାବଦକୁ ୫୮ ହଜାର ୧ ଶହ ୯୫ କୋଟି ଟଙ୍କା ଅଟକଳ ହୋଇଛି; ଯାହାକି

▶▶ ୭

## ସରିଲା ପ୍ରଥମ ପର୍ଯ୍ୟାୟ ମୌସୁମୀ ଅଧିବେଶନ

**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:**



ଜୁଲାଇ ୨୨ରୁ ଆରମ୍ଭ ହୋଇଥିବା ବିଧାନସଭା ମୌସୁମୀ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। ଏହା ଅଗଷ୍ଟ ୧୯ ଯାଏ ବନ୍ଦ ରହିବ ଏବଂ ୨୦ରେ ଖୋଲିବ। ବାଚସ୍ପତି ସୁରମା ପାଢ଼ୀ ଗୃହକୁ ମୁଲତବୀ କରି ଏହା ଘୋଷଣା କରିଛନ୍ତି।

**୨୦ରୁ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା**
**ସେପ୍ଟେମ୍ବର ୧୦ରେ ବିନିଯୋଗ ବିଲ୍**
**ସେପ୍ଟେମ୍ବର ୧୩ରେ ଗୃହ ମୁଲତବୀ**

ବାଚସ୍ପତି କହିଛନ୍ତି ଯେ ଜୁଲାଇ ୨୪ରେ ଉପବାଚସ୍ପତି ନିର୍ବାଚନ ହୋଇଥିଲା। ୨୫ରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ୨୦୨୪-୨୫ ଆର୍ଥିକ ବର୍ଷର ବଜେଟ୍ ଆଗତ କରିଥିଲେ। ଏହା ପରେ ବଜେଟ୍ ସହ ବିଭାଗୱାରୀ ଆଲୋଚନା ହୋଇଥିଲା। ସେପ୍ଟେମ୍ବର ୧୦ରେ ୨୦୨୪-୨୫ ବର୍ଷର ବଜେଟ୍ ଉପରେ ବିନିଯୋଗ ବିଲ ଆଗତ ହେବ ଏବଂ ସେହିଦିନ ବି ତାହା ବାଚନିକ ଭୋଟ୍‌ରେ ପାରିତ ହେବ। ଶେଷରେ ସେପ୍ଟେମ୍ବର ୧୩ରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହ ମୁଲତବୀ କରିବେ ନୂଆ ବାଚସ୍ପତି ସୁରମା ପାଢ଼ୀ।

## ନବକଳେବର ହେବ ଶ୍ରୀମନ୍ଦିର ପରିଚାଳନା କମିଟି

**ପୁରୀ, ୩୧।୭/ଏନ୍ଏନ୍ଏସ୍ :**

ଅଗଷ୍ଟ ମାସରେ ଶ୍ରୀମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହେଉଛି। ଏଣୁ ଶ୍ରୀମନ୍ଦିର ପରିଚାଳନା କମିଟିର ନବକଳେବର କରାଯିବା ନେଇ ଆଇନ ବିଭାଗ ପକ୍ଷରୁ କୁହାଯାଇଛି। ନୂଆ ପରିଚାଳନାରେ ସ୍ୱଚ୍ଛତା ଓ ନିରପେକ୍ଷତାକୁ ଗୁରୁତ୍ୱ ଦିଆଯିବ। ମହାପ୍ରଭୁଙ୍କ ସେବା ସହ ଅଧିକ ସଂଶ୍ଳିଷ୍ଟ ଥିବା ତଥା ଉତ୍ତମ ବ୍ୟବହାର ସମ୍ପନ୍ନ ସେବାୟତଙ୍କୁ ପରିଚାଳନା କମିଟି ଚୟନରେ ଗୁରୁତ୍ୱ ଦିଆଯିବ। ଆବଶ୍ୟକ ପଡିଲେ ଲଟେରୀର ସାହାଯ୍ୟ ନେବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନରେ ଶ୍ରୀମନ୍ଦିର ପ୍ରଶାସନ ପାତରଅନ୍ତର ନୀତି ଆପଣାଉଛି ବୋଲି ଅଭିଯୋଗ ହୋଇ ଆସୁଥିଲା। ନୂଆ ପରିଚାଳନା କମିଟି ଗଠନ ପାଇଁ ୮ ସୂତ୍ରୀ ପ୍ରସ୍ତାବ ଦେଇଛି ଆଇନ ବିଭାଗ। ଶ୍ରୀଜଗନ୍ନାଥ ମନ୍ଦିର ଟେମ୍ପୁଲ୍ ଆକ୍ଟ ୧୯୫୫ ଧାରା ୬(୧) ଜେ ଅନୁଯାୟୀ ସଦସ୍ୟ ମନୋନୟନ ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ କଡା ନିର୍ଦ୍ଦେଶ ଦେଇଛି ଆଇନ ବିଭାଗ। ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଦିଆଯାଇଥିବା ତାଲିକା ଆଇନ ବିଭାଗକୁ ସନ୍ତୁଷ୍ଟ କରିନଥିବା ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଲକ୍ଷ୍ୟରେ ରଖି ବିଧି ବ୍ୟବସ୍ଥା ଆପଣାଇବାକୁ ୮ ସୂତ୍ରୀ ଦେଇଛି ଆଇନ ବିଭାଗ।

# ୫ରେ ପିଜି ମେଧା ତାଲିକା

**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:**



**୨୧ରୁ ପ୍ରଥମ ପର୍ଯ୍ୟାୟ ନାମଲେଖା**
**ସେପ୍ଟେମ୍ବର ୧୮ରୁ ପିଜି ପାଠପଢ଼ା**

୨୦୨୪-୨୫ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ହୋଇଥିବା ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି-୨୦୨୪)ର ରାଜ୍ୟସ୍ତରୀୟ ଏବଂ ବିଷୟଭିତ୍ତିକ ମେଧା ତାଲିକା ଆସନ୍ତା ୫ ତାରିଖରେ ପ୍ରକାଶ ପାଇବ। ୬ତାରିଖରୁ ୧୨ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନେ ଚଏସ୍ ଫିଲିଙ୍ଗ କରିବେ। ୨୦ତାରିଖ ଅପରାହ୍ନ ୪ଟାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରଛାତ୍ରୀମାନେ ୨୧ତାରିଖ ପୂର୍ବାହ୍ନ ୧୦ଟାରୁ ୨୪ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ ନାମଲେଖାଇବେ। ୩୧ତାରିଖ ଅପରାହ୍ନ ୪ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀ ସେପ୍ଟେମ୍ବର ୨ ତାରିଖ ପୂର୍ବାହ୍ନ ୧୦ଟାରୁ ୪ତାରିଖ ସନ୍ଧ୍ୟା ୫ଟା ଭିତରେ ନାମଲେଖାଇବାକୁ ପଡ଼ିବ। ସେପ୍ଟେମ୍ବର ୧୦ତାରିଖ ଅପରାହ୍ନ ୪ଟାରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରଛାତ୍ରୀ ୧୧ତାରିଖ ପୂର୍ବାହ୍ନ ୧୦ଟାରୁ ୧୩ତାରିଖ ସନ୍ଧ୍ୟା ୫ଟା ଭିତରେ ନାମଲେଖାଇବେ। ସେପ୍ଟେମ୍ବର ୨୪ ଅପରାହ୍ନ ୨ଟାରେ ବଳକା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମେଧା ତାଲିକା ଶିକ୍ଷାନୁଷ୍ଠାନଗୁଡ଼ିକର ଇ-ସ୍ପେସ୍‌ରେ ପ୍ରକାଶ ପାଇବ। ଶିକ୍ଷାନୁଷ୍ଠାନଗୁଡ଼ିକ ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କ ନାମ ନିଜ ଶିକ୍ଷାନୁଷ୍ଠାନର ନୋଟିସ ବୋର୍ଡ, ୱେବ୍‌ସାଇଟ୍‌ରେ ପ୍ରକାଶ କରିବେ। ଏଥିସହିତ ସେହି ଛାତ୍ରଛାତ୍ରୀଙ୍କୁ ଫୋନ କଲ୍/ ଏସ୍ଏମ୍ଏସ୍/ ହ୍ୱାଟ୍‌ସ ଆପ୍ ଜରିଆରେ ମଧ୍ୟ ଜଣାଇବେ। ମନୋନୀତ ଛାତ୍ରଛାତ୍ରୀମାନେ ସେପ୍ଟମ୍ବର ୨୬ ପୂର୍ବାହ୍ନ ୧୦ଟାରୁ ୨୮ତାରିଖ ସନ୍ଧ୍ୟା ୫ଟା ଭିତରେ ନାମଲେଖାଇବେ। ସେପ୍ଟେମ୍ବର ୧୮ରେ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ରାଜ୍ୟରେ ଚଳିତ ଶିକ୍ଷାବର୍ଷ ୨୦୨୪-୨୫ରେ ପିଜି ନାମଲେଖା ପାଇଁ ମୋଟ ୧୧୪ଟି ଶିକ୍ଷାନୁଷ୍ଠାନ ଥିବା ବେଳେ ୨୮,୯୮୪ଟି ସିଟ୍ ରହିଛି। ତେବେ ୨୦୨୪-୨୫ରେ ଏକକ ପିଜି ପ୍ରବେଶିକା ପରୀକ୍ଷା ଗତ ୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ଏଥିପାଇଁ ୬୩,୧୮୪ଜଣ ଆବେଦନ କରିଥିଲେ। ଏଥିମଧ୍ୟରେ ୪୩,୬୨୪ଜଣ ଛାତ୍ରୀ ଥିବା ବେଳେ ୨୧,୩୬୦ଜଣ ଛାତ୍ର ଏବଂ ୩ ଜଣ କିନ୍ନର ରହିଛନ୍ତି। ଚଳିତବର୍ଷ ଓଡ଼ିଆ ବିଶ୍ୱବିଦ୍ୟାଳୟର ଏମ୍ଏ ପାଠ୍ୟକ୍ରମ ଓ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟ (ପିଜି) ପାଠ୍ୟକ୍ରମରେ ନାମଲେଖା ପାଇଁ ମଧ୍ୟ ସିପିଇଟି ପରୀକ୍ଷା କରାଯାଇଥିଲା।

# ଦୁଇଟି ସମବାୟ ବୋର୍ଡ ଭାଙ୍ଗିଲେ ରାଜ୍ୟ ସରକାର

**ଭୁବନେଶ୍ୱର, ୩୧।୭/ଏନ୍ଏନ୍ଏସ୍:**

ରାଜ୍ୟ ସରକାର ଦୁଇଟି ସମବାୟ ବୋର୍ଡ ଭାଙ୍ଗି ଦେଇଛନ୍ତି। ଦୁର୍ନୀତି ଅଭିଯୋଗରେ ଏହାକୁ ଭଙ୍ଗାଯାଇଥିବା ଜଣାପଡ଼ିଛି। ଏହି ଦୁଇଟି ସଂସ୍ଥା ହେଲା ରାଜ୍ୟ ସମବାୟ ବ୍ୟାଙ୍କ ଓ ସମବାୟ ଗୃହ ନିର୍ମାଣ ନିଗମ। ଏଣିକି ରାଜ୍ୟ ସରକାର ୨ଟି ବୋର୍ଡର ବ୍ୟାପାର ବୁଝାଶୁଝା କରିବେ। ଏନେଇ ସମବାୟ ସମିତି ରେଜିଷ୍ଟ୍ରାରଙ୍କ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ରାଜ୍ୟ ସମବାୟ ସୋସାଇଟି ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ଓଡ଼ିଶା ଗୃହନିର୍ମାଣ ସମବାୟ ନିଗମର ସଭାପତିଙ୍କର ୩ଟି ସନ୍ତାନ ଅଛନ୍ତି। ଆଉ ସେ ଭୁଲ୍ ତଥ୍ୟ ଦେଇ ଏହି ପଦକୁ ହାତେଇଥିଲେ। ଏନେଇ ୨୦୨୨ ଅକ୍ଟୋବର ୧୦ତାରିଖରେ ଲକ୍ଷ୍ମୀସାଗର ଥାନାରେ ୪୨୦ ଦଫାରେ ଏକ ମାମଲା ରୁଜୁ ହୋଇଥିଲା। ଚଳିତବର୍ଷ ଜୁଲାଇ ୨୩ତାରିଖରେ ଲକ୍ଷ୍ମୀସାଗର ଥାନା ଏଏସଆଇ ଏ ନେଇ ତଥ୍ୟ ଦେଇଛନ୍ତି। ଯାହାକି ସଭାପତି ଜାଲ୍ ତଥ୍ୟ ଦେଇଥିବା ପ୍ରମାଣିତ କରୁଛି । ଓଡ଼ିଶା ସମବାୟ ସୋସାଇଟି ଆଇନ-୧୯୬୨ର ଧାରା ୨୮(୩-ପି) ପ୍ରାବଧାନ ଆଧାରରେ ସଭାପତି ଅଯୋଗ୍ୟ ହୋଇଥିଲେ ମଧ୍ୟ ସେ ପରିଚାଳନା କମିଟିର ଅନୁମୋଦନ ଆଧାରରେ କାର୍ଯ୍ୟ ଜାରି ରଖିଥିଲେ। କେବଳ ସେତିକି ନୁହେଁ, ଧଉଳି ହାଇଟସ୍ ପ୍ରକଳ୍ପକୁ ନେଇ ଅନିୟମିତତାର ଅଭିଯୋଗ ମଧ୍ୟ ରହିଛି ।

ଏସବୁ କାରଣକୁ ଦୃଷ୍ଟିରେ ରଖି ରାଜ୍ୟ ସମବାୟ ସୋସାଇଟି ରେଜିଷ୍ଟ୍ରାର ପ୍ରଭୁ କଲ୍ୟାଣ ପଟ୍ଟନାୟକ ଆଜି ଓଡ଼ିଶା ଗୃହନିର୍ମାଣ ସମବାୟ ନିଗମର ପରିଚାଳନା କମିଟିକୁ ନିରସ୍ତ ଘୋଷଣା କରିଛନ୍ତି । ତତ୍କାଳ ପ୍ରଭାବରୁ ରାଜ୍ୟ ସରକାର ଏହି ନିଗମକୁ ନିଜ ହାତକୁ ନେଇଛନ୍ତି । ସମବାୟ ବିଭାଗର ଅତିରିକ୍ତ ସଚିବ ଶୁଭ୍ରା ମହାନ୍ତିଙ୍କୁ ଓଡ଼ିଶା ଗୃହନିର୍ମାଣ ସମବାୟ ନିଗମର ପ୍ରଶାସକ ଭାବେ ନିଯୁକ୍ତି ଦିଆଯାଇଛି। ବେଆଇନ ଭାବେ ପଦବୀ ହାତେଇବା ଓ ଅନିୟମିତତା ଆଦି ଅଭିଯୋଗରେ ରାଜ୍ୟ ସମବାୟ ରେଜିଷ୍ଟ୍ରାର ଆଜି ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ବୋର୍ଡ ଓ ଓଡ଼ିଶା ଗୃହନିର୍ମାଣ ସମବାୟ ନିଗମର ପରିଚାଳନା କମିଟିକୁ ନିରସ୍ତ କରିବା ପରେ ତତ୍କାଳ ପ୍ରଭାବରୁ ଏହି ଦୁଇ ସଂସ୍ଥାକୁ ରାଜ୍ୟ ସରକାର ନିଜ ହାତକୁ ନେଇଛନ୍ତି।

# ଘୂର୍ଣ୍ଣିବଳୟ ପ୍ରଭାବ: ୩ ତାରିଖ ପର୍ଯ୍ୟନ୍ତ ବର୍ଷିବ

**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:**



ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ମେଘୁଆ ସହ କିଛି କିଛି ସ୍ଥାନରେ ଢ଼ୁହାକୁ ଢ଼ୁହା ବର୍ଷା ହେଉଛି। ଏହି ସ୍ଥିତି ପ୍ରାୟ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ତେବେ ବୁଧବାର ଠାରୁ ବର୍ଷାର ପ୍ରକୋପ ବଢ଼ିବା ନେଇ ମଧ୍ୟ ଆଶଙ୍କା କରାଯାଇଛି। କାରଣ ବର୍ତ୍ତମାନ ଝାଡ଼ଖଣ୍ଡ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ରହିଥିବା ଘୂର୍ଣ୍ଣିବଳୟ ସହ ମୌସୁମୀ ଟ୍ରାଫ୍ ଲାଇନ୍ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ଗୁରୁବାର ସକାଳ ୮ଟା ୩୦ ମଧ୍ୟରେ ଅନୁଗୋଳ, ଢେଙ୍କାନାଳ, ଯାଜପୁର, କଟକ ଓ ନୟାଗଡ଼ ଜିଲ୍ଲାରେ କେତେକ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ବୌଦ୍ଧ, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଗୁରୁବାର ସକାଳ ୮ଟା୩୦ରୁ ଶୁକ୍ରବାର ସାଢ଼େ ୮ଟା ମଧ୍ୟରେ ଅନୁଗୋଳ, ବୌଦ୍ଧ, ନୟାଗଡ଼, ଢେଙ୍କାନାଳ ଓ କଟକ ଜିଲ୍ଲାରେ କେତେକ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ନବରଙ୍ଗପୁର,କୋରାପୁଟ, ମାଲକାନଗିରି, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବ। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨ ତାରିଖ ଶୁକ୍ରବାର ସକାଳ ସାଢ଼େ ୮ଟାରୁ ଶନିବାର ସକାଳ ସାଢ଼େ ୮ଟା ମଧ୍ୟରେ ମୟୂରଭଞ୍ଜ,କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼ ଓ ଅନୁଗୋଳ ଜିଲ୍ଲାରେ କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବ। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଗତ ୩୬ ଘଣ୍ଟାରେ ରାଜ୍ୟର ଏକାଧିକ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ନୟାଗଡ଼ରେ ୫୪ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଖୋର୍ଦ୍ଧାରେ ୪୦, ଭୁବନେଶ୍ୱରରେ ୩୩ ମିମି, ନୂଆପଡ଼ା ୨୮ମିମି, ଜଗତସିଂହପୁର ୨୨ମିମି, କଟକ ୨୨ ମିମି ବର୍ଷା ରେକର୍ଡ ହୋଇଛି।

## ପ୍ରୀତି ସୁଦାନ ୟୁପିଏସ୍‌ସିର ନୂଆ ଅଧ୍ୟକ୍ଷ

**ନୂଆଦିଲ୍ଲୀ,୩୧।୭/ଏଜେନ୍ସି:**



ୟୁନିୟନ୍ ପବ୍ଲିକ ସର୍ଭିସ କମିଶନ ତଥା ୟୁପିଏସ୍‌ସିର ନୂଆ ଅଧ୍ୟକ୍ଷଭାବେ ଆନ୍ଧ୍ର ପ୍ରଦେଶ କ୍ୟାଡରର ୧୯୮୩ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ପ୍ରୀତି ସୁଦାନ ନିଯୁକ୍ତ ହୋଇଛନ୍ତି। ସେ ଆସନ୍ତାକାଲି ଦାୟିତ୍ୱ ଗ୍ରହଣ କରିବେ। ପୂର୍ବତନ ୟୁପିଏସସି ଅଧ୍ୟକ୍ଷ ମନୋଜ ସୋନିଙ୍କ ଇସ୍ତଫା ପରେ ଏହି ପଦବୀ ଖାଲି ପଡ଼ିଥିଲା। ଟ୍ରେନି ଆଇଏଏସ୍ ପୂଜା ଖେଡକର ବିବାଦ ସାମ୍ନାକୁ ଆସିବା ପରେ ୟୁପିଏସସିର ପୂର୍ବତନ ମୁଖ୍ୟ ମନୋଜ ସୋନି ଇସ୍ତଫା ଦେଇଥିଲେ। ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିଲେ। ଏବେ ତାଙ୍କ ସ୍ଥାନରେ ପ୍ରୀତି ସୁଦାନଙ୍କୁ ନିଯୁକ୍ତ କରାଯାଇଛି। ୨୦୨୨ରୁ ୟୁପିଏସ୍‌ସିର ସଦସ୍ୟ ଥିବା ପ୍ରୀତି ପୂର୍ବତନ ସ୍ୱାସ୍ଥ୍ୟ ସଚିବ ଭାବରେ ପୂର୍ବରୁ କାର୍ଯ୍ୟ କରି ସାରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରୂପେ ତାଙ୍କ କାର୍ଯ୍ୟକାଳ ଜୁଲାଇ ୨୦୨୦ରେ ଶେଷ ହୋଇଥିଲା। ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟରେ କାର୍ଯ୍ୟ କରିବା ବ୍ୟତୀତ ପ୍ରୀତି ପ୍ରତିରକ୍ଷା ମନ୍ତ୍ରଣାଳୟରେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେ ତାଙ୍କ କ୍ୟାଡର ରାଜ୍ୟ ଆନ୍ଧ୍ରପ୍ରଦେଶରେ ଅର୍ଥ, ଯୋଜନା, ବିପର୍ଯ୍ୟୟ ପରିଚାଳନା, ପର୍ଯ୍ୟଟନ ଏବଂ କୃଷି ଦାୟିତ୍ୱରେ ଥିଲେ। ପ୍ରୀତି ସୁଦାନ ବିଶ୍ୱ ବ୍ୟାଙ୍କ ପାଇଁ ପରାମର୍ଶଦାତା ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି।

## ସର୍ଭେୟାନ୍ ଭି୧ ଡ୍ରୋନ୍ ପାଇଁ ଟାଇପ୍ ସାର୍ଟିଫିକେସନ୍ ପ୍ରଦାନ

**ଭୁବନେଶ୍ୱର,୩୧ ।୭/ଏନ୍‌ଏନ୍‌ଏସ୍:** ନିବ୍‌ରସ୍ ଟେକ୍ନୋଲୋଜିସ୍ ଏହାର ସର୍ଭେୟାନ ଭି୧ ଡ୍ରୋନ୍ ପାଇଁ ଡାଇରେକ୍ଟୋରେଟ୍ ଜେନେରାଲ୍ ଅଫ୍ ସିଭିଲ୍ ଆଭିଏସନ୍ (ଡିଜିସିଏ)ଠାରୁ ଟାଇପ୍ ସାର୍ଟିଫିକେସନ୍ ହାସଲ କରିଛି । ସର୍ଭେୟାନ୍ ଭି୧ ହେଉଛି ଏକ ଅତ୍ୟାଧୁନିକ ସର୍ଭେ ଓ ମ୍ୟାପିଙ୍ଗ୍ ଡ୍ରୋନ୍ ଯାହାକୁ ସ୍ୱତନ୍ତ୍ରରୂପେ ଲ୍ୟାଣ୍ଡ ସର୍ଭେ ଓ କନ୍‌ସଲ୍ଟିଙ୍ଗ୍ ଫାର୍ମଗୁଡ଼ିକ ପାଇଁ ଡିଜାଇନ୍ କରାଯାଇଛି । କେବଳ ୧.୯୯ କିଲୋଗ୍ରାମ୍ ଓଜନର ଏହି ଡ୍ରୋନ୍ ମାଇକ୍ରୋ କ୍ୟାଟାଗୋରୀ ଅଧିନରେ ଆସୁଛି ଯାହା ସବୁଠାରୁ ସୁଲଭ ଟାଇପ୍-ସାର୍ଟିଫାଏଡ୍ ଡ୍ରୋନ୍‌ରେ ପରିଣତ କରିଛି । ଏହା ୨୫ କିମି/ଘଣ୍ଟା ପର୍ଯ୍ୟନ୍ତ ବେଗ ହାସଲ କରିପାରେ ଯାହା ଦକ୍ଷ ଓ ସଠିକ୍ ସର୍ଭେ ପରିଚାଳନା ସୁନିଶ୍ଚିତ କରୁଛି । ଏ ସମ୍ପର୍କରେ ଶୁଭମ ବରନୱାଲ୍ କହିଛନ୍ତି, ଆମେ ଆମର ସର୍ଭେୟାନ ଭି୧ ଡ୍ରୋନ୍ ପାଇଁ ଡିଜିସିଏଠାରୁ ଟାଇପ୍ ସାର୍ଟିଫିକେସନ୍ ହାସଲ କରି ଉତ୍ସାହିତ ଅଛୁ । ଏହି ସାର୍ଟିଫିକେସନ୍ ଆମ ଉତ୍ପାଦର ଗୁଣବତା ଓ ସୁରକ୍ଷାର ଏକ ପ୍ରମାଣ । ଟାଇପ୍ ସାର୍ଟିଫିକେସନ୍ ସହିତ ସର୍ଭେୟାନ୍ ଭି୧କୁ ଭାରତବ୍ୟାପୀ ବାଣିଜ୍ୟିକ ରୂପେ ପରିଚାଳନା କରାଯାଇପାରିବ ଯାହା ନିବ୍‌ରସ୍ ଟେକ୍ନୋଲୋଜିର ଅଭିନବ ଡ୍ରୋନ୍ ସଲ୍ୟୁସନ୍‌ଗୁଡ଼ିକର ପହଞ୍ଚ ଓ ପ୍ରଭାବକୁ ଅଧିକ ବିସ୍ତାର କରିବ । ଏହା ବିଭିନ୍ନ କ୍ଷେତ୍ରରେ ବେଶ ସହାୟକ ହୋଇପାରିବ ।

# ଅରୁନ୍ଧତୀ ଜୁଏଲର୍ସ ରଜପରୀ ସିଜନ୍-୬ ଉଦ୍‌ଯାପିତ






**ଭୁବନେଶ୍ୱର, ୩୧।୭/ଏନ୍‌ଏନ୍‌ଏସ୍:** ଓଡ଼ିଶାର ସର୍ବ ବୃହତ୍ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସର ବହୁ ପ୍ରତିକ୍ଷୀତ କାର୍ଯ୍ୟକ୍ରମ ରଜପରୀ ସିଜନ୍-୬ର ଫାଇନାଲ୍ ରାଉଣ୍ଡ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଓଡ଼ିଶାର କୋଣ ଅନୁକୋଣରୁ ୨୫ଜଣ ପ୍ରତିଯୋଗୀ ଅଡିସନ୍ ରାଉଣ୍ଡରୁ ଉତ୍ତୀର୍ଣ୍ଣ ହୋଇ ଫାଇନାଲ୍‌ରେ ନିଜ କଳା ଓ ପ୍ରତିଭାର ପରିଚୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଚାରପତି ଭାବେ କଣ୍ଠଶିଳ୍ପୀ ଅରୁଣ ମନ୍ତ୍ରୀ, ଓଲିଉଡ୍‌ର ନାୟିକା ଶ୍ରଦ୍ଧା ପାଣିଗ୍ରାହୀ ଓ ବିଶିଷ୍ଟ ଉପସ୍ଥାପିକା ଶୋଭନା ମିଶ୍ର ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ପ୍ରତିଭାର ମୂଲ୍ୟାଙ୍କନ କରିଥିଲେ । ବିଚାରପତିମାନଙ୍କ ସର୍ବସମ୍ମତିକ୍ରମେ ରଜପରୀ ସିଜନ-୬ର ବିଜେତା ଭାବାରେ ଖୁସି ପ୍ରଧାନଙ୍କୁ ଘୋଷିତ କରାଯାଇଥିଲା । ଏହି ଉପଲକ୍ଷେ ତାଙ୍କୁ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକକ ବ୍ରହ୍ମାନନ୍ଦ ମେହେର ରଜପରି ସିଜନ-୬ର ମୁକୁଟ ଓ ମାନପତ୍ର ପ୍ରଦାନ ସହ ୨୦,୦୦୦ ଟଙ୍କା ପୁରସ୍କାର ରାଶିରେ ସମ୍ମାନିତ କରିଥିଲେ । ଏହା ସହ ପ୍ରଥମ ରନର୍ସଅପ ଭାବେ ସୋଭାଗିଁ ପ୍ରିୟଦର୍ଶନୀ ଦାସ ଏବଂ ଦ୍ୱିତୀୟ ରନର୍ସଅପ୍ ଭାବେ ଇଲିଆନ ପଣ୍ଡା ଘୋଷିତ ହୋଇ ମାନପତ୍ର ଓ ଯଥାକ୍ରମେ ୧୫,୦୦୦ ଓ ୧୦,୦୦୦ ଟଙ୍କା ପୁରସ୍କାର ରାଶି ପାଇଥିଲେ । ଅରୁନ୍ଧତୀ ଜୁଏଲର୍ସର ଓଡ଼ିଆ ପ୍ରତିଭାକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାର ଏହି ନିଆରା ପ୍ରୟାସକୁ ସବୁ ମହଲରେ ପ୍ରଶଂସା କରାଯାଉଛି ।

## ଟିପିସିଓଡିଏଲ୍‌କୁ ଓଡ଼ିଶା ସିଏସ୍‌ଆର୍ ଆଣ୍ଡ୍ ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ

**ଭୁବନେଶ୍ୱର,୩୧।୭/ଏନ୍‌ଏନ୍‌ଏସ୍:** ଟାଟା ପାୱାର୍ ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍)କୁ 'ସଷ୍ଟେନେବିଲିଟି ପ୍ରାକ୍ଟିସେସ୍ ଇନୋଭେଟର୍' ବର୍ଗରେ ଓଡ଼ିଶା ସିଏସ୍‌ଆର୍ ଆଣ୍ଡ୍ ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ-୨୦୨୪ ପ୍ରଦାନ କରାଯାଇଛି । ଆସୋଚାମ୍ ଓଡ଼ିଶା ରାଜ୍ୟ ଉନ୍ନୟନ ପରିଷଦ ପକ୍ଷରୁ ଆୟୋଜିତ ଏହି ସମ୍ମାନଜନକ ପୁରସ୍କାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ଏବଂ ଦୀର୍ଘସ୍ଥାୟୀତ୍ୱ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ପ୍ରଦାନ କରିଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଟିପିସିଓଡିଏଲ୍ ପକ୍ଷରୁ 'ସମୃଦ୍ଧି' କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷିତ ସ୍ଥାନୀୟ କାରିଗର ଓ କଳାକାରଙ୍କ ଦ୍ୱାରା ନିର୍ମିତ ପଟ୍ଟଚିତ୍ର-ତାଳପତ୍ର କାରୁକାର୍ଯ୍ୟ ଏବଂ ଢୋକ୍ରା ଧାତବ କଳାକୃତି ପ୍ରଦର୍ଶନ କରାଯାଇଥିଲା । ଟିପିସିଓଡିଏଲ ସିଏସ୍‌ଆର୍ ଷ୍ଟଲ୍ ପରିଦର୍ଶନ ସମୟରେ ମାନ୍ୟବର ମନ୍ତ୍ରୀ ପାରମ୍ପରିକ କଳାକୁ ପ୍ରୋତ୍ସାହିତ କରିବା ପାଇଁ ଟିପିସିଓଡିଏଲ୍‌ର ପଦକ୍ଷେପକୁ ପ୍ରଶଂସା କରିଥିଲେ । ଝୋଟ ଉତ୍ପାଦର ବ୍ୟବହାରକୁ ପ୍ରୋତ୍ସାହିତ କରି ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ସୃଷ୍ଟିକରିବା ପାଇଁ ଟିପିସିଓଡିଏଲ୍‌ର ଅଭିଯାନକୁ ମଧ୍ୟ ସେ ପ୍ରଶଂସା କରିଥିଲେ । ଏହି ସମ୍ମାନଜନକ ପୁରସ୍କାର ପାଇବା ପରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ କୃତଜ୍ଞତା ଜ୍ଞାପନ କରି କହିଛନ୍ତି ଯେ ଏହି ପୁରସ୍କାର ପାଇ ଆମେ ଗର୍ବିତ, ଯାହା ଦୀର୍ଘସ୍ଥାୟିତ୍ୱ ଏବଂ ଗୋଷ୍ଠୀ ବିକାଶ ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି । ସ୍ଥାନୀୟ କାରିଗରମାନଙ୍କୁ ସଶକ୍ତକରିବା ଏବଂ ପରିବେଶ ଅନୁକୂଳ ଅଭ୍ୟାସକୁ ଆଗେଇନେବା ପାଇଁ 'ସମୃଦ୍ଧି' ଭଳି ପଦକ୍ଷେପ ନିଆଯାଇଛି, ଯାହା ଦ୍ୱାରା ଏହି ଅଞ୍ଚଳର ଦୀର୍ଘସ୍ଥାୟୀ ସାମଗ୍ରିକ ବିକାଶ କରାଯାଇପାରିବ ।

## ଖଣ୍ଡଗିରିରେ ଭାରତୀୟ ଯୋଗ ସଂସ୍ଥାନର ୧୫ତମ ସ୍ମୃତିଦିବସ

**ଭୁବନେଶ୍ୱର, ୩୧।୭/ଏନ୍‌ଏନ୍‌ଏସ୍:** ଖଣ୍ଡଗିରି ଯୋଗ ଜିଲ୍ଲା ଆନୁକୁଲ୍ୟରେ ସ୍ଥାନୀୟ ଅଭିରାମ ଶାନ୍ତି ଆଶ୍ରମ, ଖଣ୍ଡଗିରିଠାରେ ଭାରତୀୟ ଯୋଗ ସଂସ୍ଥାନର ୧୫ତମ ସ୍ମୃତି ଦିବସ ଉତ୍ସବ ପାଳିତ ହୋଇଯାଇଛି । ୧୦ ଏପ୍ରିଲ ୧୯୬୭ରେ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନର ବର୍ତ୍ତମାନ ଚାରି ହଜାରରୁ ଊର୍ଦ୍ଧ୍ୱ ଶାଖା ବିଶ୍ୱର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଛି । ଭାରତୀୟ ଯୋଗ ସଂସ୍ଥାନର ପ୍ରତିଷ୍ଠାତା ପ୍ରକାଶ ଲାଲଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ସାଧିକା ସାଧକମାନେ ଯୋଗଦେଇ ସୂକ୍ଷ୍ମ କ୍ରିୟା, ଆସନ, ପ୍ରାଣାୟାମ, ଧ୍ୟାନ ଆଦି ଯୋଗାଭ୍ୟାସ କରିଥିଲେ । ଓଡ଼ିଶା ପ୍ରାନ୍ତ ସଦସ୍ୟ ରାମାୟା ରେଡ୍ଡୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରସାରରେ ପ୍ରକାଶ ଲାଲଙ୍କ ଅବଦାନ, ସଂସ୍ଥାନର ପତ୍ରିକା ଯୋଗ ମଞ୍ଜରୀ ତଥା ଅନ୍ୟାନ୍ୟ ପୁସ୍ତିକା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବିଭିନ୍ନ ଉପଚାର ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ । ଦଧିବାମନ ରାଉତ, ପ୍ରତାପ ମହାପାତ୍ର, ଡ. ସୁନ୍ଦର ନାରାୟଣ ପାତ୍ର ତଥା ଅନ୍ୟାନ୍ୟ ସାଧକ ସାଧିକାମାନେ କବିତା ଏବଂ ବକ୍ତୃତା ମାଧ୍ୟମରେ ସ୍ମୃତିଚାରଣ କରିବା ସହିତ ମାନବ ସମାଜ ଶାରୀରିକ ତଥା ମାନସିକ ଚାପ ଗ୍ରସ୍ତରୁ ମୁକ୍ତି ପାଇବା ପାଇଁ ନିୟମିତ ଯୋଗାଭ୍ୟାସର ପ୍ରାସଙ୍ଗିକତା କ'ଣ ରହିଛି ସେ ବିଷୟରେ ଆଲୋକପାତ କରିଥିଲେ । ସାଧିକା ଜ୍ୟୋତ୍ସ୍ନା ଶତପଥୀ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ଜିଲ୍ଲା ମନ୍ତ୍ରୀ ନୀଳମଣି



ଉତ୍ସବରେ ଅନ୍ୟତମ ପ୍ରାନ୍ତ ସଦସ୍ୟା ମଞ୍ଜୁ ମିଶ୍ର ବିଶିଷ୍ଟ ଅତିଥି ଭାବରେ ଯୋଗଦେଇଥିଲେ । ସେମାନେ ଭାରତୀୟ ଯୋଗ ସଂସ୍ଥାନର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ବିବରଣୀ ରଖିଥିଲେ ଏବଂ ନିୟମିତ ଯୋଗାଭ୍ୟାସ ଦ୍ୱାରା କିଭଳି ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ସୁରକ୍ଷା ତଥା ବିକାଶ ଘଟିପାରିବ ସେ ବିଷୟରେ ପରାମର୍ଶ ଦେଇଥିଲେ । ଖଣ୍ଡଗିରି ଯୋଗ ଜିଲ୍ଲା ପ୍ରଧାନ ପରମାନନ୍ଦ ପାତ୍ର ଯୋଗ ଶିକ୍ଷାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଈସାରା ପାତ୍ର, ନିବେଦିତା, ନିହାରୀକା, ସୁଜାତା, ଅନ୍ନପୂର୍ଣ୍ଣା, ଗୋପାଳ, ପ୍ରଜ୍ଞା, ନିଳମଣୀ, ପ୍ରମୋଦିନି, ଅନୁସୁୟା, ନିର୍ଲିପ୍ତା, ବିଜୟାବନ୍ଦନା, ଅମୃତା, ନିହାରୀକା ଲେଙ୍କା, ସୁଜାତା, ଭୁବନେଶ୍ୱରୀ, ରସାନନ୍ଦ ସାହୁ, ଦେବେନ୍ଦ୍ର ଦାଶ ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ଗାନ ସହିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସୋଆ ଏସ୍‌ଏଚ୍‌ଏମ୍ ପକ୍ଷରୁ 'ରେଣ୍ଡେଜଭସ୍ -୨୦୨୪'



**ଭୁବନେଶ୍ୱର, ୩୧।୭/ଏନ୍‌ଏନ୍‌ଏସ୍:** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜ୍‌ମେଣ୍ଟ (ଏସ୍‌ଏଚ୍‌ଏମ୍) ପକ୍ଷରୁ ବୁଧବାର ୧୨ତମ ବାର୍ଷିକ ଉତ୍ସବ 'ରେଣ୍ଡେଜଭସ୍ -୨୦୨୪' ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ହୋଟେଲ୍ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏସନ୍ (ଏଚ୍‌ଆର୍‌ଏଓ)ର ସେକ୍ରେଟାରୀ ଜେନେରାଲ୍ ମିଲିନ୍ଦ ଗୁପ୍ତା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ ଯେ ଧୈର୍ଯ୍ୟ, ସଚ୍ଚୋଟତା ଓ କଠିନ ପରିଶ୍ରମ ମାଧ୍ୟମରେ ସବୁ କାର୍ଯ୍ୟ କରିବା ସମ୍ଭବପର ଅଟେ । ଏହି ତିନୋଟି ବିଷୟ ହସ୍ପିଟାଲିଟି ଶିକ୍ଷାର ମୁଖ୍ୟ ଆବଶ୍ୟକତା ବୋଲି ସେ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆଇଟିସି ୱେଲକମ୍ ହୋଟେଲ୍, ଭୁବନେଶ୍ୱରର ଏଚ୍‌ଆର୍ ମ୍ୟାନେଜର୍ ଅନିର୍ବଣ ଗୁହା ହସ୍ପିଟାଲିଟି ଓ ମ୍ୟାନେଜ୍‌ମେଣ୍ଟ କ୍ଷେତ୍ରରେ ଧୈର୍ଯ୍ୟର ସହିତ କିପରି ନିଜର ଦାୟିତ୍ୱକୁ ତୁଲାଇବାକୁ ହେବ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ସେହିପରି ଓଲିଉଡ୍‌ର ଅଭିନେତ୍ରୀ ନୈନା ଦାଶ ତିୱାରୀ ଓ ଅଭିନେତା ପ୍ରୀତିରାଜ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜ୍‌ମେଣ୍ଟ (ଏସ୍‌ଏଚ୍‌ଏମ୍)ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସ୍ୱାଗତ ଭାଷଣ ଦେଇଥିଲେ । ଏହି ବର୍ଷ ବାର୍ଷିକ ଉତ୍ସବର ଥିମ୍ 'ପୂର୍ବାଞ୍ଚଳ ଏବଂ ସମୁଦ୍ର ବେଳାଭୂମି' ରହିଛି । ଏସ୍‌ଏଚ୍‌ଏମ୍‌ର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏ ବିଷୟ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ ଓ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଏସ୍‌ଏଚ୍‌ଏମ୍‌ର ପ୍ରଫେସର୍ ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୩୧।୭/ଏନ୍‌ଏନ୍‌ଏସ୍:** ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ଡ. ଜ୍ୟୋତିର୍ମତୀ ସାମନ୍ତରାୟ ଅବସର ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଡ. ସାମନ୍ତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷତା କରି ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସେବାନିବୃତ୍ତ ଡ. ସାମନ୍ତରାୟଙ୍କ ସୁସ୍ଥ ଓ ନିରାମୟ ଅବସରକାଳୀନ ଜୀବନ କାମନା କରିଥିଲେ । ସେ ଡ. ସାମନ୍ତରାୟଙ୍କ କାର୍ଯ୍ୟଦକ୍ଷତା, ଆନ୍ତରିକତା ଓ କର୍ତ୍ତବ୍ୟପରାୟଣତାର ପ୍ରଶଂସା କରି ତାହା କନିଷ୍ଠ ଅଧିକାରୀମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇରହିବ ବୋଲି ଉଲ୍ଲେଖ କରିଥିଲେ । ସେ ଡ. ସାମନ୍ତରାୟଙ୍କୁ ବୃତ୍ତାନ୍ତ ପେନ୍‌ସନ୍ କାଗଜାତ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଡ. ସାମନ୍ତରାୟ ନିଜର କର୍ମମୟ ଜୀବନର ଅଭିଜ୍ଞତା ବର୍ଣ୍ଣନା କରିବା ସହ ବିଭାଗ ପକ୍ଷରୁ ପାଇଥିବା ସ୍ନେହ, ଶ୍ରଦ୍ଧା ଓ ସହଯୋଗ ନିମନ୍ତେ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାଶ, ଉପଶାସନ ସଚିବ ପ୍ରଣବ ପ୍ରକାଶ ଦାସ, ଉପନିର୍ଦ୍ଦେଶିକା ଦୀପ୍ତିମୟୀ ମହାପାତ୍ର, ସୂଚନା ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଡ. ସାମନ୍ତରାୟଙ୍କ ସହିତ ସେମାନଙ୍କର କର୍ମଜୀବନର ଅଭିଜ୍ଞତା ସମ୍ପର୍କରେ ଉଲ୍ଲେଖ କରିବା ସହ ତାଙ୍କ ଅର୍ଥପୂର୍ଣ୍ଣ ଅବସରକାଳୀନ ଜୀବନଚର୍ଯ୍ୟା ନିମନ୍ତେ ଶୁଭେଚ୍ଛା ଜଣାଇଥିଲେ ।

## ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ପାସ୍‌ପୋର୍ଟର ଅଧିଷ୍ଠାନ ଦିବସ

**ଭୁବନେଶ୍ୱର, ୩୧।୭/ଏନ୍‌ଏନ୍‌ଏସ୍:** ରୋଟାରୀ କ୍ଲବ ଭୁବନେଶ୍ୱର ପାସପୋର୍ଟର ଅଧିଷ୍ଠାନ ଦିବସ ଇନ୍‌ଫୋସିଟିସ୍ଥିତ ଆଙ୍ଗନ୍ ହେରିଟେଜ୍‌ର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ସମାଜସେବୀ ଡକ୍ଟର ଶ୍ରୁତି ମହାପାତ୍ର ଏବଂ ସମ୍ମାନିତ ଅତିଥି ରୂପେ ପ୍ରାକ୍ତନ ପ୍ରାନ୍ତଃପାଳ ସୌମ୍ୟରଞ୍ଜନ ମିଶ୍ର ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ପ୍ରାନ୍ତଃପାଳ ଶିବବ୍ରତ ଦାଶ, ଆସନ୍ତା ୨୦୨୬-୨୭ ବର୍ଷର ନିର୍ବାଚିତ ପ୍ରାନ୍ତଃପାଳ ଅନିଲ କୁମାର ସାମଲ, ସହକାରୀ ପ୍ରାନ୍ତଃପାଳ ବାଣୀ ସେନଗୁପ୍ତ, ଭୁବନେଶ୍ୱରର ଅନ୍ୟ ରୋଟାରୀ କ୍ଲବ୍‌ର ସଭାପତି, ସେକ୍ରେଟାରୀ ଓ ସଦସ୍ୟ ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ । ପୂର୍ବତନ ସଭାପତି ଡ. କାଜଲ ରକ୍ଷିତଙ୍କ ଦ୍ୱାରା କ୍ଲବ୍‌ର କଲାର ବର୍ତ୍ତମାନର ସଭାପତି ରୋଟାରିଆନ୍ ସସ୍ମିତା ବେହେରାଙ୍କୁ ଚଳିତବର୍ଷର କାର୍ଯ୍ୟଭାର ପ୍ରଦାନ କରିଥିଲେ । ପୂର୍ବତନ ସେକ୍ରେଟାରୀ ରୋଟାରିଆନ୍ ନଳିନୀ ମହାନ୍ତି ଗତବର୍ଷର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ସେକ୍ରେଟାରୀ ରୋଟାରିଆନ୍ ବାସନ୍ତୀ ରଥ ଚଳିତବର୍ଷର କାର୍ଯ୍ୟ ଖସଡ଼ା ପ୍ରଦାନ କରିଥିଲେ । ଏହି ଅବସରରେ କ୍ଲବ୍‌ର ମୁଖପତ୍ର 'ସେନୋରା' ଉନ୍ମୋଚିତ ହୋଇଥିଲା । କୋଷାଧ୍ୟକ୍ଷା ରୋଟାରିଆନ୍ ଡ. ସସ୍ମିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ଭିଏତନାମ ବିଶ୍ୱବିଦ୍ୟାଳୟ ପ୍ରତିନିଧି ଦଳଙ୍କ ସୋଆ ବିଶ୍ୱବିଦ୍ୟାଳୟ ପରିଦର୍ଶନ




**ଭୁବନେଶ୍ୱର, ୩୧।୭/ଏନ୍‌ଏନ୍‌ଏସ୍:** ଭିଏତନାମର ହୋ ଚି ମିନ ସିଟିରେ ଅବସ୍ଥିତ ସାଇଗନ୍ ଇଣ୍ଟରନ୍ୟାସ୍‌ନାଲ ୟୁନିଭର୍ସିଟିର ଏକ ୮ ଜଣିଆ ପ୍ରତିନିଧି ଦଳ ବୁଧବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟକୁ ଏକ ୩ ଦିନିଆ ପରିଦର୍ଶନରେ ଆସି ପହଞ୍ଚିଛନ୍ତି । ଏହା ପ୍ରତିନିଧି ଦଳ ଶିକ୍ଷା ସମ୍ବନ୍ଧୀୟ ଆଲୋଚନା ବ୍ୟତୀତ ଓଡ଼ିଶାର ସଂସ୍କୃତି ବିଷୟରେ ମଧ୍ୟ ଜ୍ଞାନ ଆହରଣ କରିବେ । ବିଶ୍ୱବିଦ୍ୟାଳୟର ଡେପୁଟି ଡାଇରେକ୍ଟର୍ ଫୁକ ମିନ ହିପଙ୍କ ନେତୃତ୍ୱରେ ଆସିଥିବା ଏହି ଦଳ ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଅନ୍ୟାନ୍ୟ ବରିଷ୍ଠ ପ୍ରଫେସର, ଗବେଷକ ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ ଭିଏତନାମରୁ ଆସିଥିବା ବିଶ୍ୱବିଦ୍ୟାଳୟର ଫ୍ୟାକଲ୍ଟି ଓ ଛାତ୍ରଛାତ୍ରୀ ସୋଆର ମେଡିକାଲ୍, କମ୍ପ୍ୟୁଟର୍ ସାଇନ୍‌ସ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ହସ୍ପିଟାଲିଟି ମ୍ୟାନେଜ୍‌ମେଣ୍ଟ ବିଭାଗଗୁଡ଼ିକ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ପ୍ରତିନିଧି ଦଳରେ ପ୍ରଫେସର ଟ୍ରାନ୍ କଙ୍ଗ ହୁଙ୍ଗ, ଡ. ଡିନ୍ ଥି ଥୁ ହୁଓଙ୍ଗ, ଡ. ଡାଓ ଭାନ ତୁଏଟ୍, ଡ. ହୁନ୍ ଡି ଥୁ, ଶ୍ରୀମତି ଏମ୍. ଏ. ଟ୍ରୁଅଙ୍ଗ ଥି ହାଇ ଥୁଆନ୍, ଶ୍ରୀମତି ଭୁଙ୍ଗ ଟିଏ ହୋଆ ଓ ଶ୍ରୀ ଏନଗୁଏନ୍ ଟ୍ରୁଅଙ୍ଗ କଙ୍ଗ ନି ପ୍ରମୁଖ ସଦସ୍ୟ ଅଛନ୍ତି ।

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଲୋଚନାଚକ୍ର

**ଭୁବନେଶ୍ୱର,୩୦।୭/ଏନ୍‌ଏନ୍‌ଏସ୍:** ରାଜ୍ୟ ସଂଗ୍ରହାଳୟଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ, ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାଶ, କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ବିଜେପିର ଉପସଭାପତି ଗୋଲକ ମହାପାତ୍ର ଉପସ୍ଥିତ ଥିଲେ । ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ସଭା ପରିଚାଳନା କରିଥିଲାବେଳେ ଓଡ଼ିଶାର ବହୁ ଭାଷା ଗବେଷକ, ଭାଷାପ୍ରେମୀ, ବିଶିଷ୍ଟ ସାହିତ୍ୟିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତ ମତାମତ ଶୁଣିବା ପରେ ଏହାକୁ କିଭଳି କାର୍ଯ୍ୟକାରୀ କରାଯିବ, ସେ ସମ୍ବନ୍ଧରେ ନିଜର ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଭାଷାବିଜ୍ଞାନୀ ପ୍ରଫୁଲ୍ଲ ତ୍ରିପାଠୀ, ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ରର ନିର୍ଦ୍ଦେଶକ ବସନ୍ତ କୁମାର ପଣ୍ଡା, ଅଧ୍ୟାପକ ବିଶ୍ୱରଞ୍ଜନ, ଅଲେଖ ପଢ଼ିଆରୀ, ପଞ୍ଚାନନ ମହାନ୍ତି, କୀର୍ତ୍ତନ ନାରାୟଣ ପାଢ଼ୀ, ପବିତ୍ର ମହାରଥା, ଜାନକୀଶ ବଡ଼ପଣ୍ଡା, ଶ୍ରୀରାମ ଦାସ, ଆଦିତ୍ୟ ଗଡ଼ନାୟକ, ଚକ୍ରଧର ମହନ୍ତ, ପଞ୍ଚାନନ ନାୟକ, ହରିଶଙ୍କର ମିଶ୍ର,ସୁବ୍ରତ ପୃଷ୍ଟି, ନୃସିଂହ ଷଡ଼ଙ୍ଗୀ, ଅତୀଶ ମହାନ୍ତି, ସାଗର ଶତପଥୀ ଶ୍ରୁତକୀର୍ତ୍ତି ତ୍ରିପାଠୀ, ନବକିଶୋର ପ୍ରଧାନ, ନାରାୟଣ ସାହୁ, ଡ଼. ପ୍ରସନ୍ନ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ ।

### ହେଲ୍ଥମେଟ୍‌ର ବାର୍ଷିକ ଉତ୍ସବ

## 'ଓଡ଼ିଆ ଭାଷା ଓ ଗୌରବମୟ ସଂସ୍କୃତିର ପ୍ରସାରହେବା ଉଚିତ୍'



**ଭୁବନେଶ୍ୱର,୩୧।୭/ଏନ୍‌ଏନ୍‌ଏସ୍:** ହେଲ୍ଥମେଟ୍ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ହେଲ୍ଥମେଟ୍‌ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଆଲୋଚ୍ୟ ବିଷୟ ଆମ ଭାଷା ଓ ସଂସ୍କୃତି ଆମ ସ୍ୱାଭିମାନ ଉପରେ ଉଦ୍‌ଘାଟକ ବରିଷ୍ଠ ଲେଖକ ଦେବୀପ୍ରସନ୍ନ ପଟ୍ଟନାୟକ ଓଡ଼ିଆ ଅସ୍ମିତାକୁ ନେଇ ନୂତନ ଧାରାରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ସାହିତ୍ୟ ଏକାଡେମୀ ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ କହିଛନ୍ତି ଯେ ଓଡ଼ିଆ ଭାଷା ଓ ଆମ ଗୌରବମୟ ସଂସ୍କୃତି ପ୍ରତି ଆଦର ସମ୍ମାନ ବଢ଼ିଲେ ସାଧାରଣ ଜନତା ଓ ପ୍ରଶାସନ ମଧ୍ୟରେ ଥିବା ବିଭେଦ ଦୂର ହୋଇଯିବ । ଏହାର ସୁରକ୍ଷା ଓ ପ୍ରସାର ସବୁକ୍ଷେତ୍ରରେ ହେବା ଉଚିତ୍ ବୋଲି ସେ କହିଛନ୍ତି । ମୁଖ୍ୟବକ୍ତା ମନୋରଞ୍ଜନ ମହାପାତ୍ର କହିଛନ୍ତି ଆମ ଭାଷା ପାଇଁ ଦେଶ ବିଦେଶରେ ଓଡ଼ିଶାର କଳା ଓ ସଂସ୍କୃତି ଆମ ପରିଚୟକୁ ଆହୁରି ଉଜ୍ଜ୍ୱଳ କରୁଛି । ବିଶ୍ୱରେ ଶାନ୍ତି, ପ୍ରେମ, ଅହିଂସା ଓ ସଦ୍‌ଭାବନାକୁ ରକ୍ଷା କରିବାକୁ ହେଲେ ସ୍ୱାଭିମାନକୁ ରକ୍ଷା କରିବାକୁ ହେବ । ଅନୁଷ୍ଠାନର ସଭାପତି ସ୍ୱାଗତ ଭାଷଣଦେବା ସହ ସମ୍ପାଦିକା ନିବେଦିତା ଭଞ୍ଜ ବାର୍ଷିକ ବିବରଣୀ ପାଠ କରିଥିଲେ । ଚମକ ଚାନ୍ଦିନୀ ଦାଶ ମଞ୍ଚ ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଚେତନତାମୂଳକ ନାଟକ 'ଆଜିର ଭବିଷ୍ୟ ବିପଥଗାମୀ' ପରିବେଷଣ କରାଯାଇଥିଲା । ସ୍ମରଣୀକା 'ବନ୍ଧୁତା'ର ପଞ୍ଚମ ସଂସ୍କରଣ ଉନ୍ମୋଚନ କରାଯାଇ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିବା ପ୍ରତିଭାଙ୍କୁ ଆଦର୍ଶ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ଉପସଭାପତି ନିହାରିକା ପଟ୍ଟନାୟକ, ସହସମ୍ପାଦିକା ଲିନା ମିଶ୍ର, ସନ୍ଧ୍ୟା ପୃଷ୍ଟି, ଦିପ୍ତି ମିଶ୍ର, ଜୟଶ୍ରୀ ପଟ୍ଟନାୟକ, ରେଣୁବାଳା ଦଳାଇ, ବବିତା ମହାନ୍ତି, ଗୀତାଞ୍ଜଳି ସ୍ୱାଇଁ, ମୋନିକା ମହାପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ ।

# ବର୍ଷା ପ୍ରଭାବିତ ଚାଷୀଙ୍କୁ ମିଳିବ କ୍ଷତିପୂରଣ



**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:** ବର୍ଷା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିବ। ଆରଆଇଙ୍କ ରିପୋର୍ଟ ପରେ କ୍ଷତିପୂରଣ ମିଳିବ ବୋଲି ବୁଧବାର ଗୃହରେ କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସୂଚନା ଦେଇଛନ୍ତି।

## ରାଜ୍ୟରେ ହେବ ନୂଆ ୫୮ଟି ଶୀତଳ ଭଣ୍ଡାର

ପ୍ରକାଶ ଯେ ମାଲକାନଗିରିରେ ଲଗାଣ ବର୍ଷା ଯୋଗୁଁ ବ୍ୟାପକ ଫସଲ କ୍ଷୟକ୍ଷତି ହୋଇଛି। ପ୍ରଭାବିତ ଚାଷୀମାନଙ୍କୁ କେବେ କ୍ଷତିପୂରଣ ମିଳିବ ସେନେଇ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ବିଧାନସଭାରେ ପ୍ରଶ୍ନ କରିଥିଲେ। ଯାହାର ଉତ୍ତରରେ କୃଷିମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି ଯେ ବର୍ଷାରେ ପ୍ରଭାବିତ ଚାଷ ପାଇଁ କ୍ଷତିପୂରଣ ମିଳିବ। ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଆଧାରରେ କ୍ଷତିପୂରଣ ଦିଆଯିବ। ଏବେ ଆରଆଇ ରିପୋର୍ଟକୁ ଅପେକ୍ଷା କରାଯାଇଛି । ରିପୋର୍ଟ ମିଳିବା ପରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

ଅନ୍ୟପକ୍ଷରେ ଆଜି ପ୍ରଶ୍ନକାଳରେ ରାଜ୍ୟରେ ବନ୍ଦ ଥିବା ଚିନିକଲକୁ ନେଇ ଜଳେଶ୍ୱରର ବିଜେଡ଼ି ବିଧାୟକ ଅଶ୍ୱିନୀ ପାତ୍ର ପ୍ରଶ୍ନ କରିଥିଲେ। ଯାହାର ଉତ୍ତରରେ ମନ୍ତ୍ରୀ କେଭି ସିଂହଦେଓ କହିଥିଲେ ଯେ ୬ଟାରୁ ବର୍ତ୍ତମାନ ରାଜ୍ୟରେ ଦୁଇଟି ଚିନିକଲ କାର୍ଯ୍ୟକ୍ଷମ ରହିଛି। ଏହା ଢେଙ୍କାନାଳ ଓ ଆସ୍କାରେ ଅଛି । ବରଗଡ଼, ବଲାଙ୍ଗୀର, ବଡମ୍ବା ଓ ନୟାଗଡ଼ ଚିନିକଳ କୁପରିଚାଳନା ପାଇଁ ବନ୍ଦ ପଡିଛି । କାହିଁକି କୁପରିଚାଳନା ହେଲା ସେକଥା ଆପଣଙ୍କ ଦଳକୁ ପଚାରନ୍ତୁ ବୋଲି ବିଜେଡି ବିଧାୟକଙ୍କୁ କୃଷି ମନ୍ତ୍ରୀ କହିଥିଲେ। ଏଥିସହ ଶୀତଳ ଭଣ୍ଡାର ପ୍ରସଙ୍ଗରେ ସେ ତତ୍କାଳୀନ ବିଜେଡି ସରକାର ବିରୋଧରେ ସାଂଘାତିକ ଅଭିଯୋଗ ଆଣି କୃଷିମନ୍ତ୍ରୀ କହିଥିଲେ ଯେ ପୂର୍ବତନ ବିଜେଡି ସରକାର ଚିଟଫଣ୍ଡ କମ୍ପାନୀଙ୍କୁ ଶୀତଳ ଭଣ୍ଡାର ଦାୟିତ୍ୱ ଦେଇଥିଲା। ଯାହାଦ୍ୱାରା ଶୀଳତ ଭଣ୍ଡାର ବୁଡ଼ି ଯାଇଛି । ବର୍ତ୍ତମାନ ମୋହନ ସରକାର ୫୮ଟି ଶୀତଳ ଭଣ୍ଡାର କରିବେ ବୋଲି କେ.ଭି ସିଂହଦେଓ କହିଛନ୍ତି।

# ୫-ଟି ସ୍କୁଲରେ ଦୁର୍ନୀତି ହୋଇଥିଲେ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:** ବିଜେଡି ଶାସନ ସମୟରେ ୫-ଟି ଯୋଜନାରେ ଯଦି କୌଣସି ଦୁର୍ନୀତି ହୋଇଥାଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେ କହିଛନ୍ତି ଯେ, ୫-ଟି ଯୋଜନା ମାଧ୍ୟମରେ କରାଯାଇଥିବା କାର୍ଯ୍ୟ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଓଡ଼ିଶା ସରକାର। ୫-ଟି ନାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଭିତ୍ତିଭୂମି ବିକାଶ ପରିବର୍ତ୍ତେ ବିଦ୍ୟାଳୟଗୁଡ଼ିକର ସୌନ୍ଦର୍ଯ୍ୟକରଣ ପାଇଁ ଛୋଟ ଛୋଟ କାମ କରାଯାଇଥିଲା। କେନ୍ଦୁଝରରେ ୫-ଟି ସ୍କୁଲ ଟ୍ରାନ୍ସଫର୍ମେସନ୍ କାର୍ଯ୍ୟକ୍ରମରେ ଅନିୟମିତତା ମାମଲା ସାମ୍ନାକୁ ଆସିବା ସହ କେନ୍ଦ୍ରାପଡ଼ାରେ ୩୫୪ ୫-ଟି ବିଦ୍ୟାଳୟ ଟ୍ରାନ୍ସଫର୍ମେସନ୍ କାର୍ଯ୍ୟକ୍ରମରେ ୧୫୯ କୋଟି ଟଙ୍କା ଦୁର୍ନୀତି ଅଭିଯୋଗ ଆସିଛି। ତେବେ ଏନେଇ ସମସ୍ତ କାର୍ଯ୍ୟକଳାପର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

**ବିଧାନସଭା ଖବର**

# ୧୬ ଲକ୍ଷ ୨୭ ହଜାର ୯୩୨ ଭୂତ ରାସନକାର୍ଡ଼ଧାରୀ ଚିହ୍ନଟ

## ଧନୀ ଖାଇବେନି ମାଗଣା ଚାଉଳ



**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:** ରାଜ୍ୟରେ ଏବେ ସୁଦ୍ଧା ୧୬ ଲକ୍ଷ ୨୭ ହଜାର ୯୩୨ ଭୂତ ରାସନ କାର୍ଡଧାରୀଙ୍କୁ ଚିହ୍ନଟ କରାଯାଇଛି। ସରକାର ଏବେ ଆଧାରଭିତ୍ତିକ ଇ-କେୱାଇସି ଲାଗୁ କରିଛନ୍ତି। ଯାହାଫଳରେ ଅଯୋଗ୍ୟ ହିତାଧୀକାରୀଙ୍କ ନାଁ ଆପେ ଆପେ ବାଦ ପଡ଼ିଯିବ। ମୃତକଙ୍କ ନାଁ ମଧ୍ୟ ତାଲିକାରୁ ବାଦ ଦିଆଯାଉଛି। ଏବେ ଯେଉଁମାନେ ଆବେଦନ କରିଛନ୍ତି ତାହାର ଯାଞ୍ଚ କରାଯାଇ ରାସନ କାର୍ଡ ଦିଆଯିବାର ବ୍ୟବସ୍ଥା କରାଯାଉଛି ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବୁଧବାର ବିଧାନସଭାର ପ୍ରଶ୍ନକାଳରେ ମନ୍ତ୍ରୀ ଶ୍ରୀ ପାତ୍ର ଏହି ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ପୂର୍ବ ସରକାରଙ୍କୁ ଟାର୍ଗେଟ କରି ମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ସରକାର ଅମଳରେ ବହୁ ଧନୀ ଲୋକ ବିଜେଡି ନେତାମାନଙ୍କ ଜରିଆରେ ରାସନକାର୍ଡ ହାତେଇଛନ୍ତି। ଏବେ ଆମ ସରକାର ଧନୀ ଲୋକଙ୍କୁ ଚିହ୍ନଟ କରି ରାସନକାର୍ଡରୁ ବାଦ ଦେଉଛନ୍ତି। ଭୂତ ଓ ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟ ରାସନକାର୍ଡରୁ ବାଦ ଦିଆଯାଉଛି। ଏବେ କୌଣସି ଗରିବ ଲୋକଙ୍କର ରାସନ କାର୍ଡ କଟାଯାଉନାହିଁ। କିମ୍ବା ଗରିବଙ୍କ ରାସନ କାର୍ଡ କଟାଯିବାର ସମ୍ଭାବନା ବି ନାହିଁ। ଯେଉଁ ପରିବାରର ବାପପୁଅ ଅଲଗା ରହୁଥିବେ ଉଭୟଙ୍କୁ ରାସନକାର୍ଡ ଦେବାର ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

## ଉପାନ୍ତରେ ଘରେ ଘରେ ପହଞ୍ଚିବ ଚାଉଳ

କୋରାପୁଟ ଭଳି ଉପାନ୍ତ ଅଞ୍ଚଳରେ ଲୋକମାନଙ୍କୁ ଚାଉଳ ପାଇଁ ଦୀର୍ଘ କିଲୋମିଟର ଯିବାକୁ ପଡୁଛି । ସେମାନଙ୍କ ଯିବାଆସିବାରେ ବହୁ ଟଙ୍କା ଖର୍ଚ୍ଚ ହେଉଛି। ଅନେକ ଲୋକ ପଞ୍ଚାୟତ ଅଫିସ ଆସିପାରୁନାହାନ୍ତି। ତେଣୁ ଯେଉଁ ଉପାନ୍ତ ଅଞ୍ଚଳରେ ଲୋକେ ଦୂରକୁ ଯାଇ ଚାଉଳ ଆଣୁଛନ୍ତି କିମ୍ବା ପଞ୍ଚାୟତ ଅଫିସ ଆସିପାରୁନାହାନ୍ତି, ସେଠାରେ ହିତାଧିକାରୀମାନଙ୍କ ଘରକୁ ଯାଇ ଚାଉଳ ଦିଆଯିବ। ଏଥିପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଯେଉଁମାନେ ବୟସାଧିକ୍ୟ କାରଣରୁ ଟିପ ଚିହ୍ନ ଦେଇପାରୁନାହାନ୍ତି ସେମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ଆପ୍ ଆଣିବେ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ।

# ପଥର କାରିଗରଙ୍କୁ କଞ୍ଚାମାଲ ପ୍ରଦାନ ପାଇଁ ୨୮ ଖଣି ଚିହ୍ନଟ

**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:** ଓଡ଼ିଶା ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ୨୮ କାରିଗରୀ ପଥର ଥିବା ସ୍ଥାନ ଚିହ୍ନଟ କରାଯାଇ ଓଡ଼ିଶା ଖଣି ଓ ଭୂ-ତତ୍ତ୍ୱ ନିର୍ଦ୍ଦେଶାଳୟଙ୍କ ନିକଟକୁ ପଠାଯାଇଛି। ସମ୍ପୃକ୍ତ ବିଭାଗର ଅନୁରୋଧ ଅନୁସାରେ ୧୧ଟି ସ୍ଥାନର ଓର୍‌ସାକ ଜରିଆରେ ଜିଓ ରେଫେରେନ୍ସ କାଡାଷ୍ଟ୍ରାଲ ମ୍ୟାପ ପ୍ରସ୍ତୁତ ହୋଇଛି। ବୁଧବାର ବିଧାୟକ ଆକାଶ ଦାସ ନାୟକଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତ ପଥର ଶିଳ୍ପୀମାନଙ୍କୁ ସୁବିଧାରେ କଞ୍ଚାମାଲ ଯୋଗାଇବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା 'ଓଡ଼ିଶା ଆର୍ଟିସାନ ଗ୍ରେଡ୍ ଷ୍ଟୋନ ପଲିସୀ -୨୦୨୧' ପ୍ରଣୟନ କରାଯାଇଛି। ଏହି ପଲିସୀ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ଦ୍ୱାରା ପଥର ଖୋଦେଇ ହସ୍ତଶିଳ୍ପରେ କାର୍ଯ୍ୟରତ ଜିଲ୍ଲାୱାରୀ କାରିଗରଙ୍କ ସଂଖ୍ୟା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ନିକଟକୁ ପଠାଯାଇଛି। ଏହାଛଡ଼ା ମନ୍ତ୍ରୀ କହିଛନ୍ତି ଯେ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ଓ ଏହାର ଅଧୀନସ୍ଥ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ପଥର ଖୋଦେଇରେ କାର୍ଯ୍ୟରତ କାରିଗରମାନଙ୍କ ଠାରୁ ବ୍ୟବହୃତ ହେଉଥିବା ପଥରର ବାର୍ଷିକ ଆବଶ୍ୟକତାର ତଥ୍ୟ ସଂଗ୍ରହ କରାଯାଇ ଏହାର ଜିଲ୍ଲାୱାରୀ ତାଲିକା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଓଡ଼ିଶା ଖଣି ଓ ଭୂ-ତତ୍ତ୍ୱ ନିର୍ଦ୍ଦେଶାଳୟଙ୍କ ନିକଟକୁ ପଠାଯାଇଛି। ଓଡ଼ିଶା ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ୨୮ଟି କାରିଗରୀ ପଥର ଥିବା ସ୍ଥାନ ଚିହ୍ନଟ କରାଯାଇ ଓଡ଼ିଶା ଖଣି ଓ ଭୂ-ତତ୍ତ୍ୱ ନିର୍ଦ୍ଦେଶାଳୟଙ୍କ ନିକଟକୁ ପଠାଯାଇଛି। ଏତଦ ବ୍ୟତୀତ, ଓଡ଼ିଶା ଖଣି ଓ ଭୂ-ତତ୍ତ୍ୱ ନିର୍ଦ୍ଦେଶାଳୟଙ୍କ ଦ୍ୱାରା ଗଞ୍ଜାମର ମଥୁରାର ୪ଟି ଓ ମୟୂରଭଞ୍ଜର ଶିଆଳିଗୋଠଣି ଠାରେ ଥିବା ପଥର ଖଣିରୁ ପଥର ଉତ୍ତୋଳନ ପାଇଁ ଓଏମସିକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ମନ୍ତ୍ରୀ କହିଛନ୍ତି ଯେ, ଓଡିଶା ଖଣି ନିଗମ ଲି.ପଥର ଉତ୍ତୋଳନ କରିବା ପରେ ଉତ୍କଳିକାକୁ ଆବଶ୍ୟକୀୟ ପଥର ଯୋଗାଇଦେବ। କାରିଗରମାନେ ଉତ୍କଳିକାରେ ପଞ୍ଜୀକୃତ ହୋଇ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ପଥର ପାଇପାରିବେ। ଏହା ବ୍ୟତୀତ,ପ୍ରାରମ୍ଭିକ ପର୍ଯ୍ୟାୟରେ ଖୋର୍ଦ୍ଧାର ନରଣଗଡ଼ ଓ ଅବ୍ୟବହୃତ କଟକର ଗୋବିନ୍ଦପୁର ଖଣିରୁ ଅବଢା ଯୋଜନା ପାଇଁ ଉଦ୍ଦିଷ୍ଟ ଥିବା ବଳକା ବା ଅନ୍ୟପଥର ମଧ୍ୟରୁ ଉପଯୋଗୀ ପଥର ବଛାଯାଇ ଉତ୍କଳିକା ମାଧ୍ୟମରେ ଓଡିଶା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ କାରିଗରମାନଙ୍କୁ ପଥର ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସାମନ୍ତ ପ୍ରକାଶ କରିଛନ୍ତି।

# 'ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ'



**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:** ବିଧାନସଭାରେ ଉଠିଲା ଆଇପିଏସ ପଣ୍ଡିତ ରାଜେଶ ଉତ୍ତମ ରାଓଙ୍କୁ ନିଲମ୍ବନ ପ୍ରସଙ୍ଗ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ସରକାର ଆସିବାର ଦୁଇ ମାସ ହେଲା। କିନ୍ତୁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଗଲାଣି। ଆଜି ପର୍ଯ୍ୟନ୍ତ ଏ ମାମଲାରେ ଏତଲା ହୋଇନାହିଁ । ଘଟଣା ଲୋକଲୋଚନକୁ ଆସିବା ପରେ ଅଗ୍ନିଶମ ଓ ହୋମଗାର୍ଡ ଡିଆଇଜିଙ୍କୁ ସସପେଣ୍ଡ କରାଯାଇଛି। ଉଚ୍ଚ ପଦସ୍ଥ ଅଧିକାରୀ ଯଦି ଏମିତି କରିବେ, ରାତିରେ ମହିଳା ଆଇଆଇସିଙ୍କ ଘରକୁ ଯାଇ ଖରାପ ବ୍ୟବହାର କରିବେ, ତେବେ ଲୋକେ କେମିତି ନିଜକୁ ସୁରକ୍ଷିତ ଭାବିବେ। ସଂପୃକ୍ତ ଆଇପିଏସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ। ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାକୁ ମଧ୍ୟ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି।ପ୍ରକାଶ ଯେ ଗତ ମଙ୍ଗଳବାର ରାଜ୍ୟ ସରକାର ଅଗ୍ନିଶମ ଓ ହୋମଗାର୍ଡ ଡିଆଇଜି ପଣ୍ଡିତ ରାଜେଶ ଉତ୍ତମରାଓଙ୍କୁ ନିଲମ୍ବନ କରିଥିଲେ। କ୍ୟାପିଟାଲ ଥାନା ଅଧୀନରେ ଗତ ୨୭ ତାରିଖରେ ହୋଇଥିବା ଏକ ଘଟଣା ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଗୃହ ବିଭାଗର ନିର୍ଦ୍ଦେଶନାମାରେ କୁହାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଭିନ୍ନ ସାପ୍ତାହିକର ସମ୍ପାଦକ



**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:** ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଭିନ୍ନ ସାପ୍ତାହିକ, ପାକ୍ଷିକ ଓ ମାସିକ ସମ୍ବାଦପତ୍ରର ସମ୍ପାଦକମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଶୁଭେଚ୍ଛା ଜଣାଇବା ସହିତ ରାଜ୍ୟବାସୀଙ୍କ ପାଇଁ ଭଲ ବଜେଟ୍ ଉପସ୍ଥାପନ କରିଥିବାରୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରସଙ୍ଗ ଉପରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ବିଶେଷ କରି, ସାପ୍ତାହିକ, ପାକ୍ଷିକ ଓ ମାସିକ ସମ୍ବାଦପତ୍ର ଗୁଡିକୁ ବିଜ୍ଞାପନ ଓ ସ୍ୱାସ୍ଥ୍ୟ ବୀମା ସମ୍ପର୍କିତ ବିଷୟ ଉପରେ ଆଲୋଚନା କରିଥିଲେ। ପ୍ରକାଶ ଯେ ଯେଉଁ ସମ୍ବାଦପତ୍ରଗୁଡ଼ିକ କେନ୍ଦ୍ର ସରକାରଙ୍କ ସିବିସି (ପୂର୍ବରୁ ଡିଏଭିପି) ଦ୍ୱାରା ଅନୁମୋଦନ ହୋଇ ବିଜ୍ଞାପନର ମୂଲ୍ୟ ନିର୍ଦ୍ଧାରଣ ହୋଇଛି, ସେହି ସମ୍ବାଦପତ୍ର ଗୁଡ଼ିକୁ ତଦନୁଯାୟୀ ବିଜ୍ଞାପନ ମୂଲ୍ୟ ପ୍ରଦାନ କରିବା ଏବଂ ଯେଉଁ ସମ୍ବାଦପତ୍ରର ସମ୍ପାଦକମାନେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପରିଚୟ ପତ୍ର ପାଇଛନ୍ତି, ସେମାନଙ୍କୁ ଲୋକସେବା ଭବନ, ରାଜୀବ ଭବନ ଓ ଖାରବେଳ ଭବନ ପ୍ରବେଶ ପାଇଁ ପ୍ରବେଶ ପତ୍ରର ବ୍ୟବସ୍ଥା କରିବା କରିବା ପାଇଁ ଦାବି କରିଥିଲେ। ଏଥିସହ ଯେଉଁ ସମ୍ପାଦକ ଓ ପ୍ରତିନିଧିମାନେ ଏପର୍ଯ୍ୟନ୍ତ ସରକାରୀ ଅଧିସ୍ୱୀକୃତି ପାଇନାହାଁନ୍ତି, ସୂଚନା ଓ ଲୋକ ସମ୍ପର୍କ ବିଭାଗରେ ଦୀର୍ଘଦିନ ଧରି ପଡ଼ି ରହିଥିବା ସେମାନଙ୍କ ଆବେଦନ ପତ୍ରକୁ ତୁରନ୍ତ ବିଚାର କରିବା ଲାଗି ବିଭିନ୍ନ ସମ୍ବାଦପତ୍ରର ସମ୍ପାଦକମାନେ ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଦେବକାନ୍ତ ମହାପାତ୍ର, ଅଜୟ କୁମାର ଦାସ, ଅଶୋକ କୁମାର ସାହୁ ଓ ମାଧବାନନ୍ଦ ବେହୁରା ପ୍ରମୁଖ ସାମିଲ ଥିଲେ। ଏତଦ୍‌ବ୍ୟତୀତ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଏବଂ ନିର୍ଦ୍ଦେଶକ ବୈଷୟିକ ସୁରେନ୍ଦ୍ର କୁମାର ପରିଡ଼ାଙ୍କୁ ବିଭାଗୀୟ କାର୍ଯ୍ୟାଳୟଠାରେ ଭେଟି ପୃଥକ୍ ଭାବେ ଏହି ସମ୍ବାଦପତ୍ରର ସମ୍ପାଦକମାନେ ଦାବିପତ୍ର ଉପସ୍ଥାପନ କରିଥିଲେ।

# ନବୀନଙ୍କୁ ପ୍ରଶଂସା କଲେ ଅମିତ ଶାହ





**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀମନ୍ତ୍ରୀ ଅମିତ ଶାହ ପ୍ରଶଂସା କରିଛନ୍ତି। ବିପର୍ଯ୍ୟୟ ମୁକାବିଲାରେ ନବୀନଙ୍କ ନୀତିକୁ ରାଜ୍ୟସଭାରେ ପ୍ରଶଂସା କରିଛନ୍ତି ଅମିତ ଶାହ। କେରଳ ୱାଏନାଡ଼ ଭୂସ୍ଖଳନ ପ୍ରସଙ୍ଗରେ ବିବୃତ୍ତିରେ ସେ ନବୀନଙ୍କୁ ପ୍ରଶଂସା କରିଛନ୍ତି। କେରଳ ଭୂସ୍ଖଳନରେ ଶତାଧିକ ଲୋକଙ୍କ ଜୀବନହାନି ହେବା ପରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ଅମିତ ଶାହ। ସପ୍ତାହେ ଆଗରୁ ସତର୍କ ସୂଚନା ଦିଆଯିବା ସତ୍ତ୍ୱେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ପାହାଡ଼ ତଳିଆ ଅଞ୍ଚଳବାସୀଙ୍କୁ ସ୍ଥାନାନ୍ତରଣ କରିବା ଦିଗରେ କୌଣସି ପଦକ୍ଷେପ ନ ନେବାରୁ ଏତେ ଲୋକଙ୍କ ପ୍ରାଣହାନୀ ଘଟିଲା ବୋଲି ଶାହ ବୁଧବାର ରାଜ୍ୟ ସଭାରେ କହିବା ସହିତ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଛନ୍ତି। ଶାହ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ନବୀନଙ୍କ ଉଦାହରଣ ଦେଇଛନ୍ତି। ସେ କହିଛନ୍ତି, ଉପକୂଳ ରାଜ୍ୟ ଓଡ଼ିଶାରେ ଅନେକ ପ୍ରାକୃତିକ ବିପର୍ଯ୍ୟୟ ଆସୁଥିଲେ ହେଁ ସେଠାକାର ପୂର୍ବତନ ସରକାର ଜିରୋ କାଜୁଆଲଟି(ଶୂନ୍ୟ ମୃତ୍ୟୁ)କୁ ପ୍ରାଥମିକତା ଦେଇଆସନ୍ତି। ବଡ଼ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନବୀନଙ୍କ ତ୍ୱରିତ ପଦକ୍ଷେପ ଯୋଗୁ କୌଣସି ଜୀବନହାନି ଘଟେ ନାହିଁ। ସହଳ ସତର୍କତା ମିଳିବା କ୍ଷଣି ନବୀନ ଲୋକଙ୍କୁ ସର୍ବପ୍ରଥମେ ବିପଦପୂର୍ଣ୍ଣ ସ୍ଥାନରୁ ଉଦ୍ଧାର କରିବାକୁ ପଦକ୍ଷେପ ନିଅନ୍ତି। ସେଥିପାଇଁ ଅନ୍ୟ କୌଣସି ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ନବୀନଙ୍କ ସହାୟତା ଖୋଜାପଡ଼େ। କିନ୍ତୁ କେରଳ ସରକାର ସପ୍ତାହେ ଆଗରୁ ସମ୍ଭାବ୍ୟ ଭୂସ୍ଖଳନ ବିଷୟରେ ଜାଣି ବି ଚୁପ ରହିଥିଲେ ବୋଲି ଶାହ କହିଛନ୍ତି।

# କେରଳ ଭୂସ୍ଖଳନ: ଓଡ଼ିଆ ଡାକ୍ତର ବିଷ୍ଣୁପ୍ରସାଦଙ୍କ ମିଳିଲା ମୃତଦେହ

**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:** କେରଳ ଭୂ-ସ୍ଖଳନରେ ନିଖୋଜ ଥିବା ଓଡ଼ିଆ ଡାକ୍ତର ବିଷ୍ଣୁ ପ୍ରସାଦ ଚିନ୍ନାରାଙ୍କ ମୃତଦେହ ଆଜି ଉଦ୍ଧାର ହୋଇଛି । ସ୍ଥାନୀୟ ପୁଲିସ ତାଙ୍କ ମୃତଦେହ ଚିହ୍ନଟ କରିଛି। ସେହପରି ଡାକ୍ତର ସ୍ୱାଧୀନ ପଣ୍ଡା ଏବେ ବି ନିଖୋଜ ଥିବା ନେଇ ସୂଚନା ଦେଇଛନ୍ତି ଓଡିଶା ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ।

ସୂଚନା ଅନୁଯାୟୀ, କଟକ ଚୌଦ୍ୱାର ହାଉସିଂ ବୋର୍ଡର ଅମର ପ୍ରସାଦ ଚିନ୍ନାରାଙ୍କ ପୁଅ ଡାକ୍ତର ବିଷ୍ଣୁ ପ୍ରସାଦ ଚିନ୍ନାରା ଗତ ୨୬ ତାରିଖରେ ପତ୍ନୀ ପ୍ରିୟଦର୍ଶିନୀ ପାଲ ଯେ କି ଡ୍ରିମ୍ସ ନର୍ସିଂ କଲେଜର ଅଧ୍ୟାପିକା ଭାବେ କାର୍ଯ୍ୟରତ ଓ ଅନ୍ୟ ଦୁଇ ବନ୍ଧୁ ଡ. ସ୍ୱାଧୀନ ପଣ୍ଡା ଓ ସ୍ୱୀକୃତି ମହାପାତ୍ର ୱାୟନାଡ ଲିନରା ଭିଲାରେ ଥିବା ସମୟରେ ମଙ୍ଗଳବାର ଭୋର ଭୟଙ୍କର ଭୂସ୍ଖଳନ ହୋଇଥିଲା । ଏଥିରେ ବିଷ୍ଣୁ ପ୍ରସାଦ ପ୍ରଥମେ ନିଖୋଜ ହୋଇଯାଇଥିବା ବେଳେ ପ୍ରିୟଦର୍ଶିନୀ ଉଦ୍ଧାର ହୋଇଥିଲେ। ସେହପରି ଡ.ସ୍ୱାଧୀନ ପଣ୍ଡାଙ୍କ କୌଣସି ପତ୍ତା ମିଳୁ ନ ଥିବାବେଳେ ତାଙ୍କ ସ୍ତ୍ରୀ ସ୍ୱୀକୃତି ମହାପାତ୍ର ମେଡିକାଲରେ ଚିକିତ୍ସାଧୀନ ଥିଲେ। ତେବେ ପରେ ବିଷ୍ଣୁ ପ୍ରସାଦଙ୍କ ମୃତଦେହ ଉଦ୍ଧାର କରାଯାଇଛି।

## ଏବେ ବି ନିଖୋଜ ସ୍ୱାଧୀନ

## କେରଳ ଗସ୍ତରେ ଓଡ଼ିଶା ଟିମ୍

ସେପଟେ ଓଡ଼ିଶା ଅଧିକାରୀଙ୍କ ଏକ ଟିମ୍ କେରଳ ଯାଇଛନ୍ତି। ଓଡିଶା ପରିବାର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟଙ୍କ ନେତୃତ୍ୱରେ ଏହି ଟିମ କେରଳ ଯାଇଥିବା ନେଇ ରାଜସ୍ୱ ଓ ବିପର୍ଯ୍ୟାୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, 'ଓଡିଶା ପରିବାର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟଙ୍କ ସହ ଅନ୍ୟ ଜଣେ ଡାକ୍ତର କେରଳ ଗସ୍ତ କରିଛନ୍ତି । ସେମାନେ ମୃତଦେହକୁ ଫେରାଇ ଆଣିବା ସହ ଚିକିତ୍ସାଧୀନ ଥିବା ୨ ମହିଳାଙ୍କ ଚିକିତ୍ସା ବାବଦରେ ଅପଡେଟ ଦେବେ। ଏହାସହ ନିଖୋଜ ଥିବା ଡାକ୍ତର ସ୍ୱାଧୀନ ପଣ୍ଡାଙ୍କ ବିଷୟରେ ମଧ୍ୟ ଅପ୍‌ଡେଟ ଦେବେ। ଓଡ଼ିଶା ସରକାର କେରଳ ସରକାରଙ୍କ ସହ ନିରନ୍ତନ ଯୋଗାଯୋଗରେ ଅଛନ୍ତି।

# ପାରାଦୀପ-ହରିଦାସପୁର ମଧ୍ୟରେ ହେଉ ଦ୍ୱିତୀୟ ଲାଇନ୍



## ଲୋକସଭାରେ ଭର୍ତ୍ତୃହରିଙ୍କ ଦାବି

**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:** ପାରାଦୀପକୁ ମାଲ୍ ପରିବହନ ଗତିଶୀଳ କରିବା ନିମନ୍ତେ ନୂତନ ଭାବେ ନିର୍ମିତ ପାରାଦୀପ-ହରିଦାସପୁର ରେଳ ଲାଇନ୍‌କୁ ସର୍ବାଧିକ ବ୍ୟବହାର ଯୋଗ୍ୟ କରାଯାଉ। ଏଥିସହ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଦ୍ୱିତୀୟ ଲାଇନ୍‌ର ନିର୍ମାଣ କରାଯାଉ ବୋଲି ଲୋକସଭାରେ ଦାବି କରିଛନ୍ତି ସାଂସଦ ଭର୍ତ୍ତୃହର ମହତାବ। ଓଡ଼ିଶାରେ ରେଳଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି କଟକ ସାଂସଦ ଶ୍ରୀ ମହତାବ ଲୋକସଭାରେ କେତେକ ଦାବି ଉପସ୍ଥାପନ କରିବା ସହ ଯାତ୍ରୀ ଉପଯୋଗୀ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଯେ, କୋଡ଼ିଏ ବର୍ଷ ପୂର୍ବେ ତାଳଚେର ଓ ପାରାଦୀପ ମଧ୍ୟରେ କଟକ ଦେଇ ଦ୍ୱିତୀୟ ଲାଇନ୍ ନିର୍ମାଣ କରାଯାଇଥିଲା। ତେବେ ଏହି ସମୟ ମଧ୍ୟରେ ଉଭୟ ଲାଇନ୍ ମାଲବାହୀ ଟ୍ରେନ୍ ଚଳାଚଳ ଯୋଗୁ ବ୍ୟସ୍ତବହୁଳ ହୋଇପଡ଼ିଛି। ଦ୍ରୁତଗାମୀ ଦୁରନ୍ତ ଓ ହୀରାକୁଦ ଏକ୍ସପ୍ରେସ୍ କଟକ ରେଳଷ୍ଟେସନ୍‌ରେ ରହଣି କରୁନାହିଁ। ଶ୍ରୀ ମହତାବ କଟକ ରେଳଷ୍ଟେସନ୍ ଦେଇ ବାରଙ୍ଗଠାରୁ କପିଳାସ ରୋଡ୍ ପର୍ଯ୍ୟନ୍ତ ତୃତୀୟ ଲାଇନ୍ ନିର୍ମାଣର ଆବଶ୍ୟକତା ରହିଥିବା ଦର୍ଶାଇଛନ୍ତି। ପଶ୍ଚିମ ଓଡ଼ିଶାରୁ ବିଶେଷକରି କଟକ ବଡ଼ଡାକ୍ତରଖାନା ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆସୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଅତିକମ୍‌ରେ ଦୁଇଟି ସୁପରଫାଷ୍ଟ ଟ୍ରେନ୍ ଓ ଗୋଟିଏ ସକାଳୁଆ ଟ୍ରେନ୍ ରାଉରକେଲା ଏବଂ ଅନ୍ୟ ଏକ ଟ୍ରେନ୍ କଟକରୁ ବଲାଙ୍ଗିର ଭାୟା ସମ୍ବଲପୁର ଚଳାଚଳ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଭୁବନେଶ୍ୱରରୁ ବାରଙ୍ଗ ପର୍ଯ୍ୟନ୍ତ ଏବେ ତୃତୀୟ ଲାଇନ୍ ଥିବାରୁ ଏହାକୁ କଟକ ଦେଇ କପିଳାସ ରୋଡ୍ ପର୍ଯ୍ୟନ୍ତ ବିସ୍ତାର କରାଯାଇପାରିବ ବୋଲି ସେ କହିଛନ୍ତି।

**ସହରାଞ୍ଚଳରେ ଜଳବନ୍ଦୀ ସମସ୍ୟା ସମୀକ୍ଷା**

# ତୁରନ୍ତ ସମାଧାନ ପାଇଁ ପ୍ରମୁଖ ଶାସନ ସଚିବଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର,୩୧ ।୭/ଏନ୍ଏନ୍ଏସ୍:** ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱରେ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି)ରେ ଜଳବନ୍ଦୀ ସମସ୍ୟାର ବ୍ୟାପକ ସମୀକ୍ଷା ଆରମ୍ଭ କରାଯାଇଛି। ବୈଠକରେ ଶ୍ରୀମତୀ ପାଢ଼ୀ ବିଶେଷ କରି ମୌସୁମୀ ଋତୁରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଏବଂ ସକ୍ରିୟ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀମତୀ ଉଷା ପାଢ଼ୀ ପ୍ରଭାବଶାଳୀ ଜଳ ପରିଚାଳନା ବ୍ୟବସ୍ଥାର ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ଜଳବନ୍ଦୀ ସମସ୍ୟାର ମୁକାବିଲାରେ ଗୋଷ୍ଠୀ ଭାଗିଦାରୀର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଆମର ପ୍ରାଥମିକତା ହେଉଛି ଜଳବନ୍ଦୀ ସମସ୍ୟାର ତୁରନ୍ତ ଏବଂ ଦକ୍ଷ ପ୍ରତିକ୍ରିୟା ପ୍ରଦାନ କରି ଆମର ବାସିନ୍ଦାଙ୍କ ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବା। ଏସବୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଟିମ୍ ଅର୍ବାନର ସାମୂହିକ ଉଦ୍ୟମର ଉପଯୋଗ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି।

## ଗୋଷ୍ଠୀ ଭାଗିଦାରୀର ଭୂମିକା ଉପରେ ଗୁରୁତ୍ୱାରୋପ

ବିଭାଗ ପକ୍ଷରୁ ଜାରି କରାଯାଇଥିବା ପୂର୍ବ ଏସଓପି ଅନୁଯାୟୀ ନିଆଯାଇଥିବା ପଦକ୍ଷେପର ସମୀକ୍ଷା କରିବା ସହ ଜଳବନ୍ଦୀ ଘଟଣାର ତୁରନ୍ତ ତଦାରଖ ଓ ସମାଧାନ ପାଇଁ ପ୍ରତ୍ୟେକ ୟୁଏଲବିରେ ଉତ୍ସର୍ଗୀକୃତ ରାପିଡ୍ ରେସପନ୍ସ ଟିମ୍ ଗଠନ କରିବାକୁ ଶ୍ରୀମତୀ ପାଢ଼ୀ କହିଛନ୍ତି। ଜଳ ବନ୍ଦୀକୁ ହଟାଇବା ଏବଂ ସୁରୁଖୁରୁରେ ଜଳ ପ୍ରବାହ ସୁନିଶ୍ଚିତ କରିବା ପାଇଁ ବିଦ୍ୟମାନ ଡ୍ରେନେଜ୍ ବ୍ୟବସ୍ଥାର ଉନ୍ନତିକରଣ ଏବଂ ରକ୍ଷଣାବେକ୍ଷଣ, ଏକ ଉତ୍ସର୍ଗୀକୃତ ହେଲ୍ପଲାଇନ୍ ଏବଂ ମୋବାଇଲ୍ ଆପ୍ ମାଧ୍ୟମରେ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ କରିବା ଏବଂ ଜଳବନ୍ଦୀ ସମସ୍ୟା ରିପୋର୍ଟ କରିବାରେ ସ୍ଥାନୀୟ ସମୁଦାୟମାନଙ୍କୁ ସାମିଲ କରିବା ପାଇଁ ସେ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗର ସ୍ୱତନ୍ତ୍ର ସଚିବ ରାଜେଶ ପ୍ରଭାକର ପାଟିଲ, ପୌର ପ୍ରଶାସନ ନିର୍ଦ୍ଦେଶକ ଦେବାଶିଷ ସିଂହ, ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ ଓ ବିନୟ ଦାସ ଉପସ୍ଥିତ ଥିବା ବେଳେ ସମସ୍ତ ପୌରାଞ୍ଚଳର କମିଶନର ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଭିସି ଜରିଆରେ ଯୋଗ ଦେଇଥିଲେ।

# 'ମମତାଙ୍କ ଇସ୍ତଫା ପଛରେ ଜାତୀୟ ଦଳର ଚକ୍ରାନ୍ତ'



**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:** ବିଜେଡି ରାଜ୍ୟସଭା ସାଂସଦ ମମତା ମହାନ୍ତ ଇସ୍ତଫା ଦେଇଛନ୍ତି। କାର୍ଯ୍ୟକାଳ ଶେଷ ପୂର୍ବରୁ ସେ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ମଧ୍ୟ ପଠାଇଛନ୍ତି। ସେପଟେ ମମତାଙ୍କ ଇସ୍ତଫା ପରେ ପରୋକ୍ଷରେ ବିଜେପି ଉପରେ ବର୍ଷିଛି ବିଜେଡି। ଏକ ଜାତୀୟ ଦଳ ଚକ୍ରାନ୍ତରେ ମମତା ଇସ୍ତଫା ଦେଇଥିବା ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି। ସେ କହିଛନ୍ତି ଯେ ମୟୂରଭଞ୍ଜବାସୀଙ୍କୁ ଓ ମହାନ୍ତ ସମ୍ପ୍ରଦାୟଙ୍କୁ ମମତା ଧୋକା ଦେଇଛନ୍ତି। ବିଜେଡିକୁ ଭାଙ୍ଗିବାକୁ ଉଦ୍ୟମ ହେଉଛି। ତେବେ ଏହା ସଫଳ ହେବ ନାହିଁ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି। ପ୍ରକାଶ ଯେ ଏପ୍ରିଲ ୨୦୨୦ରେ ରାଜ୍ୟସଭା ଯାଇଥିଲେ ମମତା । କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଆଜି ମମତା ଇସ୍ତଫା ଦେଇଛନ୍ତି। ଆଉ ରାଜ୍ୟସଭା ଏବଂ ବିଜେଡିର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେବାପରେ ମମତା ମହାନ୍ତଙ୍କୁ ନେଇ ଜୋର ଧରିଲା ରାଜନୀତି ।

## କାଠ ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର ଓ ହେଲ୍‌ପର୍ ଗିରଫ



**ବୁଗୁଡା,୩୧୭/ଏନ୍ଏନ୍ଏସ୍:** ସଂପ୍ରତି ବୁଗୁଡ଼ା ବନାଞ୍ଚଳରେ କାଠ ମାଫିଆଙ୍କ ସକ୍ରିୟତା ଏବଂ ବନ ବିଭାଗର ନିଷ୍କ୍ରିୟତାକୁ ନେଇ ସାଧାରଣରେ ସମାଲୋଚନା ହୋଇଆସୁଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ବନ ବିଭାଗ ପକ୍ଷରୁ କାଠ ବୋଝେଇ ଏକ ଟ୍ରକକୁ ଜବତ କରାଯାଇଛି । ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏନେଇ ସ୍ଥାନୀୟ ବନ ବିଭାଗ ଓଆର୍ କେସ୍ ନଂ ୯୦/୨୪-୨୫ରେ ମାମଲା ରୁଜୁ ହୋଇଥିବା ବେଳେ ଗିରଫ ଅଭିଯୁକ୍ତ ଦ୍ୱୟ ଆନ୍ଧ୍ରପ୍ରଦେଶ ଇଚ୍ଛାପୁର ଗ୍ରାମର ଜିତେନ୍ଦ୍ର ମହାନ୍ତି ଓ ସନ୍ତୋଷ ଗୌଡ ବୋଲି ଜଣାଯାଇଛି । ପ୍ରକାଶ ଯେ, ସ୍ଥାନୀୟ କାଠ ମାଫିଆଙ୍କ ସହାୟତାରେ ବୁଗୁଡା ବନାଞ୍ଚଳରୁ ବ୍ୟାପକ କାଠ ଚୋରା ଚାଲାଣ ହୋଇଆସୁଥିଲା ବେଳେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ ପକ୍ଷରୁ ମୋଟାବାଡି ଗାଁ ଛକରେ କାଠ ବୋଝେଇ ଦଶ ଚକିଆ ଟ୍ରକ(ନଂ-ଏପି ୧୬ ଟି - ୬୭୯୧)କୁ ଜବତ କରିବା ସହ ଡ୍ରାଇଭର ଓ ହେଲପରକୁ ଗିରଫ କରାଯାଇଥିଲା । ଜବତ ଟ୍ରକରେ ୨ ଲକ୍ଷ ଟଙ୍କାର ସାହାଜ, ନିମ୍ବ, ମୋହି, ଆକାଶିଆ ଓ ୟୁକାଲିପଟାସ୍ ଆଦି କାଠ ବୋଝେଇ ହୋଇଥିଲା । ଗିରଫ କାଠ ଚୋର ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି । ସେମାନେ ଏହି ଅଞ୍ଚଳର କେଉଁ ମାଫିଆଙ୍କ ସହଯୋଗରେ ଏଭଳି କାଠ ଚୋରା ଚାଲାଣ କରୁଥିଲେ ତାହାର ପର୍ଦ୍ଦାଫାସ ହୋଇପାରି ନଥିବାରୁ ସ୍ଥାନୀୟ ବନ ବିଭାଗର କର୍ତ୍ତବ୍ୟନିଷ୍ଠା ପ୍ରତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ଜଣାଯାଇଛି ।

## ବନଜ୍ୟୋସ୍ନା ସାହିତ୍ୟ ସଂସଦର ସାହିତ୍ୟ ଆସର



**ଫୁଲବାଣୀ, ୩୧୭/ଏନ୍ଏନ୍ଏସ୍:** ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ନେଇ ପରିବର୍ଦ୍ଧିତ ଓଡିଆ ଅସ୍ମିତାକୁ ନେଇ କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ସଂସଦ ବନଜ୍ୟୋସ୍ନା ତରଫରୁ ମାସାନ୍ତ ସାହିତ୍ୟ ଆସର ଫୁଲବାଣୀ ସଦର ବ୍ଲକସ୍ଥିତ ରୁଜାଙ୍ଗୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରୀୟଦର୍ଶନୀ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସାହିତ୍ୟ ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା, ଉପସଭାପତି ଶରତଚନ୍ଦ୍ର ମହାନ୍ତି, ବରିଷ୍ଠ ସଦସ୍ୟା କଳ୍ପନା ରାଣୀ ପାତ୍ର, ପ୍ରଣତି ତ୍ରିପାଠୀ ବିଦ୍ୟାଳୟ ସ୍ତରରୁ ଓଡିଆ ଭାଷାର ଉପାଦେୟତା ସମ୍ପର୍କିତ ଆଲୋଚନା କରିଥିଲେ । ସଙ୍ଗଠନ ସମ୍ପାଦକ ସୋମନାଥ ସାହୁ ଓ ସାଂସ୍କୃତିକ ସମ୍ପାଦିକା ମୁସ୍କାନ ସୁଆର , ମୁଖ୍ୟ ସମ୍ପାଦକ କାହ୍ନୁ ଚରଣ ଶତପଥୀ ଓଡିଆ ଅସ୍ମିତା ଏବଂ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତିର ଉପାଦେୟତା ବିଷୟରେ ଆଲୋକପାତ କରି ସଭା କାର୍ଯ୍ୟ ସଂଯୋଜନା କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ କୁଇଜ୍ ଏବଂ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ରୁଜାଙ୍ଗୀ ଉଚ୍ଚ ବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ପ୍ରମାଣ ପତ୍ର ଓ ଗ୍ରନ୍ଥାଗାର ପାଇଁ ବହୁ ଉପାଦେୟ ପୁସ୍ତକ ବନଜ୍ୟୋସ୍ନା ସାହିତ୍ୟ ସଂସଦ ତରଫରୁ ପ୍ରଦାନ କରାଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ସରସ୍ୱତୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଙ୍ଗୀତ ଶିକ୍ଷକ ମନୋଜ ନାୟକ ଓ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ସାହିତ୍ୟ ଆଲୋଚନା ଚକ୍ରରେ ଶିକ୍ଷୟିତ୍ରୀ ଏ.ଲୀଜା ରାଣୀ ପାତ୍ର, ସୁଜାତା କହଁର ଅଂଶଗ୍ରହଣ କରିଥିଲେ ।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ଫିରିଙ୍ଗିଆ, ୩୧୭/ଏନ୍ଏନ୍ଏସ୍:** ଫିରିଙ୍ଗିଆ ଅଞ୍ଚଳରେ ଦିନକୁ ଦିନ ଦୁର୍ଘଟଣା ବଢ଼ିବାରେ ଲାଗିଛି । ଆଜି ପୁଣି ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇ ଫିରିଙ୍ଗିଆ ମେଡିକାଲ ଓ ପରେ ଫୁଲବାଣୀ ମେଡିକାଲକୁ ସ୍ଥାନାନ୍ତର ହୋଇଥିବା ଜଣା ପଡିଛି । ସୂଚନା ଅନୁସାରେ ଆଜି ରାତି ୮ ଟାରେ ଡଙ୍ଗରିକିଆ ଗାଁର ଦେବାଶିଷ କହଁର ବୟସ (୨୬) କୌଣସି ଏକ କାମରେ ଦିନ ବେଳା ଫୁଲବାଣୀ ନିଜ ବାଇକରେ ଯାଇ ଫେରୁଥିଲେ । ରାତି ପ୍ରାୟ ଆଠଟା ସମୟରେ ଫୁଲବାଣୀରୁ ଫେରିବା ସମୟରେ ସାରୁକୋଇ ଘାଟିରେ ବାଇକ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣାର କାରଣ ଜଣା ପଡ଼ିନଥିବା ବେଳେ ଦୁର୍ଘଟଣା ଘଟିଥିବା ଖବର ଫିରିଙ୍ଗିଆ ଟିମ ହ୍ୟୁମାନିଟି ସଦସ୍ୟ ସଞ୍ଜୟ କୁମାର ଦିଗାଲକୁ କେହି ଜଣେ ରାସ୍ତାରେ ଯାଉଥିବା ବ୍ୟକ୍ତି ଖବର ଦେଇଥିଲେ । ତେବେ ତୁରନ୍ତ ଘଟଣା ସ୍ଥଳରେ ସ୍ୱେଚ୍ଛାସେବୀ ସଂଗଠନ ଟିମ ହ୍ୟୁମାନିଟି ସଦସ୍ୟ ସଞ୍ଜୟ ପହଞ୍ଚି ଗୁରୁତର ଆହତ ହୋଇଥିବା ଦେବାଶିଷଙ୍କୁ ଏକ ଅଟୋ ସାହାଯ୍ୟରେ ଫିରିଙ୍ଗିଆ ମେଡିକାଲରେ ଭର୍ତ୍ତି କରିଥିଲେ ତେବେ ଦେବାଶିଷର ଦୁର୍ଘଟଣାରେ ଗୋଡ଼ ଭାଙ୍ଗି ଯାଇଥିବା ଜଣା ପଡ଼ିଥିବା ବେଳେ ଫିରିଙ୍ଗିଆ ମେଡିକାଲ ରୁ ଗୁରୁତର ଅବସ୍ଥାରେ ଫୁଲବାଣୀ ମେଡିକାଲକୁ ସ୍ଥାନାନ୍ତର କରିଥିବା ଜଣା ପଡିଛି । ଅନୁରୂପ ଭାବରେ ଆଜି ଫିରିଙ୍ଗିଆ ବଜାର ବାଣିଜ୍ୟ ଭଣ୍ଡାର ଛକରେ ଜଣେ ଅସହାୟ ବୃଦ୍ଧ ରାସ୍ତା କଡରେ ପଡ଼ି ରହିଥିବା ବେଳେ ଲୋକେ ତାକୁ ଦେଖି ମଧ କୌଣସି ସହଯୋଗ କରୁନଥିବା ଏବଂ ସଞ୍ଜୟକୁ ଘଟଣା ବିଷୟରେ ଖବର ମିଳିବା ପରେ ଫିରିଙ୍ଗିଆ ମେଡିକାଲରେ ଦମକଳ ଗାଡି ସହାୟତାରେ ଭର୍ତ୍ତି କରିଥିବା ସୂଚନା ମିଳିଛି । ଫିରିଙ୍ଗିଆ ଅଞ୍ଚଳରେ ବିଭିନ୍ନ ସମୟରେ ସଞ୍ଜୟଙ୍କ ଏପରି ସହଯୋଗକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି ।

# ବିଦ୍ୟାଳୟରେ ତାଲା ପକାଇ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ

**ପୋଲସରା,୩୧୭/ଏନ୍ଏନ୍ଏସ୍:** ପୋଲସରା ଏନ୍ଏସିସ୍ଥିତ ସିଦ୍ଧିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସି ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ବିକ୍ଷୋଭ ପ୍ରଦର୍ଶନ

### ବିଇଓଙ୍କ ହସ୍ତକ୍ଷେପ ପରେ ଫିଟିଲା ତାଲା

କରିଥିଲେ । ଛାତ୍ରଛାତ୍ରୀଙ୍କ କହିବା ଅନୁଯାୟୀ ବିଦ୍ୟାଳୟର ମୁଖ୍ୟ ପ୍ରଧାନ ଶିକ୍ଷକ ନିୟମିତ ଭାବେ ବିଦ୍ୟାଳୟକୁ ଆସୁନଥିବାରୁ ସଠିକ୍ ଭାବେ ପାଠ ପଢା ହେଉନାହିଁ । ଏପରିକି ନୂତନ ପୋଷାକ ସହ ପାଠ୍ୟକ୍ରମରେ ସାମିଲ ହେଉଥିବା ପାଠ୍ୟ ପୁସ୍ତକ ମଧ କିଛି ଛାତ୍ରଛାତ୍ରୀଙ୍କୁ ମିଳିନଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି । ସରକାରଙ୍କ ପକ୍ଷରୁ




ଛାତ୍ରଛାତ୍ରୀ ନିମନ୍ତେ ଦିଆଯାଉଥିବା ମଧାହ୍ନ ଭୋଜନ ଅତି ନିମ୍ନମାନର ହୋଇଥିବା ମଧ ଅଭିଯୋଗ ହୋଇଛି । ସେହିପରି ବିଦ୍ୟାଳୟ ଛୁଟିଦିନ ମାନଙ୍କର ମଧାହ୍ନ ଭୋଜନର ସଂପର୍କିତ ଟଙ୍କା ମଧ ଆଜି ପର୍ଯ୍ୟନ୍ତ ମିଳି ନଥିବା ଅଭିଯୋଗ କରି ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଖବର ପାଇ ପୋଲସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପିଣ୍ଟୁ ପ୍ରଧାନ ପହଞ୍ଚି ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ବୁଝାସୁଝା କରିଥିଲେ । ସରକାରଙ୍କ ଗାଇଡ୍ ଲାଇନ୍ ଅନୁସାରେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ଶିକ୍ଷା ବ୍ୟବସ୍ଥା କରାଯିବା ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ ।

ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉତ୍କଳ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ ବିଦ୍ୟାଳୟର ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଉଛନ୍ତି । କେବଳ ଛୁଟି ଦିନର ମଧାହ୍ନ ଭୋଜନ ବ୍ୟତୀତ ୧୨ ଦିନର ଜଣଙ୍କୁ ୭୦ ଟଙ୍କା ହିସାବରେ ଟଙ୍କା ଆସିଛି । ଛାତ୍ରଛାତ୍ରୀ ଛୋଟ ହୋଇଥିବାରୁ ସେମାନଙ୍କ ଅଭିଭାବକଙ୍କ ଉପସ୍ଥିତରେ ଏହି ଟଙ୍କା ଆସନ୍ତାକାଲି ପ୍ରଦାନ କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ ।

## ସାଂସଦଙ୍କ ସହଯୋଗରେ କେରଳରୁ ଆସିଲା ଦାଦନଙ୍କ ମୃତଦେହ

**କନ୍ଧମାଳ,୩୧୭/ଏନ୍ଏନ୍ଏସ୍:** କନ୍ଧମାଳରୁ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଇ ଶବ ହୋଇ ଫେରିବା କନ୍ଧମାଳ ପାଇଁ ଏକ ନିତି ଦିନିଆ ଘଟଣାରେ ପରିଣତ ହୋଇଛି । ଶିଳ୍ପ ବିହୀନ କନ୍ଧମାଳ ଜିଲ୍ଲାରେ ରୋଜଗାର ଅଭାବରୁ ଲୋକେ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି । ସେଠାରେ ସହିବାକୁ ପଡୁଛି ଅନେକ ନିର୍ଯାତନା । ଏପରିକି ଅନେକ ଦାଦନ ବିଭିନ୍ନ ପରିସ୍ଥିତିରେ ମୃତ୍ୟୁ ମୁଖରେ ପଡୁଛନ୍ତି । ଏପଟେ ପରିବାରର ଆର୍ଥିକ ସ୍ଥିତି ଏଭଳି ଯେ ସେମାନେ ମୃତକଙ୍କ ଶବ ଫେରାଇ ଆଣିବା ପାଇଁ ମଧ ସକ୍ଷମ ହେଉ ନାହାନ୍ତି । ସ୍ୱଜନଙ୍କ ମୃତଦେହ ନିଜ ଗ୍ରାମକୁ ଫେରାଇ ଆଣିବା ପାଇଁ ପ୍ରଶାସନ ଓ ଜନ ପ୍ରତିନିଧିଙ୍କ ଦ୍ୱାରସ୍ଥ ହେଉଛନ୍ତି । ସୂଚନାଯୋଗ୍ୟ, ତୁମୁଡିବନ୍ଧ ବ୍ଲକ



କୁର୍ତ୍ତମଗଡ ଅଞ୍ଚଳର ବିଜନ ମଲ୍ଲିକ(୪୨) ପ୍ରାୟ ୨୦ ଦିନ ତଳେ ରୋଜଗାର ଆଶାରେ କେରଳ ଯାଇ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ । ତେବେ ଅସୁସ୍ଥତା କାରଣରୁ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କର ମୃତଦେହ ଗାଁ କୁ ଆଣିବା ପାଇଁ ସକ୍ଷମ ନ ଥିଲେ ପରିବାର । ତେଣୁ ଜିଲ୍ଲା ପ୍ରଶାସନ ସମେତ କନ୍ଧମାଳ ସାଂସଦ ଓ ବିଧାୟକଙ୍କୁ ଗୁହାରୀ ଜଣାଇଥିଲେ ଘରଲୋକେ । ଶେଷରେ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ହସ୍ତକ୍ଷେପ ପରେ ବିଜନଙ୍କ ମୃତଦେହ ଗାଁକୁ ଫେରିଥିବା ଜଣାପଡିଛି । ସାଂସଦ ଶ୍ରୀ ପାଣିଗ୍ରାହୀଙ୍କ ସହଯୋଗରେ କେରଳରୁ ବିମାନ ଯୋଗେ ମୃତଦେହ ଭୁବନେଶ୍ୱର ଆସିବା ପରେ ସେଠାରୁ ଏକ ସ୍ୱତନ୍ତ୍ର ଗାଡ଼ିରେ କୁର୍ତ୍ତମଗଡ ଅଣାଯାଇଛି । ବୁଧବାର ରାତି ମୃତଦେହ ବିଜନଙ୍କ ଗ୍ରାମରେ ପହଞ୍ଚିଛି । ସାଂସଦଙ୍କ ଏହି ସହଯୋଗ ପାଇଁ ପରିବାର ସମେତ ଗ୍ରାମବାସୀ କୃତଜ୍ଞତା ଜଣାଇଛନ୍ତି ।

## ଧନେଇ ଜଳଭଣ୍ଡାରରୁ କେନାଲରେ ଜଳଯୋଗାଣ ଆରମ୍ଭ

**ପୋଲସରା,୩୧୭/ଏନ୍ଏନ୍ଏସ୍:** ପୋଲସରା ବ୍ଲକ ଅନ୍ତର୍ଗତ ଧନେଇ ଜଳଭଣ୍ଡାରରୁ ଖରିଫ ଚାଷ ପାଇଁ ପ୍ରଥମ ଛଡ଼ାଯିବା ପାଇଁ ଏକ ଜରୁରୀକାଳୀନ ଅଧିବେଶନ ୩୦ ତାରିଖରେ ଆୟୋଜିତ ହୋଇଥିଲା । ଜରୁରୀକାଳୀନ ଅଧିବେଶନରେ




ପର୍ଯ୍ୟାୟରେ ଜଳ ନିଷ୍କାସନ କରାଯାଇଛି । ପୂର୍ବରୁ ନିଷ୍ପତ୍ତି ପ୍ରକାରେ ଅଗଷ୍ଟ ୨ ତାରିଖ ଧାର୍ଯ୍ୟ ହୋଇଥିଲେ ମଧ ଚାଷୀଙ୍କ ଆବଶ୍ୟକତାକୁ ନେଇ କେନାଲରେ ପାଣି ପୂର୍ବ ନିଷ୍ପତ୍ତିକୁ ପରିବର୍ତ୍ତନ କରାଯାଇ ଅଗଷ୍ଟ ୨ ତାରିଖ ବଦଳରେ ଜୁଲାଇ ୩୧ ତାରିଖରେ ପାଣି ଛାଡ଼ିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଆଜି ପ୍ରଥମ ଜଳ ଯୋଗାଣ ନିମନ୍ତେ ଧନେଇ ଜଳ ସେଚନର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସୁଦର୍ଶନ ଶତପଥି, ସହକାରୀ ଇଂ ସଞ୍ଜିବ କୁମାର ପଣ୍ଡା, ଇଂ ସତ୍ୟ ସୁନ୍ଦର ପାତ୍ରଙ୍କ ଉପସ୍ଥିତିରେ କେନାଲ ଗେଟ୍ ଖୋଲା ଯାଇଥିଲା । ଗତ ନିଷ୍ପତ୍ତି ଅନୁସାରେ ଆଜି ସକାଳ ସମୟରେ ଚାଷୀ ପ୍ରତିନିଧି ତଥା ସମସ୍ତ କର୍ମଚାରୀ ମାନଙ୍କ ଉପସ୍ଥିତିରେ ଧନେଇ ଜଳଭଣ୍ଡାରରୁ ପାଣି ଛଡାଯାଇଥିଲା । ଏହି ନିଷ୍ପତ୍ତିକୁ ପୋଲସରା ତହସିଲଦାର ଓ ପୋଲସରା କୃଷି ଅଧିକାରୀଙ୍କୁ ଅବଗତ କରାଯାଇଥିଲା । ଧନେଇ ଜଳଭଣ୍ଡାରରୁ କେନାଲରେ କୃଷି କାର୍ଯ୍ୟ ପାଇଁ ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କ ଆବଶ୍ୟକତା ଓ ଜଳଭଣ୍ଡାରର ଗଚ୍ଛିତ ଜଳକୁ ଦୃଷ୍ଟିରେ ରଖି ପର୍ଯ୍ୟାୟ କ୍ରମେ ଜଳ ଛାଡିବାକୁ ଏବଂ ବିଭିନ୍ନ ପାଣି ପଞ୍ଚାୟତ ଅଧୀନରେ ଥିବା ସମସ୍ତ ଅନାଧିକୃତ ଆଉଟଲେଟ ଗୁଡିକୁ ବନ୍ଦ କରି ସୁସମ ଜଳ ବଣ୍ଟନ କରାଯିବ ବୋଲି ଜଣାପଡିଛି ।

## ଜଳିଗଲା କାର୍



**ବାଲିଗୁଡ଼ା, ୩୧୭/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପିପଳ ସାହିରେ ଗତକାଲି ବିଳମ୍ବିତ ରାତିରେ ଏକ ୱାଗନର କାର୍ ଜଳି ପାଉଁଶ ହୋଇଯାଇଛି । । କାର୍ଟି କେଉଁ କାରଣରୁ ଜଳିଗଲା ତାହା ଏଯାଏଁ ସ୍ପଷ୍ଟ ଜଣାପଡ଼ିନାହିଁ । ସୂଚନା ପ୍ରକାରେ ସବୁଦିନ ଭଳି ସମିର ବଳିଆରସିଂ ନିଜ ଘର ଆଗରେ ନିଜ ୱାଗନର କାର୍ ରଖି ଘରେ ଶୋଇଥିଲେ । ରାତିରେ ପରିବାର ଲୋକେ ବାହାରକୁ ବାହାରିଥିବା ବେଳେ ତାଙ୍କ କାର୍ ହୁତୁହୁତୁ ହୋଇ ଜଳୁଥିବା ଦେଖିବାକୁ ପାଇଥିଲେ । ଏହାପରେ ଅଗ୍ନିଶମ ବାହିନୀକୁ ଜଣାଇଥିଲେ ସମିର ବଳିଆରସିଂ । ଖବରପାଇ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିଥିଲେ ଅଗ୍ନିଶମ ବାହିନୀ । ନିଆଁ ଧାସରେ ପଡୋଶୀ ଘରର ଇଲେକ୍ଟ୍ରି ତାର ଜଳିଯାଇ ବିଦ୍ୟୁତ୍ ସଂଯୋଗ କଟିଯାଇଥିବା ବେଳେ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି ପଡ଼ୋଶୀ । ଛ ମାସ ହେବ ଏହି କାର୍ଟି କିଣାଯାଇଥିଲା । ଗାଡ଼ିରେ କେମିତି ନିଆଁ ଲାଗିଲା ସେକଥା ଜାଣିନାହାନ୍ତି ବୋଲି କହିଛନ୍ତି କାର୍ ମାଲିକ ସମିର ବଳିଆରସିଂ ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଆସିକା,୩୧୭/ଏନ୍ଏନ୍ଏସ୍:** ଆସିକା ଗୋଷ୍ଠୀ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ କେ.ନୁଆଁପଲ୍ଲୀ କ୍ଲଷ୍ଟରର ରିଷିପୁର ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ଆଦର୍ଶ ଛାତ୍ରବତ୍ସଳ ପୂର୍ବତନ ପ୍ରଧାନ ଶିକ୍ଷକ ହାଡୁବନ୍ଧୁ ମହାରଣାଙ୍କୁ ଶିକ୍ଷାନୁଷ୍ଠାନ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ରିଷିପୁର ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ନାହାକଙ୍କ ସଂଯୋଜନା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଳୁଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ରୂପେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ସେଠୀ ଯୋଗଦେଇ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଲାଗି ଛାତ୍ରବତ୍ସଳ ଅବସରପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ହାଡୁବନ୍ଧୁ ମହାରଣାଙ୍କ ବହୁମୁଖୀ ପ୍ରତିଭା ଉପରେ ସ୍ମୃତିଚାରଣ କରିଥିଲେ । ଅବସର ପରବର୍ତ୍ତୀ ଜୀବନ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ଏହି ଅବସରରେ ବିଦାୟୀ ପ୍ରାକ୍ତନ ପ୍ରଧାନଶିକ୍ଷକ ହାଡୁବନ୍ଧୁ ମହାରଣାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ସମାଜସେବୀ ନୀଳମାଧବ ସ୍ୱାଇଁ, ଗ୍ରାମ୍ୟ କମିଟି ସଭାପତି ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଗାଣ୍ଟୁ ଗୌଡ, କୈବଲ୍ୟ ସାମଲ, ଭାଗିରଥୀ ରାଉତ, ନାରାୟଣ ସ୍ୱାଇଁ, ଶିକ୍ଷୟିତ୍ରୀ ପଙ୍କଜିନୀ ଆଚାର୍ଯ୍ୟ, ଶିକ୍ଷକ ଅନୁପ କୁମାର ମହାନ୍ତି, ପୁରୁଷୋତ୍ତମ ନାଇକ, ରବିନ୍ଦ୍ର ନାଥ ପଟ୍ଟ ନାୟକ, ସୁବାସ ଚନ୍ଦ୍ର ପ୍ରଧାନ, ସାନ୍ତନୁ କୁମାର ନାୟକ, କର୍ମଚାରୀ ପ୍ରିତେଶ କୁମାର ପାତ୍ରଙ୍କ ସମେତ ବହୁ ଶିକ୍ଷକ, ଗ୍ରାମବାସୀ, ସଚେତନ ନାଗରିକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଯୋଗ ଦେଇଥିଲେ । ଆଦର୍ଶ ଛାତ୍ରବତ୍ସଳ ପ୍ରାକ୍ତନ ପ୍ରଧାନଶିକ୍ଷକ ହାଡୁବନ୍ଧୁ ମହାରଣାଙ୍କୁ ବୁଧବାର ଭାବବିହ୍ୱଳ ପରିବେଶ ମଧରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅବସରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ହାଡୁବନ୍ଧୁ ମହାରଣାଙ୍କୁ ଛାତ୍ରଛାତ୍ରୀ, ଗ୍ରାମବାସୀ ଓ ଶିକ୍ଷୟ, ଶିକ୍ଷୟିତ୍ରୀମାନେ ଝୁରି ଥିଲେ ।

## ସାମ୍ବାଦିକଙ୍କ ପିତୃ ବିୟୋଗ

**ରଙ୍ଗେଇଲୁଣ୍ଡା,୩୧୭/ଏନ୍ଏନ୍ଏସ୍:** ରଙ୍ଗେଇଲୁଣ୍ଡା ବ୍ଲକର ସାମ୍ବାଦିକ ମୁନା ପଟ୍ଟନାୟକଙ୍କ ପିତା ମିନକେତନ ପଟ୍ଟନାୟକଙ୍କ ମଙ୍ଗଳବାର ବଡ଼ି ଭୋର ଗୋଳନ୍ଥରା ଚଟି ବ୍ୟାଙ୍କ କଲୋନୀ ସ୍ଥିତ ବାସଭବନରେ ବିୟୋଗ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା । ମୃତ ମିନକେତନ ୧୯୩୮ ମସିହାରେ ଆସିକା ସନ୍ନିକଟ ବରଗାଁରେ ଜନ୍ମଗ୍ରହଣ କରିଥିଲେ । ୧୯୮୮ ମସିହାରେ ସାଲିଆ ଡ୍ୟାମ ପ୍ରକଳ୍ପରେ କାର୍ଯ୍ୟ ଆରମ୍ଭ କରିଥିଲେ । ଏହା ପରେ ସେ ଗୋଳନ୍ଥରା ସ୍ଥିତ ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ ହେବା ସହ ଗୋଳନ୍ଥରାରେ ସପରିବାର ରହି ଆସୁଥିଲେ । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ସହ ଧର୍ମ ପରାୟଣ ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ ପରିଚିତ ରହିଥିଲେ । କ୍ରିକେଟ ଖେଳ ପ୍ରତି ତାଙ୍କର ଅଧିକ ରଚି ରହିଥିଲା । ମୃତ୍ୟୁ ବେଳକୁ ନିକଟରେ ସାମ୍ବାଦିକ ମୁନାଙ୍କ ସମେତ ତାଙ୍କ ବଡ ଭାଇ ଉପସ୍ଥିତ ରହିଥିଲେ । ମୃତ ଖବର ପାଇବା ପରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ରଙ୍ଗେଇଲୁଣ୍ଡା ବ୍ଲକ ସାମ୍ବାଦିକ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ । ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କମନା କରିଥିଲେ । ଗାଁ ଶ୍ମଶାନରେ ଶବ ଦାହ କରା ଯାଇଥିଲା ।

## ପୌର ପରିଷଦରେ ସମସ୍ୟା ନେଇ ଦାବିପତ୍ର

**କନ୍ଧମାଳ,ଫୁଲବାଣୀ,୩୧୭/ଏନ୍ଏନ୍ଏସ୍:** ବିଭିନ୍ନ ପ୍ରକାର ଅଭିଯୋଗ ପରେ ଫୁଲବାଣୀ ପୌରାଧକ୍ଷା ଅନାସ୍ଥା ଭୋଟରେ ପରାଜୟ ହେବାର ପ୍ରାୟ ଏକ ସପ୍ତାହ ବିତିଗଲାଣି । ଆଜି ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଅଧକ୍ଷ ପଦବୀରେ କିଏ ଦାୟିତ୍ୱରେ ରହି କାର୍ଯ୍ୟ ତୁଲାଇବେ ସେ ନେଇ କୌଣସି ପ୍ରକାର ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ଫଳରେ ପୌର କାର୍ଯ୍ୟାଳୟରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ସଂପୂର୍ଣ୍ଣଭାବେ ଠପ୍ ହୋଇ ବସିଥିବା ବେଳେ ପୌର ପରିଷଦର ଦେଖାଯାଇଛି ନାନା ପ୍ରକାର ସାଧାରଣ ସମସ୍ୟା । ଯାହାପାଇଁ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଆଜି ଆମ୍ ଆଦମୀ ପାର୍ଟି ପକ୍ଷରୁ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବି ପ୍ରକାରେ, ପୌର ପରିଷଦର ଅଞ୍ଚଳର ଥିବା ଏକାଧିକ ପୋଖରୀ ସଂପୂର୍ଣ୍ଣଭାବେ ଅବହେଳିତ ହୋଇ ପଡ଼ିରହିଥିବା ଯୋଗୁଁ ତାହା ବ୍ୟବହାର ହେଉନାହିଁ । ସହରର ରାସ୍ତା ଘାଟରେ ଗଦା ଗଦା ବୁଲାଷଣ୍ଢ ଓ ଗାଈଗୋରୁ ବୁଲୁଥିବା ଯୋଗୁଁ ଓ ଅନେକ ସ୍ଥାନରେ ଘଣ୍ଟା ଘଣ୍ଟା ଧରି ଶୋଇରହୁଥିବା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଭିନ୍ନ ବିଦ୍ୟୁତ୍ ଖୁଣ୍ଟ ଗୁଡ଼ିକର ଅବସ୍ଥା ନକହିଲେ ଭଲ । ମଶା, ମାଛି ନିୟନ୍ତ୍ରଣ ପାଇଁ କୌଣସି ପ୍ରକାର ପ୍ରତିଷେଧକ ବ୍ରବସ୍ଥା କରାଯାଉନାହିଁ ଭଳି ବିଭିନ୍ନ ଦାବି କରି ଏହି ଦାବିପତ୍ର ପ୍ରଦାନ କରାଯାଇଛି । ଜିଲା ସାଧାରଣ ସଂପାଦକ ଗିରିଶ ପଟ୍ଟନାୟକଙ୍କ ନେତୃତ୍ୱରେ ସୁନିଲ୍ କୁମାର ମୁନୀ, ରାଜ କିଶୋର ପାଢୀ ଓ ଅନ୍ୟମାନେ ସାମିଲ୍ ହୋଇଥିବା ବେଳେ ପ୍ରଦାନ କରାଯାଇଥିବା ଦାବିପତ୍ର ଶତାଧିକ ଅଞ୍ଚଳବାସୀ ଦସ୍ତଖତ କରିଥିବା ପ୍ରକାଶ ।

## ଦୁର୍ଘଟଣାରେ ଜଣେ ମୃତ

**ଖଜୁରିପଡା,୩୧୭/ଏନ୍ଏନ୍ଏସ୍:** ଏକ ଗାଡ଼ି ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସୁଦ୍ରୁକୁମ୍ପା ଫାଣ୍ଡି ଅନ୍ତର୍ଗତ ବାଡ଼ିଗୁଡ଼ା ଗ୍ରାମର ଦୁଃଶାସନ ବିଷ୍ଣାଣୀ (୪୫) ବୋଲି ଜଣାଯାଇଛି । ଖବର ପ୍ରକାରେ ଆଜି ରାତିରେ ଦୁଃଶାସନ ନିଜ ଗ୍ରାମ ବାଡ଼ିଗୁଡ଼ାରୁ ନିଜ ବାଇକ୍‌ରେ ସୁଦ୍ରୁକୁମ୍ପା ଆଡ଼େ ଯାଉଥିବା ବେଳେ ଏହି ସମୟରେ ଏକ କାର ନମ୍ବର ଓ.ଆର୍-୦୨-ବିୱାଇ-୮୧୦୦ ପଛପଟୁ ଧକ୍କା ଦେଇଥିଲା । ଫଳରେ ଦୁଃଶାସନ ଗୁରୁତର ହୋଇ ପଡ଼ିଥିବା ବେଳେ ଗ୍ରାମବାସୀଙ୍କ ସହଯୋଗରେ ୧୦୮ ଆମ୍ବୁଲାନ୍ସରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ଡ଼ାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ପରିବାର ପକ୍ଷରୁ ସ୍ଥାନୀୟ ଫାଣ୍ଡିରେ ଏକ ଏତଲା ପ୍ରଦାନ କରିଥିବା ବେଳେ ଏହି ଘଟଣାକୁ ନେଇ ସଂପୃକ୍ତ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି । ମୃତକ ଜଣକ କମାର କାମ କରୁଥିବା ବେଳେ ସେ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ବୋଲି କୁହାଯାଇଛି । ଦୁର୍ଘଟଣା ପରେ ଗାଡ଼ିର ଚାଳକ ଘଟଣା ସ୍ଥଳରୁ ଗାଡ଼ି ଛାଡ଼ି କୁଆଡ଼େ ଫେରାର୍ ହୋଇଯାଇଥିବା ପ୍ରକାଶ ।

# ଶିକ୍ଷାବର୍ଷ ଆରମ୍ଭକୁ ପୁରିଲା ୪ ମାସ: ପିଲାଙ୍କୁ ମିଳିଲାନି ଜୋତା, ପୋଷାକ

**ଆସିକା,୩୧୭/ଏନ୍ଏନ୍ଏସ୍:** ସରକାରୀ ସ୍କୁଲ ପିଲାଙ୍କ ପାଇଁ ସରକାର ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ମାଳ ମାଳ ମାଗଣା ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ୨୦୨୪-୨୫ ଶିକ୍ଷାବର୍ଷ ଗତ ଏପ୍ରିଲ ମାସରୁ ଆରମ୍ଭ ହୋଇସାରିଥିବା ବେଳେ ଶିକ୍ଷାବର୍ଷ ଆରମ୍ଭକୁ ୪ ମାସ ପୁରି ଯାଇଥିଲେ ବି ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ଅଞ୍ଚଳରେ ଥିବା ପ୍ରାୟ ଶତାଧିକ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିବା ଅନ୍ୟୁନ ୧୬ ହଜାରରୁ ଉର୍ଦ୍ଧ୍ୱ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନେ ସରକାରଙ୍କ ମାଗଣା ପୋଷାକ ପାଇବାରୁ ବଞ୍ଚିତ ହୋଇ ଆସୁଥିବା ଅଭିଯୋଗ ହେଉଛି । ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ, ଅନୁସୂଚିତ ଜାତି ଓ ଜନଜାତି, ଦାରିଦ୍ର୍ୟ ସୀମାରେଖା ତଳେ ଓ



ଉପରେ ଥିବା ସମସ୍ତ ବାଳକ ଓ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ବିଦ୍ୟାଳୟ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ପୋଷାକ ଓ ଜୋତା ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଛି । ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍, ବିଶିଷ୍ଟ ବ୍ୟକ୍ତି, ସମାଜସେବିକା, ସ୍ୱାଧୀନତା ସଂଗ୍ରାମୀଙ୍କ ଉପସ୍ଥିତିରେ ପୋଷାକ ଓ ଜୋତା ବଣ୍ଟନ ପ୍ରକ୍ରିୟା ଶେଷ କରିବାକୁ ନିୟମ ରହିଥିଲା ବେଳେ ଏହା କାର୍ଯ୍ୟକାରୀରେ ବିଳମ୍ବ ଯୋଗୁଁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ଜୁଲାଇ ମାସ ଶେଷ ହୋଇସାରିଥିବା ବେଳେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବିଦ୍ୟାଳୟ ଗୁଡିକର ଛାତ୍ରଛାତ୍ରୀମାନେ ମାଗଣା ପୋଷାକ ପାଇବାରୁ ବଞ୍ଚିତ ଥିବା ନେଇ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥୀ ପାତ୍ରଙ୍କ ଦୃଷ୍ଟି ଆକର୍ଷଣ ହୋଇଛି । ଏ ସମ୍ପର୍କରେ ସେ କହିଲେ ଯେ ପୋଷାକ ବଣ୍ଟନ ପାଇଁ ଅନୁଦାନ ଆସିନଥିବା ଯୋଗୁଁ ସମସ୍ୟା ସୃଷ୍ଟି ହୋଇଛି । ଅତିଶୀଘ୍ର ଛାତ୍ରଛାତ୍ରୀମାନଙ୍କୁ ପୋଷାକ, ଜୋତା, ମୋଜା, ଟି-ସାର୍ଟ, ଟ୍ରାକ୍ ପେଣ୍ଟ, ଟୋପି, ପରିଚୟ ପତ୍ର ପ୍ରଦାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ଛାତ୍ରଛାତ୍ରୀମାନଙ୍କୁ ଜୁଲାଇ ମାସ ୩୧ ତାରିଖ ସୁଦ୍ଧା ଏସବୁ ବଣ୍ଟନ କରିବା ଲାଗି ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା । କେନ୍ଦ୍ର ସରକାରଙ୍କ ସମଗ୍ର ଶିକ୍ଷା ଓ ରାଜ୍ୟ ସରକାରଙ୍କ ଗଂଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରୁ ଏହି ଅର୍ଥ ଭରଣା କରାଯାଇଥାଏ । ଜିଲ୍ଲା ପ୍ରଶାସନ ତଥା ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନେ ଯେପରି ସରକାରଙ୍କ ମାଗଣା ପୋଷାକ, ଜୋତା, ମୋଜା ପାଇପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢ ଦାବି ହେଉଛି ।

ନିତିଦିନ NITIDIN



# ନଦୀକୁ ଡେଇଁ ମହିଳା ନିଖୋଜ

**ବାରଙ୍ଗ,୩୧।୭/ଏନ୍‌ଏନ୍‌ଏସ୍‌:** ମଙ୍ଗଳବାର ବିଳମ୍ବିତ ରାତିରେ ନେତାଜୀ ସୁବାଷସେତୁ ଉପରେ ବାଇକ୍ ରଖି ଜଣେ ମହିଳା ନଦୀକୁ ଡେଇଁ ନିଖୋଜ ଥିବା ଜଣାପଡ଼ିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ରାତି ପ୍ରାୟ ସାଢ଼େ ୩ଟା ସମୟରେ ମହିଳା ଜଣକ ନାଲିରଙ୍ଗର ଆକ୍ଟିଭା ଗାଡ଼ିରେ ଆସି ବ୍ରିଜ୍ ଉପରେ ଗାଡ଼ିଟିକୁ ରଖି କେହି କିଛି ଶୁଣିବା ବା କହିବା ପୂର୍ବରୁ ହଠାତ ନଦୀକୁ ଡେଇଁ ପଡ଼ିଥିଲେ। ତେବେ ଏଭଳି ଘଟଣା ଶୁଣିବା ପରେ ସକାଳେ ସ୍ଥାନୀୟ ଲୋକେ ସେଠାରେ ଭିଡ଼ ଜମାଇଥିଲେ। ଗାଡ଼ିରେ ଚାବି ଲାଗିଥିବାବେଳେ ଚପଲ ଥୁଆ ହୋଇଥିବା ଦେଖିବାକୁ ମିଳିଥିଲା। ଡେଇଁଥିବା ସନ୍ଦେହ ଉପୁଜିଥିଲେ ମଧ୍ୟ ମହିଳାଙ୍କ ଗାଡ଼ି ନମ୍ବରରୁ କଟକ ଓଡ଼ିଆ ବଜାରର ମମତା ସାହୁ(୫୦) ବୋଲି ଜଣାପଡ଼ିବା ପରେ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେ ଜାଭିଅର ଇଣ୍ଟରନ୍ୟାସନାଲ ସ୍କୁଲରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତ ଥିଲେ। ଖବରପାଇ ଘଟଣାସ୍ଥଳରେ ପୁଲିସ ଓ ବାରଙ୍ଗ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ଉଦ୍ଧାର ପାଇଁ ପ୍ରୟାସ ଜାରୀ ରଖିଥିବାବେଳେ ନଦୀର ପ୍ରଖର ସ୍ରୋତରୁ ଉଦ୍ଧାର କରିବା ସମ୍ଭବପର ହୋଇପାରି ନଥିଲା। ଏପର୍ଯ୍ୟନ୍ତ ନିଖୋଜ ମହିଳାଙ୍କର କୌଣସି ପତ୍ତା ମିଳିପାରି ନାହିଁ। ନେତାଜୀ ସୁବାଷସେତୁ ସବୁବେଳେ ବ୍ୟସ୍ତବହୁଳ ରହିଥାଏ। ବହୁ ଲୋକ ଏହି ବ୍ରିଜରେ ଯାତାୟାତ କରୁଥିବାବେଳେ ମଙ୍ଗଳବାର ରାତି ସାଢ଼େ ୩ଟାରେ ମହିଳା ଜଣକ ବ୍ରିଜ୍ ଉପରେ ନିଜର ସ୍କୁଟି ରଖି ହଠାତ ନଦୀକୁ ଡେଇଁଥିବା ସ୍ଥାନୀୟ ଲୋକେ ଦେଖିଥିଲେ।

# ପୁରୀ ଜିଲ୍ଲା ମୁଖ୍ୟ ଜେଲ୍‌ରେ ବିଚାରାଧୀନ ଯୁବ କଏଦି ମୃତ

**କୋଣାର୍କ,୩୧।୭/ଏନ୍‌ଏନ୍‌ଏସ୍‌:** ବୁଧବାର ପୁରୀ ଜିଲ୍ଲା ମୁଖ୍ୟ ଜେଲରେ ଜଣେ ବିଚାରଧୀନ ଜଣେ ଯୁବ କଏଦିଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନାଥାଉ କି ପୁରୀ-କୋଣାର୍କ ବେଳାମାର୍ଗ ଟିକିନା ଗ୍ରାମ ନିକଟରେ ଥିବା ପୁରୀ ଜିଲ୍ଲା ମୁଖ୍ୟ ଜେଲ୍‌ରେ ପିପିଲି ଥାନା ଅଞ୍ଚଳର ଜଣେ ଯୁବ କଏଦି ଗତ ମଙ୍ଗଳବାର ୩୦ତାରିଖ ଦିନ ଦେହ ଗୁରୁତର ଭାବେ ଅସୁସ୍ଥ ହେବାରୁ ସଂଧ୍ୟାରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଆଜି ବୁଧବାର ସକାଳ ୮ଟା ୩୦ରେ ଚିକିତ୍ସା ସମୟରେ ତାଙ୍କର

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

ମୃତ୍ୟୁ ହୋଇଯାଇଥିବା ଡାକ୍ତର ପ୍ରକାଶ କରିଥିଲେ। ସେ ମାଦକଦ୍ରବ୍ୟ ବ୍ରାଉନସୁଗର ବିକ୍ରି କରୁଥିବା ମାମଲାରେ ଧରାପଡ଼ି ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ମୃତ କଏଦିଙ୍କ ନାମ ଏସ୍‌କେ ଅବ୍‌ଦୁଲ ଅମିରି(୩୬) ଓ ତାଙ୍କ ଘର ପିପିଲି ଥାନା ହାଟଛକ ଜୟପୁର କିଲା ଗ୍ରାମର ବୋଲି ଜଣାପଡ଼ିଛି। ଏ ନେଇ ପୁରୀ ଜିଲ୍ଲା ମୁଖ୍ୟ ଜେଲ୍‌ର ସୁପରିଣ୍ଟେଣ୍ଡେଣ୍ଟ ସଞ୍ଜୟ ବର୍ମା ସୂଚନା ଦେଇଛନ୍ତି। ଅପରପକ୍ଷେ ତାଙ୍କୁ ପିଟିପିଟି ମାରି ଦିଆଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ଯୁବ କଏଦୀ ଜଣକ ଗତ ଶୁକ୍ରବାର ପୁରୀ ଓ ପିପିଲି ପୁଲିସ ସହାୟତାରେ ବ୍ରାଉନସୁଗର ବେପାର ଅଭିଯୋଗରେ ଗିରଫ ହୋଇଥିଲେ। ଗିରଫ ସମୟରେ ସେ ସମ୍ପୂର୍ଣ୍ଣ ସୁସ୍ଥଥିଲେ ବୋଲି ମୃତ ଯୁବକଙ୍କ ଭାଇ ସେକ୍ ଆଲ୍ଲାଉଦିନ ଓ ଭଉଣୀ ଜୁମା ବେଗମ ପ୍ରକାଶ କରିଛନ୍ତି।

# ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବଳାତ୍କାର ଘଟଣାର ତଦନ୍ତ

**ନୟାହାଟ,୩୧।୭/ଏନ୍‌ଏନ୍‌ଏସ୍‌:** ଜନୈକା ହରିଜନ ମହିଳାଙ୍କୁ ବଳାତ୍କାର ଉଦ୍ୟମ ଘଟଣାର ୪୫ଦିନ ବିତିଯାଇଥିବା ବେଳେ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଜିଲ୍ଲା ଅତିରିକ୍ତ ଏସ୍‌ପି ବିଷ୍ଣୁ ପତି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସେ ନୟାହାଟ ଫାଣ୍ଡିକୁ ଆସି ଅଭିଯୁକ୍ତ ପ୍ରକାଶ ରାଉତ ସଂପୃକ୍ତ ମହିଳାଙ୍କ ସ୍ୱାମୀକୁ ପାଞ୍ଚହଜାର ଟଙ୍କା ଦେବା ଘଟଣାର ତଦନ୍ତ କରିଥିଲେ। ଏ ସମ୍ପର୍କରେ ଆମ ପ୍ରତିନିଧି ମହିଳାଙ୍କ ସ୍ୱାମୀଙ୍କୁ ପଚାରିବାରୁ ସେ କୁହନ୍ତି ଯେ ଏ ଘଟଣା ସମ୍ପୂର୍ଣ ମିଥ୍ୟା ଓ ମୁଁ ଟଙ୍କା କାହାଠାରୁ ଆଣିନାହିଁ। ଅଭିଯୁକ୍ତକୁ ଖସାଇ ଦେବା ପାଇଁ ପୁଲିସ ଏହିପରି ମିଥ୍ୟା କେସ କରିଛି ବୋଲି ସେ ପ୍ରକାଶ କରିଥିଲେ। ତେବେ ବଳାତ୍କାର ଉଦ୍ୟମ ଘଟଣାରେ ସାକ୍ଷୀ ଥିଲେ ମଧ୍ୟ ଅତିରିକ୍ତ ଏସ୍‌ପି ତାଙ୍କୁ ଡାକି ପଚରା ଉଚରା ନ କରିବା ସାଧାରଣରେ ଅତିରିକ୍ତ ସନ୍ଦେହ ସୃଷ୍ଟି କରିଛି। ସତ ଘଟଣାକୁ ପୁଲିସ ଚପାଇ ଦେବାକୁ ଉଦ୍ୟମ କରୁଥିବାବେଳେ ଏ ସମ୍ପର୍କରେ ଇସାଣପୁର ପଞ୍ଚାୟତର ବିଜେପି ସଭାପତି ଲିଙ୍ଗରାଜ ସ୍ୱାଇଁଙ୍କ ମତାମତ ନେବାରେ ସେ ଟଙ୍କା ନେବା ସମ୍ପୂର୍ଣ୍ଣ ମିଥ୍ୟା କଥା ବୋଲି କହିଥିଲେ। ଯଦି ଅଭିଯୁକ୍ତକୁ ଗିରଫ କରାନଯାଏ ତେବେ ବିଜେପି ପକ୍ଷରୁ ଫାଣ୍ଡି ଆଗରେ ଧାରଣା ଦିଆଯିବ ବୋଲି ସେ ଏକ ପ୍ରେସ୍‌ମିଟ୍‌ରେ କହିଛନ୍ତି।

# କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଫଳକ ନଥିବାରୁ କୃଷକ ହଟହଙ୍ଗା

**କୁଆଁପାଳ,୩୧।୭/ଏନ୍‌ଏନ୍‌ଏସ୍‌:** ମାହାଙ୍ଗା ବ୍ଲକରେ କୃଷକମାନଙ୍କ ପାଇଁ ମାହାଙ୍ଗା କୃଷିସୂଚନା ଓ ପରାମର୍ଶ କେନ୍ଦ୍ର ଗୌଡପଡାରେ ଠାରେ ରହିଥିଲେ ମଧ୍ୟ ସାଧାରଣ କୃଷକମାନେ ଜାଣିପାରୁ ନାହାନ୍ତି। ସାଧାରଣରେ ଅଭିଯୋଗ ହେଉଛି ଯେ ନା ଅଛି କୃଷିସୂଚନା ପରାମର୍ଶ କେନ୍ଦ୍ରର ଫାଟକ, ନା ଅଛି ସୂଚନା ଫଳକ, କାର୍ଯ୍ୟାଳୟ ଅଛି ହେଲେ କୌଣସିଠାରେ କୃଷିସୂଚନା ପରାମର୍ଶ କେନ୍ଦ୍ରର ଉଲ୍ଲେଖ କରାଯାଇ ନାହିଁ। ଯାହାଫଳରେ ସାଧାରଣ କୃଷକଟି ନିଜର ସମସ୍ୟା ଜଣାଇବା ପାଇଁ କୃଷି ପରାମର୍ଶ କେନ୍ଦ୍ର କେଉଁଠି ରହିଛି ତାହା ଜାଣିପାରୁ ନାହିଁ। ଏଣୁ କୃଷିବିଭାଗ ତୁରନ୍ତ ମାହାଙ୍ଗା ଅଂଚଳରେ ଥିବା କୃଷି କାର୍ଯ୍ୟାଳୟ ଫାଟକ ଓ କାର୍ଯ୍ୟାଳୟ ସମ୍ମୁଖରେ ମାହାଙ୍ଗା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଲେଖିବା ଓ ଫଳକ ମାରିବା ପାଇଁ ଦାବି ହେଉଛି।

**ବନ୍ୟାଜଳ ଆସିବା ପରେ ପୁଣି ଫାଟିଲାଣି, ଆତଙ୍କିତ ସ୍ଥାନୀୟ ଅଧିବାସୀ**

# ଚିନ୍ତା ବଢ଼ାଉଛି ଦୟାନଦୀ ବନ୍ଧ



**ଡେଲାଙ୍ଗ,୩୧।୭/ଏନ୍‌ଏନ୍‌ଏସ୍‌:** ଡେଲାଙ୍ଗ ବ୍ଲକ୍‌ର କଲ୍ୟାଣପୁର ପଞ୍ଚାୟତ ଅନ୍ତର୍ଗତ ନୂଆହାଟ ଗ୍ରାମ ନିକଟରେ ଦୟାନଦୀ ବନ୍ଧ ପୁଣି ଦବିବାକୁ ଲାଗିଛି। ବନ୍ଧର ଏହି ଅବସ୍ଥା ଦେଖି ସ୍ଥାନୀୟ ଲୋକେ ଏବେ ଆତଙ୍କିତ ହୋଇପଡିଛନ୍ତି। ହିରାକୁଦରୁ ବନ୍ୟାଜଳ ଛଡାଯିବା ପରେ ବିଭିନ୍ନ ଶାଖାନଦୀଗୁଡିକ ଫୁଲିବାରେ ଲାଗିଛି। ସେହିପରି ଦୟାନଦୀ ମଧ୍ୟ ଧୀରେ ଧୀରେ ଫୁଲିବାକୁ ଲାଗିଛି। ମଙ୍ଗଳବାର ସକାଳୁ ମୁଣ୍ଡୁଳି ଠାରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ବୁଧବାର ରାତିରେ ଖୋଲାଯାଇଥିବା ୨୦ଟି ଗେଟର ପାଣି ଦୟାନଦୀରେ ପ୍ରବାହିତ ହେବ। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଏବେ ଚିନ୍ତାରେ ରହିଛନ୍ତି। ସୂଚନାଥାଉ କି ଗତ ୧୧ତାରିଖରେ କଲ୍ୟାଣପୁର ପଞ୍ଚାୟତର ନୂଆହାଟ ସନ୍ନିକଟ ଦୟାନଦୀର ପୂର୍ବପାର୍ଶ୍ୱ ବନ୍ଧରୁ ମାଟି ଅତଡ଼ା ଖସି ବନ୍ଧ ଭୁଷୁଡିବାରୁ ନଦୀବନ୍ଧ ଭାଙ୍ଗିବା ଆଶଙ୍କା ଦେଖାଦେଇଥିଲା। ଏନେଇ ବିଭିନ୍ନ ଗଣାମାଧ୍ୟମରେ ଖବର ପ୍ରକାଶ ହେବା ପରେ ଜଳ ସମ୍ପଦ ବିଭାଗ ପକ୍ଷରୁ କାଠବହ୍ଲା ଓ ବାଲିବସ୍ତା ଦେଇ ବନ୍ଧ ସୁରକ୍ଷା କରାଯାଇଥିଲା। ହେଲେ କାମ ହେବାର ୪ଦିନ ମଧ୍ୟରେ ବନ୍ଧପୁନର୍ବାର ଭୁଷୁଡିବା ପରେ ଲୋକମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ବନ୍ୟା ଆସିବା ପୂର୍ବରୁ ଯୁଦ୍ଧକାଳିନଭିତ୍ତିରେ ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଥିଲେ। ପରେ କାଠବହ୍ଲା ଓ ବାଲିବସ୍ତା ଦେଇ ତିନିଥାକିଆ କରି ରିପାରିଂ କରିବା ପରେ ମଧ୍ୟ ପୁନର୍ବାର ଭାଷୁଡ଼ିବା ନେଇ ବିଭାଗୀୟ ଅଧିକାରୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଏହାର ମରାମତି ପାଇଁ ୧୫ହଜାରରୁ ଊର୍ଦ୍ଧ୍ୱ ବାଲିବସ୍ତା ବ୍ୟବହାର କରାଯାଇଥିବାବେଳେ ୪୦ରୁ ଅଧିକ ଶ୍ରମିକ ବନ୍ଧ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଏହି ସ୍ଥାନଟି ଏକ ଢାଲୁ ଅଞ୍ଚଳ, ବନ୍ୟାଜଳ ପ୍ରବାହିତ ସମୟରେ ନଦୀ ପାଣିର ଶ୍ରୋତ ଏହି ସ୍ଥାନରେ ମାଡ଼ହୋଇ ଗତିପରିବର୍ତ୍ତନ କରାଥାଏ। ଯଦି ସଠିକ୍ ଓ ସୁଚାରୁ ରୂପେ ଏହାକୁ ମରାମତି କରାଯାଇଥାନ୍ତା ତେବେ ଆଜି ଏପରି ଅସୁବିଧା ହୋଇନଥାନ୍ତା ବୋଲି ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ବନ୍ଧର ଏପରି ସ୍ଥିତି ସ୍ଥାନୀୟ ଲୋକମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିଛି। ଏହି ଅଞ୍ଚଳରେ ବନ୍ୟା ପରିସ୍ଥିତି ଦେଖାଦେଲେ କେବଳ ଡେଲାଙ୍ଗ ବ୍ଲକ ନୁହେଁ, କଣାସ ଓ ସତ୍ୟବାଦୀ ବ୍ଲକରେ ମଧ୍ୟ ଏହାର ପ୍ରଭାବ ଦେଖାଦେବ।

**ଓଡ଼ଗାଁରେ ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳ**

# ବିପଦପୂର୍ଣ୍ଣ ଶ୍ରେଣୀ ଗୃହରେ ପାଠପଢ଼ା



**ଓଡ଼ଗାଁ,୩୧।୭/ଏନ୍‌ଏନ୍‌ଏସ୍‌:** ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳ ଖେଳୁଛି ଶିକ୍ଷାବିଭାଗ। ବିପଦପୂର୍ଣ୍ଣ ଶ୍ରେଣୀ ଗୃହରେ ପାଠପଢା ଚାଲିଥିବା ବେଳେ ଟିଣଛପର ଘର ଜଙ୍ଗଲ ପାଲଟିଥିବା ଦେଖିବାକୁ ମିଳିଛି। ଏହାର ନିଛକ ଉଦାହରଣ ଓଡ଼ଗାଁ ବ୍ଲକ୍ ଗୌଡ଼ପୁଟ ଝାଙ୍ଗିରାମ ବିଦ୍ୟାଳୟରେ ଦେଖିବାକୁ ମିଳିଛି।ସୂଚନା ଅନୁଯାୟୀ୧୯୬୦ମସିହାରେ ଝାଙ୍ଗିରାମ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ସେବେଠାରୁ ବିଦ୍ୟାଳୟକୁ ଅଣଦେଖା କରାଯାଇଛି। ଆଜି ପର୍ଯ୍ୟନ୍ତ ବିଦ୍ୟାଳୟରେ ମାଟି ମୁଠେ ପଡ଼ିବା ତ ଦୂରରକଥା ବିଦ୍ୟାଳୟ ରାସ୍ତା ତିଆରି କରାଯାଇନାହିଁ। ଫଳରେ ବିପଦପୂର୍ଣ୍ଣ ପରିତ୍ୟକ୍ତ ଘରେ ଛାତ୍ରଛାତ୍ରୀ ପାଠ ପଢିବାକୁ ଯାଉଛନ୍ତି। ଏହା ନିତିଦିନିଆ ଘଟଣାରେ ପରିଣତ ହୋଇଥିଲେ ମଧ୍ୟ ଏଥିପ୍ରତି ଶିକ୍ଷା ବିଭାଗ ଓ ନେତା, ମନ୍ତ୍ରୀମାନେ ସଂପୂର୍ଣ୍ଣ ଆଖିବୁଜି ଦେଇଛନ୍ତି। ବିଦ୍ୟାଳୟର ଷଷ୍ଠ ଓ ସପ୍ତମ ଶ୍ରେଣୀରେ ଏକଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବସି ପାଠ ପଢୁଛନ୍ତି। ଟିଣ ଛପର ଘର ଭାଙ୍ଗିରୁଜି ଯାଇଥିବା ବେଳେ ଘରଉପରେ ଗଛ ଉଠିଗଲାଣି। ସେତିକି ନୁହଁ ଘର ବାରଣ୍ଡାରେ ଥିବା କାଠ ଶେଣୀ ଝୁଲିବା ଅବସ୍ଥାରେ ରହିଛି ଯଦି କେତେବେଳେ ଛାତ୍ରଛାତ୍ରୀଙ୍କ ଉପରେ ଖସିପଡ଼ିବ ଛାତ୍ରଛାତ୍ରୀ ଆହତ କିମ୍ବା କିଛି ଅଘଟଣ ଘଟିବ ସେଥିପାଇଁ ଦାୟୀ କିଏ ରହିବ ବୋଲି ସ୍ଥାନୀୟ ବ୍ୟକ୍ତି କହିଛନ୍ତି। ବିଦ୍ୟାଳୟର ଅସୁବିଧା ନେଇ ପ୍ରଧାନଶିକ୍ଷକ ତପନ କୁମାର ସ୍ୱାଇଁ ବହୁଥର ଜିଲ୍ଲା ଶିକ୍ଷା ଅଧିକାରୀ ଓ ବିଡ଼ିଓଙ୍କୁ ଅଭିଯୋଗ କରିଛନ୍ତି କିନ୍ତୁ କେବଳ ପ୍ରତିଶୃତି ମିଳିଥିବା କହିଛନ୍ତି। ଏବେ ବର୍ଷବର୍ଷ ଧରି ଛାତ୍ରଛାତ୍ରୀ ସେହି ବିପଦପୂର୍ଣ୍ଣ ଘରେ ବସି ପାଠପଢୁଛନ୍ତି। କେବଳ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି ତାହା ନୁହେଁ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଅଫିସ ମଧ୍ୟ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଶ୍ରେଣୀଗୃହ ଜଙ୍ଗଲିଆ ପରିବେଶ ମଧ୍ୟରେ ଥିବାରୁ ୪ରୁ ୫ଥର ବିଷଧର ସାପ ଶ୍ରେଣୀ ଗୃହରେ ପଶିଥିବା ଛାତ୍ରଛାତ୍ରୀ କହିଛନ୍ତି। କେତେବେଳେ ବିଛା ତ ଆଉ କେତେବେଳେ ସାପ ପଶୁଥିବାରୁ ଛାତ୍ରଛାତ୍ରୀ ଭୟଭୀତ ହୋଇ ପଡ଼ିଛନ୍ତି। ବିଦ୍ୟାଳୟକୁ ଯିବାକୁ ରାସ୍ତା ନଥିବାରୁ ଛାତ୍ରଛାତ୍ରୀ କାଦୁଅ ରାସ୍ତାରେ ଶ୍ରେଣୀକୁ ଯାଉଛନ୍ତି। ବିଭିନ୍ନ ସମସ୍ୟା ଦେଇ ବିଦ୍ୟାଳୟ ଗତି କରୁଥିଲେ ମଧ୍ୟ ଶିକ୍ଷାବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବା ଜଣାପଡ଼ିଛି। କେବେ ନୂତନ ଶ୍ରେଣୀଗୃହ ତିଆରି ହେବକି ମରାମତି ହେବ ତାହା କାହାକୁ ଜଣାନାହିଁ। ପ୍ରଧାନଶିକ୍ଷକ ଶ୍ରୀସ୍ୱାଇଁ ନେତା, ମନ୍ତ୍ରୀ ପାଖକୁ ଧାଇଁଧାଇଁ ନୟାନ୍ତ ହୋଇଥିବା ବେଳେ ସରକାରୀ ଅଧିକାରୀମାନେ ଦେଖି ନଦେଖିବାର ଅଭିନୟକରି ଛାତ୍ରଛାତ୍ରୀଙ୍କ ଜୀବନସହ ଖେଳ ଖେଳୁଥିବା ଅଭିଭାବକ କହିଛନ୍ତି। ଏହି ଘଟଣାରେ ନୟାଗଡ଼ ଜିଲ୍ଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ ଫୋନ୍ ଉଠାଇନଥିବା ବେଳେ ଓଡ଼ଗାଁ ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ ଘଟାଣ ସ୍ଥଳ ପରିଦର୍ଶନ କରିବାପରେ ପଦକ୍ଷେପ ନେବି ବୋଲି କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ଚାରିଛକ,୩୧।୭/ଏନ୍‌ଏନ୍‌ଏସ୍‌:** ନିକଟସ୍ଥ କୃଷ୍ଣପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ପୁରୁଣାସାତଙ୍ଗ ଗ୍ରାମର ସୌଦା ଭୋଇ(୫୫)ଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ଜାଣିବାକୁ ମିଳିଛି। ଖବରରୁ ପ୍ରକାଶ ସେହି ଗ୍ରାମର ରମେଶ ପଣ୍ଡା ନାମକ ଜଣେ ଚାଷୀ ଶାରୁ କିଆରିକୁ ଘୁଷୁରୀ ମାନଙ୍କଠାରୁ ଫସଲ ରକ୍ଷା କରିବା ପାଇଁ ଚାରିପଟେ ବାଡ଼ରେ ବିଦ୍ୟୁତ୍ ଲଗାଇ ଆବଦ୍ଧ କରି ରଖିଥିଲେ। ସେହି ବାଟଦେଇ ସୌଦା ଯାଉଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ସେଠାରୁ ତାଙ୍କୁ ଚିକିତ୍ସା ପାଇଁ ଚାରିଛକ ଡାକ୍ତରଖାନାକୁ ଆଣିଥିଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ମୃତକ ମହିଳାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ୩ଲକ୍ଷ ଟଙ୍କା ଆଦାୟକରି ଫାଇନାନ୍ସ କର୍ମଚାରୀ ଫେରାର

**ଚାରିଛକ,୩୧।୭/ଏନ୍‌ଏନ୍‌ଏସ୍‌:** ନିକଟସ୍ଥ କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ତର୍ଗତ ଜଲ୍ଲାରପୁର (ଶାହାନାଜପୁର)ଠାରେ ଥିବା ଏକ ପ୍ରାଇଭେଟ୍ ଫାଇନାନ୍ସ ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ଜନୈକ କର୍ମଚାରୀ ଚାରିଛକ ଅଞ୍ଚଳରୁ ଋଣ ଗ୍ରହୀତାମାନଙ୍କ ଠାରୁ ଋଣ ପରିଶୋଧ କରିବା ନିମନ୍ତେ ଆଦାୟ କରିଥିବା ୩ଲକ୍ଷ ଟଙ୍କା ହଡପ୍ କରି ନେଇ ଫେରାର ହୋଇଯାଇଥିବା ନେଇ ଋଣ ଗ୍ରହିତା ପଥରପଦା ଗ୍ରାମର ଅରୁଣ କୁମାର ଭୋଇ ଚାରିଛକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ଜଣାଯାଏ ଅଭିଯୁକ୍ତ ଫାଇନାନ୍ସ କର୍ମଚାରୀ ଜଣକ ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ତେଲେଙ୍ଗାପଡା ଗ୍ରାମର ସୀତେଶ କୁମାର ସେଠୀ ଚାରିଛକ ଅଞ୍ଚଳରେ କିଛିଦିନ ହେବ ଉକ୍ତ ଫାଇନାନ୍ସ ତରଫରୁ ଲୋକମାନଙ୍କୁ ଋଣ ଲଗାଇବା ସହିତ ଋଣ କିସ୍ତି ଆଦାୟ କରିଆସୁଥିଲା। କିନ୍ତୁ ଗତ କିଛିଦିନ ତଳେ ଋଣ ଗ୍ରହିତା ପଥରପଦା ଗ୍ରାମର ଅରୁଣ କୁମାର ଭୋଇ, ବ୍ରହ୍ମକୁଣ୍ଡି ଗ୍ରାମର ସନ୍ଧ୍ୟାରାଣୀ ଆଚାର୍ଯ୍ୟ, ସନ୍ଧ୍ୟାରାଣୀ ନାୟକ, ସୁରମା ଭୋଇଙ୍କ ସମେତ ୩୦ଜଣ ଋଣ ଗ୍ରହୀତାଙ୍କଠାରୁ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା କିସ୍ତି ଆକାରରେ ନେଇଥିବା ଜଣାପଡ଼ିଛି। ଋଣ ଗ୍ରହିତା ମାନେ ଅଭିଯୁକ୍ତ କର୍ମଚାରୀଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ, ଯୋଗାଯୋଗ ନହେବାରୁ ଉକ୍ତ ଫାଇନାନ୍ସ ବ୍ୟାଙ୍କକୁ ଯାଇ ଯାଞ୍ଚ କରିବା ପରେ ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ପୁଲିସ ଅଭିଯୋଗ ଗ୍ରହଣକରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ବଲଙ୍ଗା,୩୧।୭/ଏନ୍‌ଏନ୍‌ଏସ୍‌:** କୋଠକୁସାଙ୍ଗ ପଞ୍ଚାୟତ ସରପଞ୍ଚ ଜୟନ୍ତୀ ବିଶ୍ୱାଳଙ୍କ ଶ୍ୱଶୁର ତଥା ଧର୍ମପରାୟଣ ଯଦୁମଣି ବିଶ୍ୱାଳଙ୍କର ମଙ୍ଗଳବାର ସନ୍ଧ୍ୟାରେ ଏହି ପଞ୍ଚାୟତ ଅଧୀନ ଦନ୍ଦିପୁରସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୮୧ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନିପୁଅ ପ୍ରଭାତ ବିଶ୍ୱାଳ ଓ ବୋହୂ, ନାତିନାତୁଣୀ ଓ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଖବର ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ସ୍ୱାମୀ ଶ୍ୟାମସୁନ୍ଦର ନାୟକ, ଅର୍ଜୁନ ବରାଳ, ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୱାର୍ଡସଭ୍ୟ ପ୍ରମୁଖ ଦନ୍ଦିପୁରୁ ବାସଭବନରେ ପହଞ୍ଚି ଯଦୁମଣିଙ୍କ ଶେଷଦର୍ଶନ କରିଥିଲେ।

# ୪ଦିନ ହେଲା କଣ୍ଟିଲୋରେ ପାନୀୟଜଳ ଯୋଗାଣ ବନ୍ଦ



**କଣ୍ଟିଲୋ,୩୧।୭/ଏନ୍‌ଏନ୍‌ଏସ୍‌:** ବାରମ୍ବାର ଲଘୁଚାପଜନିତ ବର୍ଷା ଫଳରେ ମହାନଦୀରେ ଆସିଥିବା ବନ୍ୟାଜଳ ଯୋଗୁ କଣ୍ଟିଲୋରେ ପାନୀୟଜଳ ଯୋଗାଣ ୪ଦିନ ହେଲା ବନ୍ଦ ରହିଥିବା ଜଣାପଡ଼ିଛି। ପାଣି ପମ୍ପ ହାଉସ୍‌ଠାରୁ ମହାନଦୀ ଜଳସ୍ତର ପର୍ଯ୍ୟନ୍ତ କ୍ରମାନ୍ୱୟରେ ଥିବା ସିମେଣ୍ଟପିଣ୍ଡି ଗୁଡ଼ିକ ବୁଡ଼ିଯିବା ଫଳରେ ସଂପୃକ୍ତ କାର୍ଯ୍ୟରତ କର୍ମଚାରୀମାନେ ପାଣି ଟାଣୁଥିବା ମୋଟରଗୁଡ଼ିକୁ ଉପରକୁ ଉଠାଇ ଆଣିଥିବା ଯୋଗୁ ଆଜିକୁ ଚାରିଦିନ ହେଲା କଣ୍ଟିଲୋ ଅଧିବାସୀ ପାନୀୟଜଳ ନପାଇ ବହୁ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି। ସୂଚନାରୁ ପ୍ରକାଶ ଯେ, ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ୍‌ର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ତଥା ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ ଏକକ ପଞ୍ଚାୟତରେ ପ୍ରାୟ କୋଡିଏ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବାବେଳେ ଏଠାକୁ ପ୍ରତିଦିନ ଶ୍ରୀଜିଉଙ୍କ ଦର୍ଶନ ପାଇଁ ଆସୁଥିବା ହଜାର ହଜାର ପର୍ଯ୍ୟଟକ, ଶ୍ରଦ୍ଧାଳୁମାନେ ଆଜିକୁ ଚାରିଦିନ ହେଲା ଟୋପାଏ ପାନୀୟଜଳ ନପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏ ସମସ୍ୟା ଏହି ବର୍ଷର ନୁହେଁ। ପ୍ରତିବର୍ଷ ମହାନଦୀରେ ବନ୍ୟାଜଳ ଆସିଲେ ଜଳସ୍ତର ବଢ଼େ ଏବଂ ଗ୍ରୀଷ୍ମଋତୁରେ ଜଳସ୍ତର କମିଗଲେ ପାନୀୟଜଳ ଯୋଗାଣ ସମସ୍ୟା ଆସିଥାଏ। ସେଥିପାଇଁ ବନ୍ୟା ସମୟେ ଜଳସ୍ତର ଯେତିକି ଯେତିକି ବଢ଼େ ଏବଂ ଗ୍ରୀଷ୍ମଋତୁରେ ଜଳସ୍ତର ଯେତିକି କମେ ସେହି ଅନୁସାରେ କ୍ରମାନ୍ୱୟରେ ପାଣି ଟାଣିବା ମୋଟରକୁ ପମ୍ପ ହାଉସ୍‌ଠାରୁ ଜଳସ୍ତର ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ପିଣ୍ଡିମାନଙ୍କରେ ଦାୟିତ୍ୱରେ ଥିବା ପାନୀୟଜଳ ଯୋଗାଣ କମିଟି ଓ ସରପଞ୍ଚଙ୍କ ସ୍ୱତନ୍ତ୍ର ତତ୍ତ୍ୱାବଧାନରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଦ୍ୱାରା ନିଶ୍ଚିତ ଭାବେ ସମସ୍ୟା ଆସିବା ପୂର୍ବରୁ ସଜାଗ ଓ ସଚେତନ ହୋଇ ମୋଟରକୁ ନିରାପଦ ସ୍ଥାନରେ ରଖି ସର୍ବସାଧାରଣଙ୍କୁ ହଇରାଣ ଓ ଅସୁବିଧାରେ ନପକାଇ ପାନୀୟଜଳ ନିଶ୍ଚିତ ଭାବେ ଯୋଗାଇ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶୁଣିବାକୁ ମିଳୁଛି ପମ୍ପ ହାଉସ୍‌କୁ ନିରାପଦରେ ରଖିବା ଏବଂ ଲୋକଙ୍କୁ ପାଣି ଯୋଗାଇବାରେ ଅସୁବିଧା ନ ହେବା ପାଇଁ ଗଙ୍ଗା ଆଳତି ହେଉଥିବା ସ୍ଥାନକୁ ସ୍ଥାନାନ୍ତରିତ ହେଲେ ଆଉ ଅସୁବିଧା ହେବ ନାହିଁ। ହେଲେ କେବେ ସ୍ଥାନାନ୍ତରିତ ହେବ ଏବଂ ସେ ପର୍ଯ୍ୟନ୍ତ କଣ୍ଟିଲୋବାସୀ କ'ଣ ପାନୀୟଜଳ ବିନା ବଞ୍ଚିପାରିବେ ବୋଲି ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ବିଡିଓ ଏବଂ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ କଣ୍ଟିଲୋ ଅଞ୍ଚଳବାସୀଙ୍କ ଏହି ମୁଖ୍ୟ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି।

**ନଦୀବନ୍ଧ ରାସ୍ତା ଖାଲଖମାରେ ଭର୍ତ୍ତି, ବାଉଁଶ ଦ୍ୱାରା ଅବରୋଧ**

# ଦୁର୍ଘଟଣାରେ ଧନସମ୍ପତ୍ତି ହାନି, ପଥଚାରୀ ଭୟଭୀତ



**ବୟାଳିଶମୌଜା,୩୧।୭/ଏନ୍‌ଏନ୍‌ଏସ୍‌:** କଟକସଦର ବ୍ଲକ୍ ୪୨ମୌଜା ଅନ୍ତର୍ଗତ ୬ଗୋଟି ପଞ୍ଚାୟତର ୯୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣମାନଙ୍କ ଗମନାଗମନ ନିମନ୍ତେ ଚାନ୍ଦୁଲିଠାରୁ ଝିଙ୍କିରିଆ ପର୍ଯ୍ୟନ୍ତ ପରିବ୍ୟାପ୍ତ ସିଡୁଆ ନଦୀବନ୍ଧ ଏବଂ ମିର୍ଜାଇପୁର ଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ପରିବ୍ୟାପ୍ତ କାଠଯୋଡୀ ନଦୀବନ୍ଧ ଉପରେ ନିର୍ଭର କରିଥାନ୍ତି। ସେହିପରି ଜଗତ୍‌ସିଂହପୁର, ପାରାଦ୍ୱୀପ, ସାଲେପୁର, କେନ୍ଦ୍ରାପଡା, ନିଆଳି, ଅଡଶପୁର, ଭୁବନେଶ୍ୱର ଆଦି ଅଞ୍ଚଳରୁ ହଜାର ହଜାର ଜନସାଧାରଣ ପ୍ରତ୍ୟେକ ଦିନ ନିଜର ଆବଶ୍ୟକୀୟ କାର୍ଯ୍ୟନିମନ୍ତେ ୪୨ମୌଜା ମଧ୍ୟଦେଇ କଟକ, ଭୁବନେଶ୍ୱର ଓ ଓଡିଶାର ଅନ୍ୟ ଅଞ୍ଚଳକୁ ଉକ୍ତ ଦୁଇଗୋଟି ନଦୀବନ୍ଧ ଦେଇ ଗତାଗତ କରିଥାନ୍ତି। କିନ୍ତୁ ପ୍ରଶାସନର ଅଣଦେଖା ଓ ଦାୟିତ୍ୱହିନତା ଯୋଗୁ ନଦୀବନ୍ଧ ପାର୍ଶ୍ୱରେ ଥିବା ବିରାଟ ବିରାଟ ବାଉଁଶ ଗଛ ଓ ଅନ୍ୟ ଜଙ୍ଗଲି ଗଛଗୁଡିକରୁ ଡାଳ ଓ ବାଉଁଶଗୁଡିକ ମୁଖ୍ୟରାସ୍ତା ଉପରେ ପଡି ମୁଖ୍ୟରାସ୍ତାକୁ ଅବରୋଧ କରୁଥିବା ବେଳେ ଅନ୍ଧାର ସମୟରେ ପଥଚାରୀ ବହୁ ସମୟରେ ନଜାଣି ପାରି ରାସ୍ତାକୁ ଅବରୋଧ କରି ପଡିଥିବା ବାଉଁଶ ଗଛରେ ମାଡ ହୋଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଚଳନ୍ତି ବର୍ଷା ପବନରେ ନଦୀବନ୍ଧ ରାସ୍ତାକୁ ବାଉଁଶ ଓ ଅନାବନା ବୃକ୍ଷରାଶି ଅବରୋଧ କରିଦେଇଥିବା ବେଳେ ରାସ୍ତା ମଧ୍ୟ ଖାଲଖମାରେ ପରିଣତ ହୋଇଗଲାଣି। ଯଦ୍ୱାରା ୧୦୮, ୧୦୨ ଆମ୍ବୁଲାନ୍ସ, ପୁଲିସ୍ ଗାଡି, ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ୍, କଲେଜ୍‌କୁ ନେଇ ଯାଉଥିବା ଗାଡି, ଦମକଳ ଗାଡିଗୁଡିକ ବାଉଁଶ ଗଛର ଅବରୋଧ ଯୋଗୁ ସଠିକ୍ ସମୟରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରୁନଥିବା ଅଭିଯୋଗ ହେଉଛି। ଏହି ଗୁରୁତର ସମସ୍ୟା ବିଷୟରେ ବାରମ୍ବାର କଟକ ଜିଲ୍ଲାପାଳ, କଟକସଦର ବିଡିଓ, ଦୁଇଗୋଟି ନଦୀବନ୍ଧ ପ୍ରକଳ୍ପ ଉନ୍ନୟନ ବିଭାଗ ଉଚ୍ଚପଦସ୍ଥ ଅଧିକାରୀ ଏବଂ ବନବିଭାଗ ଅଧିକାରୀଙ୍କ ନିକଟରେ ଦୃଷ୍ଟି ଆକର୍ଷଣ ସହିତ ଦାବି କରାଯାଉଥିଲେ ମଧ୍ୟ କାର୍ଯ୍ୟ ଓ ସମସ୍ୟା ସମାଧାନ ଶୂନ ହେଉଥିବା କାରଣରୁ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରୁ ଭରସା ତୁଟିଗଲାଣି ଏବଂ କେବଳ ପଥଚାରୀ ହଇରାଣ ହତକତ ହେବା ସାର ହେଉଛି। ଏଥିପାଇଁ ଚଳନ୍ତି ଦଶହରା ପୂଜା ପୂର୍ବରୁ ୪୨ମୌଜାକୁ ଘେରି ରହିଥିବା ଦୁଇଗୋଟି ନଦୀବନ୍ଧକୁ ଅବରୋଧ କରୁଥିବା ପାର୍ଶ୍ୱବର୍ତ୍ତୀ ବାଉଁଶଗଛ ସହିତ ଅନ୍ୟ ଅନାବନା ଜଙ୍ଗଲିଗଛଗୁଡିକୁ ସଫା କରିବା ଏବଂ ପ୍ରତ୍ୟେକ ସମୟରେ ଗଛଗୁଡିକର ଡାଳଗୁଡିକୁ ରାସ୍ତାକୁ ନମାଡିବା ପାଇଁ ୪ଜଣ ବନକର୍ମଚାରୀ ନିୟୋଜିତ କରିବାକୁ ୪୨ମୌଜା ସୁସ୍ଥସମାଜ ମିଶନ୍ ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ଉପସ୍ଥାପନା କରାଯାଇଛି। ନଚେତ୍ ଏହା ବିରୁଦ୍ଧରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଯୁବ ଜାଗରଣ ମଞ୍ଚ ତରଫରୁ ମୌନ ଧାରଣା ଦିଆଯିବ ବୋଲି କମିଟିର କର୍ମକର୍ତ୍ତାମାନେ ସୂଚନା ପ୍ରଦାନ କରିଛନ୍ତି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**କୋଣାର୍କ,୩୧।୭/ଏନ୍‌ଏନ୍‌ଏସ୍‌:** ବୁଧବାର କୋଣାର୍କ କାକଟପୁର ମୁଖ୍ୟରାସ୍ତା ବାଲିଦୋକାନ ନିକଟସ୍ଥ ଗୁହାଳପୁର ଗ୍ରାମର ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ଆର୍ତ୍ତତ୍ରାଣ ମହାନ୍ତିଙ୍କ ଆଜି ସକାଳେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଶ୍ରୀ ମହାନ୍ତି ଭୁବନେଶ୍ୱର ଗୁଡ଼ିଆପୋଖରୀ ଗୋବିନ୍ଦପୁର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘବର୍ଷ ଧରି ଶିକ୍ଷକତା କରିବା ପରେ କୋଣାର୍କ ବାଲିଦୋକାନ ନିକଟସ୍ଥ କାକଟପୁର ବ୍ଲକ କନ୍ତିମଳା(କୋଟାଙ୍ଗ) ଗ୍ରାମର ପ୍ରାଥମିକ ସ୍କୁଲ୍‌ରେ ନିଜର ଶିକ୍ଷକତା ଚାକିରିରୁ ଅବସର ନେଇ ନିଜ ଗ୍ରାମରେ ରହୁଥିଲେ। ଗୁହାଳପୁର ଗ୍ରାମରେ ନିଜ ବାସଗୃହରେ ଦୀର୍ଘଦିନ ହେବ ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୯୦ବର୍ଷ ବୟସ ହୋଇଥିଲା। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବାମାତ୍ରେ ଗୁହାଳପୁର, ବାଲିଦୋକାନ ଗ୍ରାମର ଶତାଧିକ ଗ୍ରାମବାସୀ ସମେତ କୋଣାର୍କ ଅଞ୍ଚଳର ବହୁ ମାନ୍ୟଗଣ ବ୍ୟକ୍ତି ତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେବା ସହିତ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ଅସୁସ୍ଥ ମାଈ ହାତୀ ଉଦ୍ଧାର



**ତିଗିରିଆ,୩୦।୭/ଏନ୍‌ଏନ୍‌ଏସ୍‌:** ଆଜି ତିଗିରିଆ ବନଖଣ୍ଡରୁ ଏକ ମାଈହାତୀ ଅସୁସ୍ଥ ଅବସ୍ଥାରେ ପଡ଼ିଥିବାର ଖବର ପାଇ ବନବିଭାଗ ଓ ଉଦ୍ଧାରକାରୀ ଡାକ୍ତରୀଦଳ ପହଞ୍ଚି ହାତୀଟିର ଚିକିତ୍ସା କରିଛନ୍ତି ଓ ପରେ ହାତୀଟିର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ତିଗିରିଆ ବନଖଣ୍ଡ ଅନ୍ତର୍ଗତ ସୋରିଷପାଳ ଜଙ୍ଗଲ ସୁଦର୍ଶନପୁର ପଣ୍ଟେଇ ଠାକୁରାଣୀଙ୍କ ପୀଠ ତଥା ଖେଳପଡ଼ିଆ ନିକଟରେ ଥିବା ଏକ ବ୍ୟକ୍ତିଗତ ଶାଗୁଆନ ଜଙ୍ଗଲରେ ଏହି ଅସୁସ୍ଥ ଛୁଆହାତୀକୁ ଗ୍ରାମର ଲୋକମାନେ ଆଜି ସକାଳୁ ଶୌଚ ପାଇଁ ଯାଇଥିବା ବେଳେ ଠାବ କରିଥିଲେ। ଖବର ପାଇ ବନବିଭାଗ କର୍ମଚାରୀଙ୍କ ସମେତ ବନପାଳ ପ୍ରଶାନ୍ତ ପରିଡା ଘଟଣାସ୍ଥଳରେ ପହଞ୍ଚି ହାତୀଟି ଅସୁସ୍ଥ ହୋଇ ପଡ଼ିରହିଥିବା ଅନୁମାନକରି ସୂଚନା ଦେଇଥିଲେ। ପରେ ଖବରପାଇ ଆଠଗଡ଼ ରେଞ୍ଜର ରବୀନ୍ଦ୍ର ନାୟକ, ଆଠଗଡ଼ ଏସ୍‌ସିଏଫ୍ ମନୋଜ ପାତ୍ର ଓ କପିଳାସରୁ ଆସିଥିବା ଉଦ୍ଧାରକାରୀ ଡାକ୍ତରୀଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ପଶୁ ଚିକିତ୍ସକ ଅସିତ ଚକ୍ରବର୍ତ୍ତୀ ହାତୀଟିର ଚିକିତ୍ସା କରିଥିଲେ। ତେବେ ଏହା ଏକ ମାଈ ହାତୀ ଓ ଏହାର ବୟସ ପ୍ରାୟ ୨ବର୍ଷ ବୋଲି ଜଣାପଡ଼ିଥିଲା। ହାତୀଟିର ପେଟରେ ଗ୍ୟାସ ସମସ୍ୟା ଥିବାରୁ ଏପରି ହୋଇଥିବା ଡାକ୍ତର ପ୍ରକାଶ କରିଥିଲେ। ଚିକିତ୍ସା ପରେ ହାତୀଟିର ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଛି ଏବଂ ହାତୀଟି ଚଳାବୁଲା କରୁଥିବା ଜଣାପଡ଼ିଛି।

**ନିତି ଭାରତୀ**

ଧ୍ୟାନ ଜ୍ଞାନ ଅର୍ଜନ କରିଥାଏ; ଧ୍ୟାନର ଅଭାବରେ ମନୁଷ୍ୟ ଅଜ୍ଞ ପାଲଟି ଥାଏ। କେଉଁ ପଥଟି ଆଗକୁ ନେବ ଏବଂ କେଉଁଟି ପଛକୁ, ତାହା ଉତ୍ତମ ରୂପେ ଜାଣି ଜ୍ଞାନର ଦିଗରେ ଅଗ୍ରସର ହେବା ଉଚିତ। - ଗୌତମ ବୁଦ୍ଧ

ନିତିଦିନ NITIDIN
ଗୁରୁବାର, ୧ ଅଗଷ୍ଟ, ୨୦୨୪

# ଭାରତୀୟ ଗଣତନ୍ତ୍ରରେ ମତଦାନ ହାର

ବିଶ୍ୱ ଗଣତନ୍ତ୍ରର ଜନନୀ ବୋଲି କୁହା ଯାଉଥିବା ଭାରତର ସାଧାରଣ ନିର୍ବାଚନ ଇତିହାସରେ ଅଦ୍ୟାବଧି କୌଣସି ରାଜନୈତିକ ଦଳ ମୋଟ ମତଦାନର ୫୦% ଭୋଟ ପାଇବାରେ ସମର୍ଥ ହୋଇ ନାହାନ୍ତି। ଅର୍ଥାତ୍ ଏକ ସଂଖ୍ୟାଲଘୁ ଭୋଟ ହାସଲକାରୀ ରାଜନୈତିକ ଦଳ ବା ମେଣ୍ଟ ଭାରତୀୟ ଜନସାଧାରଣଙ୍କ ଭାଗ୍ୟ ସର୍ବଦା ନିର୍ଦ୍ଧାରଣ କରି ଆସୁଛନ୍ତି। ଆଜି ସୁଦ୍ଧା ଦେଶର କୌଣସି ରାଜନୈତିକ ଦଳ ଯଦି ସର୍ବାଧିକ ଭୋଟ ପାଇବାରେ ସମର୍ଥ ହୋଇଥାଏ, ତାହା ହେଲା କଂଗ୍ରେସ। ୧୯୮୪ ମସିହାରେ ଅଙ୍ଗରକ୍ଷୀର ଗୁଳିରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନିଧନ ଘଟଣାରୁ ସୃଷ୍ଟ ଅନୁକମ୍ପା ହାୱାରେ କଂଗ୍ରେସ ୪୮.୧% ଭୋଟ ପାଇ ୪୧୪ ଆସନ ଦଖଲ କରିଥିଲା। ଏହି ବର୍ଷ ଭାରତୀୟ ଜନତା ପାର୍ଟି ୭.୫% ଭୋଟ ପାଇ ପ୍ରଥମ ଥର ପାଇଁ ଖାତା ଖୋଲିଥିଲା। ଦଳ ୨ଟି ଆସନରେ ବିଜୟୀ



ସୌଭାଗ୍ୟ ସୁନ୍ଦରରାୟ

ହୋଇଥିଲା। ଏହା ପୂର୍ବରୁ କଂଗ୍ରେସ ଦଳ ୧୯୫୭ ମସିହା ନିର୍ବାଚନରେ ୪୭.୮% ଭୋଟ ପାଇଁ ୩୭୧ଟି ଆସନରେ ବିଜୟୀ ହୋଇଥିଲା। ବର୍ତ୍ତମାନ ଦେଶର ଶାସକ ଭାରତୀୟ ଜନତା ପାର୍ଟି (ଭାଜପା) ସର୍ବାଧିକ ପରିମାଣର ୩୭.୭% ଭୋଟ ୨୦୧୯ ମସିହା ନିର୍ବାଚନରେ ପାଇ ୩୦୩ଟି ଆସନରେ ବିଜୟୀ ହୋଇଥିଲା। ସଂପ୍ରତିକ ଭୋଟ ହାସଲ ଧାରାକୁ ଗଣନା କଲେ ଦେଶରେ ଯଦି କୌଣସି ରାଜନୈତିକ ଦଳ ମୋଟ ମତଦାନର ୩୧% ଭୋଟ ହାସଲ କରେ, ତା'ହେଲେ ଦଳ ସ୍ପଷ୍ଟ ବିଜେତା ବା ଏକକ ସଂଖ୍ୟା ଗରିଷ୍ଠ ଦଳ ହୋଇଯିବ। ଅର୍ଥାତ୍ ୩୧% ଭୋଟରେ ଦଳ ୨୭୨ଟି ଆସନରେ ବିଜୟୀ ହୋଇ ପାରିବ।

ତେବେ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ ୧୯୮୯ ଓ ୧୯୯୧ ମସିହା ନିର୍ବାଚନରେ ଦେଖା ଯାଇଥିଲା। ୧୯୮୯ ମସିହା ନିର୍ବାଚନରେ କଂଗ୍ରେସ ଦଳ ୩୯.୫% ଭୋଟ ପାଇ ମଧ୍ୟ ୨୭୨ଟି ସ୍ପର୍ଶ କରିପାରି ନଥିଲା। ଏହା ୧୯୭ ଆସନରେ ବିଜୟୀ ହୋଇଥିଲା। ଅନ୍ୟ ପ୍ରମୁଖ ଦଳ ମଧ୍ୟରୁ ଜନତା ଦଳ ୧୭.୭% ଭୋଟ ପାଇ ୧୪୩ ଆସନରେ ବିଜୟୀ ହୋଇଥିଲା। ଭାରତୀୟ ଜନତା ପାର୍ଟି ୮୫ଟି ଓ ସିପିଏମ ୩୩ଟି ଆସନରେ ବିଜୟୀ ହୋଇଥିଲେ। ସଂଖ୍ୟା ଗରିଷ୍ଠତା ଅଭାବରୁ କଂଗ୍ରେସ ଦଳ ସରକାର ଗଠନ କରିବାରେ ବିଫଳ ହେଲା। ବିରୋଧୀ ମେଣ୍ଟ ସରକାର ଗଠନ କଲା ଏବଂ ପ୍ରଧାନମନ୍ତ୍ରୀ ହେଲେ ଭିପି ସିଂହ। ୧୯୮୯ ମସିହାରେ ଦେଶରେ ପ୍ରାୟତଃ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇ ଭୋଟ ବିଭାଜନ ଘଟିଥିଲା। ଏହି ନିର୍ବାଚନରେ ୧୧୩ଟି ଆଞ୍ଚଳିକ ଦଳ ଅଂଶଗ୍ରହଣ କରିବା ଜଣାଯାଏ। ୧୯୮୪-୮୫ ମସିହାରେ ଦେଶରେ ୩୫ଟି ଆଞ୍ଚଳିକ ଦଳ ଥିବା ବେଳେ ହଠାତ୍ ଏହା ୧୧୩କୁ ବୃଦ୍ଧି ପାଇଥିଲା। ଭିପି ସିଂହଙ୍କ ନେତୃତ୍ୱରେ ଜାତୀୟ ସାମ୍ମୁଖ୍ୟ ସରକାର ବେଶୀ ଦିନ ତିଷ୍ଠି ପାରିଲା ନାହିଁ। ସରକାରକୁ ବାହାରୁ ସମର୍ଥନ ଦେଉଥିବା ଭାରତୀୟ ଜନତା ପାର୍ଟି ନେତା ଲାଲକୃଷ୍ଣ ଆଡଭାନୀଙ୍କ ରାମ ରଥଯାତ୍ରାକୁ ବିହାରରେ ଅଟକା ଯିବାରୁ ଦଳ ଜାତୀୟ ସାମ୍ମୁଖ୍ୟ ସରକାରରୁ ସମର୍ଥନ ପ୍ରତ୍ୟାହାର କରି ନେଇଥିଲା। ଏହା ପରେ କଂଗ୍ରେସ ସମର୍ଥନରେ ଚନ୍ଦ୍ରଶେଖର ପ୍ରଧାନମନ୍ତ୍ରୀ ହୋଇଥିଲେ। ଏ ସରକାର ମଧ୍ୟ ଅଧିକ ଦିନ ତିଷ୍ଠି ପାରିଲା ନାହିଁ। ଫଳରେ ୧୯୯୧-୯୨ ମସିହାରେ ପୁନର୍ବାର ନିର୍ବାଚନ ହେଲା। କଂଗ୍ରେସ ଦଳ ୩୬.୪% ଭୋଟ ପାଇ ୨୪୪ ଆସନରେ ବିଜୟୀ ହୋଇଥିଲା। ଅର୍ଥାତ୍ ଦଳ ଏକକ ସଂଖ୍ୟା ଭାବେ ଉଭା ହେଲା। ଏହି ସମୟରେ ରାଜୀବ ଗାନ୍ଧୀଙ୍କ ନିଧନ ସତ୍ତ୍ୱେ ଦଳ ସ୍ପଷ୍ଟ ବହୁମତ ପାଇ ପାରିଲା ନାହିଁ। ଏହି ନିର୍ବାଚନ ବେଳକୁ ଦେଶରେ ଆଞ୍ଚଳିକ ଦଳ ସଂଖ୍ୟା ୧୪୫ରେ ପହଞ୍ଚିଲା।

୧୯୯୬ ମସିହାରେ ଅନୁଷ୍ଠିତ ଏକାଦଶ ଲୋକସଭା ନିର୍ବାଚନରୁ ଅଦ୍ୟାବଧି ହୋଇଥିବା ମତଦାନ ହାର ବିଶ୍ଳେଷଣ କଲେ ଜଣାଯାଏ ଯେ ଏହି ସମୟରେ କୌଣସି ଦଳ ୩୧% ଭୋଟ ପାଇଲେ ଏହା ମ୍ୟାଜିକ ନମ୍ବର ସଂଖ୍ୟକ ଆସନ ଅର୍ଥାତ୍ ୨୭୨ରେ ପରିବର୍ତ୍ତନ ହୋଇ ପାରିବ। ୧୯୯୬ ମସିହାରେ ଭାରତୀୟ ଜନତା ପାର୍ଟି ୨୦.୩% ଭୋଟ ପାଇ ୧୬୧ଟି ଆସନ ଲାଭ କରିଥିବା ବେଳେ କଂଗ୍ରେସ ୨୮.୮% ଭୋଟ ପାଇ ୧୪୦ ଆସନ ଲାଭ କରିଥିଲା। ୧୯୯୮ ମସିହା ନିର୍ବାଚନରେ ଭାରତୀୟ ଜନତା ପାର୍ଟି ଓ କଂଗ୍ରେସ ଯଥାକ୍ରମେ ୨୫.୬% ଓ ୨୫.୮% ଭୋଟ ପାଇ ୧୮୨ ଓ ୧୪୧ ଆସନରେ ବିଜୟୀ ହୋଇଥିଲେ। ୧୯୯୯ ମସିହା ନିର୍ବାଚନରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ନିର୍ବାଚନରେ ଭାରତୀୟ ଜନତା ପାର୍ଟି ୨୩.୮% ଭୋଟ ପାଇ ୧୮୨ଟି ଆସନରେ ବିଜୟୀ ହୋଇଥିବା ବେଳେ କଂଗ୍ରେସ ୨୮.୩% ଭୋଟ ପାଇ ୧୧୪ଟି ଆସନରେ ସନ୍ତୁଷ୍ଟ ହୋଇଥିଲା। ଲକ୍ଷ୍ୟ କରିବାର କଥା ଏହି ତିନି ନିର୍ବାଚନରେ କଂଗ୍ରେସର ଭୋଟ ହାର ଅଧିକ ଥାଇ ମଧ୍ୟ ଆସନ ସଂଖ୍ୟା କମ୍ ରହିଥିଲା। ଏଣୁ ଧରିବାକୁ ପଡ଼ିବ ଅଧିକ ଆଞ୍ଚଳିକ ଦଳର ଆବିର୍ଭାବ ଯୋଗୁଁ ସର୍ବଭାରତୀୟ ସ୍ତରରେ କଂଗ୍ରେସର ଭୋଟ ହାର ଅଧିକ ରହିଥିଲେ ମଧ୍ୟ ଏହା ଆସନରେ ରୂପାନ୍ତରିତ ହୋଇ ପାରିଲା ନାହିଁ। ଏଥି ସହ ଏହି ତିନି ନିର୍ବାଚନରେ କୌଣସି ଦଳ ୩୧% ଭୋଟ ହାସଲ କରି ନ ଥିବାରୁ ମ୍ୟାଜିକ୍ ନମ୍ବର ଛୁଇଁପାରି ନଥିଲେ। ଏକକ ସଂଖ୍ୟା ଗରିଷ୍ଠ ଦଳ ହୋଇଥିଲେ। ୩ ଥରଯାକ ଭାଜପା ନେତା ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏନ୍‌ଡିଏ) ସରକାର ଗଠନ ହୋଇଥିଲା। ପ୍ରଥମ ଥର ସଂଖ୍ୟା ଗରିଷ୍ଠତା ହାସଲ କରିବାରେ ବିଫଳ ହେବା ଯୋଗୁଁ ବାଜପେୟୀଙ୍କୁ ୧୬ ଦିନରେ ଇସ୍ତଫା ଦେବାକୁ ପଡ଼ିଥିଲା। ଦ୍ୱିତୀୟ ପାଳିରେ ସରକାର ୧୩ ମାସରେ ଭାଙ୍ଗି ଯାଇଥିଲା। ସରକାରଙ୍କୁ ସମର୍ଥନ ଦେଉଥିବା ଜୟଲଳିତାଙ୍କ ଏଆଇଏଡିଏମକେ ଦଳ ସମର୍ଥନ ପ୍ରତ୍ୟାହାର କରିନେବାରୁ ସରକାର ଗୋଟିଏ ମାତ୍ର ଭୋଟରେ ଅନାସ୍ଥା ପ୍ରସ୍ତାବ ହାରି ଯାଇଥିଲେ। ଏହି ଏକମାତ୍ର ଭୋଟ ଥିଲା ତତ୍କାଳୀନ ଓଡ଼ିଶାର କଂଗ୍ରେସ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କର। ୧୯୯୯ ମସିହା ନିର୍ବାଚନରେ ଭାଜପା ପୂର୍ବ ସଂଖ୍ୟକ ୧୮୨ ଆସନରେ ବିଜୟୀ ହୋଇଥିଲେ ମଧ୍ୟ କଂଗ୍ରେସର ଆସନ ସଂଖ୍ୟା ହ୍ରାସ ପାଇଥିବାରୁ ଦଳ ସଫଳତାର ସହ ମେଣ୍ଟ କରି ପାରିଥିଲା। ଫଳରେ ବାଜପେୟୀ ପ୍ରଧାନମନ୍ତ୍ରୀ ଭାବେ ୫ ବର୍ଷ କାର୍ଯ୍ୟକାଳ ସଂପୂର୍ଣ୍ଣ କରିଥିଲେ।

୨୦୦୪ ମସିହାରେ ମତଦାନ ଓ ଆସନ ସଂଖ୍ୟାରେ ପୁଣି ଘଟିଲା ପରିବର୍ତ୍ତନ। ଏହି ନିର୍ବାଚନରେ ଭାରତୀୟ ଜନତା ପାର୍ଟି ୨୬.୫% ଭୋଟ ପାଇ ୧୪୫ ଆସନରେ ବିଜୟୀ ହୋଇଥିବା ବେଳେ ଭାଜପା ୨୨.୨% ଭୋଟ ପାଇ ୧୩୮ ଆସନ ଲାଭ କରିଥିଲା। ଫଳରେ କଂଗ୍ରେସ ନେତୃତ୍ୱରେ ମେଣ୍ଟ ସରକାର ଗଠନ ହୋଇଥିଲା। ପ୍ରଧାନମନ୍ତ୍ରୀ ହୋଇଥିଲେ ଡକ୍ଟର ମନମୋହନ ସିଂହ। ୨୦୦୯ ମସିହା ନିର୍ବାଚନ ବେଳକୁ ଭାରତୀୟ ଜନତା ପାର୍ଟି ଆସନ ସଂଖ୍ୟାରେ ପୁଣି ହ୍ରାସ ଘଟିଲା। ଦଳ ୧୮.୮% ଭୋଟ ପାଇ ୧୧୬ଟି ଆସନରେ ସନ୍ତୁଷ୍ଟ ହୋଇଥିବା ବେଳେ କଂଗ୍ରେସ ୨୮.୬% ଭୋଟ ପାଇ



୨୦୬ଟି ଆସନରେ ବିଜୟୀ ହୋଇଥିଲା। ଏହି ଦୁଇ ନିର୍ବାଚନରେ କୌଣସି ଦଳ ୩୧% ଭୋଟ ପାଇ ମ୍ୟାଜିକ ନମ୍ବର ହାସଲ କରି ପାରିଲେ ନାହିଁ। କଂଗ୍ରେସ କେବଳ ଏକକ ସଂଖ୍ୟା ଗରିଷ୍ଠ ଦଳ ଭାବେ ସରକାର ଗଠନ କରି ୧୦ ବର୍ଷ ସଫଳତାର ସହ କାର୍ଯ୍ୟକାଳ ଶେଷ କରିଥିଲା।

୧୯୯୬ ମସିହାରୁ ଅନୁଷ୍ଠିତ ୫ଟି ସାଧାରଣ ନିର୍ବାଚନ ପରେ ମତଦାନ ଧାରାରେ ଆସିଲା ଏକ ନିର୍ଣ୍ଣାୟକ ମୋଡ଼। ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୧୪ ମସିହା ସାଧାରଣ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ୩୧.୩% ଭୋଟ ପାଇ ୨୮୨ଟି ଆସନରେ ବିଜୟୀ ହୋଇଥିଲା। ୧୦ ବର୍ଷ ବ୍ୟବଧାନ ପରେ ଏନଡିଏ ପୁନର୍ବାର କ୍ଷମତାକୁ ଫେରିଥିଲା ଓ ପ୍ରଧାନମନ୍ତ୍ରୀ ହୋଇଥିଲେ ନରେନ୍ଦ୍ର ମୋଦୀ। ଦ୍ୱିତୀୟ ଥର ୨୦୧୯ ମସିହାରେ ଅନୁଷ୍ଠିତ ନିର୍ବାଚନରେ ଦଳର ଭୋଟ ହାର ୩୭.୭%କୁ ବୃଦ୍ଧି ପାଇଥିଲା। ଏହାର ଆସନ ସଂଖ୍ୟା ଥିଲା ୩୦୩। ଅର୍ଥାତ୍ ୩୧% ଅତିକ୍ରମ କରିବା ସହ ଦଳ ମ୍ୟାଜିକ୍ ନମ୍ବର ମଧ୍ୟ ହାସଲ କରିବାରେ ସମର୍ଥ ହେଲା। ୨୦୧୪ ଓ ୨୦୧୯ ନିର୍ବାଚନରେ କଂଗ୍ରେସ ଯଥାକ୍ରମେ ୧୯.୬ ଓ ୧୯.୭% ଭୋଟ ପାଇ ୪୪ଟି ଓ ୫୨ଟି ଆସନରେ ସନ୍ତୁଷ୍ଟ ହୋଇଥିଲା। ୨୦୨୪ ନିର୍ବାଚନ ମଧ୍ୟ ମତଦାନ ହାର ଓ ସଂଖ୍ୟାରେ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି କରିଛି। ୨୦୧୯ ତୁଳନାରେ ଚଳିତ ଥର କଂଗ୍ରେସ ଭୋଟ ହାର ମାତ୍ର ୧.୭୩% ବୃଦ୍ଧି ପାଇ ୨୧.୨୨% ହୋଇଛି। କିନ୍ତୁ ଆସନ ସଂଖ୍ୟା ପାଖାପାଖି ୪୮ ବୃଦ୍ଧି ପାଇଛି। ତେଣେ ଭାରତୀୟ ଜନତା ପାର୍ଟିର ଭୋଟ ହାର ମାତ୍ର ୧.୧୩% ହ୍ରାସ ପାଇ ୩୬.୫୭ ହୋଇଥିବା ବେଳେ ଏହା ୬୩ଟି ଆସନ ହରାଇଛି। ଦେଖିବାକୁ ଗଲେ ୧.୧୩% ହ୍ରାସରେ ଭାରତୀୟ ଜନତା ପାର୍ଟି ଯେଉଁ ସଂଖ୍ୟକ ଆସନ ହରାଇଛି, ତା'ଠାରୁ ଅଧିକ ଭୋଟ ହାର ଥାଇ କଂଗ୍ରେସ ସେହି ସଂଖ୍ୟକ ଆସନ ପାଇପାରି ନାହିଁ। ଭାରତୀୟ ମତଦାନ ପରିବେଶର ଏଦିଗ ସଂପର୍କରେ ଗଭୀର ଅନୁଧ୍ୟାନର ଆବଶ୍ୟକତା ରହିଛି।

ଦିନକୁ ଦିନ ଅଧିକରୁ ଅଧିକ ଆଞ୍ଚଳିକ ଦଳର ଆବିର୍ଭାବ ଦେଶର ମତଦାନ ଢାଞ୍ଚାରେ ପରିବର୍ତ୍ତନ ଆଣୁଛି। ଉଦାହରଣ ସ୍ୱରୂପ, ଚଳିତ ବର୍ଷ ମେରା ଅଧିକାର ରାଷ୍ଟ୍ରୀୟ ଦଳ (ଏମଏଆରଡି) ନାମକ ଏକ ଦଳ ଲକ୍ଷ୍ନୌ, ରାଞ୍ଚି ଓ ଗୋରଖପୁରରୁ ପ୍ରତିଦ୍ୱନ୍ଦ୍ୱିତା କରୁଛି। ପୁରୁଷ ଅଧିକାର ପାଇଁ ଏହି ଦଳ ଲଢୁଥିବାରୁ ଏହାର ନିର୍ବାଚନୀ ସ୍ଲୋଗାନ ରହିଛି 'ମର୍ଦ୍ଦ କୋ ଦର୍ଦ୍ଦ ହୋତା ହୈ।' ଅଶୋକା ବିଶ୍ୱବିଦ୍ୟାଳୟର ତ୍ରିବେଦୀ ସେଣ୍ଟର ଫର ପଲିଟିକାଲ ଡାଟା ଓ ନିର୍ବାଚନ କମିଶନ ସୂତ୍ର ଅନୁଯାୟୀ, ଚଳିତ ବର୍ଷ ଦେଶରେ ୭୪୪ଟି ଦଳ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରୁଛନ୍ତି। ୨୦୧୯ ନିର୍ବାଚନରେ ଏହି ସଂଖ୍ୟା ଥିଲା ୬୭୩। ୧୯୮୯ ଓ ୧୯୯୧ ମସିହାରେ କଂଗ୍ରେସ ୩୬%ରୁ ୩୯% ଭୋଟ ପାଇ ମ୍ୟାଜିକ ସଂଖ୍ୟକ ଆସନ ପାଇ ପାରିଲା ନାହିଁ, ଅଥଚ ୨୦୧୪ ମସିହାରେ ଭାରତୀୟ ଜନତା ପାର୍ଟି ୩୧.୩% ଭୋଟ ପାଇ ମ୍ୟାଜିକ ନମ୍ବର ଅତିକ୍ରମ କରିଗଲା। ଏହା ହିଁ ଭାରତୀୟ ମତଦାନ ଶୈଳୀର ଏକ ଅଭିନବ ଦିଗ।■

ବରିଷ୍ଠ ସାମ୍ବାଦିକ, ମୋ: ୯୪୩୭୨୨୯୨୩୩

# ଚୀନ୍ ଚିନ୍ତା

ନିକଟରେ ଚୀନ୍ ଓ ଭାରତର ସମ୍ପର୍କ ବିଷୟରେ ବର୍ହିବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଯେଉଁ ବିବୃତି ପ୍ରଦାନ କରିଛନ୍ତି, ତାକୁ ଏକ ସ୍ପଷ୍ଟ ସ୍ୱୀକାରୋକ୍ତି ବୋଲି କୁହାଯାଇପାରେ। ସେ ନିର୍ଦ୍ଦିଷ୍ଟ ଭାବରେ ପ୍ରକାଶ କରିଛନ୍ତି ଯେ ଭାରତ ସହିତ ଚୀନ୍ ମଧ୍ୟରେ ବର୍ତ୍ତମାନ ରହିଥିବା ସମ୍ପର୍କକୁ ଆଦୌ ସୌହାର୍ଦ୍ଦ୍ୟପୂର୍ଣ୍ଣ ବୋଲି କୁହାଯାଇ ପାରିବ ନାହିଁ। ତାଙ୍କର ଏହି ବିବୃତି ଭାରତ ଓ ଚୀନ୍ ଭିତରେ ବଜାୟ ରହିଥିବା କୂଟନୀତିକ ଉତ୍ତେଜନା ଉପରେ ଗୁରୁତ୍ୱାରୋପ କରିଛି। ଏହା ପୂର୍ବରୁ ମଧ୍ୟ ସେ କହିଥିଲେ ଯେ ଚୀନ୍ ହେଉଛି ଆମଠାରୁ ଏକ ବଡ଼ ଅର୍ଥନୀତି, ଯାହାର ଅର୍ଥ ହେଉଛି- ଚୀନ୍ ବିପକ୍ଷରେ ଆମେ କୌଣସି କାର୍ଯ୍ୟାନୁଷ୍ଠାନ କରିବା ପୂର୍ବରୁ ଦୁଇ ଥର ଚିନ୍ତା କରିବା ଉଚିତ। ମନ୍ତ୍ରୀଙ୍କର ସାମ୍ପ୍ରତିକ ଭାରତ-ଚୀନ୍ ସମ୍ପର୍କ ସମ୍ବନ୍ଧିତ ଆକଳନ ବିଭିନ୍ନ ପ୍ରକାରର କୂଟନୀତିକ ଉଦ୍ୟମ ସମୂହ ଏବଂ ଉଚ୍ଚସ୍ତରୀୟ ବାର୍ତ୍ତାଳାପ ସତ୍ତ୍ୱେ ଦୁଇ ଦେଶଙ୍କ ଭିତରେ ରହିଥିବା ଆହ୍ୱାନଗୁଡ଼ିକ ଉପରେ ଆଲୋକପାତ କରିଥାଏ। ଅପର ପକ୍ଷରେ, ନିକଟରେ ଟୋକିଓଠାରେ କ୍ୱାଡ୍ (ଅଷ୍ଟ୍ରେଲିଆ, ଭାରତ, ଜାପାନ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଏକ କୌଶଳପୂର୍ଣ୍ଣ ମିଳିତ ମଞ୍ଚ) ବିଦେଶ ମନ୍ତ୍ରୀମାନଙ୍କ ଭେଟ ପରେ ଜାରି କରାଯାଇଥିବା ମିଳିତ ବିବୃତିରେ ଚୀନ୍ ସମ୍ପର୍କରେ ସିଧାସଳଖ ଭାବରେ କୌଣସି ଉଲ୍ଲେଖ କରାଯାଇଥିବା ଦେଖିବାକୁ ମିଳିନାହିଁ, କିନ୍ତୁ ଏହି ନଥିର ଅଧିକାଂଶ ଦୃଢ଼ୋକ୍ତି- ଏକ ମୁକ୍ତ ଏବଂ ଅବାଧ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ନିମନ୍ତେ ପ୍ରତିବଦ୍ଧତାକୁ ଦୋହରାଇବାଠାରୁ ଆରମ୍ଭ କରି ଏକ ଆଞ୍ଚଳିକ ଶୃଙ୍ଖଳା ସୃଷ୍ଟି କରିବା ଯେଉଁଥିରେ ଦକ୍ଷିଣ ଚୀନ୍ ସାଗରରେ 'କୌଣସି ଦେଶ ପ୍ରାଧାନ୍ୟ ବିସ୍ତାର କରୁ ନଥିବ' ପର୍ଯ୍ୟନ୍ତ- ଥିଲା ଏହି ସମଗ୍ର ଅଞ୍ଚଳରେ ବେଜିଂର କ୍ରମବର୍ଦ୍ଧିଷ୍ଣୁ କାର୍ଯ୍ୟାନୁଷ୍ଠାନଗୁଡ଼ିକ ପ୍ରତି ପ୍ରତ୍ୟକ୍ଷ ପ୍ରତିକ୍ରିୟା ସମୂହ। କ୍ୱାଡ୍ ମଧ୍ୟ ଭାରତ ମହାସାଗରକୁ ଏହାର ସାମୁଦ୍ରିକ ପରିସର ସଚେତନତା ପଦକ୍ଷେପକୁ ସମ୍ପ୍ରସାରିତ କରିବାକୁ ତଥା ପ୍ରଶାନ୍ତ ମହାସାଗରରେ ଉନ୍ମୁକ୍ତ ରେଡିଓ ଉପଲବ୍ଧତା ନେଟ୍‌ୱର୍କ୍ ବା ଖୋଲା ରାନ୍ (ଆର୍‌ଏଏନ୍)କୁ ଚାଲୁ ରଖିବାକୁ ସହମତ ହୋଇଥିଲା। ଏ ଦୁଇଟିଯାକ ପଦକ୍ଷେପର ଲକ୍ଷ୍ୟ ହେଉଛି, କୌଣସି ବାଧବାଧକତା ବିନା ବା ଗୋପନ ଅସୁବିଧାଗୁଡ଼ିକ ବିନା ଦେଶମାନଙ୍କୁ ସେମାନଙ୍କର ନିଜସ୍ୱ ପସନ୍ଦ ନିମନ୍ତେ ବିକଳ୍ପଗୁଡ଼ିକ ପ୍ରଦାନ କରିବା। ଆହୁରି ମଧ୍ୟ କ୍ୱାଡ୍ ଗୁରୁତ୍ୱାରୋପ କରିଥିଲା ଜୁଲାଇ ୨୦୧୬ର ମଧ୍ୟସ୍ଥି ନ୍ୟାୟାଧିକରଣ (ଆର୍ବିଟ୍ରାଲ ଟ୍ରିବ୍ୟୁନାଲ)ଙ୍କ ଦ୍ୱାରା ପ୍ରଦତ୍ତ ରାୟ ଉପରେ, ଯାହା ଆନ୍ତର୍ଜାତିକ ଆଇନରେ ଏହାର କୌଣସି ଆଧାର ନଥିବାରୁ ଦକ୍ଷିଣ ଚୀନ୍ ସାଗରରେ ଚୀନ୍‌ର ବିସ୍ତାରବାଦୀ ସାମୁଦ୍ରିକ ଦାବିଗୁଡ଼ିକୁ ଅଗ୍ରାହ୍ୟ କରିଥିଲା ଏବଂ କହିଥିଲା ଯେ ଆନ୍ତର୍ଜାତିକ ବିବାଦଗୁଡ଼ିକର ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ କରିବା ପାଇଁ ଏହା ଆଧାରଶିଳା ହେବା ଉଚିତ।

କ୍ୱାଡ୍‌ର ପଦକ୍ଷେପଗୁଡ଼ିକ ସେହିଭଳି ଏକ ସମୟରେ ଆସିଛି, ଯେତେବେଳେ କି ଭାରତର ବର୍ହିବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ କହିବା ଅନୁସାରେ, ଭାରତ-ଚୀନ୍ ସମ୍ପର୍କ 'ସ୍ୱାଭାବିକ ନଥିବା' ବଜାୟ ରହିଛି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଉଭୟ ଦେଶର ସେନାଙ୍କ ମଧ୍ୟରେ ମୁହାଁମୁହିଁ ଅବସ୍ଥାକୁ ଏଡ଼ାଇବା ଏବଂ ନିଜ ନିଜ ପଟକୁ ସେନାଙ୍କୁ ପ୍ରତ୍ୟାହାର କରିନେବା ଉଦ୍ଦେଶ୍ୟରେ ହେବାକୁ ଥିବା ଦ୍ୱିପାକ୍ଷିକ ବାର୍ତ୍ତାଳାପଗୁଡ଼ିକୁ ସ୍ଥାଣୁ କରିଦେବା ନିମନ୍ତେ ଚୀନ୍‌ର ଉଦ୍ୟମ ସହିତ ବିପୁଳ ସଂଖ୍ୟକ ଭାରତୀୟ ସେନାଙ୍କୁ ନିୟୋଜିତ କରି ରଖିବା ପାଇଁ ବିବାଦୀୟ ସୀମାରେ ଚୀନ୍ ସେନାବାହିନୀ ଏକ ଲମ୍ବା ଖାଇ ଖୋଳୁଥିବାର ପ୍ରମାଣ ଅଧିକରୁ ଅଧିକ ସାମ୍ନାକୁ ଆସିଛି। ଏହା ମଧ୍ୟରେ ରହିଛି ଦୁଇଟି କାମରେ ବ୍ୟବହାର କରିହେବା ଭଳି ଏକ ଭିତ୍ତିଭୂମି, ଯଥା ବିମାନ ବନ୍ଦର ଏବଂ ରେଳ ଲାଇନ୍, ଏବଂ ସାମରିକ ଭିତ୍ତିଭୂମି ଯଥା ପାଙ୍ଗଙ୍ଗ୍ ହ୍ରଦରେ ଏକ ପୋଲ ନିର୍ମାଣ, ଯାହା ଛଅ ଦଶନ୍ଧି ଧରି ଚୀନ୍ ଦ୍ୱାରା ବେଆଇନ୍ ଭାବରେ ଅଧିକୃତ ହୋଇଥିବା ଏଲ୍‌ଏସିଠାରୁ ଅଳ୍ପ ଦୂରରେ ଅବସ୍ଥିତ ଏକ ଅଞ୍ଚଳରେ କରାଯାଉଛି। ଚୀନ୍ ମଧ୍ୟ ଭାରତର ପଡ଼ୋଶୀ ରାଷ୍ଟ୍ରମାନଙ୍କରେ ତଥା ଭାରତ ମହାସାଗର ସମେତ ନୂଆଦିଲ୍ଲୀର ପ୍ରଭାବ ରହିଥିବା ପରିସରଗୁଡ଼ିକରେ ତା'ର କାର୍ଯ୍ୟକଳାପକୁ ତୀବ୍ର କରିଛି। ଭାରତ ଏବଂ ଚୀନ୍ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୧୮ ବିଲିଅନ୍ ଡଲାରକୁ ବୃଦ୍ଧି ପାଇଥିବା ସତ୍ତ୍ୱେ ଏହା ଅଧିକ ପରିମାଣରେ ଚୀନ୍ ପକ୍ଷକୁ ଢଳି ରହିଛି। ଏହାର ମୁଖ୍ୟ କାରଣ ହେଉଛି, ଭାରତ ଚୀନ୍‌ର କଞ୍ଚାମାଲଗୁଡ଼ିକ ଉପରେ ଅଧିକ ପରିମାଣରେ ନିର୍ଭର କରୁଥିବା ବେଳେ ଚୀନ୍ ଭାରତୀୟ ସାମଗ୍ରୀଗୁଡ଼ିକ ପାଇଁ ନିଜର ବଜାରକୁ ଉନ୍ମୁକ୍ତ କରିବାକୁ କୁଣ୍ଠାଭାବ ପ୍ରକାଶ କରିବା। କିନ୍ତୁ ଭାରତ-ଚୀନ୍ ସାମ୍ପ୍ରତିକ ସମ୍ପର୍କକୁ ନିର୍ଦ୍ଧାରିତ କରୁଥିବା କାରଣଗୁଡ଼ିକ ପାଇଁ ଏବଂ ଏଇ ଦୁଇ ରାଷ୍ଟ୍ରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅସ୍ଥିରତାକୁ ଦୂର କରିବା ନିମନ୍ତେ ବାଣିଜ୍ୟିକ କାରବାର କଦାଚିତ୍ ଏକ ନିରାକରଣର ବ୍ୟବସ୍ଥା ହୋଇ ପାରିବ। ଚଳିତ ମାସରେ ଭାରତର ବର୍ହିବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ତାଙ୍କର ଚୀନ୍ ପ୍ରତିପକ୍ଷ ୱାଙ୍ଗ୍ ୟିଙ୍କ ସହିତ ବୈଠକ କରିଥିଲେ। ତେବେ ଏହାର ପରିଣତି ହୋଇଥିଲା କେବଳ ଦୁଇ ପକ୍ଷଙ୍କ ଭିତରେ ଉଲ୍ଲେଖ କରାଯାଇଥିବା ସ୍ଥିତିଗୁଡ଼ିକର ପୁନରାବୃତ୍ତି; ଅଧିକ କିଛି ନୁହେଁ। ସାମରିକ ଏବଂ କୂଟନୀତିକ ସ୍ତରରେ ଦୁଇ ରାଷ୍ଟ୍ରଙ୍କ ମଧ୍ୟରେ ହେଉଥିବା ସାକ୍ଷାତ ଆଲୋଚନା ବସ୍ତୁତଃ କୌଣସି ଫଳାଫଳ ଆଣି ଦେଉ ନଥିବା ବେଳେ ସମ୍ଭବତଃ ସମୟ ଉପଗତ ହୋଇଛି ଦୁଇ ଦେଶର ଉଚ୍ଚ ସ୍ତରର ରାଜନୀତିକ ନେତୃବର୍ଗ ପରସ୍ପରଙ୍କ ସହିତ ଆଲୋଚନା କରି ବହ୍ୱାକାଂକ୍ଷିତ ସେନା ପ୍ରତ୍ୟାହାର କରିବାକୁ ଏକ ବୁଝାମଣାରେ ଉପନୀତ ହେବା। ସଙ୍ଗେ ସଙ୍ଗେ ବୈଶ୍ୱିକ ଅର୍ଥନୀତି ଏବଂ ଆଞ୍ଚଳିକ ଭୂ-ରାଜନୀତିରେ ସେମାନଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ଦୃଷ୍ଟିରୁ ଉଭୟ ରାଷ୍ଟ୍ର ସେମାନଙ୍କର ପାରସ୍ପରିକ ଲାଭଗୁଡ଼ିକୁ ଆହରଣ କରିବା ବଜାୟ ରଖିବା ବେଳେ ସେମାନଙ୍କର ମତ ପାର୍ଥକ୍ୟଗୁଡ଼ିକୁ ପରିଚାଳନା କରିବାର ଗୁରୁତ୍ୱକୁ ଅନୁଭବ କରିବା ଉଚିତ।■

# ହାର ଉପହାର

ଅପେକ୍ଷାକୃତ ସୁନ୍ଦର ଦିଶିବାକୁ ଏବଂ ପରିବାରର ଆଭିଜାତ୍ୟକୁ ଦର୍ଶାଇବା ପାଇଁ କିଛି ଲୋକ ଅଳଙ୍କାର ବ୍ୟବହାର କରି ଥାଆନ୍ତି। ଆଉ କେହି ଉପହାର ସ୍ୱରୂପ ମିଳିଥିବା ଅଳଙ୍କାରକୁ ଶ୍ରଦ୍ଧାର ସହିତ ପିନ୍ଧି ଥାଆନ୍ତି। ଅଳଙ୍କାର ମଣିଷର ବାହାର ଶୋଭା ବଢ଼ାଇ ଥାଏ। ହେଲେ ଭିତର ଶୋଭା ବଢ଼ାଇବା ପାଇଁ ଧାତୁର ଅଳଙ୍କାର ନୁହେଁ, ସୁଗୁଣ ରୂପକ ଅଳଙ୍କାର ହିଁ ଲୋଡ଼ା।

ଚାରି ପୁଅ ବୋହୂଙ୍କୁ ନେଇ ପରିବାର ହସିଉଠେ। ବଡ଼ ପୁଅ ବୋହୂ ବୟସ୍କ ବାପା ମାଆଙ୍କ ସହ ରହନ୍ତି ଗାଁରେ। ଚାଷବାସ ବୁଝନ୍ତି। ଅନ୍ୟମାନେ ନିଜ ପରିବାର ନେଇ ରହନ୍ତି ସହରରେ। ଗାଁରେ କେବେ କୌଣସି କାର୍ଯ୍ୟକ୍ରମ ହେଲେ ସମସ୍ତେ ଏକାଠି ହୁଅନ୍ତି। ଭାରି ମଜା ନିଅନ୍ତି। ଦିନେ ସବୁ ପୁଅ ବୋହୂ, ପିଲାମାନେ ଏକାଠି ଆନନ୍ଦରେ ମଜା କରୁଥିବା ବେଳେ ବୟସ୍କା ମାଆ ପୁଅ ବୋହୂମାନଙ୍କୁ କହିଲେ- 'ତୁମେ ସମସ୍ତେ ବାହାରେ ରହୁଛ। ଗାଁରେ ରହୁଛି ତୁମ ବଡ଼ଭାଇ। ମୋର ସେବା ଯତ୍ନ କରୁଛି। ତୁମ ଭଳି ତା'ର ମଧ୍ୟ ସେତେ ବେଶି ରୋଜଗାର ନାହିଁ। ତୁମମାନଙ୍କ ପତ୍ନୀ ଭଲ ଶାଢ଼ି, ଅଳଙ୍କାର ପିନ୍ଧିଛନ୍ତି। ହେଲେ ପରିବାରର ବଡ଼ବୋହୂ କାନରେ କାନ ଫୁଲଟିଏ ବି ନାହିଁ। ଏହା କ'ଣ ତୁମକୁ ଭଲ ଲାଗୁଛି ?'

ପୁଅ-ବୋହୂମାନେ ଭାବିଲେ ବଡ଼ ବୋହୂକୁ ମାଆ ବେଶୀ ଭଲ ପାଉଛନ୍ତି।

ଏକାନ୍ତରେ ମାଆ ବସିଥିବା ବେଳେ ବଡ଼ ବୋହୂ କହିଲା- 'ବୋଉ, ମୁଁ ତ ସବୁବେଳେ ଘରେ ରହୁଛି। ସେ ଅଳଙ୍କାର ପିନ୍ଧିବି କେତେବେଳେ ? ତା' ଛଡ଼ା ଗହଣା ପିନ୍ଧି ଗୋରୁଗାଈ କାମ କରିହେବ ନାହିଁ। ସବୁବେଳେ ହଜି ଯିବାର ଭୟ ରହିବ। ପୁଣି ମୁଁ ଜାଣେ ଧାତୁମାନେ ଜୀବମାନଙ୍କ ଭଳି ଉତ୍ତର ଦେଇ ନଥାନ୍ତି, କିନ୍ତୁ ସେମାନଙ୍କର ନିରବ ପ୍ରତିକ୍ରିୟା ଥାଏ। ଯେଉଁ ଦିନ ଅଳଙ୍କାର ମୋତେ ନେଇ ନିଜେ ଗର୍ବିତ ହେବ, ସେଦିନ ମୁଁ ଅଳଙ୍କାର ପିନ୍ଧି ଖୁସି ହେବି। ଅଳଙ୍କାର ପିନ୍ଧି ସୁନ୍ଦର ଦେଖାଯିବା ଏବଂ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବା ଅପେକ୍ଷା ସେବା, ଶୁଶ୍ରୁଷା, ସରଳତା, ଭଲପାଇବାର ଅଳଙ୍କାରରେ ଅନ୍ୟର ମନକୁ ଜୟ କରିବା ହେଉଛି ମୋ ପାଇଁ ମୂଲ୍ୟବାନ ଅଳଙ୍କାର। ଏହି ଦାମିକା ଧାତୁରେ ତିଆରି ଅଳଙ୍କାରର ଉପହାରକୁ ମୁଁ ଅସମ୍ମାନିତ କରୁନାହିଁ। କିନ୍ତୁ ପରମାତ୍ମା ଆମକୁ ଯେଉଁ ଗୁଣ ରୂପକ ମୂଲ୍ୟବାନ ଅଳଙ୍କାର ଦେଇଛନ୍ତି, ମୁଁ ତାକୁ ବେଶୀ ଗୁରୁତ୍ୱ ଦିଏ।'

ମାଆଙ୍କ ଆଖି ଛଳଛଳ ହୋଇଗଲା ବେଳେ ମାଆ କହିଲେ- 'ସେଥିପାଇଁ ତୋ' ପ୍ରତି ମୋର ଏତେ ଭଲପାଇବା। ସୁନାହାର ନୁହେଁ; ଈଶ୍ୱରଙ୍କ ଉପହାର ହିଁ ତୋର ସୌନ୍ଦର୍ଯ୍ୟ ବଢ଼ାଇ ଦେଇଛି। ସେଥିପାଇଁ ଘରକୁ କେହି ଆସିଲେ ତୋତେ ହିଁ ଖୋଜି ଥାଆନ୍ତି।■

ପଦାରବିନ୍ଦ

# ମଝି ବରଡ଼ା

ଆମ ଓଡ଼ିଆରେ ଏକ ପ୍ରବାଦ କାହିଁ କେତେ କାଳରୁ ପ୍ରଚଳିତ ଅଛି- 'ତଳ ବରଡ଼ା ଖସୁଛି/ ଉପର ବରଡ଼ା ହସୁଛି/ ମଝି ବରଡ଼ା ଥାଇ କହୁଛି ମୋ ଦିନ କାଳକ ଆସୁଛି।' ଆମ ବଡ଼ବଡ଼ିଆଙ୍କ ତୁଣ୍ଡ ନିଃସୃତ ଏହି ରୁଢ଼ି ବାକ୍ୟଟି କେଉଁଠି ଓ କେବେ ଆଉ କେଉଁ ପରିସ୍ଥିତିରେ ପ୍ରଥମେ ପ୍ରୟୋଗ ହୋଇଥିଲା, ତା'ର ଇତିହାସ ମିଳୁ କି ନମିଳୁ ଏହି ଅଭିଜ୍ଞତାସମ୍ପନ୍ନ ଉକ୍ତିଟି ଯେ ସର୍ବକାଳୀନ ପ୍ରୟୋଗ ହୋଇ ପାରିବ, ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ। ଯେମିତିକି, ଏହା ଅତୀତରେ ଥିଲା, ସଂପ୍ରତିକ ସମୟରେ ଅଛି ଏବଂ ଆଗାମୀ ଦିନରେ ବି ରହିବ।



ଅବନୀ ଚନ୍ଦ୍ର ଦାସ

ତାଳ ଗଛର ବାହୁଙ୍ଗା ସହ ପତ୍ରକୁ 'ବରଡ଼ା' ବୋଲି କୁହାଯାଏ। ଗଛରେ ଏହାର ସ୍ଥିତିକୁ ନେଇ ତଳେ ଥିବା ଅଧୋମୁଖୀ ବରଡ଼ା, ମଧ୍ୟଭାଗର ବରଡ଼ା ଏବଂ ସର୍ବାଗ୍ରେ ଥିବା ଊର୍ଦ୍ଧ୍ୱମୁଖୀ ବରଡ଼ା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ- ତିନି କାଳର ପ୍ରତୀକାତ୍ମକ ଅବସ୍ଥା କଳନା କରାଯାଇପାରେ।

ଏହି ପ୍ରବାଦଟି ଚିରାଚରିତ ଭାବେ ଆମ ସମାଜରେ ଏକ ନିର୍ଣ୍ଣାୟକ ଭୂମିକା ନିର୍ବାହ କରି ଆସୁଛି। ଏହାର ଅର୍ଥ ପ୍ରକାଶ କଲାବେଳେ କେହି ଏହାକୁ ବିଧିର ବିଧାନ ବୋଲି ବିଚାର କରନ୍ତି ତ କେହି କାଳର ବିବର୍ତ୍ତନ ଗତି ବୋଲି ବିଶ୍ୱାସ କରନ୍ତି। ସୃଷ୍ଟିର ଚିରନ୍ତନ ନିୟମ: ଯାହାର ଆରମ୍ଭ ଅଛି, ତା'ର ବିକାଶ ଅଛି ଏବଂ ଶେଷରେ ବିଲୟ ସୁନିଶ୍ଚିତ। ବିବର୍ତ୍ତନର ଏହି ଧାରାରେ ଜୀବ ଜଗତ ଗତିଶୀଳ ହେଉଥିବା ସୂଚନା ଦେବା ପାଇଁ ବୋଧହୁଏ ସ୍ୱକୀୟ ଅନୁଭୂତି ଅବା ଅଭିଜ୍ଞତାରୁ ଆମ ପୂର୍ବପୁରୁଷମାନେ ଏପରି ଲୋକବାଣୀ ପ୍ରବାଦଟିଏ ସମାଜର ହିତ ପାଇଁ ଛାଡ଼ି ଯାଇଛନ୍ତି।

ଏହି ପ୍ରବାଦର ପ୍ରୟୋଗରେ ସଚେତନତା ସୃଷ୍ଟି କରିବା ହୁଏତ ସେମାନଙ୍କ ଲକ୍ଷ୍ୟ ଥାଇପାରେ। ଜନ୍ମ ସହିତ ମୃତ୍ୟୁ ଜଡ଼ିତ ଏବଂ ଅହଂଶୂନ୍ୟ ଜୀବନ ପାଇଁ ସତର୍କ ରହିବାର ଏକ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱଦର୍ଶୀ ବାର୍ତ୍ତା ଏହି କ୍ଷୁଦ୍ର ପ୍ରବାଦଟିରେ ନିହିତ ଅଛି ବୋଲି ସହଜରେ ଅନୁମେୟ ହେଉଛି। ପରିହାସ ଛଳରେ ଏହାର ପ୍ରୟୋଗ ବିଧି ଆମ ମଣିଷ ସମାଜକୁ ପରିମାର୍ଜିତ କରିବାରେ ସହାୟକ ହୋଇ ଆସୁଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଏଇଠି ସ୍ୱତଃ ମନରେ ପ୍ରଶ୍ନଟିଏ ଉଙ୍କି ମାରିପାରେ କି, ମଣିଷ ଜୀବନର ପ୍ରବହମାନ ଧାରାରେ ବିଭିନ୍ନ ଅବସ୍ଥା ସହିତ ତାଳ ଗଛରେ ଥିବା ବରଡ଼ା ପତ୍ର ତୁଳନୀୟ ହେଲା କିପରି ? ପାଠକେ ! ଅବସ୍ଥା ଚକ୍ରରେ ମନୁଷ୍ୟ ଜୀବନ କେତେ ସ୍ଥାୟିତ୍ୱ ବହନ କରେ, ଊଣା ଅଧିକେ ପ୍ରାୟ ସମସ୍ତେ ଜାଣନ୍ତି। କ୍ଷଣଭଙ୍ଗୁର ଦୁନିଆରେ ଅନେକ ଉତ୍‌ଥାନ ପତନ, ଘଟଣା ଦୁର୍ଘଟଣା ଆଦିର ସାମ୍ନା କରିବାକୁ ହୁଏ। ପ୍ରତ୍ୟେକ ପରିସ୍ଥିତି, ପରିବେଶ, ଅବସ୍ଥାରେ ମଣିଷକୁ ନାନା ଆଶା, ଆଶଙ୍କାରେ ଗତି କରିବାକୁ ହୁଏ। ନିର୍ଦ୍ଦିଷ୍ଟ କୌଣସି ଅବସ୍ଥାରେ ନିଜର ଅନୁଭବ କିମ୍ବା ଅନୁଭୂତିରେ ସ୍ଥାୟିତ୍ୱ ନଥାଏ। ଯେ କୌଣସି ମୁହୂର୍ତ୍ତରେ ଅସ୍ଥିରତା ସୃଷ୍ଟିକାରୀ ଅବସ୍ଥା ଚକ୍ର ଠିକ୍ ଉଚ୍ଚ ତାଳ ଗଛରେ ଥିବା ବରଡ଼ା ପତ୍ର ପରି। ଅଳ୍ପ ପବନରେ ବି ଫଡ଼ଫଡ଼ ହୋଇ ଥରୁଥିବା ଲକ୍ଷ୍ୟ କରାଯାଏ। ଆଶା ଓ ଆଶଙ୍କାଗ୍ରସ୍ତ, ଅସ୍ଥିରମନା ଲୋକଙ୍କ ଜୀବନଧାରା ସହିତ ବରଡ଼ା ପତ୍ରର ତୁଳନା ଏହି ଦୃଷ୍ଟିରୁ ସମୀଚୀନ ହୋଇପାରେ।

ଏବେ ଆମେ ଗତି କରୁଥିବା ଅବସ୍ଥା ଚକ୍ର ସହିତ ତାଳ ଗଛର ତଳ ବରଡ଼ା, ମଝି ବରଡ଼ା ଓ ଉପର ବରଡ଼ାର କି ସାମଞ୍ଜସ୍ୟ ରହିଛି ଏବଂ ତାହା କିପରି ସମ୍ପର୍କିତ, ସେ ବିଷୟରେ ଆଲୋଚନା କରିବା ପ୍ରାସଙ୍ଗିକ ହେବ। ବାସ୍ତବିକ ଅଭିଜ୍ଞତାସମ୍ପନ୍ନ ପୁରୁଖା ଲୋକେ ମଣିଷର ଶୈଶବ/ ବାଲ୍ୟ ଅବସ୍ଥାକୁ ବାଦ୍ ଦେଇ ଉଦ୍ଦାମ ଯୌବନ ଅବସ୍ଥା, ଉପଲବ୍ଧିଜନିତ ଅଭିଜ୍ଞତାର ପ୍ରୌଢ଼ାବସ୍ଥା ଏବଂ ତହିଁ ପରବର୍ତ୍ତୀ ଅନ୍ତିମ ବାର୍ଦ୍ଧକ୍ୟ ଅବସ୍ଥାର ପ୍ରତୀକ ଭାବରେ ତାଳ ଗଛର ଯଥାକ୍ରମେ ଉପର, ମଝି ଏବଂ ତଳ ବରଡ଼ାକୁ ଗ୍ରହଣ କରି ଏପରି ଏକ ପ୍ରବାଦ ବାକ୍ୟ ପ୍ରସ୍ତୁତ କରିଛନ୍ତି।

ଜୀବନ ଯୌବନର ଉଦ୍ଦାମତାରେ ମଣିଷ ବେପରୁଆ ତଥା ଊର୍ଦ୍ଧ୍ୱମୁଖୀ ହୋଇଥାଏ। ଅପରର ପତନ ଦେଖି ଖୁସି ବ୍ୟକ୍ତ କରେ। ଅହଙ୍କାରର



ବଶବର୍ତ୍ତୀ ହୋଇ ବୃଥା ଆସ୍ଫାଳନ କରେ ଏବଂ ପରିହାସଜନିତ ହାସ୍ୟ, ବ୍ୟଙ୍ଗରେ ଜର୍ଜରିତ ହେବାକୁ ପସନ୍ଦ କରେ। ଯୌବନ ଦୀର୍ଘସ୍ଥାୟୀ ହୋଇ ରହିବାର ବୃଥା ଦମ୍ଭୋକ୍ତି ଦେଖାଇ ଥାଏ ମଣିଷ। ଉପର ବରଡ଼ାଠାରେ ଏହିସବୁ ଯୁବାବସ୍ଥାର ଲକ୍ଷଣ ପ୍ରକାଶ ପାଇଥାଏ ବୋଲି ଲୋକୋକ୍ତି ରହିଛି। ତଦ୍ରୂପରି ତଳ ବରଡ଼ା ବାର୍ଦ୍ଧକ୍ୟ ପ୍ରପୀଡ଼ିତ ମଣିଷ ପରି ଶୁଷ୍କ, ନିଥର ପାଲଟି ଯାଏ। ଶେଷରେ ଶାଖାଚ୍ୟୁତ ହୋଇ ଖସିପଡ଼େ ତଳକୁ। କିନ୍ତୁ ପ୍ରୌଢ଼ ଅବସ୍ଥା ଆସିଲେ ମଣିଷକୁ ଜୀବନର ସକଳ ଉପଲବ୍ଧି ଆଧାରରେ ଅଭିଜ୍ଞତା ଅର୍ଜନ କରିବାର ଅବସର ମିଳେ। ଅନାଗତ ଭବିଷ୍ୟତ ଅନୁଚିନ୍ତାରେ ନିମଗ୍ନ ହେବାକୁ ପଡ଼େ। ଆଗାମୀ ଆହ୍ୱାନକୁ ଅଙ୍ଗୀକାର କରିବା ଶ୍ରେୟସ୍କର ମନେହୁଏ। ସମଭାବାପନ୍ନ ହେବା, ସମବେଦନା ଜ୍ଞାପନ କରିବା, ଚିରନ୍ତନ ସତ୍ୟକୁ ସ୍ୱୀକାର କରିବା ଏବଂ ବିଲକ୍ଷଣ ଦେଖି ବିଚଳିତ ନହେବା ସହିତ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ରହିବା ପ୍ରୌଢ଼ ବ୍ୟକ୍ତିର ପରିଚୟ, ଯାହାକି ମଝି ବରଡ଼ାର ପ୍ରତୀକାତ୍ମକ ଭୂମିକା ବୋଲି ଆଲୋଚ୍ୟ ପ୍ରବାଦରେ ଦର୍ଶାଇ ଦିଆ ଯାଇଛି। ଏହା ପ୍ରାସଙ୍ଗିକ ମଧ୍ୟ।

ସଂପ୍ରତିକ ସମାଜରେ ଏମିତିକା ତିନି ବର୍ଗର ଲୋକଙ୍କୁ ଅନୁଧ୍ୟାନ କଲାବେଳେ ଆମେ ଥୋକେ ଲୋକଙ୍କୁ ଉପର ବରଡ଼ା ପରି ପାଇବା, ଯେଉଁମାନେ ବେପରୁଆ ଢଙ୍ଗରେ ଜୀବନକୁ ଅୟସରେ ବିତାଇବାକୁ ଚାହିଁ ଥାଆନ୍ତି। ଜୀବନ ଏକ ଉପଭୋଗ୍ୟ ବସ୍ତୁ ବୋଲି ବିଚାର କରି ଅଦମ୍ୟ ଲାଳସା ଓ ପିପାସାରେ ନିମଜ୍ଜିତ ରହିଥାନ୍ତି। ନିଜ ଅହଙ୍କାରରେ ଅନ୍ୟକୁ ଉପେକ୍ଷା କରିବା ସ୍ୱଭାବ ଏମାନଙ୍କଠାରେ ଅଧିକ ପରିଲକ୍ଷିତ ହୋଇଥାଏ। ସମାଜର ଯେ କୌଣସି କ୍ଷେତ୍ରରେ ନିଜ ପତିଆରା/ ପ୍ରଭାବ ଦୀର୍ଘ ଦିନ ଜାହିର କରିବାର ଅଭିପ୍ରାୟ ଥାଏ ଏମାନଙ୍କ ଭିତରେ। ସେମାନେ ସର୍ବଦା ମତ୍ତ ଗର୍ବରେ ସ୍ୱକୀୟ ସ୍ଥିତାବସ୍ଥାକୁ ଚିରଦିନ ବଜାୟ ରଖିବାକୁ ପ୍ରୟାସ କରନ୍ତି। ବୁଝି ପାରନ୍ତି ନାହିଁ କି, ତାଙ୍କରି ସ୍ଥାନରେ ଆଗରୁ ଆଉ କିଏ ଥିଲା, ଯିଏ ଏବେ ତଳ ବରଡ଼ା ଭଳି ଅଧୋଗାମୀ ଆଉ କେହି ଭୂପତିତ/ ଭୂଲୁଣ୍ଠିତ ହୋଇ ଗଲେଣି ! ସେଥିପାଇଁ ପରା କୁହାଯାଇଛି- 'ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକିର।' ଏହା ଅକ୍ଷରେ ଅକ୍ଷରେ ସତ। କାରଣ : ବେଶ୍ କିଛି ବର୍ଷ ଧରି ରାଜ୍ କରୁଥିବା ଜଙ୍ଗଲର ରାଜା ସିଂହ ସମୟକ୍ରମେ ବୃଦ୍ଧ ହୋଇ ଶିକାର କରିବାକୁ ଅସମର୍ଥ ହୋଇପଡ଼େ, ଆହାର ନପାଇ ନିରାଶ ହୁଏ ଏବଂ ଶେଷରେ ନିଃଶେଷିତ ହୋଇଯାଏ। ସେମିତି ମଧ୍ୟ ରାଜ୍ୟରେ ଶାସକ, ଦପ୍ତରରେ ପ୍ରଶାସକ, ଦଳରେ ଦଳପତି, ସାମାଜିକ ବଡ଼ପଣ୍ଡା ଅବା ପାରିବାରିକ ମୁଖିଆ ପ୍ରାୟତଃ ସମୟକ୍ରମେ ସମସ୍ତଙ୍କୁ ଏକା ପ୍ରକାର ଅବସ୍ଥା ଭୋଗିବାକୁ ପଡ଼ିଥାଏ। ଅହଂ ସର୍ବେସର୍ବା ଭାବନା, ମତ୍ତଗର୍ବ, ଆଧିପତ୍ୟ, ଚିରସ୍ଥାୟୀ ରାଜ୍ କରିବାର ଅଭୀପ୍ସା ହରାଇବାକୁ ପଡ଼ିପାରେ, ଏକଥା ସ୍ମରଣ ରଖିବା ଉଚିତ୍।

ଏହି ପରିପ୍ରେକ୍ଷୀରେ 'ମଝି ବରଡ଼ା'ର ଚିନ୍ତନ ଏବଂ ବିଚରବୋଧ ତଳ ଓ ଉପର ବରଡ଼ାଠାରୁ ସମ୍ପୂର୍ଣ୍ଣ ଭିନ୍ନ। କାରଣ ସେ ତଳ- ଉପର ଉଭୟଙ୍କ ଅବସ୍ଥାକୁ ଉପଲବ୍ଧି କରି ନିର୍ଣ୍ଣୟ ନେବାର କ୍ଷମତା ରଖିଥାଏ। ଆଗାମୀ ଦିନରେ ପତନ ପାଇଁ ବିଚଳିତ ନହୋଇ ପରିସ୍ଥିତିର ସମ୍ମୁଖୀନ ହେବାକୁ ନିଜକୁ ପ୍ରସ୍ତୁତ କରିନେବା ବିଧେୟ ବୋଲି ବିଚାର କରେ। ଏହା ହିଁ ଜୀବନ ଜିଇଁବାର ପ୍ରକୃତ ମୂଲ୍ୟବୋଧ।

ଏହିସବୁ ତଥ୍ୟ ଓ ସତ୍ୟକୁ ବିବେଚନା କରି ଆମ ପୂର୍ବଜମାନଙ୍କ ଦ୍ୱାରା ହିତକାରୀ ଉପରୋକ୍ତ ଲୋକୋକ୍ତିଟି ସଂଯୋଜିତ ହୋଇଛି, ଯେଉଁଥିରେ ସମାଜକୁ ମାର୍ଗଦର୍ଶନ ଦେବାରେ 'ମଝି ବରଡ଼ା' ଅଧିକ ଗୁରୁତ୍ୱ ବହନ କରିଛି ବୋଲି ମନେହୁଏ।■

ପ୍ରଶାନ୍ତି ବିହାର, ଭୁବନେଶ୍ୱର
ମୋ: ୯୯୩୭୫୩୭୯୭୪

# ଦୟାନଦୀରେ ପ୍ରଥମ ବନ୍ୟାଜଳ, ଧୋଇନେଲା ପରିବା ଫସଲ

**କଣାସ,୩୧।୭/ଏନ୍‌ଏନ୍‌ଏସ୍:** କଣାସ ବ୍ଲକରେ ପ୍ରବାହିତ ହେଉଥିବା ମୁଖ୍ୟ ନଦୀ ଦୟା ଓ ତାହାର ଶାଖାନଦୀ ରାଜୁଆ, ମକରାନଦୀରେ ବନ୍ୟାଜଳ ବଢିବାରେ ଲାଗିଛି । କଣାସ ଠାରେ ଦୟାନଦୀର ବିପଦ ସଙ୍କେତ ୩.୯୯ମିମି ଥିବା ବେଳେ ବର୍ତ୍ତମାନ ୩.୨୫ମିମି ଜଳ ପ୍ରବାହିତ ହେଉଛି । ଦୟା, ରାଜୁଆ, ମକରା ନଦୀରେ ଜଳ ପ୍ରବାହ ବୃଦ୍ଧି ପାଉଥିବାରୁ ତାହାର ଦୁଇ କୂଳରେ ଥିବା ପଠାମାନଙ୍କରେ ଚାଷୀମାନେ କଲରା, ପୋଟଳ, କଖାରୁ, ପୋଇଖାଇଡି, ଲଙ୍କା ବିଭିନ୍ନ ଫସଲ ପାଣି ମାଡ଼ିଯିବାରୁ ପଚିଯିବାର ସମ୍ଭାବନା ଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ଦୟା ଓ ରାଜୁଆନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ବାଲିପାଟଣା, ତରପଡ଼ା, ବଡ଼ାସ, କଖାରୁବସ୍ତ, ବୈଦ୍ୟନାଥପାଟଣା, ଗଡ଼ବଳଭଦ୍ରପୁର ଚାଷ ଜମିରେ ବନ୍ୟାଜଳ ମାଡ଼ିବାରେ ଲାଗିଛି । ବନ୍ୟାଜଳ ବୃଦ୍ଧି ପାଉଥିବା ଯୋଗୁଁ ନୂଆଁହାଟ ଏବଂ ବସନ୍ତପୁର ନିକଟରେ ଦୟାନଦୀର ବାମପାର୍ଶ୍ୱ ବନ୍ଧ ଅବସ୍ଥା ଦୁର୍ବଳ ଥିବାରୁ ଦୟା ଓ ଲୁଣାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳର କଣାସ ବ୍ଲକ୍‌ର ୧୧ଟି ପଞ୍ଚାୟତର ୭୯ଟି ଗ୍ରାମର ଲୋକମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟିହୋଇଛି ।

# ପ୍ରଧାନଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

**କୃଷ୍ଣପ୍ରସାଦ,୩୧।୭/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଖାଡ଼ ପଞ୍ଚାୟତର କମଳେଶ୍ୱର ନୋଡ଼ାଲ ବିଦ୍ୟାପୀଠର ପ୍ରଧାନଶିକ୍ଷକ କାଶୀନାଥ ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟ ଉନ୍ନୟନ କମିଟିର ପ୍ରତିଷ୍ଠାତା ବ୍ରଜ କିଶୋର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନା, ମୁଖ୍ୟ ବକ୍ତା ଭାବେ ଜ୍ଞାନଦୀପ ମହାବିଦ୍ୟାଳୟର ପରିଚାଳକ ଡ଼ଃ ଅଭିମନ୍ୟୁ ଜେନା, ସମ୍ମାନିତ ଅତିଥି ଭାବେ ବିଆରସିସି ସତ୍ୟବ୍ରତ ସାହୁ, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପଦ୍ମ ଚରଣ ତରେଇ, ଦେବେନ୍ଦ୍ର ନାଥ ଦଳବେହେରା, ବାଉରିବନ୍ଧୁ ମାଝୀ, ସାମାଜିକ କର୍ମୀ ବିଜୟ କୁମାର ତରେଇ, ଯୋଗେନ୍ଦ୍ର ନାଥ ଜେନା, ବଡ଼ଖାଡ଼ ପଞ୍ଚାୟତ ସରପଞ୍ଚ ସୁମିତ୍ରା ପାହାଣ, ସିଆରସିସି ବୈକୁଣ୍ଠ ନାଥ ବଳବନ୍ତରାୟ, ସାନସୀମା ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜ କିଶୋର ତରେଇ, ନାରାୟଣ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପ୍ରବୀର ଚନ୍ଦ୍ର ଜେନା, ମେରୁଧର ଦଳେଇ, ବନମାଳୀ ଜେନା, ପଣ୍ଡିତ ଟୁକୁନା କର, କଥାକାର ଅକ୍ଷୟ କୁମାର ସାମନ୍ତସିଂହାର, ପ୍ରବକ୍ତା ଅଧ୍ୟାପକ ପ୍ରଦୀପ କୁମାର ଜେନା, ଛାତ୍ରଛାତ୍ରୀ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବିଦାୟୀ ପ୍ରଧାନ ଶିକ୍ଷକଙ୍କ ଗୁଣଗାନ କରିବା ସହିତ ଅବଶିଷ୍ଟ ଜୀବନ ଖୁସିରେ ଅତିବାହିତ ହେବାକୁ ପ୍ରାର୍ଥନା କରିଥିଲେ ।

ତ୍ରିଲୋଚନେଶ୍ୱର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସନାତନ ତରେଇ ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିବାବେଳେ ବରିଷ୍ଠ ଶିକ୍ଷକ ଭବାନୀଶଙ୍କର ଜେନା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ । ବିଦାୟୀ ପ୍ରଧାନଶିକ୍ଷକଙ୍କୁ ମାନପତ୍ର ସହିତ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କମଳେଶ୍ୱର ବିଦ୍ୟାପୀଠର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ପରିଚାଳନା କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାରୁ

# ୯୫,୦୦୦...

ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ୬.୩ ପ୍ରତିଶତ । ଏହା ଖର୍ଚ୍ଚର ଗୁଣବତ୍ତାରେ ଉନ୍ନତିକୁ ସୂଚାଉଛି । ଏହା ଏକ ଦୂରଦୃଷ୍ଟି ସଂପନ୍ନ ବଜେଟ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିରୋଧୀ ଦଳର ସଦସ୍ୟମାନେ ଆଜି ଆଲୋଚନାରେ କେତେକ ପ୍ରସଙ୍ଗ ଉଠାଇଛନ୍ତି । ଆଲୋଚନା କ୍ରମରେ ଶାସକ ଦଳର ସଦସ୍ୟମାନେ କେତେଟି ପ୍ରସଙ୍ଗର ଉତ୍ତର ରଖିସାରିଛନ୍ତି । ତେଣୁ ମୁଁ କେତୋଟି ମୁଖ୍ୟ ପ୍ରସଙ୍ଗରେ ମୋର ଉତ୍ତର ରଖିବି । ବିରୋଧୀ ଦଳ ଉତ୍ତର ଶୁଣିବା ଆଗରୁ କକ୍ଷତ୍ୟାଗ କଲେ । ବିରୋଧୀ ଦଳ ନ ଶୁଣି ପଳାଇବା ଦୁଃଖର କଥା । ଏହା ସଂପୂର୍ଣ୍ଣ ପ୍ରାୟୋଜିତ । ବିଜୁ ଜନତା ଦଳ ଯେହେତୁ ଆଗରୁ କେବେ ବିରୋଧୀ ଦଳରେ ନ ଥିଲା, ତେଣୁ ଏବେ ବୋଧହୁଏ ତାହା ସେମାନେ ଅଭ୍ୟାସ କରୁଛନ୍ତି । ଗୃହରେ ବିରୋଧୀ ଦଳର ବିଧାୟକମାନେ ବାରମ୍ବାର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଉପରେ ପ୍ରଶ୍ନ ଉଠାଇଛନ୍ତି । ସେମାନେ ଜାଣିଛନ୍ତି କି, ଗତ ୨୪ ବର୍ଷରେ ଅନେକ ଥର ବିଭିନ୍ନ ଜାତୀୟ ପ୍ଲାଟଫର୍ମରେ ଏ କଥା ଉଠିଛି ଏବଂ ପ୍ରତ୍ୟାଖାନ ମଧ୍ୟ ହୋଇଛି । ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ବ୍ୟବସ୍ଥା ପ୍ରଥମେ ପଞ୍ଚମ ଅର୍ଥ କମିଶନ ୧୯୬୯ରେ ସୁପାରିଶ କରିଥିଲେ । ଏଥିପାଇଁ ସ୍ୱତନ୍ତ୍ର ମାନଦଣ୍ଡ ରହିଛି । ଯେପରିକି ପାହାଡ଼ିଆ ଅଞ୍ଚଳ, କମ୍ ଜନସଂଖ୍ୟା ସାନ୍ଦ୍ରତା, ଦେଶର ସୀମାବର୍ତ୍ତୀ ରାଜ୍ୟ, ଆର୍ଥିକ ଓ ଭିତ୍ତିଭୂମି କ୍ଷେତ୍ରରେ ଅତି ପଛୁଆଥିବା ରାଜ୍ୟ ଏବଂ ରାଜ୍ୟର ସମ୍ବଳ ସଂଗ୍ରହର କୌଣସି ଉତ୍ସ ନଥିବ । ଏ ସବୁ ମାନଦଣ୍ଡ ପୂରଣ ହେଲେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବାର ସମ୍ଭାବନା ରହିଛି । ଓଡ଼ିଶା ଏ ସବୁ ମାନଦଣ୍ଡ ପୂରଣ କରି ପାରୁନଥିବାରୁ ଏହା ବାରମ୍ବାର ଅଗ୍ରାହ୍ୟ ହୋଇଛି । ଏହା ସତ୍ତ୍ୱେ ମଧ୍ୟ ପୂର୍ବ ସରକାର ବିଭିନ୍ନ ଫୋରମ୍‌ରେ ଯଥା- ଅର୍ଥ କମିଶନ, ନୀତି ଆୟୋଗ ଏବଂ କେନ୍ଦ୍ର ସରକାରଙ୍କୁ ଏ ସଂପର୍କରେ ଦାବି କରିଆସୁଥିଲା । ଉଦ୍ଦେଶ୍ୟ କେବଳ ରାଜନୀତି ଥିଲା । ରାଜନୈତିକ ଫାଇଦା ପାଇଁ ଦାବି କରାଯାଉଥିଲା । ନିର୍ବାଚନ ପୂର୍ବରୁ ଏ ଦାବି ଅଧିକ ଉଠୁଥିଲା । ଓଡ଼ିଶା ଲୋକଙ୍କ ସ୍ୱାର୍ଥ ସୁରକ୍ଷା ସେମାନଙ୍କର ଲକ୍ଷ୍ୟ ନଥିଲା । ବିହାର ଓ ଆନ୍ଧ୍ର ପ୍ରଦେଶକୁ କେନ୍ଦ୍ର ବଜେଟ୍‌ରେ ଅଧିକ ଅର୍ଥ ବରାଦ ହୋଇଥିବା କଥା କହୁଛନ୍ତି । ସେମାନଙ୍କର ୧୨ଟି, ୧୬ଟି ସାଂସଦ ଥିବାରୁ ସେମାନେ ଅଧିକ ଅର୍ଥ ପାଉଛନ୍ତି ବୋଲି କହୁଛନ୍ତି । ବିଜୁ ଜନତା ଦଳର ୨୦ ସାଂସଦ ଥିଲେ । ସେମାନେ କାହିଁକି ଅଧିକ ଅର୍ଥ ଆଣିପାରୁ ନଥିଲେ ? ଓଡ଼ିଶା ପାଇଁ କିଛି ନାହିଁ ବୋଲି କହୁଛନ୍ତି । ସେମାନେ କେନ୍ଦ୍ର ବଜେଟ୍‌କୁ ଭଲ ଭାବରେ ପଢିଛନ୍ତି କି, ଅନୁଶିଳନ କରିଛନ୍ତି କି ବୋଲି ଶ୍ରୀ ମାଝୀ ପ୍ରଶ୍ନ ଉତ୍ଥାପନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୧୪ ପୂର୍ବରୁ ରେଳ ବଜେଟ ପାଇଁ କେତେ ଅର୍ଥ ମିଳୁଥିଲା ଏବଂ ଏବେ କେତେ ମିଳୁଛି ତାହା ବିରୋଧୀ ଦଳର ନେତାମାନେ ଭଲ ଭାବରେ ଜାଣିଛନ୍ତି । ରେଳ ବଜେଟ ପାଇଁ ସେମାନେ ଆମକୁ ଧନ୍ୟବାଦ ମଧ୍ୟ ଦେଇଛନ୍ତି । ଚଳିତ ବର୍ଷର ରେଳ ବଜେଟ୍‌ରେ ଓଡ଼ିଶାକୁ ୧୦,୫୦୦ କୋଟିରୁ ଅଧିକ ଟଙ୍କା ମିଳିଛି । ଏହା ୨୦୧୪ ପୂର୍ବର ବଜେଟ୍ ଅପେକ୍ଷା ୧୨.୫ ଗୁଣ ଅଧିକ । ଏହା ସେମାନେ କହୁଥିବା ସ୍ୱତନ୍ତ୍ର ପ୍ୟାକେଜରୁ ଅଧିକ ନୁହେଁ କି ? ୨୦୨୩-୨୪ ମଧ୍ୟରେ ଓଡ଼ିଶା କେନ୍ଦ୍ର ସରକାରଙ୍କ ଠାରୁ ପ୍ରାୟ ୩ ଗୁଣରୁ ଅଧିକ ଅର୍ଥ ପାଇଛି । ସ୍ୱତନ୍ତ୍ର ବ୍ୟୟ ବରାଦ ହୋଇନାହିଁ । ସରକାରଙ୍କୁ ଉପଯୁକ୍ତ ପ୍ରସ୍ତାବ ନ ଦେଇ ଗୃହ ତ୍ୟାଗ କରି ଚାଲିଯାଉଛନ୍ତି । ଏହା ଦୁର୍ଭାଗ୍ୟଜନକ । କେବଳ ରାଜନୀତି । ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ୨୦୨୩-୨୪ରେ ୯.୫୭ ଲକ୍ଷ ଘର ମିଳିଛି । ପୂର୍ବ ବର୍ଷ ଗୁଡିକ ଅପେକ୍ଷା ଏହା ଦୁଇରୁ ତିନି ଗୁଣ ଅଧିକ । ଯୋଗ୍ୟ ହିତାଧିକାରୀଙ୍କୁ ଘର ନ ଦେଇ ଅଯୋଗ୍ୟ ହିତାଧିକାରୀଙ୍କୁ ଘର ଦେଲେ । ତାସହିତ ଦୁଇ ଲକ୍ଷ ଘର ଦେଇ ନ ପାରି ଫେରାଇ ଦେଲେ । କେନ୍ଦ୍ର ଭୂପୃଷ୍ଠ ପରିବହନ ମନ୍ତ୍ରୀଙ୍କୁ ଭୁବନେଶ୍ୱର ଚତୁପାର୍ଶ୍ୱରେ ରିଂ ରୋଡ କରିବା ପାଇଁ ମୁଁ ପ୍ରସ୍ତାବ ଦେଇଥିଲି । ଏଥିରେ ୧୧୧.୨ କିଲୋମିଟର ରିଂ ରୋଡ ପାଇଁ କେନ୍ଦ୍ର ସରକାର ୫୨୦୦ କୋଟି ବ୍ୟୟ ଅଟକଳ କରିଛନ୍ତି । ଏହା ହେଉଛି ପୂର୍ବୋଦୟ ବିକାଶର କଥା । ଏହା ଯେକୌଣସି ସ୍ୱତନ୍ତ୍ର ଅନୁଦାନ ଠାରୁ ଯଥେଷ୍ଟ ଅଧିକ । ଏହାଛଡା ମଧ୍ୟ ଓଡ଼ିଶାରେ ଭିତ୍ତିଭୂମିର ବିକାଶ ପାଇଁ ଅନେକ ପ୍ରକଳ୍ପ ଖୁବଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି । କୋଷ୍ଟାଲ ହାଇୱେର ଫୋର ଲେନିଂ ପାଇଁ ମଧ୍ୟ ପ୍ରସ୍ତାବ ଚୂଡାନ୍ତ ହେବାକୁ ଯାଉଛି । ଏହା ଯେକୌଣସି ସ୍ୱତନ୍ତ୍ର ଅନୁଦାନ, ସ୍ୱତନ୍ତ୍ର ପ୍ୟାକେଜ ଠାରୁ ବହୁତ ଅଧିକ । ଏହାସହିତ ଓଡ଼ିଶାରେ ଇକୋନୋମିକ୍ କରିଡର, ଶିଳ୍ପ ପ୍ରତିଷ୍ଠା, ବଡବିଲ୍‌ରୁ ପାରାଦୀପ ପର୍ଯ୍ୟନ୍ତ ରାସ୍ତାର ଆଠ ଥାକିଆ ଆଦି ଅନେକ ପ୍ରକଳ୍ପ ଚୂଡାନ୍ତ ପର୍ଯ୍ୟାୟରେ ଅଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିରେଧୀ ଦଳର ସଦସ୍ୟ କେନ୍ଦ୍ର ବଜେଟ୍‌ରେ ଓଡ଼ିଶା ପାଇଁ କ'ଣ ଅଛି, ସେ ବିଷୟରେ ପ୍ରଶ୍ନ କରିଛନ୍ତି । ମୁଁ ଚଳିତ ବଜେଟକୁ ଯିବା ପୂର୍ବରୁ ଗତ ୧୦ ବର୍ଷରେ ଓଡ଼ିଶା କେନ୍ଦ୍ରରୁ କେତେ ଟଙ୍କା ପାଇଛି ତା ବିଷୟରେ ଏ ଗୃହକୁ ଜଣାଇବାକୁ ଉଚିତ ମନେକରୁଛି । ଗତ ୧୦ ବର୍ଷରେ ଅର୍ଥାତ ୨୦୧୪-୧୫ ରୁ ୨୦୨୩-୨୪ ମଧ୍ୟରେ ଓଡ଼ିଶା କେନ୍ଦ୍ର ସରକାରଙ୍କ ଠାରୁ କେନ୍ଦ୍ର ଟିକସରୁ ରାଜ୍ୟ ଅଂଶ ଓ କେନ୍ଦ୍ରୀୟ ଅନୁଦାନ ବାବଦକୁ ମୋଟ ୫ ଲକ୍ଷ ୧୦ ହଜାର ୬୪୬ କୋଟି ଟଙ୍କା ପାଇଛି । ତେବେ ତା ପୂର୍ବ ୧୦ ବର୍ଷରେ ଅର୍ଥାତ ବର୍ଷ ୨୦୦୪-୦୫ରୁ ୨୦୧୩-୧୪ ମଧ୍ୟରେ ଓଡ଼ିଶା କେନ୍ଦ୍ର ସରକାରଙ୍କ ଠାରୁ ଏ ବାବଦକୁ ମୋଟ ୧ ଲକ୍ଷ ୪୫ ହଜାର ୫୭୬ କୋଟି ଟଙ୍କା ପାଇଥିଲା । ଏବେ ଆହୁରି ବଢ଼ିଛି । ତେଣୁ ଆମ ସରକାର ଲୋକଙ୍କ ସରକାର । ଆମର ପ୍ରଥମ ବଜେଟ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏକ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଶେଷରେ ମୋହନ ଚରଣ ମାଝୀଙ୍କ ପ୍ରଥମ ବିଧାନସଭା ଅଧିବେଶନରେ ୯୫ ହଜାର କୋଟି ଟଙ୍କାର ଲେଖାନୁଦାନ ପାରିତ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ । ପରେ ଗୃହକୁ ଅଗଷ୍ଟ ୧୯ଯାଏ ସେ ମୁଲତବୀ କରିଛନ୍ତି ।

# ଆଦର୍ଶ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମାହାଙ୍ଗା,୩୧।୭/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତସ୍ଥିତ କୁଆଁପାଳ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଲତା ପଣ୍ଡାଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧ୍ୟାନରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥିଭାବେ ଶିକ୍ଷକ ବିଦ୍ୟାଧର ସେନାପତି, ଶିକ୍ଷୟିତ୍ରୀ ମମତା କୁମାରୀ ବେହୁରା, ପ୍ରତିମା ଘୋଷାଲ, ବନିତା ମାରାଣ୍ଡି ପ୍ରମୁଖ ଯୋଗଦେଇ ଶ୍ରୀମତୀ ପଣ୍ଡା ଛାତ୍ରବତ୍ସଳ ଓ ଆଦର୍ଶ ଶିକ୍ଷୟିତ୍ରୀ ବୋଲି କହିବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ବିଦ୍ୟାଳୟ ପକ୍ଷରୁ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସେହିପରି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଶ୍ରୀମତୀ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟାମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ଭିଜିଲାନ୍ସ ଜାଲରେ ବ୍ଲକ୍ ଅତିରିକ୍ତ ସହକାରୀ ଯନ୍ତ୍ରୀ

# ଜଟଣୀ ବ୍ଲକ୍‌ର ସମସ୍ତ ନଥିପତ୍ର ଯାଞ୍ଚ



**ଜଟଣୀ,୩୧।୭/ଏନ୍‌ଏନ୍‌ଏସ୍:** ପିସି କାରବାରର ପେଣ୍ଠସ୍ଥଳୀ ପାଲଟିଛି ଜଟଣୀ ବ୍ଲକ । ଅନେକ କାର୍ଯ୍ୟ ବିଭାଗ ଅଧୀନରେ କରାଯାଇ ବ୍ୟାପକ ଅର୍ଥ ହରିଲୁଟ କରାଯାଉଛି । ବ୍ଲକ ପରିସରରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯାଇଥିବା ଦର୍ଶାଇ ୨ବର୍ଷରେ ୨୦ଲକ୍ଷରୁ ଅଧିକ ଟଙ୍କା ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଛି । ଏଭଳିକି କାର୍ଯ୍ୟ କରାନଯାଇ ଫଲ୍‌ସ୍ ବିଲ୍ କରାଯାଉଥିବା ଅଭିଯୋଗ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନବ ନିର୍ବାଚିତା ବ୍ଲକ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ଦାସ ଉଠାଇଥିଲେ । ହେଲେ ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ । ବିଡିଓ ମହାଶୟା ଏହା ଉପରେ ଅବଗତ ନଥିବା ଦର୍ଶାଇଥିଲେ । ତେବେ ଏହାର ସତ୍ୟତା ପ୍ରମାଣ ଦେଇଛନ୍ତି ବ୍ଲକ୍‌ର ଅତିରିକ୍ତ ସହକାରୀ ଯନ୍ତ୍ରୀ ନିବେଦିତା ମହାନ୍ତି । ଗତ ୩୦ ତାରିଖ ସନ୍ଧ୍ୟାରେ ବ୍ଲକ୍‌ର ସହକାରୀ ଯନ୍ତ୍ରୀ ନିବେଦିତା ମହାନ୍ତି ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ନିଜ ବାସଭବନରେ ଠିକାଦାର କିରଣ ପ୍ରଧାନଙ୍କଠାରୁ ପୂର୍ବ କାର୍ଯ୍ୟର ବିଲ ପାସ କରିବା ପାଇଁ ପୂର୍ବରୁ ଚୁକ୍ତି ହୋଇଥିବା ୧ଲକ୍ଷ ଟଙ୍କା ମଧ୍ୟରୁ ପ୍ରଥମ କିସ୍ତିରେ ୫୦ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ରାଜ୍ୟ ଭିଜିଲାନ୍ସ ବିଭାଗ ହାତରେ ପ୍ରମାଣ ସହ ଧରାପଡ଼ିଥିଲେ । ଏହାପରେ ସଂଶୋଧିତ ଅଧିନିୟମରେ ଭିଜିଲାନ୍ସ ବିଭାଗ ମାମଲା ପଞ୍ଜିକୃତ କରି ମହାଶୟାଙ୍କ ବିରୋଧରେ ଅଧିକରୁ ଅଧିକ ଅନୁସନ୍ଧାନ ଚଳାଇଛନ୍ତି । ଏଥିରୁ ଅନୁମାନ କରାଯାଏ ବ୍ଲକରେ ପିସି କାରବାରକୁ ନେଇ ଅଳ୍ପ କିଛିଦିନ ହେବ ହଟଚମଟ ଚାଲିଥିବାବେଳେ ଏହାକୁ ଖାତିରି ନକରି ବ୍ଲକ୍‌ର ସହକାରୀ ଯନ୍ତ୍ରୀ ଅତ୍ୟଧିକ ଲୋଭର ବଶବର୍ତ୍ତୀ ହୋଇ ଲାଞ୍ଚ ନେବା ଅତି ଦୁର୍ଭାଗ୍ୟଜନକ । ଏଥିରେ ବ୍ଲକର ବିଡ଼ିଓଙ୍କଠାରୁ ଆରମ୍ଭକରି ଅଧ୍ୟକ୍ଷା ତଥା ତାଙ୍କ ସହ ସମ୍ପୃକ୍ତ ଥିବା ବ୍ଲକ କର୍ମଚାରୀ ସମେତ ଅଧିକାରୀମାନେ ସମ୍ପୃକ୍ତି ଥିବା ପ୍ରକାଶ ପାଉଛି । ଏହା ସମ୍ପୂର୍ଣ୍ଣ ଭିଜିଲାନ୍ସ ବିଭାଗ ଦ୍ୱାରା ଜଟଣୀ ବ୍ଲକର ସମସ୍ତ ନଥିପତ୍ର ଯାଞ୍ଚ ସାପେକ୍ଷ । ଏହା ଦ୍ୱାରା ବ୍ଲକର ସମସ୍ତ ଗୁମର ଖୋଲିବା ନେଇ ବିଶ୍ୱାସ ଜନ୍ମିଛି । ଉକ୍ତ ଘଟଣା ଘଟିବା ପରେ ବୁଧବାର ଭିଜିଲାନ୍ସ ଟିମ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓଙ୍କ ଅବଗତ ପୂର୍ବକ ସମ୍ପୃକ୍ତ ଜେଇଙ୍କ କୋଠରୀ ତନ୍ନ ତନ୍ନ କରି ଯାଞ୍ଚ କରି ତିନୋଟି ଫାଇଲ ଜବତ କରିଥିବା ଜଣାପଡ଼ିଛି । ଭିଜିଲାନ୍ସ ଟିମ୍‌ର ତନାଘନା ଆରମ୍ଭ ହେବା ପରେ ବ୍ଲକ୍‌ର କିଛି କର୍ମଚାରୀ, କିଛି ସରପଞ୍ଚଙ୍କ ମଧ୍ୟରେ ଛନକା ପଶିଥିବା ଶୁଣିବାକୁ ମିଳିଛି । ତେବେ ତଦନ୍ତ ପ୍ରକ୍ରିୟାରେ ବାଧକ ହେବା ଆଶଙ୍କାରେ ବିଭାଗ ପକ୍ଷରୁ କୌଣସି ସୂଚନା ସ୍ପଷ୍ଟ କରାଯାଇନାହିଁ ।

# ସଂଗୀତ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା




**ଓଡ଼ଗାଁ,୩୧।୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଅଧୀନ କୁରାଳ ନୋଡାଲ ଉଚ୍ଚ ବିଦ୍ୟାଳୟର ସଂଗୀତ ଶିକ୍ଷକ ହିମାଂଶୁ କୁମାର ବିଧାରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଦୀପକ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ବିଜୟ କୁମାର ରଥ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମୋ ସ୍କୁଲ୍ ସଭାପତି ପବିତ୍ର ମୋହନ ମିଶ୍ର, ପରିଚାଳନା କମିଟି ସଭାପତି ସତ୍ୟଭାମା ସାହୁ, ବରିଷ୍ଠ ଶିକ୍ଷକ ଚିନ୍ତାମଣି ପାଣିଗ୍ରାହୀଙ୍କ ସମେତ କମିଟି ସଭ୍ୟସଭ୍ୟା ଯୋଗଦେଇ ଶିକ୍ଷା ଓ ଶିକ୍ଷକତାର ମୂଲ୍ୟବୋଧ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଅବସର ଶିକ୍ଷକଙ୍କ ଗୁଣଗାନ କରିଥିଲେ । ତତ୍‌ପରେ ଅବସର ଗ୍ରହଣ କରିଥିବା ଶିକ୍ଷକ ହିମାଂଶୁ କୁମାର ବିଧାରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି, ମାତୃମଞ୍ଚ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ସହକାରୀ ଶିକ୍ଷକ ରାକେଶ କୁମାର ନାୟକ ଓ ମନୋଜ କୁମାର ଦାସ କାର୍ଯ୍ୟ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବା ଜଣାପଡ଼ିଛି । ପରେ ସମସ୍ତେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବିଦାୟୀ ଶିକ୍ଷକଙ୍କୁ ନେଇ ନିଜ ବାସଭବନରେ ଛାଡ଼ିଥିଲେ ।

# ତାଲୁକ ଆଇନ ସେବା କମିଟି ପକ୍ଷରୁ ସଚେତନତା ଶିବିର

**ଚିଲିକା,୩୧।୭/ଏନ୍‌ଏନ୍‌ଏସ୍:** ଚିଲିକା ତାଲୁକ ଆଇନ ସେବା କମିଟି ପକ୍ଷରୁ ଏହାର ଅଧ୍ୟକ୍ଷ ତଥା ଚିଲିକା ଜୁଡିସିଆଲ କୋର୍ଟର ଜେଏମ୍‌ଏଫ୍‌ସି ଯୁଧୀଷ୍ଠିର ଦଳାଇଙ୍କ ଅଧ୍ୟକ୍ଷତାରେ ଆଜି ଚିଲିକା ବ୍ଲକର ଛୋଟରାୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ' ଶିକ୍ଷା ଅଧିକାର, ଶିଶୁ ସୁରକ୍ଷା ତଥା ବାଳ ଅପରାଧ ' ଆଇନ ଶୀର୍ଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚିଲିକା ତାଲୁକ ଆଇନ ସେବା କମିଟି ପକ୍ଷରୁ ଏହାର ସଭ୍ୟ ପ୍ରଦୋଷ କୁମାର ଦାସ ତଥା ଅନ୍ୟତମ ସଭ୍ୟ ଦେବାଶିଷ ରଥ ଓ ଅଶୋକ କୁମାର ଜେନା ପ୍ରମୁଖ ଆଡଭୋକେଟ ତଥା ଉପରୋକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ତ୍ରିପାଠୀ ଆମନ୍ତ୍ରିତ ବକ୍ତା ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖି ଥିଲେ । ଏଥିରେ ଆଡଭୋକେଟ ପ୍ରଦୋଷ କୁମାର ଦାସ ସଭା ସମ୍ପାଳନ କରିଥିବା ବେଳେ ଚିଲିକା ଜୁଡିସିଆଲ କୋର୍ଟର ମୁଖ୍ୟ କିରାଣୀ ସିଦ୍ଧଲାଲ ମାରାଣ୍ଡି, ବେଞ୍ଚ କ୍ଲର୍କ ଭାରତ ଭୂଷଣ ଦାଶ, ସହଯୋଗୀ କର୍ମଚାରୀ ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ସହିତ ସହଯୋଗୀ ଶିକ୍ଷୟିତ୍ରୀ ସୁଜାତା ମାନ୍ଧାତା ଓ ବବିତା ବେହେରା ସହଯୋଗ କରିଥିଲେ । ଶିବିରରେ ଚିଲିକା ଜୁଡିସିଆଲ କୋର୍ଟର କାର୍ଯ୍ୟରତ ଆଇନଜୀବୀ, ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ଥାନୀୟ ଅନ୍ୟାନ୍ୟ ଅଭିଭାବକ, ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ ।

# ଶିକ୍ଷକ ଓ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କଣାସ,୩୧।୭/ଏନ୍‌ଏନ୍‌ଏସ୍:** କଣାସ ବ୍ଲକର କଣାସଠାରେ ପ୍ରତିଷ୍ଠିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚବିଦ୍ୟାଳୟର ମୁଖ୍ୟ କିରାଣି ପ୍ରଫୁଲ୍ଲ ଚନ୍ଦ୍ର ସୁପକାରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆଜି ବିଦ୍ୟାଳୟ ପରିସରରେ କଣାସ ସାନମଠ ମହନ୍ତ ବିଶ୍ୱମ୍ବର ଦାସ ମହାରାଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ରୂପେ କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ରୂପେ ଶିଶୁ ସାହିତିକ ଡଃ ହେମନ୍ତ କୁମାର ଛୋଟରାୟ, ସମ୍ମାନିତ ଅତିଥି ରୂପେ କଣାସ ମଣ୍ଡଳ ଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ନାୟକ, ବିଦ୍ୟାଳୟର ପ୍ରତିଷ୍ଠାତା କଣାସ ବଡମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜା, ବାଦଲପୁର ମଠ ମହନ୍ତ ସନାତନ ଦାସ ମହାରାଜା, ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ପରିକ୍ଷିତ ବଡଜେନା, ପୁରୀ ଜିଲ୍ଲା ଓଷ୍ଟା ସଭାପତି ବିଜୟ କୁମାର ବରାଳ, ପବିତ୍ର ମୋହନ ଦାସ, ନବକିଶୋର ପ୍ରଧାନ, କଣାସ ବ୍ଲକ ଓଷ୍ଟା ସଭାପତି କରୁଣାକର ମହାପାତ୍ର, ସଂପାଦକ ନିରଂଜନ ସାହୁ, ମାନସରଂଜନ ସାମନ୍ତରାୟ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଜେନା ଯୋଗଦେଇ ଅବସର ନେଉଥିବା ଶ୍ରୀସୁପକାରଙ୍କ କାର୍ଯ୍ୟ ଦକ୍ଷତା ସଂପର୍କରେ ବର୍ଣ୍ଣନା କରିବା ସହିତ ତାଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ଅବସରରେ ଏକ 'ସ୍ମୃତି ସୌରଭ' ସ୍ମରଣିକା ମୁଖ୍ୟଅତିଥି ଏବଂ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ରହିଥିଲେ ।

# କୋଷାଗାର ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଆଠଗଡ଼,୩୧।୭/ଏନ୍‌ଏନ୍‌ଏସ୍:** ଉପଖଣ୍ଡ କୋଷାଗାର ଅଧିକାରୀ ଭାବେ ସାଢେ ତିନି ବର୍ଷରୁ ଉର୍ଦ୍ଧ ସଫଳତାର ସହିତ କାର୍ଯ୍ୟ କରିଥିବା ପ୍ରିୟ ରଞ୍ଜନ ମହାପାତ୍ରଙ୍କୁ ଆଜି କାର୍ଯ୍ୟାଳୟ ତଥା ପେନସନ ଭୋଗୀମାନଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଶ୍ରୀ ମହାପାତ୍ରଙ୍କର ନିଃସ୍ୱାର୍ଥପରତା ସେବା ଏବଂ ସଚ୍ଚୋଟତା ପାଇଁ ସାରା ଅଞ୍ଚଳରେ ବେଶ ସୁନାମ ଅର୍ଜନ କରିଛନ୍ତି । ବିଶେଷକରି ସରକାରୀ କାର୍ଯ୍ୟ ଏବଂ କାର୍ଯ୍ୟାଳୟରେ କରାଯାଉଥିବା ସମସ୍ତ ପାଉଣାପାତ୍ରକୁ ଯଥାଶୀଘ୍ର ପ୍ରାପ୍ତ କରାଇ ବେଶ୍ ବାହା ବାହା କମେଇଛନ୍ତି । ଏହାସହିତ ଆଜି କାର୍ଯ୍ୟାଳୟରେ ନୂତନ ଅଧିକାରୀ ଭାବେ ନୃସିଂହ ଚରଣ ଦାସ ଯୋଗଦେଇଛନ୍ତି । ତାଙ୍କୁ ମଧ୍ୟ କାର୍ଯ୍ୟାଳୟ ଓ ପେନ୍‌ସନ୍ ଭୋଗୀମାନଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି ।

# ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଣ୍ଡପଡ଼ା,୩୧।୭/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ ଗଣିତ ବିଭାଗର ପ୍ରାଧ୍ୟାପକ ଗିରିଶ ଚନ୍ଦ୍ର ମିଶ୍ର ବୁଧବାର ଅବସରଗ୍ରହଣ କରିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷ ବଳରାମ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ପ୍ରାଧ୍ୟାପକ ଶ୍ରୀ ମିଶ୍ରଙ୍କ ଶିକ୍ଷାଦାନ ଶୈଳୀ, କର୍ତବ୍ୟପରାୟଣତା ଓ ଛାତ୍ର ବତ୍ସଳତା ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି ସଭାରେ ମତପ୍ରକାଶ ପାଇଥିଲା । ମହାବିଦ୍ୟାଳୟର ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାଗିରଥି ମହାରଣା, ଅଧ୍ୟାପକ ପ୍ରିୟରଂଜନ ରଥ ଓ ଅନ୍ୟମାନେ ପ୍ରାଧ୍ୟାପକ ଶ୍ରୀ ମିଶ୍ରଙ୍କ ଗୁଣଗାନ କରିବା ସହ ତାଙ୍କର ନିରାମୟ ଜୀବନ କାମନା କରିଥିଲେ ।

# ଚୋରି ଡିଜେ ମେସିନ୍ ଉଦ୍ଧାର, ୨ ଅଟକ

**ନୟାହାଟ,୩୧।୭/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୁମାଲ ଗ୍ରାମର ଗତ କିଛିଦିନ ତଳେ ବେହେରାସାହିରୁ ଗାଡ଼ିତାଲା ଭାଙ୍ଗି ଦୁଇଟି ଡିଜେ ମେସିନ ଚୋରି ହୋଇଥିଲା । ଏ ସମ୍ପର୍କରେ ଡିଜେ ମାଲିକ କବିନ ବେହେରା ନୟାହାଟ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗର ପନ୍ଦରଦିନ ପରେ ନୟାହାଟ ପୁଲିସ ବୁଧବାର ୪ଲକ୍ଷ ଟଙ୍କାର ଡିଜେ ମେସିନ ଉଦ୍ଧାର ସହିତ ଦୁଇଜଣଙ୍କୁ ଅଟକ ରଖି ପଚରା ଉଚରା ଚଳାଇଛି । ଆଜକୁ ୪୫ଦିନ ପରେ ନନ୍ଦିନୀ ବିଶ୍ୱାଳଙ୍କ ଘରୁ ଜଣେ ଦର୍ବୃତ୍ତ ତାଙ୍କ ଭଡ଼ାଘରୁ ଆସବାବପତ୍ର ସୁନା ସିଲିଣ୍ଡର ଗ୍ୟାସ, ଟଙ୍କା ଚୋରି କରି ନେବା ଓ ଫାଣ୍ଡି ସମ୍ମୁଖରୁ ଗ୍ୟାସ ସିଲିଣ୍ଡର ପୂର୍ଣ୍ଣ ସାହୁଙ୍କ ଦୋକାନରୁ ଚୋରି, ବଜାରରୁ ଅନେକ ଗାଡ଼ିରୁ ବ୍ୟାଟେରୀ ଚୋରି ହୋଇଥିଲା । ଏ ଦିଗରେ ନୟାହାଟ ପୁଲିସ କାହାରିକୁ ଗିରଫ କରିବାରେ ସଫଳ ହୋଇପାରି ନଥିବା ବେଳେ ଅଧିକାଂଶ ଚୋରି କେସ୍ ମୋକଦ୍ଦମା ନକରି ଥାନାରେ ହିଁ ରଫାଦଫା କରୁଥିବା ଜଣାଯାଇଛି ।

# ବିଦ୍ୟାପୀଠରେ 'ମାଆ ପାଇଁ ଗଛଟିଏ'



**ଓଡ଼ଗାଁ,୩୧।୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଶିକ୍ଷାବିଭାଗ ଅଧୀନ ସାକେରୀ ରାହାସ ବିଦ୍ୟାପୀଠରେ 'ମାଆ ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ବିଭିନ୍ନ ପ୍ରକାର ବୃକ୍ଷ ତଥା ଆମ୍ବ, ପଣସ, ଅଁଳା, ବର, କରଞ୍ଜ, ଲେମ୍ବୁ, ଅମୃତଭଣ୍ଡା, ସଜନା, ବଉଳ ଇତ୍ୟାଦି ଚାରାରୋପଣ କରାଯାଇଥିଲା । ବିଦ୍ୟାଳୟ ଓ ବନବିଭାଗର ମିଳିତ ଉଦ୍ୟମରେ ଅନୁଷ୍ଠିତ ବୃକ୍ଷରୋପଣ ଉତ୍ସବରେ ଅତିଥି ରୁପେ ଅବସରପ୍ରାପ୍ତ ଶିକ୍ଷକ ଅରକ୍ଷିତ ସାହୁ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିବାସହ ପ୍ରତ୍ୟେକ ଛାତ୍ରଛାତ୍ରୀ ଗୋଟିଏ ଗୋଟିଏ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ । ପ୍ରଧାନଶିକ୍ଷକ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ବୃକ୍ଷରୋପଣ କରିଥିବାବେଳେ ଶିକ୍ଷକ ରଞ୍ଜନ କୁମାର ପାତ୍ର, ରିଙ୍କୁ ଦଳେଇ, ରେଣୁବାଳା ସାହୁ, ଗୀତାଞ୍ଜଳି ଦେବତା, ସୁନିତା ଜେନା ଓ କନିଷ୍ଠ ସହାୟକ ଅଶୋକ କୁମାର ଦାଶଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଶିକ୍ଷକଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା

**ଡେଲାଙ୍ଗ,୩୧।୭/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ବ୍ଲକର ବେନୁପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ମହାପାତ୍ରଙ୍କ ସେବା ନିବୃତ ସମ୍ବର୍ଦ୍ଧନା ଉତ୍ସବ, ପ୍ରଧାନ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଯାଇଛି । ଏହି ଉତ୍ସବରେ ଏବିଇଓ ସୁଷମା ଦାଶ, ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅଭୟ ରାଉତରାୟ ପ୍ରମୁଖ ଯୋଗଦେଇ ଆଜିର ସମାଜରେ ଶିଶୁମାନଙ୍କୁ ଗଢିତୋଳିବା ପାଇଁ ଉଚ୍ଚାରଣ ଓ ଆଚାରଣ ମଧ୍ୟରେ ଥିବା ପାର୍ଥକ୍ୟକୁ ଆଗାମୀ ପିଢିର ଶୁଶୁମାନଙ୍କୁ ସଚେତନ କରାଇବା ସହିତ ବଂଶଧରମାନଙ୍କୁ ଗଢିତୋଳିବାକୁ ମତବ୍ୟକ୍ତ କରିଥିଲେ ।ଶିକ୍ଷକ ପ୍ରଭାତ ମଙ୍ଗରାଜ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋବିନ୍ଦ ସାହୁ ସଭା ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ଲୋକନାଥ ପ୍ରଧାନ, ଶିକ୍ଷକ କଳିଙ୍ଗ କେଶରୀ ମହାପାତ୍ର,ଅଭୟଚରଣ ସାହୁ, ପବିତ୍ରମୋହନ ଜେନା, ବିଜୟ ମହାପାତ୍ର, ଜ୍ଞାନରଞ୍ଜନ ମହାପାତ୍ର, ଅଶୋକ ରାଉତ, ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ହରିଚନ୍ଦନ, ମମତା ପଣ୍ଡା ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷୟିତ୍ରୀ ବିଣାପାଣି ରାଉତ, ଶିକ୍ଷକ ଦୀବାକର ସେଠୀ, ସୂର୍ଯ୍ୟ ନାୟକଙ୍କ ସମେତ ପରିଚାଳନା କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଯୋଗେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଅସ୍ତରଙ୍ଗ, ୩୧।୭/ଏନ୍‌ଏନ୍‌ଏସ୍:** ଅସ୍ତରଙ୍ଗ ବ୍ଲକ ସରିପୁର ଗ୍ରାମପଞ୍ଚାୟତର ସରିପୁର ଗ୍ରାମରେ ଯୋଗେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମନ୍ଦିରର ପୂଜକ ମଙ୍ଗୁଳି ଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଷ୍ଠା ଦିବସରେ ମୁଖ୍ୟ ପୂଜକ ଅମୁଲ୍ୟ ମିଶ୍ର ଓ ସାଥି ପୂଜକମାନଙ୍କ ସହ ହୋମଯଜ୍ଞ, କ୍ରିୟାକର୍ମ ଶଙ୍ଖଘଣ୍ଟ ମାର୍ଦ୍ଦଳରେ ମନ୍ଦିର ଗମ୍ଭୀର ଗୃହରେ ଯୋଗେଶ୍ୱରଙ୍କ ଲିଙ୍ଗ ସ୍ଥାପନ କରିଥିଲେ । କର୍ତ୍ତାକର୍ତ୍ତୀ ଭାବେ ପ୍ରିୟବନ୍ଧୁ, ମଧୁସ୍ମିତା, ମନୋଜ, ମିନିଲତା, ଦେବାନନ୍ଦ, ବିମଳି ଯୋଗଦେଇ ପୂଜା କାର୍ଯ୍ୟ କରିଥିଲେ । ପରମହଂସ ପ୍ରଜ୍ଞାନାନନ୍ଦ ଯଜ୍ଞର ପୂର୍ଣ୍ଣାହୁତି ଦେଇଥିଲେ । ପ୍ରବଚକ ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ ପ୍ରବଚନ ଦେଇଥିଲେ । ଏହି ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ଅନିଲ ବିଶ୍ୱାଳ, ନିରଞ୍ଜନ ମୁରୁଣୀ, ଲିଟୁନା ପାଣି, ଶିବ ପାଣି, ଜୀବନ ଜ୍ୟୋତି ବିଶ୍ୱାଳ, ବାବୁଲି ପ୍ରଧାନ, ବାଉରୀ ବନ୍ଧୁ ସେଠୀ,ଲକ୍ଷ୍ମୀଧର ଦାସ, ପ୍ରକାଶ ବିଶ୍ୱାଳ, ସୁରେଶ ବିଶ୍ୱାଳ, ପ୍ରମୋଦ ବେହେରା, ଲକ୍ଷ୍ମୀଧର ପ୍ରଧାନ, ପ୍ରତାପ ବିଶ୍ୱାଳ ଓ ସରିପୁର ଗ୍ରାମବାସୀ ମାନେ ସହଯୋଗ କରିଥିଲେ । ପ୍ରଧାନଶିକ୍ଷକ ପ୍ରିୟଦର୍ଶୀ ବିଶ୍ୱାଳ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଆଖପାଖ ଗ୍ରାମମାନଙ୍କରୁ ଶ୍ରଦ୍ଧାଳୁମାନେ ଯୋଗଦେଇ ଯୋଗେଶ୍ୱରଙ୍କ ଦର୍ଶନ ଲାଭ କରିଥିଲେ ।



# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**କୁଆଖିଆ,୩୧।୭/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ ଖଇରାବାଦ ମୁଗୁପାଳ ସ୍ଥିତ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟର ଡେମୋଷ୍ଟ୍ରେଟର୍ ଅଭିରାମ ପୃଷ୍ଟିଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଷ୍ଟାଫ୍ ଆସୋସିଏସନ୍ ସମ୍ପାଦିକା ଅଧ୍ୟାପିକା ମମତା ବୋଇତେଇଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ କର, ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ପାଢ଼ୀ ଯୋଗ ଦେଇ ଅଭିରାମ ବାବୁଙ୍କ କାର୍ଯ୍ୟଦକ୍ଷତା, ସେବା ଓ ପରୋପକାର ଗୁଣ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିନୋଦବିହାରି ଲେଙ୍କା, ପ୍ରଦୀପ କୁମାର ବଳ, ରମେଶ ଭୋଇ, ସିଦ୍ଧାର୍ଥ ଶଙ୍କର ରଥ, ସୁରେନ୍ଦ୍ର ପାତ୍ର, ବିଦୁଭୂଷଣ ପଣ୍ଡା, ସୁରେଶ ଦାସ, ଅଧ୍ୟାପିକା ଅଭିଲିପ୍ସା ଜେନା, କାଦମ୍ବିନୀ ଦାଶ, ଜୟନ୍ତୀ ସ୍ୱାଇଁ ପ୍ରମୁଖ ଅଭିରାମ ବାବୁଙ୍କ ସମୟାନୁବର୍ତ୍ତିତା କଲେଜ ପ୍ରତି ତାଙ୍କର ଆନୁଗତ୍ୟ ଓ ଛାତ୍ର ବତ୍ସଳତା ଉପରେ କହିଥିଲେ । ସମସ୍ତ କର୍ମଚାରୀ ଅଭିରାମ ବାବୁଙ୍କୁ ସମ୍ବର୍ଦ୍ଧନା ଦେଇ ତାଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲେ ।



# ଦୁର୍ବଳ ହେଉଛି ନଦୀବନ୍ଧ, ଆତଙ୍କିତ ଲୋକେ

**ଜଗତସିଂହପୁର,୩୧।୭/ଏନ୍ଏନ୍ଏସ୍:** ଆଜି ଜିଲ୍ଲାର ସମସ୍ତ ନଦୀରେ ବନ୍ୟାଜଳ ବୃଦ୍ଧିପାଇବାରେ ଲାଗିଛି । କେଉଁଠି ମୁଖ୍ୟ ନଦୀବନ୍ଧ କଟାଯାଇ ମାସ ମାସ ଧରି ବାଲି ଚୋରା ଚାଲାଣ ହେଉଛି ତ ଅନ୍ୟ କେଉଁଠି ଦୈନିକ ଶହ ଶହ ବାଲି ବୋଝେଇ ଡମ୍ଫର ନଦୀବନ୍ଧରେ ଦୈନନ୍ଦିନ ଯାତାୟାତ କରୁଥିବାର ଜିଲ୍ଲାର ଅନେକ ସ୍ଥାନରେ ନଦୀବନ୍ଧ ଦୁର୍ବଳ ଥିବାର ଅଭିଯୋଗ ହୋଇଛି । ଜିଲ୍ଲାରେ ପ୍ରବାହିତ ହେଉଥିବା ନଦୀଗୁଡ଼ିକରେ ବନ୍ୟା ଆସିବା ପୂର୍ବରୁ ସମସ୍ତ ନଦୀବନ୍ଧ ମରାମତି କରାଯିବା କଥା । କିନ୍ତୁ ଜଗତସିଂହପୁର ଜିଲ୍ଲାରେ ବନ୍ୟା ଆସିଲେ ନଦୀବନ୍ଧ ତରବରିଆ ଭାବେ ମରାମତି ହୋଇଥାଏ । ନାଳରେ ପାଣି ଆସିଲେ ନାଳ ସଫେଇ କାର୍ଯ୍ୟ ହୋଇଥାଏ ।

ନଦୀବନ୍ଧ ମରାମତି ବର୍ଷାଋତୁ ପୂର୍ବରୁ ହୋଇଥାଏ । ନଦୀବନ୍ଧ ସୁରକ୍ଷିତ ରହିଲେ ବନ୍ୟା ଦାଉରୁ ଜନସାଧାରଣଙ୍କର ଧନଜୀବନ ସୁରକ୍ଷିତ ରହିପାରିବ । ତେବେ ଜିଲ୍ଲାର ପ୍ରତ୍ୟେକ ନଦୀରେ ବନ୍ୟାଜଳ ବୃଦ୍ଧି ପାଇଚାଲିଛି । ଲଘୁଚାପ ଜନିତ ବର୍ଷା ତୁହାକୁ ତୁହା ବର୍ଷା ଲାଗି ରହିଛି । ଦୀର୍ଘ ୪ ଦିନ ଧରି ଏପରି ସ୍ଥିତିରେ ଜିଲ୍ଲା ପ୍ରଶାସନ ଦୁର୍ବଳ ନଦୀବନ୍ଧ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ସୁପାରିଶ୍ କରିବା ଏକ ଲାଜନକ ଘଟଣା ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଏହି ମର୍ମରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗୁଆ ପଦକ୍ଷେପ ନେବା ପାଇଁ ଏକ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଭାରପ୍ରାପ୍ତ ଜିଲ୍ଲାପାଳ ସମ୍ବିତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଓ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ । ନଦୀବନ୍ଧଗୁଡ଼ିକୁ ଯୁଦ୍ଧକାଳିନ ଭିତ୍ତିରେ ମରାମତି କରିବା, ରାସ୍ତାଘାଟ ମରାମତି କରିବା, ଅଚଳ ନଳକୂପକୁ ସଚଳ କରିବା ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା । ତେବେ ବନ୍ୟାଦାଉରୁ ବଞ୍ଚିବାପାଇଁ ଜନସାଧାରଣଙ୍କର ଏକମାତ୍ର ସାହାଭରସା ବାଲି ବସ୍ତା । ଏହା ପ୍ରଶାସନ ପାଖରେ କେବଳ ମହଜୁଦ ରହିଥାଏ । ନଦୀମଧ୍ୟରୁ ବନ୍ୟାଜଳ ଓଭର ଫ୍ଲୋ' ହେଲେ ପ୍ରଶାସନ ଲୋକଦେଖାଣିଆ ଭାବେ ବନ୍ୟାଜଳକୁ ରୋକିବା ପାଇଁ କେବଳ ବାଲିବସ୍ତାର ସାହାରା ନେଇଥାଏ । ୧୦୦ ବାଲିବସ୍ତା ପକାଯାଇ ୨୦୦୦ ବାଲିବସ୍ତା ପଡ଼ିଥିବାର ବିଲ୍ ହୋଇଥାଏ । ତେବେ ଏଠାରେ ପ୍ରଶ୍ନ ଉଠେ କେଉଁଭଳି ଭାବେ ଜିଲ୍ଲାର ସମସ୍ତ ନଦୀରେ ବନ୍ୟା ଆସିଲେ ଓ ନଦୀବନ୍ଧ ମରାମତି କରିବାପାଇଁ ଜିଲ୍ଲା ପ୍ରଶାସନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି । ନୂଆ ସରକାରଙ୍କ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି । ଚଳିତ ବନ୍ୟାରେ ଯଦି ଜିଲ୍ଲାବାସୀଙ୍କର କୌଣସି କ୍ଷୟକ୍ଷତି ହୁଏ ସେଥିପାଇଁ ଜିଲ୍ଲା ପ୍ରଶାସନ ଦାୟୀ ରହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।



# ନାଟ୍ୟ ନିର୍ଦ୍ଦେଶକ ଶରତ ମାଝୀଙ୍କ ବିୟୋଗରେ ପୂର୍ବତନ ସାଂସଦଙ୍କ ଶୋକ

**ଢେଙ୍କାନାଳ,୩୧।୭/ଏନ୍ଏନ୍ଏସ୍:** ଅନୁଗୁଳ ଜିଲ୍ଲା ତାଳଚେର ନଗର ଗୋପୀନାଥପୁର ବାସିନ୍ଦା ଶରତ ମାଝୀ (୬୦)ଙ୍କର ଅକାଳ ବିୟୋଗ ଖବର ଶୁଣି ଢେଙ୍କାନାଳ ପୂର୍ବତନ ସାଂସଦ ମହେଶ ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ବାର୍ତ୍ତାରେ ଶ୍ରୀ ସାହୁ କହିଛନ୍ତି ଯେ ଶରତ ବାବୁଙ୍କ ସହିତ ମୋର ବହୁତ ଦିନରୁ ବ୍ୟକ୍ତିଗତ ଭାବେ ଜଣାଶୁଣା ଓ ମିଳାମିଶା । ସେ ତାଳଚେରର ବାସିନ୍ଦା ହୋଇ ମଧ୍ୟ ମୋର ରାଜନୈତିକ କର୍ମ କ୍ଷେତ୍ରରେ ଅକୁଣ୍ଠ ସମର୍ଥନ ଜଣାଇ ସହଯୋଗ କରିଥିଲେ । ଅତି ନିକଟରେ ତାଙ୍କୁ ମୁଁ ପାଇ ବହୁତ ଆନନ୍ଦିତ ହୋଇଥାଏ । କାରଣ ମୁଁ ବିଧାୟକ ଓ ସାଂସଦ ଥିବାବେଳେ ସେ ପ୍ରତିଟି ମୁହୂର୍ତ୍ତରେ ମୋତେ ସାକ୍ଷାତ କରି ଭଲମନ୍ଦ ପଚାରିଥାନ୍ତି । ଜଣେ ମେଧାବୀ ଛାତ୍ର ଭାବେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ଦ୍ୱିତୀୟ ପୁରାତନ ଉଚ୍ଚ ବିଦ୍ୟାଳୟ ଯୁବରାଜ ଉଚ୍ଚ ବିଦ୍ୟାଳୟର ଏବଂ ମହାବିଦ୍ୟାଳୟ ପାଠପଢ଼ା ଶେଷ ପରେ ପୁଲିସ ବିଭାଗରେ ଚାକିରୀ କରିଥିଲେ । ଖୁବ୍ ନିକଟରେ ସେ ଚାକିରୀ କାର୍ଯ୍ୟରେ ପ୍ରମୋସନ ପାଇ ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ହୋଇ ଦୁଇ ମାସ ତଳେ ଅବସର ଗ୍ରହଣ କରିଥିଲେ । ଚାକିରି କ୍ଷେତ୍ରରେ ଥାଇ ଶ୍ରୀ ମାଝୀ ଜଣେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଚଳଚ୍ଚିତ୍ର ଅଭିନେତା, ଧାରାବାହିକରେ ଅଭିନୟ, ଭୁବନେଶ୍ୱର ସଂଗୀତ ମହାବିଦ୍ୟାଳୟ, ଅନ୍ନପୂର୍ଣ୍ଣା ଥିଏଟର, ଅନୁଗୁଳ ଓ ତାଳଚେରରେ ବିଭିନ୍ନ ସାଂସ୍କୃତିକ ସଂସ୍ଥା ସହିତ ସାମିଲ ଥିଲେ । ତାଙ୍କ ମୃତ୍ୟୁରେ ନାଟ୍ୟ ଜଗତ ତଥା କଳାକାର ମହଲରେ ଏକ ଅପୂରଣୀୟ କ୍ଷତି ଘଟିଛି । ଯାହାକି ଆଗାମୀ ଦିନରେ ପୂରଣ ହୋଇପାରିବ କି ନାହିଁ ତାହା ସମୟ କହିବ । ଶରତ ମାଝୀଙ୍କ ପରଲୋକ ହେବା ଖବର ଶୁଣି ମୁଁ ଗଭୀର ମର୍ମାହତ ହୋଇଛି ବୋଲି ପ୍ରାକ୍ତନ ସାଂସଦ ଶ୍ରୀ ସାହୁ କହିଛନ୍ତି । ସ୍ୱର୍ଗତ ଶରତ ମାଝୀ ଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କଠାରେ ଶ୍ରୀ ସାହୁ ପ୍ରାର୍ଥନା କରିଛନ୍ତି ।



# ଚାରାବଣ୍ଟନ କାର୍ଯ୍ୟକ୍ରମ

**କୁଆଖିଆ,୩୧।୭/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ ଯାଜପୁର ଜିଲ୍ଲାର ଅଗ୍ରଣି ସାମାଜିକ ଅନୁଷ୍ଠାନ ହିୟୁମାନ ୱେଲଫେୟାର ପକ୍ଷରୁ କୁଆଖିଆଠାରେ ବର୍ଷାଋତୁ ପାଇଁ ଚାରା ବଣ୍ଟନ କରାଯାଇଛି । ଏକଲକ୍ଷ ଚାରାରୋପଣ କରାଯିବା ସହିତ ବିଭିନ୍ନ କିସମର ଚାରା ଜନସାଧାରଣଙ୍କୁ ନିଜ ବାଡ଼ି, ସରକାରୀ ଓ ଘରୋଇ ଜମିରେ ଲଗାଇବା ପାଇଁ ସଚେତନତା କରାଯାଇଥିଲା । ଜୀବନ ପାଇଁ ଗଛଟିଏ କାର୍ଯ୍ୟକ୍ରମର ଉପଦେଷ୍ଟା ଆଶିଷ କୁମାର ସାହୁ, ଉପସଭାପତି ପରମାନନ୍ଦ ସାହୁଙ୍କ ନେତୃତ୍ୱରେ ବୃକ୍ଷରୋପଣ କରିବାକୁ ସଂଘ ଶପଥ ନେଇ ବିଭିନ୍ନ ଗ୍ରାମ ସ୍କୁଲ କଲେଜରେ ଚାରା ବଣ୍ଟନ ଜାରି ରଖିଛି । ସହ ସମ୍ପାଦକ ହରିଶଙ୍କର ସାହୁ, ପ୍ରଭାତ କୁମାର ସାହୁ, ସ୍ମୃତିରଞ୍ଜନ ସାହୁ, ସୌମ୍ୟରଞ୍ଜନ ସାହୁ, ପ୍ରଫୁଲ୍ଲ ବାରିକ, ସୁନିଲ କୁମାର ସାହୁ, ବଇଁଶି ଧର ପଣ୍ଡା, ହରିଶ ପୃଷ୍ଟି, ବିଶ୍ୱଦେବ ସାହୁ, ତପନ ମଲ୍ଲିକ, ଚନ୍ଦନ ସାହୁ, ପ୍ରକାଶ ରଥ, ସୁଜିତ ସାହୁ, ଚିରଞ୍ଜୀବୀ ସାହୁ, ଦେବାଶୀଷ ସାହୁ, ପ୍ରୀତିରଞ୍ଜନ ମହାନ୍ତି, ଦୀପ୍ତିରଞ୍ଜନ ମହାନ୍ତି, ବିରଞ୍ଚି ସାହୁ, ରତିକାନ୍ତ ମଲ୍ଲିକ, ଚନ୍ଦନ ସାହୁ, ବାପିନ ସାମଲ, ଅଶୋକ ସାହୁ, ସତ୍ୟଜିତ ସାହୁ, ଚିତ୍ତରଞ୍ଜନ ପଣ୍ଡାଙ୍କ ସହିତ ପ୍ରଜାପତି ବ୍ରହ୍ମାକୁମାରୀର ଭଉଣୀମାନେ ଚାରା ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ । ଆଗକୁ ଅନୁଷ୍ଠାନ ଏକ ବୃଦ୍ଧାଶ୍ରମ ଖୋଲି ସେବା ଯୋଗାଇଦେବାକୁ ଯୋଜନା ରଖିଥିବା ଉପଦେଷ୍ଟା ଆଶିଷ ପ୍ରକାଶ କରିଛନ୍ତି ।



# ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ତାଳଚେର,୩୧।୭/ଏନ୍ଏନ୍ଏସ୍:** ତାଳଚେର ସାଉଥବଲଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓସୁ)ରେ ଅଧ୍ୟୟନରତ ଓଡ଼ିଆ ସ୍ନାତକୋତ୍ତର ବିଭାଗର ଅନ୍ତିମ ବର୍ଷ ଛାତ୍ରଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉ ତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବଳଭଦ୍ର ଜେନା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବରେ ତଳମୂଳ କଲେଜର ଓଡ଼ିଆ ଅଧ୍ୟାପିକା ଡ.ସନ୍ତୋଷିନୀ ଗଡନାୟକ, ସମ୍ମାନିତ ଅତିଥି ଭାବରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କେନ୍ଦ୍ର ସଂଯୋଜକ ଅଧ୍ୟାପକ ଲଲାଟେନ୍ଦୁ ଗଡ଼ନାୟକ ଓ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରମୁଖ ଡ.ଦୀପକ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

ପ୍ରାରମ୍ଭରେ ବିଭୂତି ଭୂଷଣ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଅତିଥିମାନେ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓସୁ) ପକ୍ଷରୁ ଉଚ୍ଚ ଶିକ୍ଷା ଲାଗି ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତି କରାଇଥିଲେ । ଏହା ସହିତ ଉଚ୍ଚଶିକ୍ଷା ନିମନ୍ତେ ବୟସର କୌଣସି ସୀମା ନଥାଏ ତଥା କଠିନ ପରିଶ୍ରମ,ଦୃଢ ନିଷ୍ଠା ଓ ଗଭୀର ଆତ୍ମବିଶ୍ୱାସ ହିଁ ସଫଳତାର ଚାବିକାଠି ବୋଲି ଅଧ୍ୟାପକ ଲଲାଟେନ୍ଦୁ ଗଡନାୟକ ମତବ୍ୟକ୍ତ କରିଥିଲେ । ବିଭୂତି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଭୂତି ଭୂଷଣ ସ୍ୱାଇଁ ଧନ୍ୟବାଦ୍ ଦେଇଥିଲେ । ବିକାଶ ମହାକୁଡ଼, ପତିତପାବନ ପ୍ରଧାନ, ବିଭୂତି ଭୂଷଣ ସ୍ୱାଇଁ, ସୁଜାତା ଗୁରୁ, ଦମୟନ୍ତୀ ସାହୁ, ରୋଜାଲିନ ଗଡନାୟକ, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖଙ୍କ ସହ ଓଡ଼ିଆ ବିଭାଗର ସମସ୍ତ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ନଦୀବନ୍ଧ ରାସ୍ତାକଡ଼ରୁ ଅନାବନା ଗଛ ହଟାଇବାକୁ ଦାବି

**ଧର୍ମଶାଳା,୩୧।୭/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ ଅରେଇକଣା ଓ କଦମପାଳ ପଞ୍ଚାୟତକୁ ସଂଯୋଗ କରୁଥିବା କେଲୁଅ ନଦୀବନ୍ଧର ରମାପୁରଠାରୁ ହୁଙ୍କାଘାଇ ପର୍ଯ୍ୟନ୍ତ ରାସ୍ତାର ଉଭୟ ପର୍ଶ୍ୱରେ ଅନାବନା ଗଛ ବଢ଼ିବା ଦ୍ୱାରା ଦୁର୍ଘଟଣାମାନ ଘଟୁଛି । ସୂଚନା ମୁତାବକ ପାଣି କୋଇଲି ପୂର୍ତ୍ତ ବିଭାଗ ଅଧିନରେ ଥିବା କେଲୁଅ ନଦୀବନ୍ଧ ରାସ୍ତାର ଉଭୟ ପାର୍ଶ୍ୱରେ ବଡିଥିବା ଅନାବନା ଗଛ ଯୋଗୁଁ ଉକ୍ତ ରାସ୍ତା ଦେଇ ଯାନବାହନ ଯାତାୟାତ ବାଧାପ୍ରାପ୍ତ ହେଉଛି । ଗଛଗୁଡ଼ିକୁ କାଟି ସଫା କରିବା ପାଇଁ ଅରେକଣା ସରପଞ୍ଚ ସଞ୍ଜୟ କୁମାର ରାୟ, ସମିତି ସଭ୍ୟ ଫକୀର ଚରଣ ପ୍ରଧାନ, କଦମପାଳ ସରପଞ୍ଚ ତୃପ୍ତିଲତା ମହାନ୍ତି, ସମିତି ସଭ୍ୟ ବସନ୍ତ ମହାନ୍ତି ପ୍ରମୁଖ ଧର୍ମଶାଳା ବିଧାୟକ, ଯାଜପୁର ଜିଲ୍ଲାପାଳ, ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ବାରମ୍ବାର ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ ଅଦ୍ୟାବଧି କିଛି ସୁଫଳ ମିଳି ନାହିଁ । ଫଳରେ ବର୍ଷା ଦିନେ ରାସ୍ତା ପାର୍ଶ୍ୱରେ ଥିବା ଗଛଗୁଡ଼ିକ ଅଧିକ ଘଞ୍ଚ ହୋଇଯାଇଛି । ଏବେ ବର୍ଷା ଅଧିକ ହେଉଥିବାରୁ ରାସ୍ତା ପାର୍ଶ୍ୱରେ ଅନାବାନା ଗଛ ବଢ଼ିବା ଦ୍ୱାରା ବର୍ଷାରେ ରେନ୍‌କୋଟ୍, ବିଲୁଆ ଗାତ ଓ ମୂଷା ଗାତ ସୃଷ୍ଟି ହୋଇଥିବାର ଆଶଙ୍କା କରାଯାଇଛି । ଏହି ନଦୀବନ୍ଧ ପାର୍ଶ୍ୱକୁ ସଫା କରାନଗଲେ ତେବେ ବର୍ଷା ଦିନରେ ବନ୍ୟା ଯୋଗୁଁ ଏଠାରେ ଘାଇ ସୃଷ୍ଟି ହେବାର ଆଶଙ୍କା କରାଯାଉଛି । ଏନେଇ ଆଜି କଦମପାଳ ପଞ୍ଚାୟତବାସୀ ପାଣି କୋଇଲିସ୍ଥିତ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି । ଅଗଷ୍ଟ ୧୫ ତାରିଖ ମଧ୍ୟରେ ନଦୀବନ୍ଧର ଉଭୟ ପାର୍ଶ୍ୱରେ ବଢ଼ିଥିବା ଅନାବନା ଗଛକୁ ବିଭାଗ ପକ୍ଷରୁ ସଫା କରାନଗଲେ ଆସନ୍ତା ୧୬ ତାରିଖରେ ଗ୍ରାମବାସୀ ପାଣିକୋଇଲିସ୍ଥିତ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସାମନାରେ ଧାରଣା ଦେବେ ବୋଲି ଚେତାବନୀ ଦେବେ ବୋଲି କଦମପାଳ ସରପଞ୍ଚ ତୃପ୍ତିଲତା ମହାନ୍ତି, ସମିତି ସଭ୍ୟ ବସନ୍ତ ମହାନ୍ତି, ଫକୀର ଚରଣ ପ୍ରଧାନ, ଭରତ ଚନ୍ଦ୍ର ଜେନା, ନିରଞ୍ଜନ ପ୍ରଧାନ, ରାଜେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ବହୁ ଗ୍ରାମବାସୀ ଲିଖିତ ଭାବେ ଜଣାଇଛନ୍ତି ।

# କିଡ୍‌ନୀ ରୋଗୀଙ୍କୁ ସହାୟତା



**କେନ୍ଦ୍ରାପଡ଼ା,୩୧।୭/ଏନ୍ଏନ୍ଏସ୍:** ସ୍ୱେଚ୍ଛାସେବୀ ସଂଗଠନ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କିଡ୍‌ନୀ ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ଆମେରିକାର ଆଲାସ୍କା ବିଶ୍ୱବିଦ୍ୟାଳୟର ଏମିରେଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟର ସଂଯୋଜକ ପ୍ରଦୀପ କୁମାର ମହାନ୍ତି କେନ୍ଦ୍ରାପଡ଼ା ବ୍ଲକର କପାଳେଶ୍ୱର ପଞ୍ଚାୟତର ଆଳିଜଙ୍ଗା ଗ୍ରାମର କିଡ୍‌ନୀ ରୋଗରେ ପୀଡ଼ିତ ମନୋଜ କୁମାର ଦାସଙ୍କୁ ତାଙ୍କ ଘରେ ଭେଟି ୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସହାୟତା ପ୍ରଦାନ ସମୟରେ ଟ୍ରଷ୍ଟର ସଦସ୍ୟ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ ଓ ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

**NOTICE**

The partnership firm M/S SHAGUN BUILDER And its Head Office At-plot No-271, Second Floor, Kharavel Nagar, Po/Ps-Kharavel Nagar, Bhubaneswar, Dist-Khurda Pin-751001, Odisha Bearing Regd No.18202000389/2020 has been reconstituted on 01.04.2023 due to Retirement of one partner namely is Smt. Annu Suman w.e.f 01.04.2023

Sri Sushanta Kumar Parida
Managing partner
M/S SHAGUN BUILDER

**AFFIDAVIT**

By virtue of an affidavit sworn before Notary Public, Bhubaneswar, Khordha, Odisha dated 31.07.2024 I, Jinat Parween, D/o Tayar Khan, W/o Abdul Bahadulla Khan resident of Mangala Nagar, Salia Sahi, P.O.-R.R.L, P.S-Maitrivihar, Bhubaneswar, PIN-751013, Dist.-Khordha, Odisha have changed my name from Jinat Parbin to Jinat Parween. Henceforth, I shall be known as Jinat Parween for all purpose.

(Jinat Parween)

**AFFIDAVIT**

By virtue of an affidavit, sworn Before the Executive Magistrate Banpur, Dist-Khordha. Vide No.-1542, Date-28/06/2024, I Rosalin Mahapatra aged about 27 years, D/o of Shashikanta Mahapatra of at-Gopinathpur. Po – Balugaon. Ps-Banpur, Dist- Khordha, Odisha, I hereby declare that my Fixed Deposit Bond of SBI Balugaon Branch bearing A/c No.- 11091120398 in which my name Sandhya Rani Mahapatra is mentioned when I was minor , But as per my Aadhar Card and Educational Certificate my name is Rosalin Mahapatra. I declare that my name Rosalin Mahapatra and Sandhya Rani Mahapatra is one and same person for all purposes.

Deponent

# ଚାଲଗଡ ଗ୍ରାମ୍ୟ କମିଟିର ନୂତନ କର୍ମକର୍ତ୍ତା ମନୋନୟନ

**ତାଳଚେର,୩୧।୭/ଏନ୍ଏନ୍ଏସ୍:** ତାଳଚେର ବ୍ଲକ ଚାଲଗଡ ଗ୍ରାମର ନୂତନ ଗ୍ରାମ୍ୟ କମିଟିର କର୍ମକର୍ତ୍ତା ମନୋନୟନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମର ମଙ୍ଗଳାପୀଢ଼ ଚଉପାଢ଼ୀ ଠାରେ ଆୟୋଜିତ ବୈଠକରେ ପୂର୍ବତନ ସମ୍ପାଦକ ଶିବାନନ୍ଦ ଅମ୍ବଙ୍କ ଅଧ୍ୟକ୍ଷତାରେ ସମସ୍ତ ଗ୍ରାମବାସୀଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ନୂତନ ସଭାପତି ଭାବେ ଅଶାନ୍ତ କୁମାର ଦେବତା(ରୁନା), କାର୍ଯ୍ୟକାରୀ ସଭାପତି ଭାବେ ପ୍ରଫୁଲ୍ଲ କୁମାର ଧୀର, ଉପସଭାପତି ଭାବେ ସନାତନ ପଟ୍ଟନାୟକ ଏବଂ ପ୍ରକାଶ ଚନ୍ଦ୍ର ଧୀର, ସମ୍ପାଦକ ଭାବେ ଅଶାନ୍ତ କୁମାର ଦେବତା (କଟି), ଯୁଗ୍ମ ସମ୍ପାଦକ ଭାବେ ବିରଞ୍ଚି ସାମଲ ଓ ବାବୁଲି ଦେବତା, କୋଷାଧ୍ୟକ୍ଷ ଭାବେ ବିମଳ କୁମାର ଧୀର, ସହ କୋଷାଧ୍ୟକ୍ଷ କିଶୋର କୁମାର ଧୀର, ଆଶିଷ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ଭାବେ ଧ୍ରୁବ ଚରଣ ଧୀର, ଆଇନ୍ ପରାମର୍ଶଦାତା ସୁବାସ ଚନ୍ଦ୍ର ରାଉତ ଓ ପ୍ରଶାନ୍ତ କୁମାର ଦେବତା, ଉପଦେଷ୍ଟା ସନ୍ତୋଷ ଗଡ଼ନାୟକ ଓ ଜଳେଶ୍ୱର ଦେବତା ପ୍ରମୁଖଙ୍କୁ ମନୋନୟନ କରାଯାଇଛି । ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଶୁଭମ୍ ପଟ୍ଟନାୟକ, ଦେବାଶିଷ ଦାସ, ବଳରାମ ପଟ୍ଟନାୟକ, ବୁଲୁ ସାମଲ, ରାଜେନ୍ଦ୍ର ସାମଲ, ନାରାୟଣ ବେହେରା, ଅରବିନ୍ଦ ଧିର, ଅଶୋକ ରାଉତ, ଅବେଇ ଧୀର, ସଞ୍ଜୟ ରାଉତ, ଅଶୋକ ସିଠ, ବିକାଶ ଦେବତା, ଗୋକୁଳା ଅମ୍ବ, ଧୀରେନ୍ ଅମ୍ବ, ଛବିନ୍ଦ୍ର ଦେବତା, ଅଜିତ୍ ସାମଲ, ସୁରେନ୍ଦ୍ର ଦେବତା, ତରଣୀସେନ୍ ଦେବତା, ଫିରୋଜ ଦେବତା, ଲିଟୁ ଧିର, ମହେନ୍ଦ୍ର ରାଉତ, ଦିନେଶ ଦେବତା, ବିନୋଦ ଦେବତା ଓ ଶିବ ଗୋଛାୟତ ଚୟନ କରାଯାଇଛି । ଆଗାମୀ ଦୁଇ ବର୍ଷ ପାଇଁ ଗ୍ରାମର ଉନ୍ନତି ଓ ବିକାଶ ଦିଗରେ ଏହି କମିଟି କାର୍ଯ୍ୟ କରିବ ବୋଲି ସଭାପତି ଜଣାଇଛନ୍ତି ।



**OFFICE OF THE PANCHAYAT SAMITI: RAIGHAR** I-51

E-mail: oriraighar@gmail.com

No. 2842/VII-43/24 Dated: 26.07.2024

**CORRIGENDUM**

The official website published vide Bid Identification No. 01/2024-25 with letter No. 2832 dated 25.07.2024 may kindly be read as https://nabarangpur.odisha.gov.in in place of www.nabarangpur.nic.in. All the tender papers may be downloaded from the official website https://nabarangpur.odisha.gov.in henceforth.

For the above error, it is regretted.

Sd/- Block Development Officer,
Raighar

OIPR-19375/11/0002/2425

# ଦାଦାବଟି ପାଇଁ ହୋଇଥିଲା ବୋମାମାଡ଼
# ୫ ଗିରଫ, ୨ ବୋମା ଓ ବାଇକ୍ ଜବତ

**ଢେଙ୍କାନାଳ,୩୧।୭/ଏନ୍ଏନ୍ଏସ୍:** ଢେଙ୍କାନାଳ ସହରର ଖମାର ସାହିଠାରେ ଜଣେ ଠିକାଦାରଙ୍କ ଘର ଉପରକୁ ହୋଇଥିବା ବୋମାମାଡ଼ ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି । ଗତ ୨୮ ତାରିଖ ଦିନ ୫ଟା ୪୦ରେ ଦୁଇଟି ବୋମା ମାଡ ହୋଇଥିଲା । ଫଳରେ ଘରର ମୁଖ୍ୟ ଫାଟକ କ୍ଷତିଗ୍ରସ୍ତ ହୋଇଥିଲା । ଅଭିଯୋଗ ପାଇବା ପରେ ପୁଲିସ ଘଟଣାର ଅନୁସନ୍ଧାନ କରି ବିଭିନ୍ନ ସ୍ଥାନରେ ଦାଦାବଟି ପାଇଁ ଧମକ ଦେଇ ଆକ୍ରମଣ କରୁଥିବା ଘଟଣାର ୫ ଜଣଙ୍କୁ ଗିରଫ କରିବା ସହ ଦୁଇଟି ଜୀବନ୍ତ ବୋମା, ଗୋଟିଏ ବାଇକ ଓ ବୋମା ନିର୍ମାଣ ସରଞ୍ଜାମ, ମୋବାଇଲ୍ ପ୍ରଭୃତି ଜବତ କରିଛି । ଢେଙ୍କାନାଳ ସହରର ଖମାର ସାହିଠାରେ ରହୁଥିବା ବିଲ୍ଡର ସୁଶାନ୍ତ ସାହୁଙ୍କୁ ଦାଦାବଟି ପାଇଁ ଟେଲିଫୋନ୍ ଯୋଗେ ଧମକ ଦେଇଥିଲେ । ତାର କିଛି ସମୟ ପରେ ଗୋଟିଏ ବାଇକ୍‌ରେ କଲୋନୀ ସାହିର ସୁଜନ ଦେହୁରୀ ଓ କାଇମାଟି ଡାହିମାଳ ଅଞ୍ଚଳର ସୋନୁ ଅଲ୍ଲୀ ଓରଫ ତବରକ ଅଲ୍ଲୀ ଏକ ବାଇକ୍ ଯୋଗେ ଆସି ଘରେ ଥିବା ତାଙ୍କ ସ୍ତ୍ରୀଙ୍କ ଉପରକୁ ଲକ୍ଷ୍ୟକରି ଗୋଟିଏ ବୋମା ନିକ୍ଷେପ କରିଥିଲେ । ବୋମାଟି ଘରର ମୁଖ୍ୟ ଫାଟକ ନିକଟରେ ଫୁଟିଥିଲା । ଏଥିରେ ଫାଟକର କିଛି ଅଂଶ କ୍ଷତି ହୋଇଥିଲା । ଏହି ଘଟଣା ସହରରେ ଚାଞ୍ଚଲ୍ୟ ଖେଳାଇଥିଲା । ପୁଲିସ ଏ ସମ୍ପର୍କରେ ଟାଉନ୍ ଥାନାରେ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍, ଅନ୍ୟାନ୍ୟ ପାରିପାର୍ଶ୍ୱିକ ଘଟଣାକୁ ତଦନ୍ତ କରି ଏହି ଦୁଇ ଜଣଙ୍କ ସମେତ ଏଥିରେ ସମ୍ପୃକ୍ତ ଥିବା ଦକ୍ଷିଣକାଳୀ ଅଞ୍ଚଳର ବାପୁନି/ପପୁନ ଓରଫ ସୋମ୍ୟରଞ୍ଜନ ରାଉତ, ଦେଉଳସାହି ଅଞ୍ଚଳର କାହ୍ନା ଓରଫ କାହ୍ନୁ ବେହେରା ଓ ଦକ୍ଷିଣକାଳୀ ଅଞ୍ଚଳର ସିପୁ ଓରଫ ସିଦ୍ଧାନ୍ତ ମଲ୍ଲିକଙ୍କୁ ପୁଲିସ ଗିରଫ କରିଛି । ବିଭିନ୍ନ ସମୟରେ ସେମାନେ ବ୍ୟବସାୟୀ, ଠିକାଦାର, ବିଲ୍ଡର୍‌ମାନଙ୍କୁ ଧମକ୍‌ଚମକ୍ ଦେଇ ଦାଦାବଟି ଆଦାୟ କରୁଥିଲେ । ସେମାନଙ୍କ ନିକଟରୁ ପୁଲିସ ଗୋଟିଏ ସ୍ପ୍ଲେଣ୍ଡର ବାଇକ୍, ତିନୋଟି ମୋବାଇଲ, ଦୁଇଟି ଜୀବନ୍ତ ବୋମା ଓ ବୋମା ନିର୍ମାଣ କରାଯାଉଥିବା ସରଞ୍ଜାମକୁ ଜବତ କରିଥିବା ସାମ୍ବାଦିକ ସମ୍ମିଳନୀରେ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

# ୪ ଶିଶୁ ଶ୍ରମିକ ଉଦ୍ଧାର

**ଭଦ୍ରକ,୩୧।୭/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଶିଶୁ ଶ୍ରମିକ ନିରାକରଣ ଉଦ୍ଦେଶ୍ୟରେ ଧରପଗଡ଼ ପାଇଁ ଗଠିତ ଜିଲ୍ଲା ସ୍ତରୀୟ ଟାସ୍କଫୋର୍ସ ଟିମ୍ ଦ୍ୱାରା ଧାମନଗର ବ୍ଲକ୍‌ର ଦୋବଲ ଅଞ୍ଚଳରେ ଚଢ଼ଉ କରାଯାଇ ୪ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶ୍ରମ ବିଭାଗ ଆନୁକୂଲ୍ୟରେ ପୁଲିସ ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ସମନ୍ୱୟତାରେ ଗଠିତ ଜିଲ୍ଲା ଟାକ୍ସ ଫୋର୍ସ ଦ୍ୱାରା ଏହି ଉଦ୍ଧାର କାର୍ଯ୍ୟ ସମ୍ପାଦିତ ହୋଇଥିଲା । ପ୍ରଦତ୍ତ ସୂଚନା ଅନୁଯାୟୀ ଉଦ୍ଧାର କରାଯାଇଥିବା ୪ ଜଣ ଶିଶୁ ଶ୍ରମିକଙ୍କ ମଧ୍ୟରେ ୨ ଜଣ ଇଟା ନିର୍ମାଣ ଶିଳ୍ପ କ୍ଷେତ୍ରରୁ ଏବଂ ଅନ୍ୟ ୨ ଜଣ ମୋଟର ଗ୍ୟାରେଜ ସ୍ଥଳରେ କାର୍ଯ୍ୟରତ ଥିଲେ । ଉଭୟ ଦୁଇଟି ଯାକ ପ୍ରତିଷ୍ଠାନ ଧାମନଗର ବିଜ୍ଞାପିତ ଅଞ୍ଚଳର ଧାମନଗର ବଜାର ରେ ଅବସ୍ଥିତ । ଉଦ୍ଧାର କରାଯାଇଥିବା ସମସ୍ତ ଶିଶୁ ଶ୍ରମିକଙ୍କୁ ଯଥା ନିୟମ ମୁତାବକ ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି । ୩ ଜଣ ସହକାରୀ ଶ୍ରମ ଅଧିକାରୀ ରତ୍ନାକର ମଲ୍ଲିକ, ଲୋକନାଥ ଦାଶ, ପ୍ରତ୍ୟୁଷ କୁମାର ବେହେରାଙ୍କ ସମେତ ଅନ୍ୟ ବିଭାଗୀୟ କର୍ମଚାରୀ ପୁଲିସ ପ୍ରମୁଖ ଏହି ଉଦ୍ଧାର କାର୍ଯ୍ୟକ୍ରମରେ ସାମିଲ ଥିଲେ ।

O-154

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER,**
**CENTRAL RURAL WORKS CIRCLE, BHUBANESWAR**

No. 3559 Date: 30.07.2024

**"e" Procurement Notice for Building Works**

| | | | |
|---|---|---|---|
| 1. | Name of the Work | : | Building work |
| 2. | Total No. of works: | : | 02 No. of Composite Building works |
| 3. | Estimated Cost of the work: | : | Varies from Rs.105.05 lakh to Rs.170.61 lakh |
| 4. | Class of Contractor | : | |
| | a)Estimated cost more than Rs. 20.00 lakhs up to Rs. 3.00 Crores. | | B Class (of Odisha PWD) or relevant class of other licensing authorities |
| | b)Estimated cost more than Rs. 1.00 Crore up to Rs. 20.00 Crores. | | A Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.20 of 2024 | 06.08.2024 at 11.00 A.M. | 20.08.2024 up to 5.00 P.M. | 21.08.2024 at 11.00 A.M. | To be intimated lateron |

Further details can be seen from the web site www.tendersodisha.gov.in

Sd/- Chief Engineer
Central Rural Works Circle, Bhubaneswar

OIPR-25194/11/0004/2425

# ୫ ହାତୀଦାନ୍ତ ଜବତ, ୭ ଗିରଫ



**ବାରିପଦା,୩୧୭/ଏନ୍ଏନ୍ଏସ୍:** ବନ ବିଭାଗ ପକ୍ଷରୁ ବ୍ୟାପକ କାର୍ଯ୍ୟାନୁଷ୍ଠାନ ନିଆଯାଉଥିଲେ ମଧ୍ୟ ଶିମିଳିପାଳରେ ଜନ୍ତୁ ଶିକାର ସହ ହାତୀଦାନ୍ତ, ବାଘ ଚମଡ଼ା ତସ୍କରି ଥମିବାର ନାଁ ଧରୁନି । ଆଜି ବାରିପଦା ବନଖଣ୍ଡର କପ୍ତିପଦା ରେଞ୍ଜରେ ବନ୍ୟଜନ୍ତୁ ଅପରାଧର ଚଢ଼ଉ ଚାଲିଥିବା ବେଳେ ୫ଟି ହାତୀଦାନ୍ତ ଜବତ ସହିତ ୭ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ହେଲେ ବିଦ୍ୟାଧରନଗର ଗ୍ରାମର ନଉରୁ ସିଂ (୭୦), ଯମୁନା ଗ୍ରାମର ନିରଞ୍ଜନ ବେହେରା (୪୬), ଗୋବରାଶୋଳ ଗ୍ରାମର ସାମଲ ସିଂ (୩୫), ମହୁଲବରେଇ ଗ୍ରାମର ବୀରଭଦ୍ର ସିଂ (୪୨), କାଦୁଆଣୀ ଗ୍ରାମର ଅଜୟ ବାରିକ (୪୪), ବେତେଇ ଗ୍ରାମର ସୁନୀଲ କୁମାର ହୋ (୨୯), ମହୁଲପାଙ୍ଗ ନିତ୍ୟାନନ୍ଦ ଗଗରାଇ (୨୭) । ଘଟଣାର ଅଧିକ ତଦନ୍ତ ଚାଲିଥିବା ବେଳେ ଗୁରୁବାର ପୂର୍ବାହ୍ନରେ ବାରିପଦା ବନଖଣ୍ଡ କାର୍ଯ୍ୟାଳୟରେ ଏନେଇ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ତଥ୍ୟ ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ଯୁବତୀଙ୍କୁ ଅପହରଣ ଅଭିଯୋଗ

**ରାଜନଗର,୩୧୭/ଏନ୍ଏନ୍ଏସ୍:** ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତର ଜଣେ ଯୁବତୀ(୨୬)ଙ୍କୁ ଡେରା ଗ୍ରାମର ମାଗୁଣୀ ବେହେରାଙ୍କ ପୁଅ ସରୋଜକୁମାର ବେହେରା ବଳପୂର୍ବକ ହାତ, ମୁହଁ ଓ ଗୋଡ଼ ବାନ୍ଧି ଅପହରଣ କରିଥିବା ନେଇ ଯୁବତୀର ମାଆ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି । ଗତ ୨୬ତାରିଖରୁ ଏହି ଅପହରଣ କରାଯାଇଥିଲେ ମଧ୍ୟ ବୁଧବାର ସକାଳ ୫ଟା ସମୟରେ ଯୁବତୀ ଜଣକ ମୋବାଇଲ ଫୋନ୍‌ରେ ଡେରା ଗ୍ରାମର ସରୋଜ ମୋ ହାତ, ମୁହଁ ଓ ଗୋଡ ବାନ୍ଧି ମୋତେ କେଉଁଆଡେ ନେଇଆସିଛି , ମୁଁ ଜାଣି ପାରୁନାହିଁ ବୋଲି କହିବା ପରେ ମୋବାଇଲ ସୁଇଚ୍ ଅଫ ହୋଇଯାଇଥିଲା । ଏନେଇ ଯୁବତୀର ମାଆ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସରୋଜଙ୍କ ନାମରେ କେସ୍ ନଂ-୨୭୭/ ୨୪ରେ ମାମଲା ରୁଜୁ କରାଯାଇଛି ।

# ଓଡ଼ିଶା ଜୀବିକା ମିଶନ୍‌ରେ ଦୁର୍ନୀତି ନେଇ ଓସାର ଧାରଣା



**କେନ୍ଦ୍ରାପଡ଼ା,୩୧୭/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଜୀବିକା ମିଶନ୍ ଓ ମିଶନ୍ ଶକ୍ତିରେ ହୋଇଥିବା ବ୍ୟାପକ ଦୁର୍ନୀତିର ତଦନ୍ତ ଦାବିରେ ଓଡିଶା ସୂଚନା ଅଧିକାର ଅଭିଯାନ(ଓସା) କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ତୃତୀୟ ଦିନରେ ପହଞ୍ଚିଛି । ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ଧାରଣାସ୍ଥଳକୁ ଆସି ଧାରଣାକାରୀଙ୍କୁ ବୁଝାଇବା ପରେ ଧାରଣାକାରୀଙ୍କ ଏକ ପ୍ରତିନିଧିମଣ୍ଡଳ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଫିସ ପ୍ରକୋଷ୍ଠକୁ ଯାଇ ପ୍ରଶାସନ ସହିତ ଆଲୋଚନା କରିଥିଲେ । ଏହାପରେ ସେମାନେ ଜିଲ୍ଲାପାଳଙ୍କ ଅଫିସ ପ୍ରକୋଷ୍ଠକୁ ଯାଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ସହ ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଜିଲ୍ଲାର ପ୍ରାୟ ୧୬ହଜାରରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟିକା ଗୋଷ୍ଠିର ୨ଲକ୍ଷ ମହିଳାମାନଙ୍କୁ ସାମାଜିକ ଓ ଆର୍ଥିକ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଆସୁଛନ୍ତି । କିନ୍ତୁ ସେସବୁର ଉପଯୁକ୍ତ ବିନିଯୋଗ ହେଉନାହିଁ । ଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ଶହେ କୋଟି ଟଙ୍କା ଜିଲ୍ଲାକୁ ଆସିଥିବା ବେଳେ ଓଡ଼ିଶା ଜୀବିକା ମିଶନ ଓ ମିଶନ୍ ଶକ୍ତି ସେହି ଅର୍ଥର କୌଣସି ବିନିଯୋଗ ତଥ୍ୟ ଦେଉନାହିଁ । ତେଣୁ ସେହି ଅନୁଦାନର ସିଂହ ଭାଗ ଅର୍ଥ ଆତ୍ମସାତ ହୋଇଥିବା ଓସା ଅଭିଯୋଗ କରିଛି । ଏହା ବିରୋଧରେ ଓସା ପକ୍ଷରୁ ଗତ ସୋମବାର ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଚାଲିଥିବା ବେଳେ ସେହି ବିଭାଗ ପକ୍ଷରୁ ମଙ୍ଗଳବାର ରାତିରେ ବାରୋସ୍ଥିତ ମିଶନଶକ୍ତି ଭବନରେ ଜାଲ ଭାଉଚର ପ୍ରସ୍ତୁତି ଚାଲିଥିବା ଖବର ପାଇ ଉପଜିଲ୍ଲାପାଳ ଶ୍ରୀ ପ୍ରଧାନ ନିକିରାଇ ଥାନା ପୁଲିସ ସହ ସେଠାରେ ପହଞ୍ଚି ସମସ୍ତ କାଗଜପତ୍ର ଜବତ କରିଥିଲେ । ତେଣୁ ଜାଲ ବିଲ୍ ପ୍ରସ୍ତୁତ କରୁଥିବା କର୍ମଚାରୀଙ୍କ ବିରୋଧରେ ଅପରାଧୀକ ମାମଲା ରୁଜୁ କରାଯିବା, ହରିଲୁଟ୍ ଲୁଚାଇବାକୁ ଜାଲ ଭାଉଚର୍ ପ୍ରସ୍ତୁତି ପାଇଁ ଯେଉଁ ଯେଉଁ ଉପରିସ୍ଥ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ ତାଙ୍କୁ ବହିଷ୍କାର ସହିତ ଘଟଣାର ସ୍ୱତନ୍ତ୍ର ଅଡିଟ କରାଯିବାକୁ ଓସା ଦାବି କରିଛି । ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ଧାରଣା ସ୍ଥଗିତ ହେବ କି ନାହିଁ ସେ ସମ୍ପର୍କରେ ଆସନ୍ତାକାଲି ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଓସାର ଆବାହକ ପ୍ରତାପ ମହାନ୍ତି କହିଛନ୍ତି । ଧାରଣା ସ୍ଥଳରେ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ପବିତ୍ର କୁମାର ପାଣି, ନୃସିଂହ ଦାସ, ଜୟଦେବ ସିଂ, ପ୍ରଦ୍ୟୁମ୍ନ ସ୍ୱାଇଁ, ରମାକାନ୍ତ ମାହାଳି, ବିନୟ କୁମାର ମଲ୍ଲିକ, ଆଇନଜୀବୀ ପ୍ରଦୀପ କୁମାର ଦାଶ, ମନୋରଞ୍ଜନ ଜେନା, ସନ୍ତୋଷ କୁମାର ବେହେରା, ବିଶ୍ୱଜିତ ସୁତାର, ଆକାଶ କୁମାର ଦାସ, ଗୟାଧର ଧଳ, ଅମିତ ଚାନ୍ଦ, ଦୁଷ୍ମନ୍ତ ଆଚାର୍ଯ୍ୟ, ନରୋତ୍ତମ ଦେବନାଥ, ମାଧବ ଅଧିକାରୀ,ସାଜିଦ ଖାନ, ପ୍ରଫୁଲ୍ଲ କୁମାର ଦାସ, ନଗେନ୍ଦ୍ର ଜେନା, ନିରଞ୍ଜନ ପରିଡା ଓ ଅମରବର ବିଶ୍ୱାଳ ପ୍ରମୁଖ ପ୍ରମୁଖ ସାମିଲ ହୋଇଥିଲେ ।

# ‘କୁପୋଷଣ ଦୂରକରେ ଫର୍ଟିଫାଏଡ୍ ଚାଉଳ’

## ସଚେତନତା ବୃଦ୍ଧି ପାଇଁ ଜିଲ୍ଲାସ୍ତରୀୟ କର୍ମଶାଳା

**ଭଦ୍ରକ,୩୧୭/ଏନ୍ଏନ୍ଏସ୍:** ପୋଷଣସ୍ତରରେ ସୁଧାର ଆଣିବା ପାଇଁ ସୂକ୍ଷ୍ମ ପୋଷକ ତତ୍ତ୍ୱ ସ୍ତରର ମାତ୍ରାକୁ ବଢ଼ାଇବା ପାଇଁ ଚାଉଳକୁ ଫର୍ଟିଫିକେସନ୍ କିରବା ନିହାତି ଆବଶ୍ୟକ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୱାଲର୍ଡ ଫୁଡ୍ ପ୍ରୋଗ୍ରାମ ଯୋଜନାନୁସାରେ ଆମ ଦେଶ ଓ ଆମ ରାଜ୍ୟରେ ସମସ୍ତ ସରକାରୀ ଯୋଜନାରେ ଫର୍ଟିଫଏଡ୍ ଚାଉଳ ଉପଲବ୍ଧ କରାଯାଉଛି । ସ୍କୁଲ ମଧ୍ୟାହ୍ନ ଭୋଜନ, ଅଙ୍ଗନବାଡ଼ିରେ ରନ୍ଧାଖାଦ୍ୟ ଓ ଯୋଗାଣ ବିଭାଗର ରାସନ୍ କାର୍ଡରେ ଏହି ଚାଉଳ ଯୋଗାଇ ଦିଆଯାଉଛି । ଏହି ଚାଉଳର ଉପଯୋଗିତା, ବ୍ୟବହାର ପ୍ରକ୍ରିୟା ସମ୍ବନ୍ଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଟ୍ରମାକେୟାର ସେଣ୍ଟର ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଭାତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସାଳୟର ଅଧକ୍ଷ ଡା ଅମୂଲ୍ୟ କୁମାର ଦାସ, ୱାର୍ଲ୍ଡ଼ ଫୁଡ୍ ପ୍ରୋଗ୍ରାମର ରାଜ୍ୟସ୍ତରୀୟ ପ୍ରଶିକ୍ଷକ ମୋନା ଜେଠୁଆ ପ୍ରମୁଖ ଯୋଗ ଦେଇଥିଲେ । ଫର୍ଟିଫାଏଡ୍ ଚାଉଳ କ’ଣ, ଏହାର ପ୍ରସ୍ତୁତି, ଆବଶ୍ୟକତା, ଉପାଦାନ, କୁପୋଷଣ ଦୂର କରିବାରେ ଏହାର ପ୍ରମୁଖ ଭୂମିକା, ଫର୍ଟିଫାଏଡ୍ ଚାଉଳ ଓ ଅନ୍ୟଖାଦ୍ୟ ପ୍ୟାକେଟ୍‌କୁ ଜାଣିବା, ଫର୍ଟିଫାଏଡ୍ ଚାଉଳ ରନ୍ଧନ ପ୍ରକ୍ରିୟା ଆଦି ସମ୍ବନ୍ଧରେ ପ୍ରଶିକ୍ଷକ ଗୋଟି ଗୋଟି କରି ବିଷଦ୍ ଭାବେ ବୁଝାଇଥିଲେ । ଚାଉଳ ଗୁଣ୍ଡରେ ସୂକ୍ଷ୍ମ ପୋଷକ ତତ୍ତ୍ୱ ହିସାବରେ ଉପଯୁକ୍ତ ମାନ ଓ ମାତ୍ରା ଅନୁସାରେ ଭିଟାମିନ୍ ବି-୧୨, ଲୌହ ଓ ଫଲିକ୍ ଏସିଡ୍ ମିଶାଯାଇ ମିଶ୍ରଣକୁ ବୈଷୟିକ କୌଶଳରେ ମେସିନ୍ ସାହାଯ୍ୟରେ ଏଫ୍.ଆର.କେ ଚାଉଳ ଦାନା ପ୍ରସ୍ତୁତ କରାଯାଇ ଏବଂ ଏଥିରୁ ୧ ଗ୍ରାମକୁ ସାଧାରଣ ଚାଉଳ ୧୦୦ ଗ୍ରାମ ସହିତ ମିଶାଯାଏ । ଯାହାକୁ ଫର୍ଟିଫାଏଡ୍ ଚାଉଳ କୁହାଯାଏ ଏବଂ ଏହାଥିବା




ବ୍ୟାଗ୍‌ରେ ପ୍ଲସ୍ ଏଫ୍ ଲୋଗୋ ରହିଥାଏ । ଫର୍ଟିଫାଏଡ୍ ଚାଉଳ ଭଳି ଅନ୍ୟ ଫିର୍ଟିଫାଏଡ୍ ଖାଦ୍ୟ ହିସାବରେ ଲୁଣ, ତେଲ ଓ ଦୁଗ୍ଧର ବ୍ୟବହାର କରାଯାଉଛି । ପ୍ରେସର କୁକର, ରାଇସ୍ କୁକର ରେ ରାନ୍ଧିଲେ ଏବଂ ବାହାରେ ରାନ୍ଧିବା ବେଳେ ଡାଙ୍କୁଣି ବ୍ୟବହାର ସହିତ ପେଜ ନ ଗାଳିଲେ ଭାତର ପୋଷକ ତତ୍ତ୍ୱ ଠିକ୍ ରହିବ ବୋଲି ପ୍ରକାଶ କରାଯାଇଥିଲା । ଏହି ପୋଷକ ତତ୍ତ୍ୱ ଆନିମିଆ ଦୂରକରିବା ସହିତ ସୂକ୍ଷ୍ମ ପୋଷକ ତତ୍ତ୍ୱର ସ୍ୱଳ୍ପତାରୁ ବଞ୍ଚାଇ ଅପପୁଷ୍ଟି, ହିମୋଗ୍ଲୋବିନ୍ ହ୍ରାସ ଭଳି ସମସ୍ୟା ପାଇଁ ଖୁବ୍ ଲାଭ ଦାୟକ ଅଟେ । ଏହି ଚାଉଳକୁ ସର୍ବଦା ପରିଷ୍କାର ଏବଂ ମୁଦଥିବା ଡ଼ବା ବା ଅଖାର ମୁହଁ ବାନ୍ଧି ରଖାଯିବା ଉଚିତ୍ । ଖରାରେ ଶୁଖାଇବା ଅନୁଚିତ ଏବଂ ଉତ୍ପାଦନର ଏକବର୍ଷ ମଧ୍ୟରେ ବ୍ୟବହାର କରିବା ଅଧିକ ଉପଯୋଗୀ । ଏହି ଚାଉଳ ଖୋଲା ବଜାରରେ ଉପଲବ୍ଧ ହୋଇ ନାହିଁ । ଏହି ଚାଉଳର ସ୍ୱାଦ, ସୁଗନ୍ଧ ସାଧାରଣ ଚାଉଳଠାରୁ ଭିନ୍ନ ନୁହେଁ । ଏହି ଚାଉଳରୁ ରନ୍ଧା ଭାତ ଖାଇବା ଦ୍ୱାରା କୌଣସି ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି ହୁଏନାହିଁ । ଏହି ଚାଉଳକୁ ପ୍ଲାଷ୍ଟିକ୍ ଚାଉଳ ବା ପୋକା ଚାଉଳ ଭାବିବା ଏକ ଭୁଲ ଧାରଣା । ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଫର୍ଟିପାଏଡ୍ ଚାଉଳ ବଣ୍ଟନରେ ସୁଲଭ ମୂଲ୍ୟ ଦୋକାନୀମାନଙ୍କ ର ଭୂମିକା ଓ ଦାୟିତ୍ୱ ସମ୍ବନ୍ଧରେ ଉଲ୍ଲେଖ କରିବା ପ୍ରସଙ୍ଗରେ କୁହାଯାଇଥିଲା କି ସେମାନେ ହିତାଧିକାରୀମାନଙ୍କୁ ଫର୍ଟିଫାଏଡ୍ ଚାଉଳର ଗୁଣବତ୍ତା, ସ୍ୱାସ୍ଥ୍ୟ ଓ ସ୍ୱାଦ ସମ୍ବନ୍ଧରେ ପରାମର୍ଶ ପ୍ରଦାନ ସହିତ ଏହି ଚାଉଳର ନମୁନା ଦେଖାଇବା ଉଚିତ୍ । ଅଧିକ ସ୍ୱାସ୍ଥ୍ୟଗତ ଲାଭ ପାଇଁ ଏହି ଚାଉଳକୁ ଆବଶ୍ୟକ ପରିମାଣ ପାଣିରେ ରାନ୍ଧିବା, ବଳକା ପେଜକୁ ନ ଫିଙ୍ଗିବା ସମ୍ବନ୍ଧରେ ମଧ୍ୟ ସଚେତନ କରିବା ଆବଶ୍ୟକ ଅଛି । ଫର୍ଟିଫାଏଡ୍ ଚାଉଳର ପ୍ରତିଟି ମୁଠା, ସ୍ୱାଦ, ପୋଷଣ ଏବଂ ସ୍ୱାସ୍ଥ୍ୟକୁ କରେ ରକ୍ଷା, ବାର୍ତ୍ତାର ପ୍ରଚାର ପ୍ରସାର ଦିଗରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ସମ୍ପୃକ୍ତ ଦୋକାନୀ, ପ୍ରଶାସନିକ ଅଧିକାରୀ ଆଦି ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ବୋଲି ପ୍ରଶିକ୍ଷକ ମୋନା ଜେଠୁଆ ପ୍ରକାଶ କରିଥିଲେ । ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭୂଦତ୍ତ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ସ୍ୱାସ୍ଥ୍ୟ କର୍ମୀ, ଡାକ୍ତର, ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଥିଲେ ।

# ଡେଙ୍ଗୁ ନିରାକରଣ ଅଭିଯାନ ଶୁଭାରମ୍ଭ



**ଯୋଡ଼ା,୩୧୭/ଏନ୍ଏନ୍ଏସ୍:** ଡେଙ୍ଗୁ ରୋଗର ନିରାକରଣ ଓ ନିୟନ୍ତ୍ରଣ ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟି ଏସ୍ ଏଫ୍) ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ ବୁଧବାର ଯୋଡ଼ାରେ ଏକ ସଚେତନତା ଅଭିଯାନ ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଗ୍ରାମୀଣ ଓ ଆଦିବାସୀ ସମୁଦାୟ ନିକଟରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା, ସଚେତନତା ସୃଷ୍ଟି କରିବା ଏବଂ ସାଧାରଣ ଓ ବ୍ୟାପୁଥିବା ରୋଗର ମୁକାବିଲା ପାଇଁ ହାତପାହାନ୍ତାରେ ସ୍ୱାସ୍ଥ୍ୟସେବା ଯୋଗାଇବା । ଯୋଡ଼ା ମ୍ୟୁନିସିପାଲିଟିର ଅଧକ୍ଷ ଡ. ଜଗଦୀଶ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଡେଙ୍ଗୁ ନିରାକରଣ ଅଭିଯାନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଉପାଧକ୍ଷ ସନ୍ଧ୍ୟା ପାତ୍ର, ଟାଟା ଷ୍ଟିଲ୍ ଯୋଡ଼ା ମୁଖ୍ୟ ରାଜେଶ କୁମାର ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ ଯୋଡ଼ାର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ରବୀନ୍ଦ୍ର କୁମାର ଉପସ୍ଥିତ ଥିଲେ । ଡେଙ୍ଗୁ ନିରାକରଣ ଅଭିଯାନରେ କାମ କରୁଥିବା ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ବିକାଶ, ଘରକୁ ଘର ପରିଦର୍ଶନ ଏବଂ ମଶା ବଂଶ ବୃଦ୍ଧି ରୋକିବା ଲାଗି ସ୍ଥାନୀୟ ଲୋକଙ୍କୁ ଏକଜୁଟ କରିବା ଉପରେ ଧ୍ୟାନ ଦିଆଯାଉଛି । ସ୍ଥାନୀୟ ଲୋକଙ୍କୁ ସାମିଲ କରି ଏହି ଅଭିଯାନରେ ସଚେତନତା ବୃଦ୍ଧି କରାଯାଉଛି । ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି)କୁ ବ୍ୟବହାର କରି ଲୋକମାନଙ୍କ ଆଚରଣ ପରିବର୍ତ୍ତନ ଯୋଗାଯୋଗ (ବିସିସି)କୁ ଅଗ୍ରାଧିକାର ଭିତ୍ତିରେ ଗୁରୁତ୍ୱପୂର୍ଣ୍ଣ ଭାବେ ବ୍ୟବହାର କରାଯାଉଛି ଯାହା ଦ୍ୱାରା ତାହା ଗ୍ରାମୀଣ ଗୋଷ୍ଠୀରେ ଗ୍ରହଣୀୟ ହୋଇପାରିଛି । ଏହି ଅଭିଯାନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏଥିରେ ଏକ ପ୍ରଚାର ଗାଡ଼ିକୁ ଗଣ ସଚେତନତା ସୃଷ୍ଟି ଲାଗି ବ୍ୟବହାର କରାଯାଇଛି । ଏହି ଗାଡ଼ି ଆସନ୍ତା ତିନି ମାସ ଧରି ଯୋଡା ମ୍ୟୁନିସିପାଲିଟିର ୧୪ଟି ୱାର୍ଡ ସହ ବଲାଣି, ଯୁରୁଡି, ଜଲହରି, ଜଜଓଙ୍ଗ ଏବଂ ଭୂୟାଁ ରେଓଇଡା ପଞ୍ଚାୟତର ସମସ୍ତ ଗାଁ ଓ ଦୁର୍ଗମ ବସତି ଭ୍ରମଣ କରି ସ୍ଥାନୀୟ ଲୋକମାନଙ୍କୁ ଡେଙ୍ଗୁ ରୋଗରୁ ଥିବା ଭୟ ବିଷୟରେ ସଚେତନ କରିବ ଏବଂ ଏଥିରୁ ରକ୍ଷା ପାଇବା ଲାଗି ଗ୍ରହଣ କରାଯିବାକୁ ଥିବା ସରଳ ଓ ପ୍ରଭାବଶାଳୀ ପଦକ୍ଷେପ ବିଷୟରେ ସ୍ଲୋଗାନ ଓ ଘୋଷଣା ଜରିଆରେ ଅବଗତ କରାଯିବ । ଫାଉଣ୍ଡେସନର ଭିବିଡି ଓ ଏନ୍‌ସିଡି ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଡେଙ୍ଗୁ ଜ୍ୱର ଓ ମ୍ୟାଲେରିଆ ସହିତ ଡାଇବେଟିସ୍, ରକ୍ତଚାପ ଓ ସ୍ତନ କର୍କଟ ଭଳି ଦୀର୍ଘକାଳୀନ ରୋଗ ଭଳି ବିଭିନ୍ନ ପ୍ରକାର ରୋଗର ନିରାକରଣ ଓ ପରିଚାଳନା କରିବାକୁ ଲକ୍ଷ୍ୟ ରଖାଯାଇଛି । ନିରାକରଣ, ଆଗୁଆ ଚିହ୍ନଟ ଓ ଜନସାଧାରଣଙ୍କୁ ସାମିଲ କରିବା ଉପରେ ଜୋର ଦେଇ ଏହି କାର୍ଯ୍ୟକ୍ରମ ସମାଜରେ ରୋଗର ରହିଥିବା ପ୍ରଭାବ ଓ ଘଟଣାଗୁଡ଼ିକୁ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି ।

# ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ ଦାବିପତ୍ର

**ବାଲିଆପାଳ,୩୧୭/ଏନ୍ଏନ୍ଏସ୍:** ବିଭିନ୍ନ ସମସ୍ୟା ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ପକ୍ଷରୁ ବାଲିଆପାଳ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି ଯେ ମହିଳାମାନଙ୍କ ଉନ୍ନତି ଓ ସଶକ୍ତୀକରଣ ପାଇଁ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ୍ ଶକ୍ତି କରି ବିଭିନ୍ନ ପ୍ରୋତ୍ସାହନ ଯୋଗାଉଛନ୍ତି । ଏହା ଏବେ ଓଲଟା ଫଳ ହେବାରେ ଲାଗିଛି । ମିଶନ ଶକ୍ତିର ମହିଳାମାନଙ୍କ ମଧ୍ୟରେ ପ୍ରିୟାପ୍ରୀତି ତୋଷଣ ଓ ବିଶୃଙ୍ଖଳା ଲାଗିରହିଛି । ଏମିତି ଘଟଣା ଘଟିଛି ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ପଞ୍ଚାୟତରେ । ଏହି ପଞ୍ଚାୟତର ଷାଠିଏଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଛି । ପ୍ରତି ଦଶଟି ଗ୍ରୁପ୍‌କୁ ନେଇ ଗୋଟିଏ ମଞ୍ଚ କମିଟି ଓ ପ୍ରତି ଗ୍ରୁପ୍‌ରୁ ଦୁଇଜଣ ଲେଖାଏଁ ନିର୍ବାଚିତ ହୋଇ ଗ୍ରାମ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇଛି । ଦୀର୍ଘ ତିନି ବର୍ଷ ବିତିଯାଇଥିଲେ ହେଁ ସାଧାରଣ ସଭା ଡକାଯାଏ ନାହିଁ । ସଭାପତି ସମ୍ପାଦକ ମନ ଇଚ୍ଛା କାର୍ଯ୍ୟ କରନ୍ତି । ଅର୍ଥ ଆତ୍ମସାତ କରି ହିସାବ ଦିଅନ୍ତି ନାହିଁ । ମହିଳାମାନଙ୍କ ଉନ୍ନତି ହେବା ଦୂରର କଥା କୌଣସି ସୂଚନା ପାଇପାରନ୍ତି ନାହିଁ । ଖୁବ୍ ଶୀଘ୍ର କମିଟି ପରିବର୍ତ୍ତନ କରିବା, ଅର୍ଥର ହିସାବ ଦେବା ସହିତ ସମସ୍ତ ଦାବି ପୂରଣ ପାଇଁ ବାଲିଆପାଳ ବିଡିଓଙ୍କୁ ସାକ୍ଷାତକରି ଆଜି ତିରିଶଟି ଗ୍ରୁପ୍‌ର ପ୍ରତିନିଧି ରଞ୍ଜୁଲତା ଗିରିଙ୍କ ନେତୃତ୍ୱରେ ନାରୀନେତ୍ରୀ ସାରଦା ଗିରି, ସଞ୍ଜୁଲତା ଦାସ, ଗୀତାରାଣୀ ଗିରି, ସୁମତି ବାରିକ, ସୁଭଦ୍ରା ପ୍ରଧାନ, ମାହେଶ୍ୱରୀ ଗିରି, ସୁଲୋଚନା ଗିରି, ଶକୁନ୍ତଳା ପ୍ରଧାନ, ସୁଷମା ଗିରି, ସୁଷମା ପ୍ରଧାନ, କଳ୍ପନା ଗିରି, ବାସନ୍ତୀ ସେଠୀ, ସୁମତି ବାରିକ, କବିତା ଗିରି ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ । ଏ ବାବଦରେ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଦାବିପତ୍ର ଗ୍ରହଣ କରିଛି । ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ୨ ୱାରେଣ୍ଟିଙ୍କୁ କୋର୍ଟଚାଲାଣ

**ରାଜନଗର,୩୧୭/ଏନ୍ଏନ୍ଏସ୍:** ରାଜନଗର ଥାନା ପୁଲିସ ଦୁଇଜଣ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ରାଜନଗର ବ୍ଲକ କଣ୍ଡିରା ଗ୍ରାମର ଦୋଳଗୋବିନ୍ଦ ସେଠୀଙ୍କ ନାମରେ ଜାମିନ ବିହୀନ ପରୱାନା କେସ୍ ନଂ- ୩୬୮/୨୦୧୧ରେ ଗିରଫ କରାଯାଇଥିବା ବେଳେ ଏହି ବ୍ଲକ ଓସ୍ତିଆ ପଞ୍ଚାୟତ ନଗଡ଼ ଗ୍ରାମର ଅଭୟ ସାହୁଙ୍କ ସ୍ତ୍ରୀ ପୁଷ୍ପଲତା ସାହୁଙ୍କୁ କେସ୍ ନଂ- ୨୭/୨୦୨୦ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

# ପାରାଦୀପ ପୋର୍ଟ ବଣିକ ସଂଘ ବିବାଦ: ସ୍ଥିତାବସ୍ଥା ଜାରିକଲେ କୋର୍ଟ

**ପାରାଦୀପ,୩୧୭/ଏନ୍ଏନ୍ଏସ୍:** ପାରାଦୀପର ସର୍ବପୁରାତନ ପାରାଦୀପ ପୋର୍ଟ ବଣିକ ସଂଘରେ ବିବାଦ ଚରମସୀମାରେ ପହଞ୍ଚିଛି । ସଭାପତି ପଦ ହାତ ଛଡ଼ା ନକରିବା ପାଇଁ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଅଦାଲତର ଆଶ୍ରୟ ନେଇଛନ୍ତି । ଫଳରେ ଅସନ୍ତୁଷ୍ଟ ବ୍ୟବସାୟୀଙ୍କ ପକ୍ଷରୁ ବୈଠକ ପୂର୍ବରୁ ବୁଧବାର ଦିନ ବଣିକ ସଂଘ ପରିସରରେ ପୁଲିସ ଛାଉଣୀ ଦେଖିବାକୁ ମିଳିଥିଲା । ସଭାର ଆୟୋଜନ ବଣିକ ସଂଘ ପରିସରରେ ହୋଇ ପାରିନଥିଲା । ବଣିକ ସଂଘ ପରିସରରେ ସନ୍ତୋଷଙ୍କ ହାତଗଣତି ସମର୍ଥକ ବସିଥିବା ଦେଖିବାକୁ ମିଳିଥିଲା । ବ୍ୟବସାୟୀମାନେ ସଂଘ ମଧ୍ୟକୁ ନପଶି ନିକଟସ୍ଥ ପଡ଼ିଆରେ ପୃଥକ୍ ବୈଠକରେ ସାମିଲ ହୋଇଥିଲେ ।

ପ୍ରକାଶ ଯେ ପାରାଦୀପ ପୋର୍ଟ ବଣିକ ସଂଘର ସଭାପତି ଭାବେ ସନ୍ତୋଷ କୁମାର ପଟ୍ଟନାୟକ ୧୬ ବର୍ଷ ଧରି ଦାୟିତ୍ୱରେ ରହିଛନ୍ତି । ସଂଘର ତଥା ବ୍ୟବସାୟୀମାନଙ୍କର କୌଣସି ଉନ୍ନତି ନକରୁଥିବା ଅଭିଯୋଗ କରିଛନ୍ତି ଅସନ୍ତୁଷ୍ଟ ବ୍ୟବସାୟୀ । କିଛି ଦିନ ପୂର୍ବେ ଏହି ଅସନ୍ତୁଷ୍ଟ ବ୍ୟବସାୟୀମାନେ ସ୍ଥାନୀୟ ପାରିଷଦଙ୍କ ପ୍ରତିନିଧି ଗୋଲେଖ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ବୈଠକ ବଣିକ ସଂଘ ପରିସରରେ ବସିଥିଲା । ଏହି ବୈଠକରେ ପାରାଦୀପ ପୋର୍ଟ ମଜଦୁର ସଂଘର ସଭାପତି ପ୍ରକାଶ ତ୍ରିପାଠୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା । ଏହି ବୈଠକରେ ସଭାପତି ସନ୍ତୋଷଙ୍କୁ ଭେଟି ଆଲୋଚନା କରିବାକୁ ୩୧ ତାରିଖକୁ ଧାର୍ଯ୍ୟ କରାଯାଇଥିଲା । ସନ୍ତୋଷ ଅଦାଲତର ଆଶ୍ରୟ ନେଇ ବଣିକ ସଂଘ ମଧ୍ୟକୁ ପ୍ରବେଶ ଉପରେ ସ୍ଥିତାବସ୍ଥା ଜାରି କରାଇଛନ୍ତି । ୩୦ ତାରିଖ ଦିନ ଦିନରେ ଅସନ୍ତୁଷ୍ଟଙ୍କ ପକ୍ଷରୁ ବୁଧବାର ଦିନ ବଜାର ବନ୍ଦ କରିବାକୁ ଘଣ୍ଟ ବଜାଯାଇ ବ୍ୟବସାୟୀମାନଙ୍କୁ ସୂଚନା ଦିଆଯାଇଥିଲା । ସନ୍ଧ୍ୟାରେ ସନ୍ତୋଷଙ୍କ ସମର୍ଥକମାନେ ବାଣ ଫୁଟାଇଥିଲେ । ଦୋକାନ ବନ୍ଦ ନକରିବାକୁ ସନ୍ତୋଷଙ୍କ ସମର୍ଥକମାନେ ବୁଲିବୁଲି କହିଥିଲେ । ହେଲେ ବୁଧବାର ଦିନ ସକାଳୁ ଅସନ୍ତୁଷ୍ଟଙ୍କ ଦ୍ୱାରା ଦିଆଯାଇଥିବା ବନ୍ଦ ଡାକରାରେ ବ୍ୟବସାୟୀମାନେ ବଜାର ବନ୍ଦ କରିଥିଲେ । ପୂର୍ବ ସୂଚନାସାରେ ପାରାଦୀପ ପୁଲିସ୍ ଟିମ୍ ପହଞ୍ଚିଥିଲେ ବଣିକ ସଂଘ ମଧ୍ୟରେ । ବଣିକ ସଂଘ ମଧ୍ୟରେ ପ୍ରବେଶ ଉପରେ ରୋକ ଲଗାଇଥିଲେ । ଶହଶହ ଅସନ୍ତୁଷ୍ଟ ବ୍ୟବସାୟୀ ବାଧ୍ୟ ହୋଇ ବଣିକ ସଂଘ ମଧ୍ୟରେ ସଭା ନକରି ନିକସ୍ଥ ସାଇକେଲ ଷ୍ଟାଣ୍ଡ ପରିସରରେ ସଭା କରିଥିଲେ । ଏହି ବୈଠକରେ ସ୍ଥାନୀୟ ପାରିଷଦଙ୍କ ପ୍ରତିନିଧି ଗୋଲେଖ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ । ବରିଷ୍ଠ ବ୍ୟବସାୟୀ କ୍ଷିରୋଦ କୁମାର ସ୍ୱାଇଁ, ଅମୀୟ କୁମାର ପାଣି, କୈଳାସ ଚନ୍ଦ୍ର ସ୍ୱାଇଁ, ସୁଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଶତାଧିକ ବ୍ୟବସାୟୀ ବୈଠକରେ ଯୋଗଦେଇ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ସଭ୍ୟମାନଙ୍କ ଅସନ୍ତୋଷକୁ ଦେଖି ବୈଠକ ନଡାକି ଗାଦି ସୁରକ୍ଷା ପାଇଁ ଅଦାଲତରେ ଆରୋପ ଲଗାଇ ବଣିକ ସଂଘ ମଧ୍ୟକୁ ପ୍ରବେଶ କରାଇ ନଦେବା ପାଇଁ ସ୍ଥିତାବସ୍ଥା ଆଣିଛନ୍ତି ବୋଲି ଅଭିଯୋଗ କରିଛନ୍ତି ବ୍ୟବସାୟୀମାନେ । ବୁଧବାର ଦିନର ବୈଠକରେ ଶ୍ରମିକନେତା ପ୍ରକାଶ ତ୍ରିପାଠୀ ଯୋଗ ଦେଇ ବ୍ୟବସାୟୀମାନଙ୍କ ସମସ୍ୟା ସମ୍ପର୍କରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ସାଂସଦ ବିଭୂପ୍ରସାଦ ତରାଇ ଅବଗତ କରାଇଛନ୍ତି । ବାହାର ଲୋକଙ୍କ ବଦଳରେ ବ୍ୟବସାୟୀମାନଙ୍କ ମଧ୍ୟରୁ ଜଣଙ୍କୁ ସଭାପତି ଓ ଅନ୍ୟ କର୍ମକର୍ତ୍ତା କରିବାକୁ ଶ୍ରୀ ତ୍ରିପାଠୀ ପ୍ରସ୍ତାବ ଦେଇଥିଲେ ।

# ଜାତୀୟ ରାଜପଥ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ପ୍ରଶାସନର ପ୍ରତିଶ୍ରୁତି

## ନାଗରିକ ମଞ୍ଚର ଆନ୍ଦୋଳନ ସ୍ଥଗିତ

**ସୋର,୩୧୭/ଏନ୍ଏନ୍ଏସ୍:** ସୋର ନାଗରିକ ମଞ୍ଚର ଜରୁରୀ ବୈଠକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସୋର ସହରର ପ୍ରବେଶ ପଥ ଉତ୍ତରେଶ୍ୱର ତଥା ଶିକ୍ଷାର ପେଣ୍ଠସ୍ଥଳ କଲେଜ ଛକରେ ଥିବା ଗଳାପୋଲ, ପ୍ରସ୍ତାବିତ ଫୋର୍‌ଲେନ୍ ଆରମ୍ଭ ବେଳେ ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ସଂକୀର୍ଣ୍ଣ କରାଯାଇଥିଲା । ସୋର ସହରର ବ୍ୟବସାୟିକ ଅଭିବୃଦ୍ଧି ତଥା ସୋର ରେଳ ଷ୍ଟେସନ୍ ଓ ବସଷ୍ଟାଣ୍ଡ ଉପରେ ନିର୍ଭରଶୀଳ ଖଇରା, ଔପଦା, ବାହାନଗା,ବାସୁଦେବ, ସୋର ପ୍ରଭୃତି ୫ ଟି ବ୍ଲକର ଜନସାଧାରଣ, ସଂକୀର୍ଣ୍ଣ ଗଳାପୋଲ ଯୋଗୁଁ ଦୀର୍ଘ ବର୍ଷ ଧରି ନାହିଁ ନଥିବା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଜାତୀୟ ରାଜପଥ ୧୬ ର ୬ ଲେନ ସମ୍ପ୍ରସାରଣ ବେଳେ ଉଭୟ ପୋଲର ପରିବର୍ଦ୍ଧିତ ଲମ୍ବ ୨୪ ମିଟର ସହ ଆବଶ୍ୟକୀୟ ଅର୍ଥ ୨୦୨୨ ମସିହାରୁ ମଞ୍ଜୁର ହୋଇଥିଲେ ମଧ୍ୟ ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନିକ ଶିଥିଳତା ପାଇଁ ଜାତୀୟ ରାଜପଥ କାର୍ଯ୍ୟ ଅନିଶ୍ଚିତତା ମଧ୍ୟରେ ଥିବା ଯୋଗୁଁ ନାଗରିକ ମଞ୍ଚ ଆନ୍ଦୋଳନ ପାଇଁ ଡାକରା ଦେଇଥିଲା । ଯଦ୍ଦ୍ୱାରା ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନଙ୍କ ହସ୍ତକ୍ଷେପ ତଥା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଯଥା ଶୀଘ୍ର ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ନାଗରିକ ମଞ୍ଚ ସହ ତ୍ରିପାକ୍ଷିକ ଆଲୋଚନା କରାଯିବାକୁ ପ୍ରତିଶ୍ରୁତି ଦେବା ଯୋଗୁଁ ଆସନ୍ତାକାଲିର ଜାତୀୟ ରାଜପଥ ରାସ୍ତା ରୋକ ଆନ୍ଦୋଳନକୁ ନାଗରିକ ମଞ୍ଚ ଆଲୋଚନା ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ଆଜିର ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ବୈଠକରେ ମଞ୍ଚର ସମ୍ପାଦକ ନରହରି ନାୟକ, ନବକିଶୋର ଦାସ, ଗଙ୍ଗାଧର ପାଢ଼ୀ, ମାୟାଧର ନାୟକ, ଦାମୋଦର ଦାଶମହାପାତ୍ର, ସୁରେନ୍ଦ୍ର ପାଣିଗ୍ରାହୀ, ଚକ୍ରଧର ପାଢ଼ୀ, ଶ୍ରୀଧର ପତ୍ରି, ଉଦ୍ଧବ ଚରଣ ବିଶ୍ୱାଳ, ପ୍ରଫୁଲ୍ଲ ଚନ୍ଦ୍ର ଷଡ଼ଙ୍ଗୀ, ପଙ୍କଜ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ଜିତେନ୍ଦ୍ର କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।



# ମହିଳାଙ୍କୁ ଆକ୍ରମଣ ଅଭିଯୋଗ

**ରାଜନଗର,୩୧୭/ଏନ୍ଏନ୍ଏସ୍:** ରାଜନଗର ବ୍ଲକ ରାଜପୁର ପଞ୍ଚାୟତ ବଳଭଦ୍ରପ୍ରସାଦ ଗ୍ରାମର ବ୍ରହ୍ମାନନ୍ଦ ପ୍ରଧାନଙ୍କ ସ୍ତ୍ରୀ କବିତା ପ୍ରଧାନଙ୍କୁ ତାଙ୍କ ବଡ଼ଭାଇ ପଦ୍ମନାଭ ପ୍ରଧାନଙ୍କ ପ୍ରରୋଚନାରେ ତିନିଜଣ ମାଆ ସୁନ୍ଦରୀ ପ୍ରଧାନ, ଭାଉଜ ସାରଥୀ ପ୍ରଧାନ ଓ ଝିଆରୀ ବାୟାଣୀ ପ୍ରଧାନ ଗାଳିଗୁଲଜ ପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛଇ । ତାଙ୍କୁ ବିଧା, ଚାପୁଡ଼ା ଓ ଅଣ୍ଟାକୁ ଗୋଇଠାମାରି କ୍ଷତାକ୍ତ କରିବା ନେଇ ବ୍ରହ୍ମାନନ୍ଦ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି । ବ୍ରହ୍ମାନନ୍ଦ ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି ।

# ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଭଦ୍ରସାହି,୩୧୭/ଏନ୍ଏନ୍ଏସ୍:** ଏକ ସୁନ୍ଦର ଭବିଷ୍ୟତ ଗଠନ ପାଇଁ କେନ୍ଦୁଝର ଜିଲ୍ଲା ଲୋଇଡ଼ାପଦା ପଞ୍ଚାୟତ ଅନ୍ତର୍ଗତ ଚୋରମାଲଦା ଗାଁର ଲୋକମାନେ ସାମୂହିକ ଭାବେ ଆଜି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଗାଁର ପରିବେଶ ସୁରକ୍ଷିତ କରିବା ଓ ଆଗାମୀ ପିଢି ପାଇଁ ଏକ ସୁସ୍ଥ ଜୀବନ ଗଠନ କରିବା । ସରପଞ୍ଚ ବିଳାସିନୀ ଓରାମଙ୍କ ସହଯୋଗ ଏବଂ ପ୍ରଚେଷ୍ଟାରେ ଗ୍ରାମର ତପସ୍ୱିନୀ କଛପ, ରାମେଶ୍ୱର ମୁଣ୍ଡା, ବୈଶାଖୀ ମୁଣ୍ଡା, ବିନୋଦ ଓରାମ, ମୁନା ଲୋହାର, ସରିତା ନାଗ, ବନିତା ମୁଣ୍ଡା, ଦ୍ରୌପଦୀ ପାତ୍ର, ମାଳୁରା ମୁଣ୍ଡା, ସୁରେନ ମୁଣ୍ଡା, ରଜନୀ କଛପ, କୁନି କଛପ, ମାନସୀ ପାତ୍ର, ଅନିତା ନାଗ, ଶୁକ ମୁଣ୍ଡା, ପୂଜା ତିରିଆ, ମାଲଗୁ ମୁଣ୍ଡା ଏକତ୍ରିତ ହୋଇ ଏକ ସାମୂହିକ ବୃକ୍ଷରୋପଣ କରିଥିଲେ ।

ସ୍ବାସ୍ଥ୍ୟ

# କେରାଟିନ୍ ଟ୍ରିଟ୍‌ମେଣ୍ଟ୍

ଖୁବ୍ ସୁନ୍ଦର ଓ ଘନ କେଶ କିଏ ବା ନ ଚାହେଁ। ଜଣେ ଯେତେ ସୁନ୍ଦର କେଶର ମାଲିକ ହୋଇଥିବ ସେତିକି ତା' ବ୍ୟକ୍ତିତ୍ୱ ଆକର୍ଷଣୀୟ ହୋଇଥାଏ। ତେଣୁ ସୁନ୍ଦର କେଶ ପାଇବା ପାଇଁ ସମସ୍ତେ କିଛି ନା କିଛି ଉପାୟକୁ ଫଲୋ କରିଥାନ୍ତି ବିଶେଷ କରି ମହିଳାମାନେ। କିନ୍ତୁ ପ୍ରଦୂଷଣ ଓ ଖରାପ ପାଣି କାରଣରୁ ଅନେକ ଲୋକଙ୍କ କେଶ ଝଡ଼ି ଯାଏ କିମ୍ବା ପତଳା ହୋଇଯାଏ। ଏଥିପାଇଁ ଆଜିର ସମୟରେ ସୁନ୍ଦର କେଶ ପାଇବା ପାଇଁ ମହିଳାମାନେ କେରାଟିନ୍ ଟ୍ରିଟ୍‌ମେଣ୍ଟ୍‌ର ସାହାଯ୍ୟ ନେଉଛନ୍ତି। ଏହା ଏକ ସାଧାରଣ ଉପାୟ ହୋଇଗ-ଲାଣି। ବିଶେଷ କରି ମହିଳାମାନେ କୁଞ୍ଚୁକୁଞ୍ଚିଆ କେଶ ଠାରୁ ଦୂରରେ ରହିବା ପାଇଁ ଓ ରେଶମ ପରି ଷ୍ଟ୍ରେଟ୍ କେଶ ପାଇବା ପାଇଁ ଏହି କେରାଟିନ୍ ଟ୍ରିଟ୍‌ମେଣ୍ଟ୍ ଆଡ଼କୁ ଆକର୍ଷିତ ହେଉଛନ୍ତି।



## କେରାଟିନ୍-

ଏହା ଏକ ପ୍ରାକୃତିକ ପ୍ରୋଟିନ୍ ଯାହା ମଣିଷ ଶରୀରର ଉପକଳା କୋଷିକାଗୁଡ଼ିକରେ ମିଳେ। ଏହା ସ୍କିନ୍‌ର ଭିତର ଓ ବାହାର ସ୍ତରରେ ଜମା ହୋଇଥାଏ ଓ ନଖ, କେଶ ଓ ସ୍କିନ୍‌ର ଟିସ୍ୟୁଗୁଡ଼ିକୁ ରକ୍ଷା କରିବାରେ ସାହାଯ୍ୟ କରେ। ଏହା ବ୍ୟତୀତ ଶରୀର ସ୍ୱାଭାବିକ ଭାବରେ କେରାଟିନ୍ ଉତ୍ପାଦନ କରେ ଓ ସ୍କିନ୍‌ର ଟିସ୍ୟୁଗୁଡ଼ିକର ସଂରଚନାକୁ ବିକଶିତ କରିବାରେ ସାହାଯ୍ୟ କରେ। ଏହା ଅବିଶ୍ୱସନୀୟ ଲାଭ ସହିତ ଆସେ ଯାହା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ। ଆଜିର ସମୟରେ କେରାଟିନ୍ ହେୟାର୍ ଟ୍ରିଟ୍‌ମେଣ୍ଟ୍ ନ୍ୟୁନତମ ପ୍ରୟାସ ସହିତ କେଶର ରିପେୟାରିଂ ପ୍ରକ୍ରିୟାକୁ ଦ୍ରୁତତର କରେଇବାରେ ସାହାଯ୍ୟ କରୁଛି। କିନ୍ତୁ ଏହା ମଧ୍ୟରେ ଏକ ଆଶ୍ଚର୍ଯ୍ୟ କରିବା ପରି ତଥ୍ୟ ସାମ୍ନାକୁ ଆସିଛି। ନିକଟରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ କେରାଟିନ୍ ହେୟାର୍ ଟ୍ରିଟ୍‌ମେଣ୍ଟ୍‌ର ପ୍ରଭାବ ପଡୁଛି କିଡ୍‌ନୀ ଉପରେ। କେରାଟିନ୍ ଥିବା ହେୟାର୍ ଷ୍ଟ୍ରେଟ୍‌ନିଂ ଉତ୍ପାଦଗୁଡ଼ିକରେ ଗ୍ଲାଇଅକ୍ସିଲିକ୍ ଏସିଡ୍ ଥାଏ। ଏହା ଏକ କାର୍ବନିକ୍ ଯୌଗିକ। ଏପରି ସ୍ଥଳେ ଏହି ଉତ୍ପାଦଗୁଡ଼ିକୁ ବ୍ୟବହାର କଲେ ଏହି ଏସିଡ୍ ଅକ୍ସାଲେଟ୍ କ୍ରିଷ୍ଟାଲ୍ (ଏହା ଏକ ପ୍ରାକୃତିକ ପଦାର୍ଥ)ରେ ପରିବର୍ତ୍ତିତ ହୋଇଯାଏ। ଏହାଦ୍ୱାରା ଆକ୍ୟୁଟ୍ କିଡ୍‌ନୀ ସମସ୍ୟା ଦେଖାଦିଏ।

## କିଡ୍‌ନୀ ଉପରେ ପ୍ରଭାବ-

ପୂର୍ବରୁ କେରାଟିନ୍ ଥିବା ହେୟାର୍ ଷ୍ଟ୍ରେଟ୍‌ନିଂ ଉତ୍ପାଦଗୁଡ଼ିକରେ ଫର୍ମାଲ୍ଡିହାଇଡ୍ (ଏକ ରଙ୍ଗହୀନ ଗ୍ୟାସ୍) ରହୁଥିଲା। ଏହା କେଶ, ଆଖି ଓ ସ୍କିନ୍ ଉପରେ ପ୍ରତିକୂଳ ଅର୍ଥାତ ଖରାପ ପ୍ରଭାବ ପକଉଥିଲା। ତେଣୁ ପରବର୍ତ୍ତୀ ସମୟରେ ଫର୍ମାଲ୍ଡିହାଇଡ୍‌କୁ ଗ୍ଲାଇକୋଲିକ୍ ଏସିଡ୍‌ରେ ବଦଳେଇ ଦିଆଗଲା। ଏହାଦ୍ୱାରା ସମସ୍ତେ ଭାବୁଥିଲେ ଯେ ଏବେ କେରାଟିନ୍ ଉତ୍ପାଦଗୁଡ଼ିକର ବ୍ୟବହାର ଯୋଗୁ କୌଣସି କ୍ଷତି ହେଉନାହିଁ। କିନ୍ତୁ ଏକ ରିପୋର୍ଟ ଅନୁସାରେ ଗ୍ଲାଇକୋଲିକ୍ ଏସିଡ୍ ମଧ୍ୟ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। କାରଣ ଏହା ଯେତେବେଳେ ମେଟାବୋଲାଇଜ୍ ହୁଏ ଏହି ଏସିଡ୍ ଗ୍ଲାଇଅକ୍ସିଲିକ୍ ଏସିଡ୍ ହୋଇଯାଏ ଓ ଶେଷରେ ଅକ୍ସାଲେଟ୍ ହୋଇଯାଏ ଯାହା କିଡ୍‌ନୀର କ୍ଷତି କରେ। ଗ୍ଲାଇକୋଲିକ୍ ଏସିଡ୍ ରକ୍ତରେ ମିଶିଯାଏ ଓ ଅକ୍ସାଲେଟ୍‌ରେ ବଦଳିଯାଉଥିବାରୁ କିଡ୍‌ନୀ ଖରାପ ହୋଇଯାଏ। ଏହି ଅଧ୍ୟୟନରେ ୨୬ ଜଣ ଏପରି ରୋଗୀଙ୍କ ଚିହ୍ନଟ କରାଯାଇଥିଲା ଯେଉଁମାନେ କେଶକୁ ସିଧା କରିବା ପାଇଁ କେରାଟିନ୍ ହେୟାର୍ ଟ୍ରିଟ୍‌ମେଣ୍ଟ୍‌ର ସାହାଯ୍ୟ ନେଇଥିଲେ। ଏମାନଙ୍କ ମଧ୍ୟରୁ କେତେକ ଆକ୍ୟୁଟ୍ କିଡ୍‌ନୀ ଇଞ୍ଜୁରୀ ମାମଲା ଦେଖାଦେଇଥିଲା।

ଫେସ୍ ପ୍ରଡକ୍ଟସ, ଟୋନର୍, ସିରମ୍, ମଇଶ୍ଚରାଇଜର୍‌ରେ ମଧ୍ୟ ଗ୍ଲାଇକୋଲିକ୍ ଏସିଡ୍ ବ୍ୟବହୃତ ହୁଏ। କିନ୍ତୁ ଏଥିରେ ଏହାର ପରିମାଣ ବେଶୀ ନଥିବାରୁ କିଡ୍‌ନୀ ସମସ୍ୟା ଦେଖାଦିଏ ନାହିଁ।

# ପଦ୍ମଶ୍ରୀ କମଳା ପୂଜାରୀ

ସମ୍ପୂର୍ଣ୍ଣ ଭାବରେ ପ୍ରାକୃତିକ ଉପାୟରେ ଜୈବିକ ଖତ ଓ କୀଟନାଶକ ଔଷଧ ପ୍ରୟୋଗ କରି ଚାଷ କରିବା ପ୍ରଣାଳୀକୁ ଜୈବିକ କୃଷି ବୋଲି କୁହାଯାଏ। ଆମ ପୂର୍ବପୁରୁଷଙ୍କ ଦ୍ୱାରା କରାଯାଉଥିବା ଏହା ଏକ ଦେଶୀୟ ଚାଷ ପ୍ରଣାଳୀ। ଊନବିଂଶ ଶତାବ୍ଦୀରେ ଯେତେବେଳେ ପୂରା ଦୁନିଆରେ ଶିଳ୍ପ ବିପ୍ଳବ ହେଲା ତା'ପରେ ରାସାୟନିକ ସାର ଓ ବିଷାକ୍ତ କୀଟନାଶକ ଉଦ୍ଭାବନ କରାଯାଇ ଜମିରେ ପ୍ରୟୋଗ କରାଗଲା। ଆମ ଦେଶରେ ୧୯୬୦-୭୦ ଭିତରେ ହୋଇଥିବା ଦୁର୍ଭିକ୍ଷ ହେତୁ ସବୁଜ ବିପ୍ଳବ ସମୟରେ କୃଷି ଉତ୍ପାଦନ ବୃଦ୍ଧି କରିବା ପାଇଁ ରାସାୟନିକ ସାର ଓ କୀଟନାଶକର ବହୁଳ ଭାବରେ ବ୍ୟବହାର ଆରମ୍ଭ ହେବା ପରେ ମାଟିର ଉର୍ବର ଶକ୍ତି ହ୍ରାସ ପାଇଲା। ମାଟି, ପାଣି, ପବନ, ପରିବେଶ ଓ ଖାଦ୍ୟ ଆଦିରୁ ଗୁଣବତ୍ତା ହ୍ରାସ ହେବା ଯୋଗୁ ଉଦ୍ଭିଦ ଓ ପ୍ରାଣୀ ଜଗତ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏଥିପାଇଁ ଲୋକମାନେ ରାସାୟନିକ ସାର ଓ କୀଟନାଶକ ଔଷଧର ବ୍ୟବହାର ବର୍ଜନ କରି ପାରମ୍ପରିକ ପଦ୍ଧତିରେ କୃଷି କାର୍ଯ୍ୟ କରିବା ଦିଗରେ ଉତ୍ସାହିତ ହେଲେଣି। ଜୈବିକ କୃଷି ପ୍ରଣାଳୀ ମୁଖ୍ୟତଃ ଫସଲ, ସବୁଜ ଖତ, ଜମିରେ ବଳକା ପୁରୁଣା ଫସଲର ଅବଶେଷ ଏବଂ ରୋଗପୋକ ନିୟନ୍ତ୍ରଣ ଉପରେ ନିର୍ଭର କରେ। ଏହା ମାଟିର ଉତ୍ପାଦକତାକୁ ସନ୍ତୁଳିତ କରି ରଖିବାରେ ସାହାଯ୍ୟ କରେ। ଜୈବିକ କୃଷିକୁ ଆହୁରି ଉତ୍କୃଷ୍ଟ କରିବା ଦିଗରେ ପଦକ୍ଷେପ ନେଇଥିବା ଜଣେ ଜଣାଶୁଣା ଚେହେରା ହେଲେ ପଦ୍ମଶ୍ରୀ କମଳା ପୂଜାରୀ।





ପଦ୍ମଶ୍ରୀ କମଳା ପୂଜାରୀ.....ଆଦିବାସୀ କ୍ଷେତ୍ରରେ ଜନ୍ମ ହୋଇଥିଲେ ମଧ୍ୟ ତାଙ୍କର କୃତିତ୍ୱ ଥିଲା ଉଚ୍ଚକୋଟୀର। ଏଥିପାଇଁ ସେ କେବଳ ଆମ ଦେଶରେ ନୁହେଁ ଦକ୍ଷିଣ ଆଫ୍ରିକାରେ ମଧ୍ୟ ସମ୍ମାନିତ ହୋଇଥିଲେ। ଜୈବିକ କୃଷି ପାଇଁ ବେଶ୍ ପରିଚିତ କମଳା ପୂଜାରୀ କୋରାପୁଟ ଜିଲ୍ଲାର ପରୋଜା ଜନଜାତିର ଜଣେ ମହିଳା। କମଳା ପୂଜାରୀ ଜୈବିକ ଚାଷରେ ନିଜର ଯୋଗଦାନ ଦେଇ ଓ ଧାନର ଶହେରୁ ଅଧିକ ଦେଶୀ ବିହନକୁ ସଂରକ୍ଷିତ କରିବା ଦିଗରେ ପ୍ରସିଦ୍ଧି ପାଇଥିଲେ। ଧାନ ବିହନ କିସମକୁ ନିଜ ଜମିରେ ଚାଷ କରି ସେଗୁଡ଼ିକର ସଂରକ୍ଷଣ କରିଥିଲେ କମଳା ପୂଜାରୀ। କୋରାପୁଟ ଜିଲ୍ଲାର ବୈପାରୀଗୁଡ଼ା ବ୍ଲକ୍ ଅନ୍ତର୍ଗତ କାଣ୍ଡକିଗୁଡ଼ା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ରାମ କାଣ୍ଡକୀ। ତାଙ୍କର ବିବାହ ହୋଇଥିଲା ପାତ୍ରପୁଟ ଗ୍ରାମରେ। କମଳାଙ୍କର ଦୁଇ ଝିଅ ଓ ଦୁଇ ପୁଅ ଅଛନ୍ତି। ଏହି ଆଦିବାସୀ ମହିଳା ଜଣକ ଜୈବିକ କୃଷିକୁ ତ୍ୱରାନ୍ୱିତ କରିବା ଦିଗରେ ରୁଚି ରଖିଥିଲେ। ଏଥିପାଇଁ ସେ ଜୟପୁର ଠାରେ ଏମ୍‌ଏସ୍ ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍‌ରୁ ବୁନିଆଦୀ ଟେକ୍‌ନିକ୍ ଉପରେ ଶିକ୍ଷା ଗ୍ରହଣ କରି ଜୈବିକ କୃଷି ପଦ୍ଧତି ସମ୍ପର୍କରେ ଉପଯୁକ୍ତ ତାଲିମ୍ ନେଇଥିଲେ। ପରବର୍ତ୍ତୀ ସମୟରେ ଲୋପ ପାଇଯାଉଥିବା ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଦେଶୀ ବିହନ କିସମର ସଂରକ୍ଷଣ ତଥା ଜୈବିକ କୃଷି ଦିଗରେ ଅନେକ ଯୋଗଦାନ ଦେଇ ଲୋକଲୋଚନକୁ ଆସିଥିଲେ କମଳା ପୂଜାରୀ।



ଧାନକୁ ସଂରକ୍ଷିତ କରିବା ଓ ଜୈବିକ ଚାଷକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କ ପାଖରେ କୌଣସି ସମ୍ବଳ ନଥିଲା। ଏଥିପାଇଁ ସେ ଲୋକମାନଙ୍କୁ ଏକତ୍ରିତ କଲେ, ସମୂହ ସଭାଗୁଡ଼ିକର ଆୟୋଜନ କଲେ ଓ ଲୋକଙ୍କୁ ରାସାୟନିକ ଖାଦଠାରୁ ଦୂରରେ ରହିବା ପାଇଁ ପରାମର୍ଶ ଦେଲେ। ଏ ଦିଗରେ କାମ କରିବା ପାଇଁ ସେ ଅନେକ ଲୋକଙ୍କୁ ନିଜ ସହିତ ଯୋଡ଼ିଥିଲେ। ଗାଁ ଗାଁ ବୁଲି ପ୍ରତି ଘର ସହିତ ସେ ସମ୍ପର୍କ ସ୍ଥାପନା କଲେ। ତାଙ୍କର ଏହି ପ୍ରୟାସ ସଫଳ ହେଲା ଓ ପାତ୍ରପୁଟ ଗ୍ରାମ ଓ ତା'ର ଆଖପାଖ ଗ୍ରାମର କୃଷକମାନେ ରାସାୟନିକ ସାରର ବ୍ୟବହାର କରିବା ବନ୍ଦ କରିଦେଲେ। କୌଣସି ବୁନିଆଦୀ ଶିକ୍ଷା ବିନା କମଳା ଶେଷ ପର୍ଯ୍ୟନ୍ତ ଶହେରୁ ଅଧିକ ପ୍ରକାରର ଧାନକୁ ସଂରକ୍ଷିତ କରିଥିଲେ। ଭଳିକି ଭଳି ଧାନ ଯଥା- ହଳଦୀଗଣ୍ଡି, ଝିଲି, ସପୁରି, ବୃନ୍ଦମଣି, କଳାଜିରା, ମାଛକଣ୍ଟା, ଲଦିଆରୀ, କାଳାମଲ୍ଲିକ, ବରପକ, ବିଲେନ, ଫୁରା, ଧାନ, ହଳଦୀଗୁରି, ଉମୁରିଆଚୁରୀ, ଗଣ୍ଠିଆ, ବଡ଼ିକାବରୀ, ଲଲାଟ ପରି ଲୁପ୍ତପ୍ରାୟ ଓ ଦୁର୍ଲଭ ପ୍ରକାରର ବୀଜଗୁଡ଼ିକୁ ଏକତ୍ରିତ କରିଥିଲେ। ସେ ତାଙ୍କ କ୍ଷେତ୍ରର ଗ୍ରାମବାସୀଙ୍କୁ ରାସାୟନିକ ସାରର ବ୍ୟବହାର କରିବାକୁ ବାରଣ କରିବା ସହିତ ଉତ୍କୃଷ୍ଟ ଫସଲ ଓ ମାଟିର ଉର୍ବରତା ପାଇଁ ଜୈବିକ ଚାଷକୁ ଆପଣାଇବା ପାଇଁ ରାଜି କରାଇଥିଲେ। ଜୈବିକ କୃଷି ଦିଗରେ ଆଗାମୀ ପିଢ଼ି ପାଇଁ କମଳା ପୂଜାରୀ ଥିଲେ ଜଣେ ପ୍ରେରଣା।

କେବଳ ଏତିକି ନୁହେଁ କମଳା ପୂଜାରୀ ନାରୀ ସଶକ୍ତିକରଣ ଦିଗରେ ମଧ୍ୟ ଅନେକ କାମ କରିଛନ୍ତି। ଏହା ସହିତ ଜଙ୍ଗଲ ସୁରକ୍ଷା ନିମନ୍ତେ ସେ ପ୍ରାରମ୍ଭିକ ଅବସ୍ଥାରେ ୨୧ ଜଣ ମହିଳାଙ୍କୁ ନେଇ ନିଜ ଗ୍ରାମରେ 'ତ୍ରିନାଥ ଠାକୁର ବନ ସୁରକ୍ଷା ସମିତି' ନାମକ ଏକ ସଂଘ ଗଠନ କରି ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ କାମ କରିଥିଲେ। ତାଙ୍କର ପ୍ରୟାସ କାରଣରୁ ସଂଯୁକ୍ତ ରାଷ୍ଟ୍ର ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ) ୨୦୧୨ରେ କୋରାପୁଟକୁ ବୈଶ୍ୱିକ ସ୍ତରରେ ମହତ୍ତ୍ୱପୂର୍ଣ୍ଣ କୃଷି ଐତିହ୍ୟ ସ୍ଥଳ ବୋଲି ଘୋଷଣା କରିଥିଲା। ଏହା ସହିତ କୋରାପୁଟ ଜିଲ୍ଲାକୁ ସଂଯୁକ୍ତ ରାଷ୍ଟ୍ର ପର୍ଯ୍ୟଟନ ରେଖା ପ୍ରଥମ ପୁରସ୍କାର ପାଇଁ ମଧ୍ୟ ଚୟନ କରାଯାଇଥିଲା। ଏଥିପାଇଁ କମଳାଙ୍କୁ ୨୦୦୨ରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଆୟୋଜିତ ପୃଥ୍ୱୀ ଶିଖର ସମ୍ମିଳନୀ ସମୟରେ ଇକ୍ୱେଟର୍ ଇନିସିଏଟିଭ୍ ଆୱାର୍ଡ ପ୍ରଦାନ କରାଯାଇଥିଲା। କୃଷି କ୍ଷେତ୍ରରେ ତାଙ୍କର ଯୋଗଦାନ ପାଇଁ ୨୦୧୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ପ୍ରତିଷ୍ଠିତ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଥିଲେ।

ଓଡ଼ିଶା ସରକାର ମଧ୍ୟ ୨୦୦୪ରେ ତାଙ୍କୁ ସର୍ବଶ୍ରେଷ୍ଠ ମହିଳା ପୁରସ୍କାରରେ ସମ୍ମାନିତ କରିଥିଲେ। ତାଙ୍କ ଉପଲବ୍ଧିଗୁଡ଼ିକୁ ସମ୍ମାନ ଦେଇ ଓଡ଼ିଶାର ପ୍ରମୁଖ କୃଷି ଅନୁସନ୍ଧାନ ସଂସ୍ଥା, ଓୟୁଏଟିର ମହିଳା ଛାତ୍ରୀନିବାସକୁ ତାଙ୍କ ନାମରେ ରଖାଯାଇଛି। କମଳା ପୂଜାରୀ ଆମମାନଙ୍କ ଗହଣରେ ଆଉ ନାହାନ୍ତି। ୨୦ ଜୁଲାଇରେ କଟକର ଏକ ହସ୍‌ପିଟାଲ୍‌ରେ ହୃଦ୍‌ଘାତରେ ୭୪ ବର୍ଷରେ ତାଙ୍କର ଦେହାନ୍ତ ହୋଇଯାଇଛି। ଦୀର୍ଘ ଦିନ ଧରି ସେ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ସେ ଥିଲେ ଏପରି ଜଣେ ମହିଳା ଯାହାଙ୍କ ସରଳତା ତାଙ୍କ ବେଶଭୂଷାରେ ଦେଖିବାକୁ ମିଳୁଥିଲା। କୃଷି କ୍ଷେତ୍ରରେ କମଳା ପୂଜାରୀ ସମସ୍ତଙ୍କ ପାଇଁ ଜଣେ ପ୍ରେରଣା।



ଜୈବିକ କୃଷି ଏପରି ଏକ ପଦ୍ଧତି ଯେଉଁଥିରେ କୌଣସି ରାସାୟନିକ ସାର, ସିନ୍ଥେଟିକ୍ କୀଟନାଶକ ବା ଯୌଗିକଗୁଡ଼ିକର ଉପଯୋଗ ହୁଏ ନାହିଁ। ଏଥିରେ ପ୍ରାକୃତିକ ଉର୍ବରକ, ବୃକ୍ଷ ବା ପଶୁମାନଙ୍କର ଅପଶିଷ୍ଟରୁ ତିଆରି ଜୈବିକ କୀଟ ନିୟନ୍ତ୍ରଣ, ଜୈବିକ ଖାଦ ଆଦିର ଉପଯୋଗ କରି ଦୀର୍ଘସ୍ଥାୟୀ କୃଷି ପ୍ରଥାକୁ ତ୍ୱରାନ୍ୱିତ କରାଯାଇଥାଏ।



ଫସଲଗୁଡ଼ିକରେ ରାସାୟନିକ ପଦାର୍ଥର ଉପଯୋଗ କରିବା ଦ୍ୱାରା ହେଉଥିବା ପର୍ଯ୍ୟାବରଣୀୟ କ୍ଷତିର ପ୍ରତିକ୍ରିୟା ଭାବରେ ଆଧୁନିକ ଜୈବିକ ଚାଷକୁ ବିକଶିତ କରାଯାଇଥିଲା। ରାସାୟନିକ ଚାଷର ବିଧି ତୁଳନାରେ ଜୈବିକ ଚାଷର ବିଧି ସମାନ ବା ଅଧିକ ଉତ୍ପାଦନ ଦେଇଥାଏ ଅର୍ଥାତ ଜୈବିକ ଚାଷ ମାଟିର ଉର୍ବରତା ଏବଂ କୃଷକମାନଙ୍କର ଉତ୍ପାଦକତା ବୃଦ୍ଧି କରିବାରେ ପୂର୍ଣ୍ଣତଃ ସହାୟକ ହୋଇଥାଏ। ଆଧୁନିକ ସମୟରେ ନିରନ୍ତର ବୃଦ୍ଧି ପାଉଥିବା ଜନସଂଖ୍ୟା, ପର୍ଯ୍ୟାବରଣ ପ୍ରଦୂଷଣ, ଭୂମିର ଉର୍ବର ଶକ୍ତିର ସଂରକ୍ଷଣ ଏବଂ ମାନବ ସ୍ୱାସ୍ଥ୍ୟ ପାଇଁ ଜୈବିକ ଚାଷର ପ୍ରଣାଳୀ ଅତ୍ୟନ୍ତ ଲାଭଦାୟକ।

ଖାଦ୍ୟଶାଳ

# ଚିକେନ୍ ଚେଟ୍ଟିନାଡ୍



**ଆବଶ୍ୟକ ସାମଗ୍ରୀ**-ଚିକେନ୍-୫୦୦ ଗ୍ରାମ, ଆବଶ୍ୟକ ଅନୁସାରେ ତେଲ, ପିଆଜ-୩ଟି, ଟମାଟୋ-୨ଟି, ଡାଲଚିନି-୨ ଖଣ୍ଡ, ଗୁଜୁରାତି-୨ଟି, ଲବଙ୍ଗ-୨ଟି, ଜିରା-୧ ଚାମଚ, ଭୃସୁଙ୍ଗ ପତ୍ର-୮ଟି, ହଳଦୀ ପାଉଡର୍-୨ ଚାମଚ, ଧଣିଆ ପତ୍ର ଓ ଲୁଣ।

ପେଷ୍ଟ ପାଇଁ ସାମଗ୍ରୀ-ପିଆଜ-୧ଟି, ଅଦା-୧ ଖଣ୍ଡ, ରସୁଣ-୧୦ କଳି, ଆବଶ୍ୟକ ଅନୁସାରେ ପାନମହୁରି, ଜିରା, ଶୁଖିଲା ଲଙ୍କା, ନଡ଼ିଆ କୋରା-୧୦୦ ଗ୍ରାମ।

**ପ୍ରଣାଳୀ**-ପ୍ରଥମେ ପେଷ୍ଟ ପ୍ରସ୍ତୁତ କରିବେ। ଏହାପରେ ଧୋଇ ରଖିଥିବା ଚିକେନ୍ ଖଣ୍ଡକୁ ପେଷ୍ଟରେ ଗୋଳେଇ ରଖିଦେବେ। ଏକ ପ୍ୟାନ୍‌ରେ ଏବେ ତେଲ ଗରମ କରି ସେଥିରେ ଡାଲଚିନି, ଗୁଜୁରାତି, ଲବଙ୍ଗ, ଜିରା ପକାଇ ଫୁଟିବାକୁ ଦିଅନ୍ତୁ। ଏହାପରେ କଟାଯାଇଥିବା ପିଆଜ ଓ ଭୃସୁଙ୍ଗ ପତ୍ର ପକାଇ ଭାଜିବେ। ଏବେ ଟମାଟୋ ପକାନ୍ତୁ। ଟମାଟୋ ସିଝିଯିବା ପରେ ବାକି ସବୁ ସାମଗ୍ରୀକୁ ପକାଇ କିଛି ସମୟ ଭାଜିବେ। ମସଲା ଭାଜି ହେବା ପରେ ମସଲାରେ ଗୋଳାଯାଇଥିବା ଚିକେନ୍ ଓ ହଳଦୀ ପାଉଡର୍ ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ସନ୍ତୁଳି ଦିଅନ୍ତୁ। ଏହାପରେ ସ୍ୱାଦାନୁସାରେ ଲୁଣ ଦେଇ ଘୋଡ଼ଣି ଘୋଡ଼େଇ ଦେବେ। ଯଦି ସ୍ୱାଦ ବଢ଼େଇବା ପାଇଁ ଚାହୁଁଛନ୍ତି ତେବେ ଲାଲ୍ ମିର୍ଚ୍ଚ ପାଉଡର୍ ଓ ଗୋଲମରିଚ ମଧ୍ୟ ପକେଇ ପାରନ୍ତି। ଚିକେନ୍ ସିଝିଯିବା ପରେ ଘୋଡ଼ଣି ଖୋଲି ଧଣିଆ ପତ୍ର ପକାଇ ଗାର୍ଣ୍ଣିସ୍ କରିବେ। ଏହାକୁ ଭାତ, ରୁଟି, ନାନ୍ ଆଦି ସହିତ ଖାଇବାକୁ ଦିଅନ୍ତୁ।

ଫ୍ୟାସନ୍

# ନେଲ୍ ଆର୍ଟ

*ନଖଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ନେଲ୍ ପଲିସ୍‌ର ବ୍ୟବହାର କରାଯାଏ। ଖ୍ରୀ.ପୂ ୩୦୦୦ ପୂର୍ବରୁ ନେଲ୍ ପଲିସ୍‌ର ଆବିଷ୍କାର ହୋଇଥିଲା ଯାହାର ଶ୍ରେୟ ଦିଆଯାଏ ଚୀନ୍‌କୁ। ସେ ସମୟରେ ନେଲ୍ ପେଣ୍ଟ ତିଆରି କରିବା ପାଇଁ ପ୍ରାକୃତିକ ରଙ୍ଗ, ବିଡ୍‌ୱାକ୍ସ, ଅଠା, ଅଣ୍ଡାର ଧଳା ଅଂଶ ଓ ଜିଲେଟିନ୍‌ର ବ୍ୟବହାର କରାଯାଉଥିଲା। ସେତେବେଳେ ମଧ୍ୟ ଆଜି ପରି ଲାଲ୍ ଓ ଗୋଲାପି ରଙ୍ଗର ନେଲ୍ ପେଣ୍ଟ ଥିଲା। ବର୍ତ୍ତମାନ ପର୍ବପର୍ବାଣିର ସମୟ ଚାଲିଛି। ତେଣୁ ଏ ସମୟରେ ମହିଳା ଓ ଝିଅମାନେ ଅନେକ ପ୍ରକାରର ପରିଧାନ ସହିତ କିଛି ନୂଆ ଟ୍ରାଏ କରିବାକୁ ଚାହୁଁଥିବେ। ଏଥିପାଇଁ ନିଜ ସୌନ୍ଦର୍ଯ୍ୟରେ ସେମାନେ ନଖର ସୌନ୍ଦର୍ଯ୍ୟକୁ ମଧ୍ୟ ସାମିଲ କରିବା ପାଇଁ ଆଗ୍ରହୀ ଥିବେ। ନଖ ଯଦି ସୁନ୍ଦର ଦେଖାଯାଉଥିବ ତେବେ ଆମର ପୂରା ହାତ ସୁନ୍ଦର ଦେଖାଯାଏ। ତେଣୁ ଆଜିକାଲି ନେଲ୍ ଆର୍ଟ ଓ ନେଲ୍ ଏକ୍ସଟେନ୍‌ସନ୍‌ର ଟ୍ରେଣ୍ଡ ଅଧିକ ଚାଲିଛି। ଏଥିପାଇଁ ସ୍ଥାନେ ସ୍ଥାନେ ନେଲ୍ ଷ୍ଟୁଡିଓ ମଧ୍ୟ ଖୋଲାଯାଇଛି। ଆପଣ ଯଦି ନେଲ୍ ଆର୍ଟ କରିବାକୁ ଚାହୁଁଛନ୍ତି ତେବେ କିଛି ଡିଜାଇନ୍ ନିମ୍ନରେ ଦିଆଗଲା ଯାହାକୁ ଆପଣ ଘରେ ବସି କରିପାରିବେ।*





**ଇଅର୍‌ବଡ୍ସ**-ଏହାର ବ୍ୟବହାର କରି ନେଲ୍ ଆର୍ଟ କରିପାରିବେ। ଏଥିପାଇଁ ନଖରେ ନେଲ୍ ପେଣ୍ଟ ଲଗାନ୍ତୁ। ଏହାପରେ ଇଅର୍‌ବଡ୍ସର ବ୍ୟବହାର କରି ଅନ୍ୟ ରଙ୍ଗର ନେଲ୍ ପେଣ୍ଟ ତା' ଉପରେ ଲଗାନ୍ତୁ। ଏଥିରେ ଡଟ୍ସ, ଫୁଲ, ଜିଗ୍ ଜ୍ୟାଗ୍ ଲାଇନ୍ ବି କରିପାରିବେ।



**ଟୁଥ୍ ପିକ୍**-ଟୁଥ୍ ପିକ୍ ସାହାଯ୍ୟରେ ସୁନ୍ଦର ନେଲ୍ ଆର୍ଟ ତିଆରି କରିହେବ। ଏଥିପାଇଁ ପ୍ରଥମେ ଅଧା ନଖରେ ନେଲ୍ ପେଣ୍ଟ ଲଗାଇବେ। ଏହାପରେ ପଛ ଭାଗରେ ଅନ୍ୟ ରଙ୍ଗର ନେଲ୍ ପେଣ୍ଟ ଦ୍ୱାରା ଡଟ୍ ଆଦି କରନ୍ତୁ। ଏହାପରେ ଟୁଥ୍ ପିକ୍‌ର ଆଗ ଭାଗରେ ଡଟ୍ ତଳେ କର୍ଭ ଡିଜାଇନ୍ ତିଆରି କରିବେ। ସ୍ମାଇଲିଂ ଫେସ୍ ମଧ୍ୟ ଏଥିରେ କରିପାରିବେ। ନେଲ୍ ଆର୍ଟ ନଖଗୁଡ଼ିକୁ ସୁନ୍ଦର ଲୁକ୍ ଦେବ।



**ବବି ପିନ୍**-ପୋଲ୍‌କା ଡଟ୍ସ ରେଟ୍ରୋ ଷ୍ଟାଇଲ୍ ସବୁବେଳେ ଫ୍ୟାସନ୍‌ରେ ଥାଏ। ତେବେ ଏହି ଡିଜାଇନ୍ କରିବା ସମୟରେ ଧ୍ୟାନ ରଖିବେ ଯେପରି ଏହା ଅଧିକ ନଲାଗେ। ପୋଲ୍‌କା ଡଟ୍ ନେଲ୍ ଆର୍ଟ ତିଆରି କରିବା ପାଇଁ ପ୍ରଥମେ ନଖରେ ସଲିଡ୍ ନେଲ୍ ପେଣ୍ଟ କଲର୍ ଲଗାଇବେ। ଏହାପରେ ବବି ପିନ୍‌ରେ ଅନ୍ୟ ଏକ ପେଣ୍ଟରେ ବୁଡ଼ାଇ ନଖରେ ଡଟ୍ସ ତିଆରି କରିବେ। ପୋଲ୍‌କା ଡଟ୍ସ ତିଆରି କରିବା ପୂର୍ବରୁ ବେସ୍ ପେଣ୍ଟ ଶୁଖି ସାରିଛି କି ନାହିଁ ସେଥିପାଇଁ ସୁନିଶ୍ଚିତ ହୋଇଯାଆନ୍ତୁ।



**ଗ୍ଲିଟର୍**-ପ୍ରାୟତଃ ସମସ୍ତେ ହାଲୁକା ଚମକକୁ ପସନ୍ଦ କରନ୍ତି। ଯଦି ନେଲ୍ ଆର୍ଟକୁ ସିମ୍ପଲ୍ ରଖିବାକୁ ଚାହୁଁଛନ୍ତି ତେବେ ଦୁଇ ହାତର ସବୁ ନଖ ପରିବର୍ତ୍ତେ କେବଳ ଗୋଟିଏ ଗୋଟିଏ ନଖ ଉପରେ ଗ୍ଲିଟର୍ ଲଗାନ୍ତୁ। ରିଙ୍ଗ୍ ଫିଙ୍ଗର୍ ଉପରେ ଗ୍ଲିଟର୍ ଲଗାଇବା ଦ୍ୱାରା ସୁନ୍ଦର ଲୁକ୍ ପାଇବେ।



**ମ୍ୟାଟ୍ ଇଫେକ୍ଟ**-ଆଜିକାଲି ମ୍ୟାଟ୍ ଇଫେକ୍ଟର ପ୍ରଚଳନ ଅଧିକ ରହିଛି। ତେଣୁ ନେଲ୍ ପଲିସ୍‌କୁ ସହଜରେ ମ୍ୟାଟ୍ କରିପାରିବେ। ଏଥିପାଇଁ ନଖରେ ନେଲ୍ ପଲିସ୍ ଲଗାଇବା ପରେ ତା' ଉପରେ ହାଲୁକା କର୍ଣ୍ଣ ଷ୍ଟାର୍ଚ୍ଚ ଛିଞ୍ଚି ଦିଅନ୍ତୁ। ଏଥିରେ ବହୁତ ସୁନ୍ଦର ମ୍ୟାଟ୍ ଲୁକ୍ ପାଇବେ।

## ବୋନସ୍ ଟିପ୍‌ସ

ଯେଉଁ ମହିଳା ବା ଝିଅଙ୍କର ନେଲ୍ ପଲିସ୍ ଲଗାଇବା ଦ୍ୱାରା ସମସ୍ୟା ହେଉଛି ଓ ତା'ର ନେଲ୍ ପେଣ୍ଟ ପ୍ରାୟତଃ ନଖ ବାହାରକୁ ଆସିଯାଏ ସେମାନେ ନଖର ଆଖପାଖରେ ପେଟ୍ରୋଲିୟମ୍ ଜେଲି ଲଗାଇ ଏହାପରେ ନଖରେ ନେଲ୍ ପେଣ୍ଟ ଲଗାଇବା ଉଚିତ। ଏହାପରେ ଟିସୁ ପେପର୍‌ରେ ଜେଲିକୁ ପରିଷ୍କାର କରିଦେବେ।

ଗୁରୁବାର, ୧ ଅଗଷ୍ଟ, ୨୦୨୪



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ**: ଦିନଟି ମିଶ୍ରିତ ଫଳାଫଳ ଦେବ। କାରବାର ଓ କାର୍ଯ୍ୟକ୍ଷେତ୍ରରେ ଅଧିକ କାମ ରହିବ। ଅର୍ଥ ନେଣଦେଣରୁ ଦୂରରେ ରୁହନ୍ତୁ। ଅଧିକ କ୍ରୋଧ କରିବେ। ପରିବାରରେ କଳହ ହୋଇପାରେ। ବାଣୀ ଉପରେ ସଂଯମ ରଖନ୍ତୁ।

**ବୃଷ**: ଦିନଟି ଶୁଭଫଳ ଦେବ। କାର୍ଯ୍ୟକ୍ଷେତ୍ରରେ ଅଧିକ କାମ ରହିବ। ଆକସ୍ମିକ ଧନ ଲାଭ ହୋଇପାରେ। କାରବାରରେ ବ୍ୟସ୍ତତା ରହିବ। ଦାମ୍ପତ୍ୟ ଜୀବନ ସୁଖଦାୟକ ହେବ। ସ୍ୱାସ୍ଥ୍ୟ ଭଲ ରହିବ।

**ମିଥୁନ**: ଆଜି କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଧନଲାଭର ସମ୍ଭାବନା ରହିଛି। ନିବେଶରୁ ଲାଭ ପାଇବେ। ଅନାବଶ୍ୟକ ଖର୍ଚ୍ଚ ଚିନ୍ତାରେ ପକାଇବ। ସନ୍ତାନର ଚିନ୍ତା ହୋଇପାରେ। ଅବିବାହିତଙ୍କ ପାଇଁ ପ୍ରସ୍ତାବ ଆସିବ।

**କର୍କଟ**: ଆଜି ଶୁଭ ଫଳ ପାଇବେ। ଚିନ୍ତା କରିଥିବା କାମ ପୂରା ହେବ। ବ୍ୟବସାୟରେ ସଫଳତା ମିଳିବ। ଅବିବାହିତଙ୍କ ପାଇଁ ଅନୁକୂଳ ସମୟ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ। ପରିବାରର ପରିବେଶ ଭଲ ରହିବ।

**ସିଂହ**: ଆଜି କଠିନ ପରିଶ୍ରମ କରିବେ। ସଫଳତା ମିଳିବ। ଅଫିସ୍ ବା ଫିଲ୍ଡରେ କୌଣସି ପ୍ରକାରର ରିସ୍କ ନନେଲେ ଭଲ। ଲାଭର ଅବସର ରହିଛି। ଅଧିକ ଦୌଡ଼ାଦୌଡ଼ି କରିବାକୁ ପଡ଼ିପାରେ। ମାନସିକ ଚାପ ରହିବ।

**କନ୍ୟା**: ନୂଆ ଡିଲ୍ ଲାଭଦାୟକ ହେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ଚିନ୍ତା କରିଥିବା କାମ ସହଜରେ ପୂରା ହେବ। ଅଫିସ୍ ସ୍ଥିତିରେ ପରିବର୍ତ୍ତନ ଆସିପାରେ। ପରିବାରର ପରିବେଶ ଭଲ ରହିବ। ମାନସିକ ସନ୍ତୁଳନ ବଜାୟ ରଖିବେ।

**ତୁଳା**: ହଠାତ ଲାଭର ଯୋଗ ରହିଛି। ପରିବାରରେ ବାଦବିବାଦ ଦେଖାଦେଇପାରେ। ସମ୍ପର୍କୀୟଙ୍କ କାରଣରୁ ଚାପ ଉତ୍ପନ୍ନ ହୋଇପାରେ। ଧାର୍ମିକ କାର୍ଯ୍ୟରେ ଭାଗ ନେଇପାରନ୍ତି। ତନ୍ତ୍ର ମନ୍ତ୍ରରେ ରୁଚି ବଢ଼ିବ। ଦାମ୍ପତ୍ୟ ଜୀବନ ଭଲରେ ଚାଲିବ।

**ବିଛା**: ଆକସ୍ମିକ ଧନଲାଭ ହୋଇପାରେ। ଅବହେଳା କଲେ ଭଲ ଅବସର ହାତରୁ ଯିବ। କ୍ଲାନ୍ତ ଅନୁଭବ କରିବେ। ଅଧିକ କ୍ରୋଧ କରିବେ। ଦାମ୍ପତ୍ୟ ଜୀବନ ଆନନ୍ଦଦାୟକ ହେବ। ଖର୍ଚ୍ଚ ଅଧିକ ହୋଇପାରେ।

**ଧନୁ**: ସଫଳତା ପାଇବେ। ମନରେ ଉତ୍ସାହ ରହିବ। କାର୍ଯ୍ୟକ୍ଷେତ୍ରରେ ସରଳ ହେବା ପାଇଁ ପ୍ରୟାସ କରିବେ। ଶୀଘ୍ର ଉଠାଇଥିବା ପଦକ୍ଷେପ କ୍ଷତି କରିବ। ନୂଆ କାମ ଆରମ୍ଭ କଲେ ଭଲ। ଧର୍ମ ଧ୍ୟାନରେ ସମୟ ବିତାନ୍ତୁ।

**ମକର**: ନେଣଦେଣ ତଥା ନିବେଶର ଆହ୍ୱାନ ଠାରୁ ଦୂରରେ ରୁହନ୍ତୁ। ମନ ମୁତାବକ ସଫଳତା ମିଳିବ ନାହିଁ। ମାନସିକ ଚାପ ହୋଇପାରେ। ଛାତ୍ରଛାତ୍ରୀଙ୍କ ପାଇଁ ଖୁବ୍ ଭଲ ସମୟ। ପରିବାରରେ ବିବାଦର ସ୍ଥିତି ରହିବ।

**କୁମ୍ଭ**: ସିମେଣ୍ଟ ବ୍ୟବସାୟ ସହିତ ଜଡ଼ିତ ଲୋକଙ୍କୁ ଲାଭ ମିଳିବ। ଅଫିସ୍‌ରେ ସହଯୋଗୀ ଗତିବିଧି ଉପରେ ଧ୍ୟାନ ଦିଅନ୍ତୁ। ଲଭ୍ ରାଶିଫଳ ବ୍ରେକ୍‌ଅପ୍ ଓ ଛାଡ଼ପତ୍ରର କ୍ଷତକୁ ଭରିବ। ପିଲାମାନେ ଚିଡ଼ଚିଡ଼ା ହେବେ।

**ମୀନ**: ବ୍ୟବସାୟରେ ବଡ଼ ପରିବର୍ତ୍ତନ ଆସିପାରେ। ଅର୍ଥ ସହିତ ଜଡ଼ିତ ମାମଲାରେ ସମସ୍ୟା ହେବ। କାମକାର୍ଯ୍ୟ ଜୀବନରେ ସାବଧାନ ରୁହନ୍ତୁ। ବ୍ୟୟ ବୃଦ୍ଧି ହେବ। ପ୍ରେମ ତ୍ରିକୋଣରେ ଫସି ପାରନ୍ତି।

## ରଣଭାର ସହି ନ ପାରି ଯୁବକଙ୍କ ଆତ୍ମହତ୍ୟା

**ସୋର,୩୧।୭/ଏନ୍‌ଏନ୍‌ଏସ୍:** ସୋର ପୌରପାଳିକା ଛତ୍ରପୁର ଗ୍ରାମରେ ମଙ୍ଗଳବାର ରାତି ୧୦ଟାରେ ରଣ ଭାର ସହି ନପାରି ନିଜ ଘରେ ଜଣେ ଯୁବକ ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଏହି ଗ୍ରାମର ବସନ୍ତ ସାମଲଙ୍କ ପୁଅ ଉମେଶ ସାମଲ (୩୫) ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି। ସେ ଏକ ଘରୋଇ ବ୍ୟାଙ୍କରୁ ଏକ ବାଇକ୍ ଲୋନ୍‌ରେ ଆଣିବା ସହିତ ପ୍ରାୟ ୫୦ ହଜାର ଟଙ୍କାର ରଣ କରିଥିଲେ। କିନ୍ତୁ ଆଜି ଅପରାହ୍ନରେ ସମ୍ପୃକ୍ତ ବ୍ୟାଙ୍କ କର୍ମଚାରୀମାନେ ତାଙ୍କ ଘରେ ପହଞ୍ଚି ଟଙ୍କା ଦେବାକୁ ତାଗିଦ୍ କରିଥିଲେ। ତାଙ୍କ ପତ୍ନୀ ଟଙ୍କା ଦେବାକୁ ଅସହାୟତା ପ୍ରକାଶ କରିଥିଲେ ସୁଦ୍ଧା ବ୍ୟାଙ୍କ କର୍ମଚାରୀମାନେ ତାଙ୍କ କଥା ଶୁଣି ନଥିଲେ। ଫଳରେ ଏଥିରେ ଭାରସାମ୍ୟ ହରାଇ ଉମେଶ ନିଜ ଶୋଇବା ଘରେ ବେକରେ ଶାଢ଼ି ବାନ୍ଧି ଝୁଲି ପଡ଼ିଥିଲେ। ଏହା ଦେଖି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## କୁକୁର ମୁଣ୍ଡରେ ପ୍ଲାଷ୍ଟିକ୍ ଜାର୍, ପଶୁପ୍ରେମୀ ମହଲରେ ଉଦ୍‌ବେଗ



**ଆଠମଲ୍ଲିକ,୩୧।୭/ଏନ୍‌ଏନ୍‌ଏସ୍:** ଆଠମଲ୍ଲିକ ସହରାଞ୍ଚଳରେ ଏକ ବୁଲା କୁକୁର ମୁଣ୍ଡରେ ଏକ ପ୍ଲାଷ୍ଟିକ ଜାର ପଶିଯାଇଥିବାରୁ ସେ ଗତ କିଛିଦିନ ହେଲା ଅଖିଆ ଅପିଆ ବୁଲିବା ସହିତ କଷ୍ଟ ପାଉଥିବା ଦେଖାଯାଇଛି। ଏହାକୁ ନେଇ ପଶୁପ୍ରେମୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। କୁକୁରଟି ଏଣେତେଣେ ବୁଲୁଥିଲେ ମଧ୍ୟ ଖାଇପାରୁ ନାହିଁ ନା ପାଣି ମଧ୍ୟ ପିଇପାରୁନାହିଁ। ତା' ମୁଣ୍ଡରୁ ପ୍ଲାଷ୍ଟିକ ଜାର୍ ଅଲଗା କରିବାକୁ କିଛି ଲୋକ ଚେଷ୍ଟା କରୁଥିଲେ ମଧ୍ୟ ସଫଳ ହୋଇ ପାରୁ ନାହାନ୍ତି। ସୂଚନା ଥାଉକି ପ୍ରାୟ ୬ ମାସ ପୂର୍ବରୁ ଏହିପରି ଭାବରେ ଏକ ବୁଲା କୁକୁର ମୁଣ୍ଡରେ ଅବ୍ୟବହୃତ ପ୍ଲାଷ୍ଟିକ ଜାର ପଶି ଦୀର୍ଘ ଦିନ ଧରି ଏଣେତେଣେ ବୁଲୁଥିବା ଦେଖାଯାଇଥିଲା। ବାରମ୍ବାର ଏପରି ଘଟଣା ଘଟୁଥିବାରୁ ଭଙ୍ଗା ଦଦରା ପ୍ଲାଷ୍ଟିକ ସାମଗ୍ରୀ ଏଣେତେଣେ ନପକାଇବାକୁ ସାଧାରଣରେ ଦାବି ହେଉଛି। ଆଠମଲ୍ଲିକ ସହରରେ ବାରମ୍ବାର ଏପରି ଘଟଣା ଘଟୁଥିବାରୁ ପଶୁପ୍ରେମୀ ଉଦ୍‌ବେଗ କରିବା ସହିତ ଜନସଚେତନତା ସୃଷ୍ଟି ପାଇଁ ଏନ୍‌ଏସି କର୍ତ୍ତୃପକ୍ଷ ଯତ୍ନବାନ ହେବା ମତ ପ୍ରକାଶ କରୁଛନ୍ତି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ଉଖୁଣ୍ଡା,୩୧।୭/ଏନ୍‌ଏନ୍‌ଏସ୍:** ଝୁମ୍ପୁରା ବ୍ଲକ ଅର୍ଶଳା ପଞ୍ଚାୟତର ଦୁର୍ଗାପୁର ଗ୍ରାମର ଜଣେ ବ୍ୟକ୍ତି ଭାଲୁ ଆକ୍ରମଣର ଶିକାର ହୋଇ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କଠାରୁ ମିଳିଥିବା ସୂଚନାରୁ ଜଣା ଯାଏ ଯେ ଦୁର୍ଗାପୁର ଗ୍ରାମର ଦଶରଥ ନାଏକ (୫୭) ଭୋର ୬ଟାରେ ଗାଁ ନିକଟରେ ରହିଥିବା ଜଙ୍ଗଲ ଆଡ଼କୁ ଝାଡ଼ା ଫେରିବା ପାଇଁ ଯାଇଥିଲେ। ଏହି ସମୟରେ ଜଙ୍ଗଲ ପଟୁ ଭାଲୁ ବାହାରି ଆସି ଦଶରଥଙ୍କୁ ଆକ୍ରମଣ କରିଥିଲା। ଭାଲୁକୁ ଦେଖି ଦଶରଥ ଯେତିକି ଚିତ୍କାର କରୁଥିଲେ ଭାଲୁ ସେତିକି ଆକ୍ରମଣ କରିଚାଲିଥିଲା। ଜଙ୍ଗଲ ପଟୁ ଚିତ୍କାର ଶୁଣି ଗାଁ ଲୋକ ଦୌଡ଼ି ଯାଇ ଦେଖିଲା ବେଳକୁ ଦଶରଥଙ୍କୁ ଭାଲୁ ଆକ୍ରମଣ କରୁଥିଲା। ଗ୍ରାମବାସୀ ମିଳିତ ଭାବରେ ଭାଲୁକୁ ଘୋଉଡ଼ାଇ ଦେବା ପରେ ଦଶରଥଙ୍କୁ ସେଠାରୁ ଉଦ୍ଧାର କରି ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ଦଶରଥର ଡାହାଣ ପଟ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହିତ ଛାତିରେ ମଧ୍ୟ ଆଘାତ ଲାଗିଛି। ଦୁର୍ଗାପୁର ହୁଡ଼ିରେ ଅନେକ ସମୟରେ ଭାଲୁ ହାତୀ ଆସି ରହୁଛନ୍ତି। ପ୍ରତିବର୍ଷ ଏହି ଗ୍ରାମର ୫ ଊର୍ଦ୍ଧ୍ୱ ଲୋକ ଭାଲୁ ଆକ୍ରମଣର ଶିକାର ହୋଇଥାନ୍ତି। ବନ ବିଭାଗ ତରଫରୁ କୌଣସି ପଦକ୍ଷେପ ନେଉନଥିବା ସମ୍ପର୍କରେ ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ହେଉଛି। ଭାଲୁ ଆକ୍ରମଣର ଶିକାର ହୋଇଥିବା ଦଶରଥଙ୍କୁ ବନବିଭାଗ ତରଫରୁ ସମସ୍ତ ଚିକିତ୍ସା ଖର୍ଚ୍ଚ ଯୋଗାଇଦେବାକୁ ଗ୍ରାମବାସୀଙ୍କ ତରଫରୁ ଦାବି ହେଉଛି।

# ୫-ଟି କାମ ନାମରେ ୨୫୩ ସ୍କୁଲରୁ ଅର୍ଥ ହଡ଼ପ୍ ଅଭିଯୋଗ

**ଜଗତସିଂହପୁର,୩୧।୭/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲାରେ ୫-ଟି କାମ ନାମରେ ୨୫୩ଟି ହାଇସ୍କୁଲରୁ କୋଟି କୋଟି ଟଙ୍କା ହଡ଼ପ୍ ହୋଇଥିବା ସାମ୍ନାକୁ ଆସିଛି। କେଉଁଠି ପୁରୁଣାକାନ୍ଥରେ ରଙ୍ଗବୋଳି ଲକ୍ଷାଧିକ ଟଙ୍କା ଆତ୍ମସାତ୍ ହୋଇଛି ତ ଅନ୍ୟ କେଉଁ ହାଇସ୍କୁଲରେ କମ୍ପ୍ୟୁଟର ଓ ଆସବାବପତ୍ର କିଣିବା ନାମରେ କୋଟି କୋଟି ଟଙ୍କା ହଡ଼ପ୍ ହୋଇଥିବା ଅଭିଯୋଗ ହୋଇଛି। ପ୍ରତି ହାଇସ୍କୁଲରେ ନବୀକରଣ ପାଇଁ ଜିଲ୍ଲା ପ୍ରଶାସନ ଜିଲ୍ଲାର ସମସ୍ତ ବିଡିଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବାରୁ ଏଭଳି ସମସ୍ୟା ସୃଷ୍ଟି

**ନୂଆ ସରକାରଙ୍କ ପକ୍ଷରୁ ତଦନ୍ତ ଦାବି**

ହୋଇଥିବାର କୁହାଯାଇଛି। ନୂଆ ସରକାରଙ୍କ ପକ୍ଷରୁ ନିରପେକ୍ଷ ତଦନ୍ତ ହେଲେ ଜିଲ୍ଲାର ସମସ୍ତ ବିଡିଓ ସମେତ ଜିଲ୍ଲା ପ୍ରଶାସନର ଅସଲମୁଖା ଖୋଲିଯିବ ବୋଲି ସାଧାରଣରେ ମତ ପକାଶ ପାଇଛି।

୮ଟି ବ୍ଲକ ଓ ୨ଟି ପୌର ପରିଷଦକୁ ନେଇ ଗଠିତ ଜଗତସିଂହପୁର ଜିଲ୍ଲାରେ ୨୫୩ଟି ହାଇସ୍କୁଲର ନବୀକରଣ ହୋଇଛି। ୫ଟି କାମ ନାମରେ କେଉଁ ହାଇସ୍କୁଲକୁ ସରକାର ୪୫ଲକ୍ଷ ଟଙ୍କା ଓ ଅନ୍ୟ କେଉଁ ହାଇସ୍କୁଲକୁ ୬୦ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ୫ଟି କାମରେ ଜିଲ୍ଲାର ବାଲିକୁଦା ବ୍ଲକରେ ୩୮ଟି ହାଇସ୍କୁଲ, ବିରିଡ଼ି ବ୍ଲକରେ ୨୩ଟି, ଏରସମା ବ୍ଲକରେ ୩୩ଟି, ଜଗତସିଂହପୁର ବ୍ଲକରେ ୪୧ଟି, କୁଜଙ୍ଗ ବ୍ଲକରେ ୪୦ଟି, ନାଉଗାଁ ବ୍ଲକରେ ୩୫ଟି, ହାଇସ୍କୁଲର ମୋ ସ୍କୁଲ ଆକାଉଣ୍ଟକୁ ୪୫ଲକ୍ଷରୁ ୬୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଆସିଥିଲା। ଉକ୍ତ ଅନୁଦାନକୁ ପ୍ରତ୍ୟେକ ହାଇସ୍କୁଲର ପ୍ରଧାନଶିକ୍ଷକ ବିଦ୍ୟାଳୟର ନବୀକରଣ କାର୍ଯ୍ୟକରିବା କଥା, ମାତ୍ର ଜିଲ୍ଲା ପ୍ରଶାସନ ପ୍ରତ୍ୟେକ ବିଦ୍ୟାଳୟକୁ ଆସିଥିବା ଅନୁଦାନ ଜିଲ୍ଲାର ସମସ୍ତ ବିଡିଓଙ୍କ ଆକାଉଣ୍ଟକୁ ପଠାଇବା ପାଇଁ ପ୍ରତ୍ୟେକ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ୨୫୩ଟି ହାଇସ୍କୁଲର ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ ବିଡିଓଙ୍କ ଆକାଉଣ୍ଟକୁ ଯିବା ପରେ କେଉଁ ବ୍ଲକରେ ବିଡିଓ ପୁରୁଣା କାନ୍ଥ ରଙ୍ଗବୋଳି ୪୫ଲକ୍ଷ ଟଙ୍କା ହଡ଼ପ୍ କରିଛି ତ ଅନ୍ୟ କେଉଁ ବିଡିଓ କମ୍ପ୍ୟୁଟର ଓ




ବିଦ୍ୟାଳୟର ଆସବାବ ପତ୍ରକିଣିବା ନାମରେ କୋଟି କୋଟି ଟଙ୍କା ହଡ଼ପ୍ କରିଛି, ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଜଗତସିଂହପୁର ବ୍ଲକ ଅଧିନ ଆଲିପିଙ୍ଗଳ ସରକାରୀ ହାଇସ୍କୁଲରେ। ଏହି ହାଇସ୍କୁଲରେ ଶ୍ରେଣୀ ଗୃହ ନଥିବାରୁ ଛାତ୍ରଛାତ୍ରୀମାନେ ବିପଦସଂକୁଳ ଭଙ୍ଗା ଛାତତଳେ ବର୍ଷବର୍ଷ ଧରି ପାଠପଢୁଛନ୍ତି। ଡାଇନିଙ୍ଗ୍ ହଲ୍ ନଥିବାରୁ ବାରଣ୍ଡାରେ ବସି ଖାଉଛନ୍ତି। ବର୍ଷା ହେଲେ ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ନ ଖାଇ ଘରକୁ ପଳାଇଯାଉଥିବାର ଦେଖିବାକୁ ମିଳିଛି। ଏଠାରେ ନୂତନ ଶ୍ରେଣୀ ଗୃହ ଓ ଡାଇନିଙ୍ଗ୍ ହଲ୍ ନିର୍ମାଣର ଯଥେଷ୍ଟ ଆବଶ୍ୟକତା ରହିଛି। କିନ୍ତୁ ଜଗତସିଂହପୁର ବିଡିଓ ନୂତନ ଗୃହ ନିର୍ମାଣ କରିବା ପରିବର୍ତ୍ତେ ପୁରୁଣା ଘରେ ରଙ୍ଗ ବୋଳି ନିମ୍ନମାନର କମ୍ପ୍ୟୁଟର ଏବଂ ଡେକ୍ସ, ବେଞ୍ଚ ଦେଇ ୪୫ଲକ୍ଷ ଟଙ୍କା ହଡ଼ପ୍ କରିଥିବାର ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ମଧ୍ୟ ଗତ ଜୁଲାଇ ୨୫ତାରିଖରେ ଦୈନିକ 'ନିତିଦିନ'ରେ 'ପୁରୁଣା କାନ୍ଥରେ ରଙ୍ଗବୋଳି ୪୫ଲକ୍ଷ ଟଙ୍କା ହଡ଼ପ୍ ଅଭିଯୋଗ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସେହିପରି ଜଗତସିଂହପୁର ଜିଲ୍ଲାର ୨୫୩ଟି ହାଇସ୍କୁଲ ୫ଟି କାମ ନାମରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନୂଆ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

**ହାତୀଙ୍କ ଚଳପ୍ରଚଳରେ ସମସ୍ୟା**

## ଜଗମୋହନପୁରଠାରେ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ



**କେନ୍ଦୁଝର, ୩୧।୭:** କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୪୯ ର ଜଗମୋହନପୁର ଠାରେ ପ୍ରସ୍ତାବିତ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷର ସବୁ ସମୟରେ ଏହି ସ୍ଥାନରେ ହାତୀଙ୍କ ଯାତାୟାତ ରହୁଥିବାରୁ ପିୟୁପି ବା ପାସେଞ୍ଜର ଅଣ୍ଡରପାସ୍ ନକରି ଏକ ବଡ଼ ବ୍ରିଜ୍ କରିବାକୁ ବନବିଭାଗ ପ୍ରସ୍ତାବ ଦେଇଥିଲା। ଉକ୍ତ ଅଞ୍ଚଳଟି ହାତୀଙ୍କ ଚଳାପଥ ହୋଇଥିବାରୁ ହାତୀଙ୍କ ଚଳପ୍ରଚଳରେ ମଧ୍ୟ ଅସୁବିଧା ହେଉଛି। ହାତୀ ସୁରକ୍ଷା ସମନ୍ୱୟ ବୈଠକରେ ନିଷ୍ପତ୍ତି ଅନୁଯାୟୀ ୧ କିଲୋମିଟର ଦୀର୍ଘ ଓଭରବ୍ରିଜ ମଧ୍ୟରୁ ହାତୀମାନଙ୍କ ପାଇଁ ଯାତାୟାତ ପଥ ୫୩୨ ମିଟର ଲମ୍ବ ଓଭରବ୍ରିଜ୍ କରି ଯାତାୟାତ ପଥ ରଖିବାକୁ ଏନ୍‌ଏଚ୍‌ଏଆଇ ସହମତି ପ୍ରକାଶ କରିଥିଲା। ତେବେ ଇତିମଧ୍ୟରେ ଜାତୀୟ ରାଜପଥ ୪୯ କାମ ଶେଷ ହେବାର ୨ବର୍ଷ ପରେ ମଧ୍ୟ ବ୍ରିଜ୍ ପାଇଁ ଟେଣ୍ଡର ମଧ୍ୟ ହୋଇନାହିଁ। ଜଗମୋହନପୁରଠାରେ ବ୍ରିଜ୍ ନିର୍ମାଣ ହୋଇପାରୁ ନଥିବାରୁ ଲୋକଙ୍କ ଯାତାୟତରେ ମଧ୍ୟ ସମସ୍ୟା ଦେଖାଦେଇଛି। ଧୂଳି ଉଡ଼ି ଯାତାୟାତରେ ସମସ୍ୟା ଦେଖାଦେଉଛି। ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ସତ୍ତ୍ୱେ ଏନ୍‌ଏଚ୍‌ଏଆଇ ବିଳମ୍ବ କରୁଥିବାରୁ ଆଗାମୀ ଦିନରେ ସ୍ଥାନୀୟ ଲୋକ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

## ଶିକ୍ଷା କନ୍‌କ୍ଲେଭ୍‌ରେ ସେଣ୍ଟ୍ ଜାଭିୟର୍ ହାଇସ୍କୁଲ ନିର୍ଦ୍ଦେଶକ ସମ୍ବର୍ଦ୍ଧିତ

**ସୋର,୩୧।୭/ଏନ୍‌ଏନ୍‌ଏସ୍:** କୋଲକାତା ତାଜ ହୋଟେଲ୍‌ରେ ଆୟୋଜିତ ଜାତୀୟ ଶିକ୍ଷା କନ୍‌କ୍ଲେଭ୍‌ରେ ସୋର ସ୍ଥିତ ସେଣ୍ଟ୍ ଜାଭିୟର ହାଇସ୍କୁଲ ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତିଙ୍କୁ ବିବେକାନନ୍ଦ ନ୍ୟାସ୍‌ନାଲ୍ ଆୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଭାରତବର୍ଷର ବିଭିନ୍ନ ରାଜ୍ୟରୁ ପ୍ରାୟ ୨୦୦ ପ୍ରତିନିଧି ଯୋଗଦାନ କରିଥିଲେ। ସିବିଏସ୍‌ସି ବୋର୍ଡର ଡାଇରେକ୍ଟର ଯୋଗଦାନ କରି ଶିକ୍ଷାକେନ୍ଦ୍ରରେ କିପରି ଛାତ୍ରଛାତ୍ରୀ ସ୍ୱାବଲମ୍ବୀ ହୋଇପାରିବେ ତା' ଭିତରେ ଶିକ୍ଷାରେ କିପରି ଛାତ୍ରଛାତ୍ରୀ ସଫଳତା ପାଇପାରିବେ ତା' ଉପରେ ଆଲୋଚନା କରାଯାଇଥିଲା। ଏଥିରେ ବିଭିନ୍ନ ରାଜ୍ୟରୁ ଶିକ୍ଷା କେନ୍ଦ୍ରରୁ ପ୍ରତିଷ୍ଠା ଲାଭ କରିଥିବା ବିଭିନ୍ନ ବିଦ୍ୟାଳୟର ନିର୍ଦ୍ଦେଶକ ଅଧକ୍ଷମାନଙ୍କୁ ଜାତୀୟସ୍ତରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ମହାନ୍ତି ଶିକ୍ଷା କେନ୍ଦ୍ରରେ ଦୀର୍ଘ ପଞ୍ଚ ଦଶନ୍ଧି ଧରି ତାଙ୍କର ଅଧବସାୟ ଜାରି ରଖିଛନ୍ତି। ତାଙ୍କର ଏହି




ସଫଳତା ପାଇଁ ବିଦ୍ୟାଳୟ ତଥା ସୋରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଠାରୁ ଶୁଭେଚ୍ଛାର ସୁଅ ଛୁଟି ଚାଲିଛି।

## ଶ୍ରୀ ଶ୍ରୀ ଠାକୁର ବଡ଼ମା'ଙ୍କ ଜନ୍ମ ଦିବସ

**ମୂଷାଟିକିରି,୩୧।୭/ଏନ୍‌ଏନ୍‌ଏସ୍:** ପ୍ରାଚୀ ବୌଦ୍ଧ ପୀଠ, ଉଦୟଗିରି ପାଦଦେଶରେ ପ୍ରଭାବିତ ସାନଗେଙ୍ଗୁଟି ନଦୀ ଉପତ୍ୟକାରେ ଅବସ୍ଥିତ ରତ୍ନଗିରି-ଉଦୟଗିରି ସତସଙ୍ଗ ବିହାର ତାଲୁଆଠାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଦେବଙ୍କ ବଡ଼ମା ୧୩୧ ତମ ଜନ୍ମ ଦିବସ ନିରାଡ଼ମ୍ବର ଭାବରେ ପାଳିତ ହୋଇଯାଇଛି। ସତ୍‌ସଙ୍ଗ ପାଠଚକ୍ର ମଧ୍ୟରେ ମୁଖ୍ୟାତିଥି ସହ ପ୍ରତି ରିତିକ ଉମାକାନ୍ତ ବିଶ୍ୱାଳ ଓ ମୁଖ୍ୟବକ୍ତା ରବୀନ୍ଦ୍ର ମିଶ୍ର ଯୋଗଦେଇ ବଡ଼ମା'ଙ୍କ ବାଣୀ ସମାଜ ଗଠନ ପାଇଁ କେତେ ଉପଯୋଗୀ ତାର ସୁବିସ୍ତୃତ ଆଲୋଚନା କରିଥିଲେ। ସ୍ୱାଗତ ସୂଚନା ସତସଙ୍ଗ ବିହାର ସେବକ ପ୍ରଭାତ କୁମାର ମହାପାତ୍ର ପ୍ରଦାନ କରି ବଡ଼ମା'ଙ୍କ ଆତ୍ମଜୀବନୀ ସମ୍ବନ୍ଧରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମଳାକାନ୍ତ ରାୟ, ପ୍ରଭାକର ଜେନା, ବିପିନ ସାହୁ,ଜୀବନାନନ୍ଦ ମହାପାତ୍ର, ଅଶୋକ ଜେନା, ପ୍ରଭାକର ସାହୁ, ଯଶୋବନ୍ତ ଲେଙ୍କା, ବ୍ରଜ କିଶୋର ନାୟକ, ଗୋବିନ୍ଦ ଚନ୍ଦ୍ର ସାମଲ, ଜଳଧର ପ୍ରଧାନ, ତ୍ରିଲୋଚନ ଜେନା, ପ୍ରଶାନ୍ତ ମହାପାତ୍ର, ରାଜେନ୍ଦ୍ର ଜେନା, ଶିତିକଣ୍ଠ ଶତପଥି, ପ୍ରଶାନ୍ତ ମହାପାତ୍ର, ନରେନ୍ଦ୍ର ମହାରଣା, ବିକାଶ ମହାପାତ୍ର ଓ କାର୍ଯ୍ୟକ୍ରମର ଅନ୍ନଦାତା ଉଦ୍ୟୋକ୍ତା ତୁଷାର ରଞ୍ଜନ ଜେନା ପ୍ରମୁଖ ଜନ୍ମ ଉତ୍ସବ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସହଯୋଗ କରିଥିଲେ।

**ଆଠମଲ୍ଲିକ:** ସ୍ଥାନୀୟ ସତସଙ୍ଗ ବିହାର ପରିସରରେ ପରମ ଆରାଧ୍ୟା ଜଗଜ୍ଜନନୀ ଶ୍ରୀ ଶ୍ରୀ ବଡ଼ମା'ଙ୍କର ଶୁଭ ୧୩୧ ତମ ଆବିର୍ଭାବ ଦିବସ ପାଳିତ ହୋଇଯାଇଛି। ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆଶ୍ରମ ପରିସରରେ ଅନୁଷ୍ଠିତ ଏହି ଜନ୍ମ ଉତ୍ସବରେ ଗୁରୁ ଭାଇ ରାଜକିଶୋର ନାଏକ, ନାରାୟଣ ଭୁକ୍ତା, ରିତିକ କୁମୁଦ ଚନ୍ଦ୍ର ପ୍ରଧାନ ପ୍ରମୁଖ ବଡ଼ମା'ଙ୍କର ଜନ୍ମ ବୃତ୍ତାନ୍ତ ଓ ଜୀବନୀ ଉପରେ ଆଲୋକପାତ କରିଥିଲେ। ଗୁରୁ ଭ୍ରାତା, ମାତା ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଗୁରୁ ଭାଇ କେଶବ ସାହୁ, ଦିଲ୍ଲୀପ କୁମାର ପାତ୍ର, ଅର୍ଜୁନ କୁମାର ରାଉଳ, ପ୍ରଦୀପ କୁମାର ସାହୁ, ବାଞ୍ଛାନିଧି ପ୍ରଧାନ, ସୁମନ୍ତ ପ୍ରଧାନ, ହରିବନ୍ଧୁ ପୁରୋହିତ, ଅରୁଣ କ୍ଷେତି, ଅବଧୂତ କ୍ଷେତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଭେଟିଲେ ସାଂସଦ ଅନନ୍ତ ନାୟକ

**କେନ୍ଦୁଝର,୩୧।୭/ଏନ୍‌ଏନ୍‌ଏସ୍:** କେନ୍ଦୁଝର ସାଂସଦ ଅନନ୍ତ ନାୟକ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଶ୍ରୀ ନାୟକ କେନ୍ଦୁଝର ଜିଲ୍ଲା

**କେନ୍ଦୁଝରକୁ ଉଡ଼ାନ ଯୋଜନାରେ ସାମିଲ୍ କରିବାକୁ କଲେ ଅନୁରୋଧ**

ମୁଖ୍ୟାଳୟକୁ ଉଡ଼ାନ ଯୋଜନାରେ ସାମିଲ କରିବାକୁ ଅନୁରୋଧ କରିଛନ୍ତି। ଶ୍ରୀ ନାୟକ ଆଲୋଚନା ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ନାଇଡୁଙ୍କୁ ଏ



ବାବଦରେ ବିଧିବଦ୍ଧ ଭାବେ ଏକ ପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁଙ୍କ ସହ ସାକ୍ଷାତ ଆଲୋଚନା ବେଳେ ଶ୍ରୀ ନାୟକ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲା ଏକ ଖଣିଜ ସମ୍ପଦରେ ଭରପୁର ଜିଲ୍ଲା ଓ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କୁ କେନ୍ଦୁଝର ଖୁବ୍ ଅଧିକ ରାଜସ୍ୱ ଯୋଗାଇଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବରୁ ହିଁ ଭାରତକୁ ବିକଶିତ କରିବାକୁ ପୂର୍ବୋଦୟର ସ୍ଲୋଗାନ ଦେଇଛନ୍ତି। ତେଣୁ ପୂର୍ବୋଦୟ ପାଇଁ କେନ୍ଦୁଝରର ବିକାଶ ମଧ୍ୟ ଜରୁରୀ। ମନ୍ତ୍ରୀ କେ. ରାମମୋହନ ନାଇଡୁଙ୍କୁ ଦେଇଥିବା ପତ୍ରରେ ଶ୍ରୀ ନାୟକ ଦର୍ଶାଇଛନ୍ତି ଯେ କେନ୍ଦୁଝରରେ ବିମାନ ଯୋଗାଯୋଗ ବ୍ୟବସ୍ଥା ନଥିବା କାରଣରୁ ଏଠାରେ ବିପୁଳ ମାତ୍ରାରେ ଖଣିଜ ସମ୍ପଦ ଥିବା ସତ୍ତ୍ୱେ ପୁଞ୍ଜି ବିନିଯୋଗକାରୀମାନେ କେନ୍ଦୁଝରରେ ଶିଳ୍ପ ସ୍ଥାପନା କରିବାରେ ଅଧିକ ଆଗ୍ରହ ପ୍ରକାଶ କରୁନାହାନ୍ତି। କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟ ନିକଟରେ ସଦର ବ୍ଲକର ରାଇସୁଆଁଡ଼ଠାରେ ଏୟାରଷ୍ଟ୍ରିପ୍ ରହିଛି। ଏହି ଏୟାର୍‌ଷ୍ଟ୍ରିପ୍‌କୁ ବ୍ୟବହାର କରି ଉଡ଼ାନ ଯୋଜନାରେ ଛୋଟ ବିମାନ ଚଳାଚଳ କରାଯିବାର ବ୍ୟବସ୍ଥା କରାଯାଇପାରେ ବୋଲି ସେ ଏହି ପତ୍ରରେ କହିଛନ୍ତି। ଖୁବ୍ ଶୀଘ୍ର କେନ୍ଦୁଝରରେ ଉଡ଼ାନ ଯୋଜନା କାର୍ଯ୍ୟକାରୀ କଲେ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଜିଲ୍ଲାକୁ ଲାଭ ହେବ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବ ଭାରତର ବିକାଶର ସ୍ୱପ୍ନ ପୂର୍ବୋଦୟ ସାକାର ହେବ ବୋଲି ଶ୍ରୀ ନାୟକ ଏହି ପତ୍ରରେ ଦର୍ଶାଇଛନ୍ତି।

ନିତିଦିନ NITIDIN

DISPLAY CLASSIFIED

Every Day All Odisha Publications

For Booking
BHUBANESWAR : 9668817285
CUTTACK : 9937069825
advt@nitidin.com | advtnitidin@gmail.com

NURSING ADMISSION
GNM
Eligibility: +2Arts, Sc., Com.
Both Male & Female, Dur: 3yrs.
ANM
Eligbility: +2Pass-Only Female, Dur: 2yrs
MOTHER'S NURSING SCHOOL
120-Kalinga Nagar, K-1, Ghatikia, BBSR-3.
Permitted by: H&FW Dept., Govt of Odisha
Affiliated by: Indian Nursing Council, Delhi, Odisha Nursing Council, BBSR.
Contact: 9438004888
9861497933

Assured Success Technique
ADMISSION OPEN
B.ED / B.PED / M.ED
Academic Session: 2020-22
Under Acharya Nagrajun University, Guntur, A.P.
Equivalent to all Universities, Odisha.
SMECT
Satya Vihar, Bhubaneswar
Contact : 9040042064
9040042062, 8594948196

NARAYANI SCHOOL OF NURSING
GANDHI CHHAK JAGATSINGHPUR
Few seats Available
GNM
ELIGIBILTY 40% (35% FOR SC/ST)
IN +2 ANY STREAM
SCHOLARSHIP AVAILABLE FOR SC/ST STUDENTS.
CONTACT:-
7008545532
9040707835
9778435741

Shree Education Academy
M.Rampur, Kalahandi
REQUIRES
Interview on 28.7.24 - 1.8.24
College: Eng, Chem, Phy, Bot, Zoo, IT, Hindi
Qualification: Msc/Trained
School: Eng, Math, IT, S.St, IT, Music
Qlf: Msc/B.Sc/B.A/Trained
Office: Peon, Electrician, Gardener
Email:shreeacademy@live.com
Mob.7008683059,7894090391

ଅଗରବତି କମ୍ପାନୀ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ୍ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ
ପ୍ରତ୍ୟେକ ମେସିନ୍ ସହ
Raw Material Free
7682938106
8018493464

ସୂଚନା
ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଖବର କାଗଜରେ ପ୍ରକାଶିତ ବିଜ୍ଞାପନଗୁଡ଼ିକ ଦାବି ସଂପୃକ୍ତ ବିଜ୍ଞାପନ ଦାତାଙ୍କର ନିଜସ୍ୱ ଅଟେ। ଏଥିପାଇଁ ଖବରକାଗଜ ପକ୍ଷରୁ କୌଣସି ଅନୁସନ୍ଧାନ କରାଯାଇନଥାଏ କିମ୍ବା ଏଥିପାଇଁ ଖବରକାଗଜ କିମ୍ବା କୌଣସି କର୍ମକର୍ତ୍ତା ଉତ୍ତରଦାୟୀ ନୁହଁନ୍ତି। ପାଠକମାନେ ବିଜ୍ଞାପନଦାତାଙ୍କୁ କୌଣସି ଅର୍ଥରାଶି ପଇଠ କରିବା ପୂର୍ବରୁ ସଂପୃକ୍ତ ସଂସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ନିଜେ ସଂଗ୍ରହ କରିବା ଆବଶ୍ୟକ।

# ଜିଲ୍ଲାପରିଷଦ ପ୍ରଥମ ଷ୍ଟାଣ୍ଡିଂ କମିଟି ବୈଠକ

**ଖୋର୍ଦ୍ଧା,୩୧୭/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲାପରିଷଦ ପ୍ରଥମ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲ୍ଲାପରିଷଦ ଅଧ୍ୟକ୍ଷା ତଥା କମିଟିର ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠି, ସାଂସଦ ଓ ବିଧାୟକ ଅନୁଦାନ ପାଣ୍ଠିରେ ଅନୁମୋଦିତ ପ୍ରକଳ୍ପ, ଜିଲ୍ଲାର ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ଏଥିସହିତ ଜିଲ୍ଲା ଯୋଜନା ଓ ସମନ୍ୱୟ ବିଭାଗ, ଜିଲ୍ଲା ମତ୍ସ୍ୟ, ଜିଲ୍ଲା କଲ୍ୟାଣ ବିଭାଗ, ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ଜିଲ୍ଲା ସମାଜିକ ସୁରକ୍ଷା ବିଭାଗ, ଲିଡ୍ ବ୍ୟାଙ୍କ୍ ମ୍ୟାନେଜର୍ (ଏଲ୍ଡିଏମ୍)ପ୍ରଭୃତି ଅଧିନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା । ଆଲୋଚନା ମୁତାବକ ଜିଲ୍ଲାର ସମସ୍ତ ବ୍ଲକ ପାଇଁ ୧୩୧କୋଟି ୨୦ଲକ୍ଷ ୬୯ହଜାର ଟଙ୍କାର ଅନୁଦାନ ରାଶି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଦିଆଯାଇଛି । ମୋଟ ୨୭୧୯ ପ୍ରକଳ୍ପ ମଧ୍ୟରୁ ୨୫୨୯ଟି ପ୍ରକଳ୍ପ ଅନୁମୋଦିତ ହୋଇ ବିଭିନ୍ନ ବ୍ଲକକୁ ଦିଆହୋଇଛି । ଏଥିନିମନ୍ତେ ୧୩୧କୋଟି ୨୦ଲକ୍ଷ ୬୯ହଜାର ଟଙ୍କା ଅନୁଦାନ ଦିଆଯାଇଛି । ସେହିପରି ମତ୍ସ୍ୟ ବିଭାଗ ଅଧିକାରୀ ପୋଖରୀ ଖନନ ନିମନ୍ତେ ଦିଆଯାଉଥିବା ପ୍ରୋତ୍ସାହନ ରାଶି ଅନୁସୂଚିତ ଜାତି/ଜନଜାତି ୫୦%, ସାଧାରଣବର୍ଗଙ୍କ ପାଇଁ ୪୦% ରହିଛି ବୋଲି କହିଥିଲେ । ଜିଲ୍ଲାରେ ବିଭିନ୍ନ ଭତା ସମ୍ପର୍କରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୈଠକରେ ସୂଚନା ଦେଇଥିଲେ । ଏହି ବୈଠକରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣା, କମିଟି ସଦସ୍ୟ ସଭ୍ୟ ପ୍ରଫୁଲ କୁମାର ଦଳେଇ, ସଭ୍ୟା କୈଶରା ବେଗମ, ବିଜୟ ଜେନା, ପବିତ୍ର ପଟେଲ, କବିତା ରାଉତଙ୍କ ସମେତ ବିଭିନ୍ନ ବିଭାଗ ର ଅଧିକାରୀମାନେ ଉପସ୍ଥିତ ରହିଥିଲେ ।



## ବେଆଇନ୍ ପ୍ଲଟିଂ ଓ ନିର୍ମାଣସ୍ଥଳୀରେ ବୁଲିଲା ବୁଲ୍ଡୋଜର୍

**ପୁରୀ,୩୧୭/ଏନ୍ଏନ୍ଏସ୍:** ପୁରୀ ବେଳାଭୂମିରେ ବେଆଇନ୍ ପ୍ଲଟିଂ ଓ ନିର୍ମାଣସ୍ଥଳୀରେ ବୁଲିଲା ବୁଲ୍ଡୋଜର୍ । ଜିଲ୍ଲା ପ୍ରଶାସନ, ବ୍ରହ୍ମଗିରି ତହସିଲଦାର ଓ ବଳିଆ ପଣ୍ଡା ଥାନା ଉପସ୍ଥିତିରେ ବେଆଇନ୍ ପ୍ଲଟିଂ ଓ ନିର୍ମାଣ ଉପରେ ବୁଲଡୋଜର୍ ବୁଲିଛି । ଗତ କିଛିଦିନ ପୂର୍ବରୁ ଷ୍ଟର୍ଲିନ୍ ଛକ ନିକଟରେ ଥିବା ବେଳାଭୂମିରେ ଜମି ମାଫିଆମାନେ ବେଆଇନ୍ ପ୍ଲଟିଂ କରି ବିକ୍ରିକରିବା ପାଇଁ ମସୁଧା ଚଳାଇଥିଲେ । ଏଥିସହ ଜଣେ ବ୍ୟକ୍ତି ମଧ୍ୟ ବେଳାଭୂମିରେ ନିର୍ମାଣ କାର୍ଯ୍ୟ ଚଳାଇଥିଲେ । ତେବେ ଏନେଇ ଖବର ପ୍ରକାଶ କରିବା ପରେ ଆକ୍ସନ ମୋଡ଼କୁ ଆସିଥିଲା ପ୍ରଶାସନ । ବେଳାଭୂମିରେ ବେଆଇନ୍ ଭାବେ ଚାଲିଥିବା ନିର୍ମାଣାଧୀନ କାର୍ଯ୍ୟକୁ ତୁରନ୍ତ ବନ୍ଦକରିବା ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପିକେଡିଏ ପକ୍ଷରୁ ପ୍ରଥମେ ନୋଟିସ୍ ଲଗାଯାଇଥିଲା । ପରେ ବ୍ରହ୍ମଗିରି ତହସିଲଦାର ଓ ସ୍ଥାନୀୟ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଗୋଟିଏ ବୁଲ୍ଡୋଜର୍ ସହାୟତାରେ ବେଆଇନ୍ ନିର୍ମାଣକୁ ଭଙ୍ଗା ଯାଇଥିଲା । ସୂଚନାଥାଉ ଯେ ବେଳାଭୂମିରେ ବେଆଇନ୍ ଭାବେ ଚାଲିଥିବା ନିର୍ମାଣାଧୀନ କାର୍ଯ୍ୟକୁ ତୁରନ୍ତ ବନ୍ଦକରିବା ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପିକେଡିଏ ପକ୍ଷରୁ ପ୍ରଥମେ ନୋଟିସ୍ କରାଯାଇଥିଲା । ସମୁଦ୍ର ବେଳାଭୂମିରେ ସ୍ଥାୟୀ ନିର୍ମାଣ ସମ୍ପୂର୍ଣ୍ଣ ବେଆଇନ୍ ହୋଇଥିବାବେଳେ ସିଆର୍ଜେଡ୍ କର୍ତ୍ତୃପକ୍ଷଙ୍କୁ ଏ ନେଇ ଅବଗତ କରାଯିବା ପରେ ସିଆର୍ଜେଡ୍ ଅନୁମତି ପ୍ରତ୍ୟାହାର ହୋଇଥିବାରୁ ଏହି ବେଆଇନ୍ ନିର୍ମାଣକୁ ଉଚ୍ଛେଦ କରାଯାଇଛି ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଥିଲେ । ଆଗାମୀ ଦିନରେ ବେଳାଭୂମିରେ ଯେଉଁଳି ବେଆଇନ୍ ନିର୍ମାଣ ନହେବ ସେନେଇ କଡ଼ା ନଜର ରଖାଯାଇଛି ବୋଲି କହିଥିଲେ ଜିଲ୍ଲାପାଳ । ସେପଟେ ଏହି ବେଆଇନ୍ ନିର୍ମାଣ କାର୍ଯ୍ୟ ଉଚ୍ଛେଦକୁ ବୁଦ୍ଧିଜୀବୀ ସ୍ୱାଗତ କରିଥିବାବେଳେ ଏହା ପଛରେ ଥିବା ପ୍ରଶାସନିକ ଅଧିକାରୀ ଓ ମାଫିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ।

## ବସ୍ତିବାସିନ୍ଦାଙ୍କୁ ଭୂମି ପ୍ରମାଣପତ୍ର ଦାବିରେ ବିକ୍ଷୋଭ




**କଟକ,୩୧୭/ଏନ୍ଏନ୍ଏସ୍:** ବସ୍ତିବାସିନ୍ଦାଙ୍କୁ ଭୂମି ପ୍ରମାଣପତ୍ର ଦାବିରେ ସିଏମ୍ସି ଅଫିସ୍ ସମ୍ମୁଖରେ ବସ୍ତିବାସିନ୍ଦାଙ୍କ ଏକତା ମଞ୍ଚ ପକ୍ଷରୁ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଚୌଧୁରୀବଜାରସ୍ଥିତ ମାରୁତିମଣ୍ଡପଠାରୁ ଏକ ଶୋଭାଯାତ୍ରା ବାହାରି ସିଏମ୍ସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆୟୋଜିତ ପ୍ରତିବାଦ ସଭାରେ ଏକତା ମଞ୍ଚର ସଭାପତି ଶେଖ ଅବଦୁଲା ମହାନଗର ନିଗମ କର୍ମଚାରୀ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ବେପରୁଆ କାର୍ଯ୍ୟ ଯୋଗୁ ଏହି ଯୋଜନା କଟକରେ ସଠିକ୍ ଭାବେ କାର୍ଯ୍ୟକାରୀ ହୋପାଇରୁନାହିଁ ବୋଲି କହିବା ସହ ଏହାର ତୁରନ୍ତ ସମାଧାନ କରିବା ଲାଗି ମେୟର୍ ଓ କମିଶନର୍ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ହେମେନ୍ଦ୍ର ସାମଲ, ବାସନ୍ତୀ ବିଶ୍ୱାଳ, ମୁନା ଖାଁ, ପ୍ରମୋଦ ସାହୁ, ସବିତା ନାୟକ, ମାନିନୀ ନାୟକ, କୁରବାନ ଅଲ୍ଲୀ, ଉମା ନାୟକ, ପଦ୍ମା ରାଓ ଏବଂ ଖୁର୍ସିଦା ବେଗମ୍ ପ୍ରମୁଖ ସାମିଲ ଥିଲେ ।

## ଉତ୍କଳ ଗୌରବ ମଧୁସୂଦନ ଇ-ପାଠାଗାର ଉଦ୍‌ଘାଟିତ



**କଟକ,୩୧୭/ଏନ୍ଏନ୍ଏସ୍:** ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଇ-ପାଠାଗାର ଉଦ୍‌ଘାଟିତ ହୋଇଯାଇଛି । ଆମ ଓଡ଼ିଶା ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ । ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ଜଷ୍ଟିସ୍ ଅରୁନ ପରିଛା ମୁଖ୍ୟ ଅତିଥି, କିସ୍ ବିଶ୍ୱବିଦ୍ୟାଳୟ ଗୋପବନ୍ଧୁ ଚେୟାର୍ର ପ୍ରଫେସର୍ ଡ. ବିଜୟାନନ୍ଦ ସିଂହ ସମ୍ମାନିତ ଅତିଥି, ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର୍ ଉର୍ମିଶ୍ରୀ ବେଦମା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ । ଇ-ପାଠାଗାର ଦ୍ୱାରା ଓଡ଼ିଆ ଭାଷାର ପ୍ରଚାର ପ୍ରସାର ହେବା ସହିତ ଅନୁଷ୍ଠାନରେ ଥିବା ଅମୂଲ୍ୟ ସମ୍ପଦକୁ ଉତ୍ତରପିଢ଼ି ପାଇଁ ସୁରକ୍ଷିତ କରି ରଖିହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଉତ୍କଳ ଗୌରବ ମଧୁସୂଦନ ଇ-ପାଠାଗାରକୁ ବିଶିଷ୍ଟ ସମାଜସେବୀ ଭାବଗ୍ରାହୀ ସିଂହ ଓ ଲେଖିକା ଶ୍ରଦ୍ଧାମଣି ଜେନାଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଛି । ଉଦ୍‌ଘାଟନୀ ଉତ୍ସବରେ ସାହିତ୍ୟ ସମାଜ ପକ୍ଷରୁ ରମେଶ ଚନ୍ଦ୍ର ସିଂହ ଓ ଜେନା ଆଦିତ୍ୟ ପ୍ରତାପ ବାଘସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଗଠନ ସମ୍ପାଦକ ଡ. ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିବାବେଳେ ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

### ତ୍ରିଶୂଳିଆ ବ୍ରିଜ୍ ଉପରେ ଥିବା ସ୍କୁଟି ଆରୋହୀଙ୍କ ପରିଚୟ ମିଳିଲା

## ପୁଲିସର ତଦନ୍ତ ଓ ଅଗ୍ନିଶମ ବାହିନୀର ଖୋଜାଖୋଜି ଜାରି



**କଟକ,୩୧୭/ଏନ୍ଏନ୍ଏସ୍:** ତ୍ରିଶୂଳିଆ ସୁବାଷ ସେତୁ ଉପରେ ଥୁଆ ହୋଇଥିବା ଏକ ସ୍କୁଟିକୁ ନେଇ ସହରରେ ଚର୍ଚ୍ଚା ଜୋର୍ ଧରିଛି । ଗାଡି ନମ୍ବର୍ ପ୍ଲେଟ୍ରୁ ଆରୋହୀଙ୍କ ପରିଚୟ ଜଣାପଡ଼ିଥିଲା ବେଳେ ତାଙ୍କର ଖୋଜ ଖବର ଏଯାଏଁ ମିଳିନି । ସ୍କୁଟିଟି କଟକ ନୂଆବଜାର ଅଞ୍ଚଳର ମମତା ସାହୁଙ୍କର ବୋଲି ଜଣାପଡ଼ିଛି । ତେବେ ମମତାଙ୍କ ସନ୍ଧାନ ମିଳିପାରିନାହିଁ । ବ୍ରିଜ୍ ଉପରେ ସ୍କୁଟି ଓ ଚପଲକୁ ରଖିଦେଇ ସେ ନଦୀକୁ ଡେଉଁ ପଡିଛନ୍ତି ନା କେଉଁଆଡ଼େ ଚାଲିଯାଇଛନ୍ତି ତାହାକୁ ନେଇ କିଛି ସୂଚନା ମିଳିପାରିନାହିଁ । ମମତା ସାହୁ କଟକର ନୂଆବଜାର ଅଞ୍ଚଳରେ ସ୍ୱାମୀ ଓ ପରିବାର ସହ ରହି ଏକ ଘରୋଇ ସ୍କୁଲରେ ଶିକ୍ଷକତା କରୁଥିଲେ । ଗତକାଲି ମମତାଙ୍କର ବାପାଙ୍କ ଶ୍ରାଦ୍ଧ ଥିବାରୁ ସ୍ୱାମୀଙ୍କ ସହ ସେ ସେଠାକୁ ଯାଇଥିଲେ । ରାତି ପ୍ରାୟ ୯ଟାବେଳେ ଉଭୟ ଘରକୁ ଫେରିଥିଲେ । ଆଜି ଭୋର୍ ପ୍ରାୟ ୩ଟାବେଳେ ସେ ଘରୁ ସ୍କୁଟି ଧରି ବାହାରିଥିଲେ । ସାଙ୍ଗରେ ମୋବାଇଲ ଫୋନ ନେଇନଥିଲେ । ଆଜି ସକାଳେ ବ୍ରିଜ୍ ଉପରେ ଏକ ସ୍କୁଟି ଥିବାର ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଗାଡିରେ ଚାବି ଲାଗିଥିବାବେଳେ ପାଖରେ ତାଙ୍କର ଚପଲ ମଧ୍ୟ ପଡ଼ିଥିଲା । ପୁଲିସ୍ ତଦନ୍ତ ଆରମ୍ଭ କରି ଗାଡ଼ିଟି ମମତାଙ୍କର ବୋଲି ଜାଣିବାକୁ ପାଇଥିଲା । ଏହାପରେ ଖବର ପାଇ ମମତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଚିହ୍ନଟ କରିଥିଲେ । ମାତ୍ର ଗାଡି ରଖି ମମତା କେଉଁଆଡ଼େ ଗଲେ ଓ ଏହା ପଛର କାରଣ କ'ଣ ସେନେଇ ସେମାନେ କିଛି କହିପାରୁନାହାନ୍ତି । ଅନ୍ୟପକ୍ଷରେ ଭଉଣୀ ଗତକାଲି ଘରକୁ ଆସିଥିଲା । ରାତି ୯ଟାରେ ଫେରିଥିଲା । କୌଣସି ସମସ୍ୟା ଥିବା ନେଇ ସେ ଆମକୁ ଜଣାଇନାହିଁ ବୋଲି ମମତାଙ୍କ ଭାଇ କହିଛନ୍ତି । ଅପରପକ୍ଷରେ ଅଗ୍ନିଶମ ବିଭାଗ ପକ୍ଷରୁ ନଦୀ ମଧ୍ୟରେ ଖୋଜାଖୋଜି ଚାଲିଥିବା ଜଣାପଡ଼ିଛି ।

## ଦୁଇଦିନରେ ୩୩୪ ଚାଲାଣ, ୧୩୮ ଗାଡ଼ି ଜବତ

**ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ**

**କଟକ,୩୧୭/ଏନ୍ଏନ୍ଏସ୍:** ନାବାଳକ ଗାଡ଼ି ଚାଳକଙ୍କ ବିରୋଧରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଦୁଇଦିନିଆ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ପରିପ୍ରେକ୍ଷୀରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ଓ ବାଲେଶ୍ୱର ସମେତ ରାଜ୍ୟର ସମସ୍ତ ଜିଲ୍ଲାର ୩୮ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଧିନରେ ଯାଞ୍ଚ ହୋଇଥିଲା । ଏହି ଅବସରରେ ୮୩ ଲକ୍ଷ ୫୦ ହଜାର ଟଙ୍କାର ୩୩୪ ଚାଲାଣ କଟାଯାଇଥିଲା ବେଳେ ୧୩୮ ଗାଡି ଜବତ କରାଯାଇଥିଲା । ଏହି ଦୁଇଦିନରେ କଟକରେ ୨୭, ଭୁବନେଶ୍ୱରରେ ୨୩, ରାଉରକେଲାରେ ୧୭, କଳାହାଣ୍ଡି ୨୨, କୋରାପୁଟ ୧୪, ଗଞ୍ଜାମ ୧୪, ରାୟଗଡ଼ା, ନୟାଗଡ଼, ଅନୁଗୁଳ ଓ ଭୁବନେଶ୍ୱର-୨ରେ ୧୩ଟି ଲେଖାଏ ଚାଲାଣ କଟାଯାଇଥିଲା । ସେହିପରି ରାଉରକେଲାରେ ସର୍ବାଧିକ ୧୭ ଗାଡ଼ି ଜବତ କରାଯାଇଥିବା ବେଳେ ରାୟଗଡ଼ାରେ ୧୩ ଓ ବଲାଙ୍ଗୀରରେ ୧୨, ଚଣ୍ଡିଖୋଲ, ଅନୁଗୁଳ ଓ କଳାହାଣ୍ଡିରେ ୯ ଲେଖାଏ, ସୋନପୁର ଓ ବାଲେଶ୍ୱରରେ ୮ ଲେଖାଏ, ମୟୁରଭଞ୍ଜ ଓ ତାଳଚେରରେ ୬ ଲେଖାଏ, ନୂଆପଡ଼ାରେ ୫, କୋରାପୁଟ, ଫୁଲବାଣୀ, ଭୁବନେଶ୍ୱର-୧, ସୁନ୍ଦରଗଡ଼ରେ ୪ ଲେଖାଏ, ଭଦ୍ରକ ଓ ଖୋର୍ଦ୍ଧାରେ ୩ ଲେଖାଏ, ରାଇରଙ୍ଗପୁର, ଗଞ୍ଜାମ, ନୟାଗଡ଼ ଓ ଢେଙ୍କାନାଳରେ ୨ ଲେଖାଏ, ନବରଙ୍ଗପୁର, ବୌଦ୍ଧ, କଟକ ଓ ବଡ଼ବିଲରେ ଗୋଟିଏ ଲେଖାଏ ଗାଡ଼ି ଜବତ ହୋଇଛି । ଅପରପକ୍ଷେ ସୁନ୍ଦରଗଡ଼ରେ ଏକ ବସ୍ ଉପରେ ୧ ଲକ୍ଷ ୨୨ ହଜାର ଟଙ୍କାର ଜୋରିମାନା କରାଯାଇଛି ବୋଲି ଅତିରିକ୍ତ ପରିବହନ କମିଶନର ଲାଲମୋହନ ସେଠୀ ସୂଚନା ଦେଇଛନ୍ତି ।

## ଡେଙ୍ଗୁ ମୁକାବିଲା ସିଏମ୍ସି ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂକମିଟି ବୈଠକ



**କଟକ,୩୧୭/ଏନ୍ଏନ୍ଏସ୍:** କଟକ ମହାନଗର ନିଗମରେ ଡେଙ୍ଗୁ ମୁକାବିଲା ପାଇଁ ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂକମିଟିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଦିପ୍ତୀମୟୀ ମୂଳିଆଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ମେୟର୍ ସୁବାସ ସିଂ, କମିଶନର ବିଜୟ କୁମାର ଦାସ, ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ରଙ୍କ ସମେତ ସବୁ ଅଫିସର୍, ପଦାଧିକାରୀ, ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂକମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ସଂପ୍ରତି ଡେଙ୍ଗୁର ଭୟାବହ ପରିସ୍ଥିତିକୁ ଦେଖି କଟକ ମହାନଗର ନିଗମ ଯେଉଁସବୁ କାର୍ଯ୍ୟକ୍ରମ କରୁଛି ତାହା କିଭଳି ବ୍ୟାପକ ହୋଇପାରିବ ସେ ଦିଗରେ ବୈଠକରେ ଆଲୋଚନା କରାଯାଇଥିଲା । ବିଶେଷକରି ଠିକା ସଂସ୍ଥା ଦ୍ୱାରା ବୁସ୍କଟିଂ, ଡ୍ରେନ୍ ସମେତ ଘରଗୁଡ଼ିକରେ ମଶା ତେଲ ପକାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ପ୍ରତି ୱାର୍ଡରେ ସଚେତନତା ରାଲି କରିବା ପାଇଁ ଅଧ୍ୟକ୍ଷା ମୂଳିଆ କହିଥିଲେ । ଯେଉଁ ଅଞ୍ଚଳରେ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି ତୁରନ୍ତ ସେଠାରେ ପହଞ୍ଚି ଏହାର ଉତ୍ପତ୍ତି ନଷ୍ଟକରିବା ସହିତ ସବୁ ଅଧିକାରୀମାନେ ସଜାଗ ରହିବାକୁ ଶ୍ରୀମତୀ ମୂଳିଆ ନିର୍ଦ୍ଦେଶ ଦେଇଛନ୍ତି ।




ଅଲିମ୍ପିକ୍ସ ମେଡାଲ୍ ବିଜେତା ମନୁ ଭାକର ଓ ସରବଜୋତ ସିଂଙ୍କୁ ବାଲୁକାକଳାରେ ଶୁଭେଚ୍ଛା ଜଣାଇଲେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ

## ହଳଦିଆ କଲେଜ୍ ଅଧ୍ୟକ୍ଷ ପଦବୀକୁ ନେଇ ବିବାଦ ପ୍ରସଙ୍ଗ: ମୁହଁ ଖୋଲିଲେ ଭାରପ୍ରାପ୍ତ ଅଧ୍ୟକ୍ଷ

**ଖୋର୍ଦ୍ଧା,୩୧୭/ଏନ୍ଏନ୍ଏସ୍:** ଖୋର୍ଦ୍ଧା ବ୍ଲକ ଅଧିନସ୍ଥ ହଳଦିଆ କଲେଜର ଅଧ୍ୟକ୍ଷ ପଦବୀକୁ ନେଇ ଦୀର୍ଘଦିନ ଧରି ଲାଗିଥିବା ଚର୍ଚ୍ଚାରେ ଆଜି ମୁଁହ ଖୋଲିଛନ୍ତି ଭାରପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ଭଞ୍ଜଦେଓ । ଭାରପାପ୍ତ ଅଧ୍ୟକ୍ଷ ବିଜୟ କୁମାର ଭଞ୍ଜଦେଓ ନିଜ ଓକିଲ ସୁମନ୍ତ କୁମାର ସ୍ୱାଇଁ, ସଞ୍ଜୀବ କୁମାର ଭଞ୍ଜଦେଓ ଏବଂ କଲେଜ ସଭାପତି ରଞ୍ଜନ କୁମାର ଭଞ୍ଜଙ୍କ ସହିତ ଆସି ସମସ୍ତ କାଗଜପତ୍ର ଧରି ଜିଲ୍ଲାପାଳଙ୍କୁ ସାକ୍ଷାତ୍ ସହିତ ସମସ୍ତ ପ୍ରମାଣପତ୍ର ପ୍ରଦାନ କରି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ପରେ ଖୋର୍ଦ୍ଧା ଏସ୍ପି ଓ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧିକାରୀଙ୍କୁ ସମସ୍ତ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ଏହି ଘଟଣା ସମ୍ପର୍କରେ ନିଜ ଆଇନଜୀବୀଙ୍କୁ ଧରି ବିଜୟ କୁମାର ଭଞ୍ଜଦେଓ ଗଣମାଧ୍ୟମ ସମ୍ମୁଖରେ ସମସ୍ତ ଘଟଣା ପ୍ରକାଶ କରିଛନ୍ତି । ଏହି ଅବସରରେ କଲେଜ୍ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣାକୁ ଆଡେଇ ଯାଇଥିବା ବେଳେ ସେ ଯାହାସବୁ କରିଛନ୍ତି ତାହା ଆଇନ ଅନୁଯାୟୀ ବୋଲି କହିଛନ୍ତି । ତେବେ ଦୀର୍ଘ ୨୫ଦିନ ପରେ କଲେଜ ଘଟଣାକୁ ନେଇ ଜିଲ୍ଲାପାଳଙ୍କୁ ଭେଟିବା ଏବଂ ଗଣମାଧ୍ୟମରେ କଲେଜ୍ ଅଧ୍ୟକ୍ଷ ଶ୍ରୀ ପାତ୍ରଙ୍କ ନାମରେ ଅଭିଯୋଗ ଆଣିଛନ୍ତି । ପ୍ରକାଶ ଥାଉକି, ଗତ ଜୁଲାଇ ମାସ ୩ତାରିଖରେ କଲେଜ୍ ପ୍ରିନ୍ସିପାଲଙ୍କ ଚାମ୍ବର୍ ଭିତରେ ପଶି ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ଭଞ୍ଜ ଏବଂ ଅଧ୍ୟାପକ ବିଜୟ ଭଞ୍ଜଙ୍କ ସମେତ ଅନ୍ୟ ୪ଜଣ ସଙ୍ଗବଦ୍ଧ ଭାବେ ଆକ୍ରମଣ କରିଥିବାର ବେଳର ସିସିଟିଭି ଫୁଟେଜ ଭାଇରାଲ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା । ଆଜିର ଏହି ଘଟଣା ପରେ ଘଟଣା କ'ଣ ମୋଡ଼ ନେଉଛି ଦେଖିବାକୁ ବାକିରହିଲା ।

## ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଅଭିଯୋଗ

**ପୁରୀ,୩୧୭/ଏନ୍ଏନ୍ଏସ୍:** ପୁରୀ ଜେଲ୍‌ରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ନେଇ ଅଭିଯୋଗ ହୋଇଛି । ତେବେ ତାଙ୍କୁ ପିଟିପିଟି ମାରି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି । ମୃତ ଯୁବକ ପିପିଲି ହାଟ ଛକର ସେକ୍ ଅବଦୁଲ୍ ଅମିର । ଗତ ଶୁକ୍ରବାର ପୁରୀ ପୁଲିସ ତାଙ୍କୁ ପିପିଲି ପୁଲିସ ସହାୟତାରେ ବ୍ରାଉନ୍‌ସୁଗର୍ ବେପାର ଅଭିଯୋଗରେ ଗିରଫ କରିଥିଲା । ଗିରଫ ସମୟରେ ସେକ୍ ଅବଦୁଲ୍ ଅମିର ସମ୍ପୂର୍ଣ୍ଣ ସୁସ୍ଥ ଥିଲେ । ପୁଲିସ ତାଙ୍କୁ ବଳପୂର୍ବକ ଗିରଫ କରିବା ସହ ଘରୁ ସମସ୍ତ ଟଙ୍କା ନେଇଯାଇଥିବା ମଧ୍ୟ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା । ସେ ପୁରୀ-କୋଣାର୍କ ରୋଡ୍‌ସ୍ଥିତ ବାଙ୍ଗର ଜେଲ୍‌ରେ ଥିଲେ । ତେବେ ହଠାତ୍ ସେ ମୃତ୍ୟୁବରଣ କରିଥିବା ପରିବାର ଲୋକେ ଖବର ପାଇ ପୁରୀ ହସ୍ପିଟାଲ୍‌ରେ ପହଞ୍ଚିଥିଲେ । ତାଙ୍କ ହାତରେ ଦାଗ ଓ ପାଟିରୁ ରକ୍ତ ବାହାରୁଥିବାରୁ ତାଙ୍କୁ ପିଟିପିଟି ମାରିଦିଆଯାଇଥିବା ପରିବାର ଲୋକ ଅଭିଯୋଗ ଆଣିଛନ୍ତି । ଏଭଳିକି ପୁରୀ ଜେଲ୍‌ରୁ ସେକ୍ ଅବଦୁଲ୍ ଅମିର ସଦର ମୁଖ୍ୟ ଚିକିତ୍ସାଳୟ ଅଣାଯିବା ସମୟରେ କିମ୍ବା ତା' ପରେ ମଧ୍ୟ ପରିବାର ଲୋକଙ୍କୁ ଖବର ଦିଆଯାଇନଥିଲା । ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ପରିବାର ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ମୃତକଙ୍କ ଭଉଣୀ ଝୁମା ବେଗମ୍ ଓ ଭାଇ ସେକ୍ ଆଲ୍ଲାଉଦ୍ଦିନ ଦାବି କରିଛନ୍ତି ।



### 'ସରକାର କା ମାଲ୍ ଦରିଆ ମେ ଡାଲ୍' ଉକ୍ତିରେ ପୌର ପ୍ରଶାସନ

## ପରିତ୍ୟକ୍ତ ଅବସ୍ଥାରେ ସହରରେ ବହୁ ପାର୍କ



**ପୁରୀ, ୩୧୭/ଏନ୍ଏନ୍ଏସ୍:** ପୁରୀ ସହରର ସୌନ୍ଦର୍ଯ୍ୟକରଣ ପାଇଁ ପୌରପାଳିକାକୁ କୋଟି କୋଟି ଟଙ୍କାର ଅନୁଦାନ ରାଜ୍ୟ ସରକାର ଦେଉଛନ୍ତି । ହେଲେ ଦୁର୍ଭାଗ୍ୟର ବିଷୟ ସରକାର କା ମାଲ୍ ଦରିଆ ମେ ଡାଲ୍ ଉକ୍ତିରେ ଚାଲିଛି ପୌର ପ୍ରଶାସନ । ପୁରୀ ସହରର ବିକାଶ ସହ ସୌନ୍ଦର୍ଯ୍ୟକରଣ ପାଇଁ ତିଆରି ହୋଇଥିବା ପାର୍କ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । କେଉଁଠି ଖେଳ ଉପକରଣ ସହ ଚେୟାର୍ ଭାଙ୍ଗିଯାଇଛି ତ କେଉଁଠି ଅନାବନା ଗଛ ଉଠି ସରୀସୃପଙ୍କର ବାସସ୍ଥଳୀ ପାଲଟିଛି । ପୁରୀ ସହରର ବିଭିନ୍ନ ୱାର୍ଡରେ ନୂତନ ପାର୍କ ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ଅଧିକାଂଶ ପାର୍କରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ପାର୍କର ରକ୍ଷଣାବେକ୍ଷଣ ଓ ସୁପରିଚାଳନା ନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ୱତନ୍ତ୍ର ଯୋଜନା ହୋଇନଥିବାରୁ କୋଟି କୋଟି ଟଙ୍କା ପାଣିରେ ପଡ଼ିବା ଭଳି ମନେହେଉଛି । ସେପଟେ ପାର୍କର ରକ୍ଷଣାବେକ୍ଷଣ ଦିଗରେ ପ୍ରଶାସନର ଏଭଳି ଅବହେଳାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଆଇନଜୀବୀ ଦୀପକ କାମର ପଣ୍ଡା । ସୂଚନାଥାଉକି, ରାମ ମନ୍ଦିର, ସର୍ବୋଦୟ ନଗର, ଏସ୍‌ସିଏସ୍ କଲେଜ ଛକ, ବଳିଆପଣ୍ଡା ଭଳି ସହରରେ ଥିବା ବିଭିନ୍ନ ୱାର୍ଡରେ ଉଦ୍‌ଘାଟିତ ହୋଇଥିବା ନୂଆ ପାର୍କଗୁଡିକ ଏବେ ଶୋଚନୀୟ ହୋଇପଡିଛି । ସରକାରଙ୍କ ଅନୁଦାନରୁ ଆସୁଥିବା ଟଙ୍କା ଉଚିତ୍ ଢଙ୍ଗରେ ଖର୍ଚ୍ଚ ନହେବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ପାର୍କଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ଜନସାଧାରଣ ଏବଂ ପ୍ରଶାସନ ଏକ ଯୁଗ୍ମ କମିଟି ଗଠନ କରିବା ସହ ପ୍ରଶାସନ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ ପାଇଁ କିଛି ସ୍ୱତନ୍ତ୍ର ଅନୁଦାନ ଦେବାର ଆବଶ୍ୟକତା ରହିଛି ବୋଲି ମତ ରଖିଛନ୍ତି ବୁଦ୍ଧିଜୀବୀ । ନଚେତ୍ କେବଳ ପ୍ରକଳ୍ପ ପରେ ପ୍ରକଳ୍ପ ନିର୍ମାଣ ହେଉଥିବ, କିନ୍ତୁ ଏହାର ସୁଫଳ ପୁରୀ ସହରବାସୀ ପାଇପାରିବେ ନାହିଁ ବୋଲି ସାଧାରଣରେ ଅଭିଯୋଗ ହୋଇଛି । ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିବାବେଳେ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଏଦିଗରେ ଅଧିକ ଯତ୍ନବାନ ହେବା ପାଇଁ ବୁଦ୍ଧିଜୀବୀମାନେ ପରାମର୍ଶ ଦେଇଛନ୍ତି ।

## ଖସୁନି ୪୦ରୁ ଆଳୁ ଦର, ୫୦ଉପରେ କଞ୍ଚାପରିବା

**ପୁରୀ,୩୧୭/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକରେ ଅତ୍ୟାବଶ୍ୟକ ସାମଗ୍ରୀ ବିଶେଷ କରି ଆଳୁଦର ଅହେତୁକ ବୃଦ୍ଧି ପାଇଛି । ଖାଦ୍ୟ ସାମଗ୍ରୀର ଦରକୁ କୃତ୍ରିମ ଭାବରେ ବୃଦ୍ଧି ନକରିବା ପାଇଁ ବ୍ୟବସାୟୀ ମାନଙ୍କୁ ରାଜ୍ୟ ପ୍ରଶାସନ ପକ୍ଷରୁ ତାଗିଦ୍ କରାଯାଇଛି । ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଥିବା ଆଳୁ ଗୋଦାମଗୁଡ଼ିକୁ ପରିଦର୍ଶନ କରାଯିବା ସହ ବ୍ୟବସାୟୀମାନଙ୍କୁ ଆଳୁ କେଜି ପିଛା ସର୍ବାଧିକ ୩୨ଟଙ୍କାରେ ବିକ୍ରି କରିବାକୁ କୁହାଯାଇଛି । ହେଲେ ଯୋଗାଣ ବିଭାଗର ଏହି ନିର୍ଦ୍ଦେଶନାମାକୁ ବ୍ୟବସାୟୀମାନେ ଅବମାନନା କରୁଛନ୍ତି । ଗ୍ରାମାଞ୍ଚଳ ଦୋକାନଠାରୁ ଆରମ୍ଭକରି ହାଟବଜାର ଛକରେ ଥିବା ଦୋକାନୀମାନେ ଆଳୁ କେଜି ପିଛା ୪୦ରୁ ୪୫ ଟଙ୍କାରେ ବିକ୍ରି କରୁଛନ୍ତି । ଲୋକେ ଏହାଦ୍ୱାରା ଲୁଟ୍‌ର ଶିକାର ହେଉଥିବା ବେଳେ ଏଥିରେ ରୋକ ଲଗାଇବାରେ ପ୍ରଶାସନ ବିଫଳ ହେଉଥିବା ଜଣାପଡ଼ିଛି । ସେପଟେ ପିଆଜ କେଜି ପିଛା ୪୫, ପୋଟଳ ୪୦, କଲରା ୫୦, ବାଇଗଣ ୫୦, ଜହ୍ନି ୫୦, କାକୁଡି ୫୦ ଟଙ୍କା ରହିଥିବାବେଳେ ମଧ୍ୟବିତ୍ତ ପରିବାର ନାହିଁନଥିବ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ହାଣ୍ଡିଶାଳ ଉପରେ ଏହାର ପ୍ରଭାବ ପଡ଼ିଛି । ଏନେଇ ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବୀ ହୋଇଛି ।



Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra